# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ (୧୮ ପୃଷ୍ଠା) | Bhubaneswar, Wednesday, September 17/2025 Page 18 | ₹ 7.00 | BALASORE

୫୧ଶ ଭାଗ ୨୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 293 | ମୂଲ୍ୟ ₹୭/-


DSPL-252

सत्यमेव जयते
Government of India

ଓଡ଼ିଶା ଶାସନ

## ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ

# ଏକ୍ ପେଡ୍ ମା' କେ ନାମ୍ ୨.୦





"ଆଜି ସାରା ଦେଶରେ **'ଏକ୍ ପେଡ୍ ମା' କେ ନାମ୍'** ଅଭିଯାନ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାରେ ୬.୭୨ କୋଟି ଚାରାରୋପଣ କରାଯାଇଥିଲା । ଚଳିତ ବର୍ଷ **'ଏକ୍ ପେଡ୍ ମା' କେ ନାମ୍ ୨.୦'** ଅଭିଯାନରେ ରାଜ୍ୟରେ ୭.୫ କୋଟି ଚାରାରୋପଣ ଲାଗି ଲକ୍ଷ୍ୟ ରଖାଯାଇଛି ।"

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ବୃକ୍ଷ ଆମ ଜୀବନ

| | | |
|---|---|---|
| ସବୁଜିମା | ଅମ୍ଳଜାନ ପ୍ରଦାନ | ବୃଷ୍ଟିପାତ |
| ଜଳ ସଂରକ୍ଷଣ | ପରିବେଶ ସନ୍ତୁଳନ | ତାପମାତ୍ରା ନିୟନ୍ତ୍ରଣ |
| ଫୁଲ, ଫଳ ଓ ଛାଇ | ଶବ୍ଦ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ | |
| ମୃତ୍ତିକା ସଂରକ୍ଷଣ | ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା | |

## ୧୭ ସେପ୍ଟେମ୍ବର ୨୦୨୫ରେ
## ରାଜ୍ୟବ୍ୟାପୀ ୭୫ ଲକ୍ଷ ଚାରାରୋପଣ ଅଭିଯାନ

ଆସନ୍ତୁ, **'ଏକ୍ ପେଡ୍ ମା' କେ ନାମ୍'** ଅଭିଯାନରେ ଆମେ ସମସ୍ତେ ସାମିଲ ହେବା, ଆମ ଜନ୍ମଦାତ୍ରୀ ମା' ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ଧରିତ୍ରୀ ମା'ର ସୁରକ୍ଷା ପାଇଁ ଗଛଟିଏ ନିଶ୍ଚୟ ଲଗାଇବା

## ଗଛ ଲଗାଇବା, ମିଳିମିଶି ଆମ ପରିବେଶର ଯତ୍ନ ନେବା
## ଭବିଷ୍ୟତ ପିଢ଼ି ପାଇଁ ଏକ ସୁନ୍ଦର ପୃଥିବୀ ଗଢ଼ି ତୋଳିବା



ଚାରାରୋପଣ କରି ଚାରା ସହିତ ସେଲ୍ଫି ନେବା, 'ମେରି ଲାଇଫ୍' ପୋର୍ଟାଲରେ ଅପଲୋଡ୍ କରିବା ଏବଂ ଇ-ସାର୍ଟିଫିକେଟ ଡାଉନଲୋଡ କରିବା ।

OIPR-08002/13/0027/2526

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର

DSPL-265



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ

**୧୭ ସେପ୍ଟେମ୍ବର - ୨ ଅକ୍ଟୋବର ୨୦୨୫**

ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

କରକମଳରେ

## ସୁସ୍ଥ ନାରୀ, ସଶକ୍ତ ପରିବାର ରାଷ୍ଟ୍ରୀୟ ଅଭିଯାନର

# ଶୁଭାରମ୍ଭ

ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମପାଟି**

ରାଜ୍ୟପାଳ

**ଶ୍ରୀ ମୋହନ ଚରଣ ମାଝୀ**

ମୁଖ୍ୟମନ୍ତ୍ରୀ

**୧୭ ସେପ୍ଟେମ୍ବର ୨୦୨୫ | ଇଡ୍‌କୋ ପ୍ରଦର୍ଶନୀ ପଡିଆ, ଭୁବନେଶ୍ୱର**

OIPR-10003/13/0272/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ | Bhubaneswar, Wednesday, September 17/2025



# ଜନ୍ମଦିନର ଅଭିନନ୍ଦନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ

20 ପେନ୍ ଇନ୍ ବୁକ୍ସ ଉତ୍କର୍ଷର ୨୦ ବର୍ଷ
PEN IN BOOKS
twenty years of excellence

ପ୍ରତିଘର ପାଠାଗାର
ଖୋଲିଦିଏ ମସ୍ତିଷ୍କର ମୁଦା ଦୁଆର
ପେନ୍ ଇନ୍ ବୁକ୍ସର ସୃଜନ ଉଦ୍ୟମ

## ଜଣେ ରାଜନେତାଙ୍କ ଭିତରେ ଥିବା ଲେଖକଙ୍କୁ ପଢ଼ିବା
## ଜଣେ ଲେଖକଙ୍କ ରାଜନୈତିକ ଯାତ୍ରା ବିଷୟରେ ଜାଣିବା



'ଜଞ୍ଜାଳମୟ ଜୀବନରେ କିଛି ମୁହୂର୍ତ୍ତ ବାହାର କରି ଯଦି ନିଜ ଭିତରକୁ ଦେଖିବେ ତେବେ ଆପଣଙ୍କୁ ବି ଭବ୍ୟ ଦିବ୍ୟ ପ୍ରେମତୀର୍ଥର ଦର୍ଶନ ମିଳିବା ଅବଶ୍ୟମ୍ଭାବୀ।' ଏତିକି କଥାରେ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଦାର୍ଶନିକତାର ପରିଚୟ ଦେଇଛନ୍ତି, ଯାହା ବୁଦ୍ଧ ବାଣୀ ପରି ମଧୁର ଏବଂ କୀର୍ତ୍ତିମନ୍ତ। ବୁଦ୍ଧ କହିଥିଲେ, ଆତ୍ମଦୀପ୍ତ ହୁଅ। ଅନ୍ଧକାର ଭିତରେ ଆତ୍ମାର ବତି ହାତରେ ଧରି ଆମେ ଆଗକୁ ଚାଲିଛେ। ମୋଦିଜୀଙ୍କର ଉପରୋକ୍ତ ଧାଡ଼ିଟିରେ ଏହା ମର୍ମେମର୍ମେ ପ୍ରତିଫଳିତ। ତାଙ୍କର ୮ଟି ଯାକ ଗଳ୍ପରେ ଏହିଭଳି ଜୀବନାଦର୍ଶ ରହିଛି। ପୁସ୍ତକଟି ପଢ଼ିଲେ ପାଠକ ନିଶ୍ଚେ ଉଦ୍‌ବୁଦ୍ଧ ହେବ ଏଥିରେ ସନ୍ଦେହ ନାହିଁ।

**ପଦ୍ମଭୂଷଣ ଡ. ପ୍ରତିଭା ରାୟ, ପ୍ରସିଦ୍ଧ ଲେଖିକା**



'ନରେନ୍ଦ୍ର ମୋଦୀ' ପୁସ୍ତକରେ ରହିଛି ଗୁଡ଼ିଏ ଚମତ୍କାର ଫଟୋ ସଙ୍ଗକୁ ସୁଖପାଠ୍ୟ ଅନେକ ଅଜଣା ତଥ୍ୟ। "ଅଟଳ ବିହାରୀ ବାଜପେୟୀଙ୍କ ପରି ଶ୍ରୀ ନରେନ୍ଦ୍ର ମୋଦୀ ଜଣେ ରାଜନେତା ଏବଂ ଲେଖକ। ଗୁଜରାଟୀ ବ୍ୟତୀତ ସେ ହିନ୍ଦୀରେ ଦେଶପ୍ରେମ କବିତା ମଧ ଲେଖନ୍ତି। ତାଙ୍କର ଗୋଟିଏ ଗଳ୍ପ ସଂକଳନ ମଧ ରହିଛି, ଯାହା ସେ ଜରୁରିକାଳୀନ ପରିସ୍ଥିତି ସମୟରେ ଲେଖିଥଲେ।" ସତରେ ଏ ସବୁ ମୋ' ପାଇଁ ନୂଆ। ବହିଟି ଛୋଟ ହେଲେ ବି ବିସ୍ତୃତ ସୂଚନାରେ ଭରପୂର। ଭଲ ଲାଗିଲା।

**ଦାଶ ବେନହୁର, ପ୍ରସିଦ୍ଧ ଲେଖକ**



ଜୀବନ କେବେ ଖରାଛାଇର ବୋହୂଚୋରି ଖେଳ ତ କେବେ ହସଲୁହର ହରଣଗୁଣନ ଭିତରେ ଉଙ୍କିଳି ଉଠୁଥିବା ସମୟର ଜଳଛବି। ବହୁବିଧ ଚିତ୍ର ଓ ଚେତନାର ନାନ୍ଦନିକ ଉଚ୍ଚାରଣ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଗଳ୍ପ ସଂକଳନ 'ପ୍ରେମତୀର୍ଥ'। ଆଶା ଓଡ଼ିଆ ପାଠକେ ଏ ଗଳ୍ପ ଦର୍ପଣରେ କେଉଁଠି ନା କେଉଁଠି ନିଜର ମୁହଁ ଦେଖି ପୁଲକିତ ହେବେ।

**ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**




ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲିଖିତ ଗଳ୍ପ ସଂକଳନ 'ପ୍ରେମତୀର୍ଥ' ଓଡ଼ିଆରେ ଅନୂଦିତ ହେବା ଆନନ୍ଦର କଥା। ଏ ବହି ମଣିଷକୁ ଭଲପାଇବା ଓ ଅନ୍ୟକୁ ଆପଣେଇ ନେବାର କଳା ଶିଖାଏ। ଓଡ଼ିଆ ପାଠକମାନେ ଏ ବହି ମାଧମରେ ପ୍ରଧାନମନ୍ତ୍ରୀଙ୍କର ସୃଜନାତ୍ମକ ବ୍ୟକ୍ତିତ୍ୱକୁ ଅତି ନିକଟରୁ ଉପଲବ୍ଧି କରିପାରିବେ।

**ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ**




ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲିଖିତ 'ପ୍ରେମତୀର୍ଥ' ପୁସ୍ତକ ଓଡ଼ିଆରେ ଅନୂଦିତ ହେବା ଗର୍ବର ବିଷୟ। ମଣିଷ ପ୍ରତି ମଣିଷର ଅନାବିଳ ପ୍ରେମରୁ ନିଜ କାହାଣୀର ଖିଅ ସାଉଁଟିଛନ୍ତି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀ। ଓଡ଼ିଆ ସାହିତ୍ୟଜଗତ ଓ ପାଠକଗଣ ଏ ଅନୁବାଦ ପୁସ୍ତକକୁ ନିଶ୍ଚୟ ପସନ୍ଦ କରିବେ ବୋଲି ମୁଁ ଆଶା କରୁଛି।

**ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ମନ୍ତ୍ରୀ**




ଦେଶରେ ଜରୁରିକାଳୀନ ସ୍ଥିତି ବେଳେ ନରେନ୍ଦ୍ର ମୋଦୀ ଲେଖିଥିବା ୮ଟି ଗୁଜରାଟୀ କାହାଣୀର ଓଡ଼ିଆ ଅନୁବାଦ
ମୂଲ୍ୟ ୨୪୯/-




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପିଲାଦିନ, ସଂଘର୍ଷ, ରାଜନୀତି ଓ ନେତୃତ୍ୱର କାହାଣୀ (୧୫ଟି ରଙ୍ଗିନ କଳାକୃତି ପୁସ୍ତକରେ ସଂଲଗ୍ନ)
ମୂଲ୍ୟ ୧୯୯/-

## ୪୪୮ ଟଙ୍କାର ପୁସ୍ତକ ସାଙ୍ଗକୁ ଡାକ ଖର୍ଚ୍ଚ ୬୦ ଟଙ୍କା*

## ଏକତ୍ର ମାତ୍ର ୩୯୯ ଟଙ୍କା

*ଖର୍ଚ୍ଚ ଅଧିକ ବା କମ ହୋଇପାରେ

ନିର୍ଦ୍ଦିଷ୍ଟ ପୁସ୍ତକ ବିଷୟରେ ଅଧିକ ଜାଣିବାକୁ ଓ କିଣିବାକୁ ଚାହୁଁଥିଲେ, ମୋବାଇଲ କ୍ୟାମେରାରେ ପୁସ୍ତକ ସଂଲଗ୍ନ କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ଆମର ସମ୍ପୂର୍ଣ୍ଣ ପୁସ୍ତକ ତାଲିକା ଦେଖିବା ପାଇଁ ବାମ ପାଖେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ।

ନିଜ ପାଠାଗାର ବିଷୟରେ ସାମାଜିକ ଗଣମାଧ୍ୟମରେ ଲେଖନ୍ତୁ ଏବଂ ଆମକୁ ଯୋଡ଼ନ୍ତୁ। ପେନ୍ ଇନ୍ ବୁକ୍ସ ପ୍ରତି ମାସରେ ଗୋଟିଏ ପାଠାଗାରକୁ ସହଯୋଗ ଓ ଉତ୍ସାହିତ କରିବ।***
ହାଶ୍‌ଟ୍ୟାଗ୍ ବ୍ୟବହାର କରନ୍ତୁ
#ପ୍ରତିଘରପାଠାଗାର #PratiGharaPathagara #ପେନ୍‌ଇନ୍‌ବୁକ୍ସ #peninbooks

ପେନ୍ ଇନ୍ ବୁକ୍ସ
ବହି ସରାଗିଆଙ୍କ ସ୍ୱର୍ଗ
୨୦୦୬ ମସିହାରୁ
ଯୋଗାଯୋଗ
ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ
ଏମ୍-୬/୫୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର - ୭୫୧୦୧୩

facebook.com/peninbooks
instagram.com/peninbooks_
twitter.com/peninbooks
youtube.com/@PENINBOOKS
peninbooks.com

୧ ଯେକୌଣସି ୟୁପିଆଇ ଆପ୍, ଯଥା- ଫୋନ୍‌ପେ', ପେ'ଟିଏମ୍, ଗୁଗୁଲ୍‌ପେ', ଭିମ୍ ଆପ୍, କ୍ରେଡ୍ ଇତ୍ୟାଦିରେ ଡାହାଣ ପାଖରେ ଥିବା କ୍ୟୁ-ଆର୍ କୋଡ୍ ସ୍କାନ୍ କରି କିମ୍ବା ୟୁପିଆଇ ଆଇଡି odiamedia@iciciରେ ୩୯୯ ଟଙ୍କା ପଇଠ କରନ୍ତୁ।
୨ ୟୁପିଆଇ ରେଫରେନ୍ସ ନମ୍ବର ସ୍ପଷ୍ଟ ଦିଶୁଥିବା ସଫଳ ପଇଠର ସ୍କ୍ରୀନ୍‌ସଟ୍ ସହ ନିଜର ସମ୍ପୂର୍ଣ୍ଣ ଠିକଣା, ପିନ୍ କୋଡ୍ ଓ ଫୋନ୍ ନମ୍ବର ତଳ ନମ୍ବରକୁ ହ୍ୱାଟ୍‌ସଆପ୍‌ରେ ପଠାଇ ଦିଅନ୍ତୁ।
୩ ସ୍ପୀଡ୍‌ପୋଷ୍ଟ / କୋରିଅର୍ ଯୋଗେ କ୍ରେତାଙ୍କୁ ପୁସ୍ତକ ସହିତ ରସିଦ ପଠାଯିବ।**
୪ ଯୋଜନା ୨୫ ସେପ୍ଟେମ୍ବର ୨୦୨୫, ଗୁରୁବାର ରାତି ୧୧ଟା ୫୯ ଯାଏଁ ବୈଧ।
୫ ବୈଧ ତାରିଖ ପରେ ଅଥବା ୩୯୯ ଭିନ୍ନ ଅନ୍ୟ କୌଣସି ପରିମାଣର ଅର୍ଥ ପଇଠ କଲେ ପୁସ୍ତକ ପଠାଯିବ ନାହିଁ।

**78469 81182**




OMPL/2509/AD36

**ପୁସ୍ତକ ଶୀଘ୍ର ପଠାଯିବ। ଏକ ମାସ ମଧରେ ପୁସ୍ତକ ନପାଇଲେ ଉପର ଫୋନ୍ ନମ୍ବରରେ ଅଭିଯୋଗ କରିପାରିବେ। ଫୋନ୍ ନମ୍ବର ସକାଳ ୧୦ଟାରୁ ସଂଧ୍ୟା ୬ଟା ଯାଏଁ ଖୋଲା ରହେ। ଡାକରେ ଯିବାବେଳେ ପୁସ୍ତକ ନଷ୍ଟ ହେଲେ ଅନୁଷ୍ଠାନ ଦାୟୀ ରହିବ ନାହିଁ। କିଣିବା ପରେ ପୁସ୍ତକ ଫେରସ୍ତ ହେବ ନାହିଁ। ଏ ସମ୍ପର୍କିତ ସମସ୍ତ ବିବାଦ କେବଳ ଭୁବନେଶ୍ୱର ନ୍ୟାୟକ୍ଷେତ୍ର ଅଧୀନରେ ସମାଧାନ ହେବ। ***ଓଡ଼ିଆ ମିଡିଆର ନିଷ୍ପତ୍ତି ଚୂଡ଼ାନ୍ତ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୭ଟା।
- ବିଜେବି ସ୍ୱୟଂଶାସିତ କଲେଜ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: କଲେଜ ପରିସର, ସମୟ: ସକାଳ ୯ଟା।
- ଚାରାରୋପଣ କାର୍ଯ୍ୟକ୍ରମ 'ଏକ୍ ପେଡ୍ ମା' କେ ନାମ୍', ସ୍ଥାନ: ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଏଫ୍‌ଏମ୍‌ୟୁରେ ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମ,ସ୍ଥାନ:ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର,ସମୟ: ସକାଳ ୭ଟା ୩୦।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ:ମେଡିକାଲ ପରିସର, ସିମୁଳିଆ, ସମୟ:ସକାଳ ୯ଟା ୩୦।
- ଚାରା ରୋପଣ,ସ୍ଥାନ: ନୀଳମଣି ମହାବିଦ୍ୟାଳୟ ରୂପସା,ସମୟ:ପୂର୍ବାହ୍ନ୧୧ଟା।

## ଭଦ୍ରକ
- 'ଗଛ ବଞ୍ଚାଅ ପରିବେଶ ବଞ୍ଚାଅ' ସଚେତନତା ଶୋଭାଯାତ୍ରା, ସ୍ଥାନ: ପୁରୁଣାବଜାର ଦଧିବାମନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ମୁନିପଡ଼ିଆ, ବାସୁଦେବପୁର, ସମୟ: ସକାଳ ୯ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ, ସ୍ଥାନ: ଇଚ୍ଛାପୁର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ ସିଣ୍ଡିକେଟ୍ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ବନ୍ତଛକ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ହାଟଡିହୀ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ହାଟଡିହୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଏକ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ,ସ୍ଥାନ: ଚଢ଼େଇଗାଁ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା।
- ମେଗା ଚାରା ରୋପଣ କାର୍ଯ୍ୟକ୍ରମ,ସ୍ଥାନ: ଦେଉଳି ରେଞ୍ଜ ଜଗନ୍ନାଥ ବାଟିକା, ଶୁଳିଆପଦା,ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ବୁଗୁଡ଼ା ଏନ୍‌ଏସି ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ, ସମୟ: ସକାଳ ୮ ଟା।
- ସଶକ୍ତ ନାରୀ ସଶକ୍ତ ପରିବାର ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମୁନିସିପେଣ୍ଟ ସିଏଚସି ଛତ୍ରପୁର, ସମୟ: ସକାଳ ୯ ଟା।
- ଶ୍ରୀ ବିଶକର୍ମା ପୂଜନ ଉତ୍ସବ, ସ୍ଥାନ: ବାଘୁଆ ଜଳସେଚନ କଲୋନୀ,ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ମା' ପାଇଁ ଗଛ ଟିଏ, ସ୍ଥାନ: ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାମୀ ଶିବାନନ୍ଦ ଶିଳ୍ପ ତାଲିମ୍‌କେନ୍ଦ୍ର ହରିହର ନଗର, ଆସିକା, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀଶ୍ରୀ ବିଶ୍ୱକର୍ମା ମହାପ୍ରଭୁଙ୍କ ପୂଜାଉତ୍ସବ, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱକର୍ମା ମନ୍ଦିର କୋଚିନଡା, ଆସକା, ସମୟ: ପୂର୍ବାହ୍ନ ୧୧ ଟା।

## ଗଜପତି
- ସ୍ୱଚ୍ଛତା ହିଁ ସେବା, ସ୍ଥାନ: ମୋହନା ବ୍ଲକ୍ ପରିସର, ସମୟ: ସକାଳ ୮ ଟା।

## ଜଗତ୍‌ସିଂହପୁର
- ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ମହୋତ୍ସବ ଆରମ୍ଭ, ବ୍ୟାଙ୍କ ଛକ, ବଡ଼ପଡ଼ିଆ,ପାରାଦୀପ, ସମୟ: ସକାଳ ୬ଟା।
- ପାରାଦୀପ ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉପଲକ୍ଷେ ସମୂହ ସଫେଇ, ସ୍ଥାନ: ଦୁର୍ଗାମନ୍ଦିର ପାଖ, ବଡ଼ପଡ଼ିଆ, ପାରାଦୀପ ସମୟ: ସକାଳ ୮ଟା।
- ପାରାଦୀପ ମଣ୍ଡଳ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ରକ୍ତଦାନ ଶିବିର, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଦିନିକିଆ ଚାରାରୋପଣ କାର୍ଯ୍ୟକ୍ରମ ଏକ ପେଡ୍ ମା' କେ ନାମ, ସ୍ଥାନ: ବାଲିବିଲା ଖେଳ ପଡ଼ିଆ, ଇନ୍ଦ୍ରାପା, ମଣିଜଙ୍ଗା ପଞ୍ଚାୟତ, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିଶ୍ୱକର୍ମା ପୂଜା ଉପଲକ୍ଷେ ଓମ୍ପା ପକ୍ଷରୁ କଳସ ଶୋଭାଯାତ୍ରା, ବତିଘର ପାଖ ବେଳାଭୂମି, ପାରାଦୀପ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା
- ଜିଲା ପ୍ରଶାସନ ପକ୍ଷରୁ ଏକ ପେଡ ମା' କି ନାମ କାର୍ଯ୍ୟକ୍ରମ, ସ୍ଥାନ: ଦୋବନ୍ଧି, ପେଣ୍ଠ ସମୁଦ୍ର କୂଳ, ରାଜନଗର, ସମୟ: ସକାଳ ୯ଟା।
- ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ସିଏଚସି, ରାଜନଗର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ବରାଡିଆ ଉଚ୍ଚ ବିଦ୍ୟାଳୟ, ରାଜକନିକା, ସମୟ: ସକାଳ ୯ଟା।
- ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ସିଆଳିଆ ଠାକୁରାଣୀ ପୀଠ, ବରାଡିଆ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆଳାଇଲୋ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳରେ ବିଶ୍ୱକର୍ମା ପୂଜା, ସ୍ଥାନ : କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କାରଖାନା ପରିସର, ସମୟ: ସକାଳ ୯ଟା।
- ଯାଜପୁରରୋଡ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ଦେବଙ୍କ ପୂଜୋତ୍ସବ, ସ୍ଥାନ : ଯାଜପୁର ରୋଡ ଚୋରଦା ବାଇପାସ, ସମୟ : ପୂର୍ବାହ୍ନ୧୦ଟା।
- ବ୍ୟାସନଗର ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ : ଚୋରଦା ବାଇପାସ, ସମୟ : ପୂର୍ବାହ୍ନ ୧୦ଟା।
- ଘରୋଇ ବସ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ବସଷ୍ଟାଣ୍ଡ ବଜାର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକାଲ ଟ୍ରକ ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା, ସ୍ଥାନ: ଯାଜପୁର ରୋଡ ରେଲବାହୀ ମାଲଗୋଦାମ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନକୁ ବାଚସ୍ପତିଙ୍କ ଉଦ୍‌ଘାଟନ, ସ୍ଥାନ: ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ସତ୍ୟ ସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଦଶପଲ୍ଲା ବ୍ଲକ ହନୁମନ୍ତ ଓ ଆଖପାଖ ଗାଁ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ମାଙ୍କ ନାଁରେ ଗୋଟିଏ ଗଛ ଜିଲାସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ:ବଡପଣ୍ଡୁସର ବାଇପାସ୍ ରୋଡ, ସମୟ:ସକାଳ ୯ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ନୟାଗଡ, ଖଣ୍ଡପଡା, କଣ୍ଟିଲୋ ଓ ଭାପୁର ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, କଣ୍ଟିଲୋ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ।
- ସମୂହ ଚାରାରୋପଣ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ସକାଳ ୯ଟା ।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଉଦ୍‌ଘାଟନ, ସ୍ଥାନ: ନୟାଗଡ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପକେନ୍ଦ୍ର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସମୟ: ସକାଳ ୯ଟା ।
- ମାଙ୍କ ନାଁରେ ଗୋଟିଏ ଗଛ ବ୍ଲକସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ:ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତ, ସମୟ:ପୂର୍ବାହ୍ନ ୧୦ଟା।
- ନୟାଗଡ ବ୍ଲକସ୍ତରୀୟ ଆର୍ଥିକ ସାକ୍ଷରତା ସନ୍ତୃପ୍ତି ଶିବିର, ସ୍ଥାନ:ନବଘନପୁର ପଞ୍ଚାୟତ ହାଇସ୍କୁଲ, ସ୍ଥାନ:ପୂର୍ବାହ୍ନ ୧୦ଟା।
- ବିମଳାଙ୍କ ଷୋଡଶ ପୂଜାର ଚତୁର୍ଥ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଚାରାରୋପଣ, ସ୍ଥାନ: ଜଗମଣ୍ଡା ବଡ଼ବନ୍ଧ ପଦ୍ମପୁର, ସମୟ: ସକାଳ ୬ଟା, ସ୍ଥାନ: ଚନ୍ଦ୍ରପୁର ବ୍ଲକ ପିଷ୍ଟାପଙ୍ଗା, ସମୟ: ସକାଳ ୮ଟା।
- ସ୍ୱଚ୍ଛତା ହିଁ ସେବା, ସ୍ଥାନ: ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୯ଟା।
- ରାଜ୍ୟରେ ମହିଳା ସୁରକ୍ଷା ପ୍ରସଙ୍ଗ ନେଇ ବିଜେଡିର ପ୍ରତିବାଦ, ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ, ସ୍ଥାନ: ରାୟଗଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱକର୍ମା ପୂଜା, ସ୍ଥାନ: ଟିକିରି ସୋରିଷପଦର ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନରେ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର, ସ୍ଥାନ: ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ସକାଳ ୮ଟା।
- ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ଜମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୮ ଟା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସ୍ଥାନ: ନବରଙ୍ଗପୁର ୧୨ ବାଟାଲିୟନ ସିଆର୍‌ପିଏଫ୍ କାର୍ଯ୍ୟାଳୟ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ, ସମୟ: ସକାଳ୯ଟା।




# ପାର୍ବଣ ପାଇଁ ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ୍ ଚଳାଚଳ

**ଭୁବନେଶ୍ୱର,୧୬।୯(ଅନୁରାଧା ମହାରଣା)**

ପାର୍ବଣ ଋତୁରେ ଭିଡ଼ ପରିଚାଳନା କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ ସ୍ୱତ ନ୍ତ୍ର ସାପ୍ତାହିକ ଟ୍ରେନ ପରିଚାଳନା ବ୍ୟବସ୍ଥା କରାଯାଇଛି। ୦୮୩୧୧ ସମ୍ବଲପୁର - ଇରୋଡ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ ନଭେମ୍ବର ୨୬ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ ୧୧ଟା ୩୫ରେ ସମ୍ବଲପୁରରୁ ଛାଡ଼ିବ। ୦୮୩୧୨ ଇରୋଡ - ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ନଭେମ୍ବର ୨୮ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଦିନ ୨ଟା ୪୫ରେ ଇରୋଡ ଛାଡ଼ିବ। ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ରାୟଗଡ଼ା, ପାର୍ବତୀପୁରମ, ବବ୍ବିଲି, ବିଜୟନଗରମ୍, କୋଟ୍ଟାଭାଲାସା ଏବଂ ଦୁଭଡ୍ଡାଡ଼ାରେ ଏହି ସ୍ୱତନ୍ତ୍ର ସାପ୍ତାହିକ ଟ୍ରେନ୍ ରହଣି କରିବ। ଏହି ସ୍ୱତନ୍ତ୍ର ଟ୍ରେନ୍‌ରେ ଗୋଟିଏ ୨ୟ ଶ୍ରେଣୀ ଏସି, ୩ଟି ତୃତୀୟ ଶ୍ରେଣୀ ଏସ୍, ସ୍ଲିପର କ୍ଲାସ -୯, ଜେନେରାଲ ଦ୍ୱିତୀୟ କ୍ଲାସ -୪, ୨ଟି ଦ୍ୱିତୀୟ ଶ୍ରେଣୀ ଲଗେଜ କମ ଦିବ୍ୟାଙ୍ଗଜନ କୋଚ-୨ ଏବଂ ଗୋଟିଏ ପାଣ୍ଟ୍ରିକାର୍ ରହିବ। ସେହିପରି ୦୫୯୫୨ ନୂତନ ତିନସୁକିଆ- ଏସ୍‌ଏଭିଟି ବେଙ୍ଗାଲୁରୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ଅକ୍ଟୋବର ୩୦ ପର୍ଯ୍ୟନ୍ତ ପ୍ରତି ଗୁରୁବାର ସନ୍ଧ୍ୟା ୬ଟା ୪୫ରେ ନୂତନ ତିନସୁକିଆରୁ ଛାଡ଼ିବ। ୦୫୯୫୧ ଏସ୍‌ଏମ୍‌ଭି ବେଙ୍ଗାଲୁରୁ - ନୂତନ ତିନସୁକିଆ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ପ୍ରତି ରବିବାର ରାତି ୧୧ଟା ୫୦ରେ ଏସ୍‌ଏମ୍‌ଭି ବେଙ୍ଗାଲୁରୁରୁ ନଭେମ୍ବର ୨ ପର୍ଯ୍ୟନ୍ତ ଛାଡ଼ିବ। ଏହି ଟ୍ରେନ୍‌ଗୁଡ଼ିକ ପୂର୍ବତଟ ରେଳପଥ ସୀମା ମଧ୍ୟରେ ଭଦ୍ରକ, ଯାଜପୁର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ, ବାଲୁଗାଁ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ ରୋଡ, ଚିପୁରୁପାଲି, ବିଜୟନଗରମ୍, କୋଟ୍ଟାଭାଲାସା ଏବଂ ଦୁଭଡ୍ଡାଡାରେ ରହଣି କରିବ। ଏହି ଯୋଡ଼ା ଟ୍ରେନରେ ୨ଟି ତୃତୀୟ ଶ୍ରେଣୀ ଏସି, ୧୬ଟି ସ୍ଲିପର୍ କ୍ଲାସ କୋଚ, ବ୍ରେକ ଭ୍ୟାନ ସହିତ ୨ଟି ଦ୍ୱିତୀୟ ଶ୍ରେଣୀ ଏବଂ ଲଗେଜ କୋଚ୍ ରହିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମେଘ ଝଟକିଲା ବିଜୁଳି ମାଇଲା
ଦାଣ୍ଡ ଧୂଳି ନେଲା ଉଡ଼ାଇ
ଏଇବାଟେ ଗଲୁ କଥା ନ କହିଲୁ
ସଙ୍ଗରେ କି ଗଲି ଗୋଡ଼ାଇ?**

ପ୍ରେମର ମୂଲ୍ୟ ନ ବୁଝି ପ୍ରେମୀ ଯେତେବେଳେ ଉପେକ୍ଷାକରି ବସେ, ସେତେବେଳେ ତାକୁ ସହ୍ୟ କରିବା କେତେ ଯେ କଷ୍ଟକର ହୋଇଯାଏ ତାହା କେବଳ ଅନୁଭବୀ ହିଁ ଜାଣିଥାଏ। ଏପରିସ୍ଥଳେ ଦେଖି ନ ଦେଖିଲା ପରି ବ୍ୟବହାର କରି କଥା ନ କହି ବାଟ ଭାଙ୍ଗି ଚାଲିଯାଉଥିବା ପ୍ରେମୀ ପ୍ରତି ମନରେ ଅଭିମାନଭରା କ୍ଷୋଭ ଜାତହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମଣିଷ ପ୍ରକୃତି ମଲେ ତୁଟେ
ଘୁଷୁରି ପ୍ରକୃତି ପଙ୍କେ ଲୋଟେ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପରମ୍। ଘୁଷୁରିର ପ୍ରକୃତି ପଙ୍କରେ ଲୋଟିବା ଭଳି ମଣିଷ ତା'ର ଚିରାଚରିତ ପ୍ରକୃତିକୁ ଛାଡ଼ିପାରି ନ ଥାଏ। ଯାହାର ଯାହା ଜନ୍ମଗତ ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**


# ଦିନକ ପରେ ବିଧାନସଭା: ବସିଲା ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)**



- ସୁରୁଖୁରୁରେ ବିଧାନସଭା ଚଳାଇବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି
- ଆଜି ବିରୋଧୀ ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ
- ଗୁରୁବାର ସକାଳେ ବସିପାରେ ଶାସକ ବିଧାୟକ ଦଳ ବୈଠକ
- ନାରୀ ନିର୍ଯାତନା, ସାର ଅଭାବ ହୋଇପାରେ ମୁଖ୍ୟ ପ୍ରସଙ୍ଗ

ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୧୮ରୁ ଆରମ୍ଭ ହେବ। ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି। ତେଣୁ ଏହି ସ୍ୱଳ୍ପ ଦିନିଆ ଅଧିବେଶନ କିପରି ସୁରୁଖୁରୁରେ ଚାଲିବ ସେଥିଲାଗି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ସ୍ଥିତ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସବୁ ଦଳ ଆସନ୍ତା ଅଧିବେଶନରେ ସହଯୋଗକରିବା ନେଇ ବାଚସ୍ପତି ସହଯୋଗ ଲୋଡ଼ିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ବୈଠକରୁ ଆସିବା ପରେ କହିଛନ୍ତି, ଦଳ ପକ୍ଷରୁ କୁହାଯାଇଛି ଯଦି ବିଧାନସଭା ସବୁ ପ୍ରକାର ବିଧିବ୍ୟବସ୍ଥା ଭିତରେ ଚାଲିବ ତେବେ କଂଗ୍ରେସ ସମ୍ପୂର୍ଣ୍ଣ ସହଯୋଗ କରିବ। ବୁଧବାର ସନ୍ଧ୍ୟା ୫ଟା ସମୟରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଦଳ କେଉଁସବୁ ପ୍ରସଙ୍ଗରେ ଶାସକ ଦଳକୁ ଘେରିବ ସେନେଇ ରଣନୀତି ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଜେଡି ମଧ୍ୟ ବୁଧବାର ସନ୍ଧ୍ୟା ୫ଟା ସମୟରେ ବିଧାୟକ ଦଳ ବୈଠକ ରଖିଛି। ଏହି ଅବସରରେ ଦଳ କେଉଁ ସବୁ ପ୍ରସଙ୍ଗରେ ଶାସକ ଦଳକୁ ଘେରିବ ସେନେଇ ଚୂଡ଼ାନ୍ତ କରିବ। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତରୁ ଏଯାଏଁ ଫେରିନାହାନ୍ତି। ତେଣୁ କାହା ନେତୃତ୍ୱରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ସେନେଇ ବିଧାୟକମାନଙ୍କୁ କୁହାଯାଇନାହିଁ। ସେହିପରି ବିରୋଧୀଙ୍କୁ ମୁକାବିଲା କରିବା ଲାଗି ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସିବ ବୋଲି ଜଣାପଡିଛି। କେଉଁସବୁ ପ୍ରସଙ୍ଗରେ ବିରୋଧୀଙ୍କୁ ଟାର୍ଗେଟ କରି ହେବ ସେନେଇ ଚୂଡ଼ାନ୍ତ ହେବ। ମୁଖ୍ୟତଃ ବିରୋଧୀ ନାରୀ ନିର୍ଯାତନା ପ୍ରସଙ୍ଗକୁ ପ୍ରମୁଖ ବିଷୟ କରିବେ ବୋଲି ଯୋଜନା କରୁଥିବା ବେଳେ ସାର ଅଭାବ ସମସ୍ୟାକୁ ମଧ୍ୟ ନେଇ ଶାସକ ଦଳକୁ ଘେରିବାକୁ ଚିନ୍ତା କରିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମନ୍ତ୍ରୀ ପରିଷଦ ବୈଠକରେ ଅନାସ୍ଥା ଆଲୋଚନା

**ଭୁବନେଶ୍ୱର,୧୬।୯
(ରବିନାରାୟଣ ଜେନା)**

ଆସନ୍ତା ୧୮ ତାରିଖରେ ହେବାକୁ ଥିବା ମୌସୁମୀ ଅଧିବେଶନ କିଭଳି ଶାନ୍ତିଶୃଙ୍ଖଳାର ସହ ଚାଲିବ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ୭୫ଲକ୍ଷ ଚାରାରୋପଣ ହେବ ସେନେଇ ମଙ୍ଗଳବାର ମନ୍ତ୍ରୀପରିଷଦ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀପରିଷଦ ବୈଠକରେ ଚାରୋଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ସେଥିମଧ୍ୟରେ ବିଧାନସଭା ଅଧିବେଶନ କାଳରେ ଯଦି ବିରୋଧୀ ଅନାସ୍ଥା ପ୍ରସ୍ତାବ ଆଣନ୍ତି ବା ସେ ସମ୍ପର୍କିତ ଦାବି ଉଠାନ୍ତି ତାକୁ କିଭଳି ମୁକାବିଲା କରାଯିବ ଏବଂ ଗୃହରେ ଶାନ୍ତିଶୃଙ୍ଖଳା କିପରି ବଜାୟ ରହିବ ସେନେଇ ଆଲୋଚନା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଏ ସଂକ୍ରାନ୍ତରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଆଗାମୀ ବିଧାନସଭା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଏହି ସମୟରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସରକାର ନେଇପାରନ୍ତି। ଏହାବାଦ୍ ବିଧାନସଭା ପରିଚାଳନା ଓ ବିରୋଧୀଙ୍କୁ ମୁକାବିଲା କରିବା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଛି। ବୁଧବାର ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସ ରହିଛି। ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀରେ ଓଡ଼ିଶାରେ ୭୫ଲକ୍ଷ ଚାରାରୋପଣ ହେବାକୁ ରହିଥିବାବେଳେ ସାରା ଦେଶରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାରେ ଏହି ଅଭିଯାନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ମନ୍ତ୍ରୀଗଣ ଉପସ୍ଥିତ ରହିବେ ବୋଲି ମହାଲିଙ୍ଗ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସକାଳୁ କର୍ମାରମ୍ଭ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଦ୍ୱିଜା ନକ୍ଷତ୍ର ସକାଶେ ଆନୁଷ୍ଠାନିକ, ସଭାସମିତି, ଧର୍ମକାର୍ଯ୍ୟ, ବନ୍ଧୁ ମିଳନ ପାଇଁ ଶୁଭ ହେବ। ସହକର୍ମୀଙ୍କ ସହ ମତାନ୍ତର କିମ୍ବା ମନାନ୍ତରଜନିତ ମାନସିକ ଅଶାନ୍ତିର ଆଶଙ୍କା ରହିଛି। ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି କିନ୍ତୁ କିଛି କରିପାରିବେ ନାହିଁ।

**ବୃଷ** ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ, ମାତ୍ର ତାହା ତତ୍କ୍ଷଣାତ୍ ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିରେ ପ୍ରତିବନ୍ଧକ ରହିବ ନାହିଁ। ରୋହିଣୀ ନକ୍ଷତ୍ର ସକାଶେ ଯାତ୍ରା, ପ୍ରଶାସନ, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ନୂତନ ଯାନବାହନ, ଜମିଜମା, କ୍ରୟବିକ୍ରୟ ନେଇ ଆଲୋଚନାରେ ଅଗ୍ରଗତି ଘଟିବ।

**ମିଥୁନ** ଯେତେ ସତର୍କତାର ସହ ଚଳିଲେ ମଧ୍ୟ ବନ୍ଧୁଙ୍କ ପରୋକ୍ଷ ସମାଲୋଚନାରୁ ମନ ଅସ୍ଥିର ରହିବ। ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ବନ୍ଧୁ ସାହାଯ୍ୟ କରିବେ। ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇଲେ ମଧ୍ୟ ପରିସ୍ଥିତିବଶତଃ ତାହାକୁ ଅସ୍ୱୀକାର କରି ପାରନ୍ତି। ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** ଅଶ୍ଳେଷା ନକ୍ଷତ୍ରର ଭ୍ରମଣଜନିତ ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବ। ଆଜି ଯେଉଁ କାମ କରନ୍ତୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ଇଚ୍ଛା ନ ଥାଇ ମଧ୍ୟ ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ ଓ ପରିବହନ କ୍ଷେତ୍ରରୁ ସମସ୍ୟା ଦୂର ହୋଇଯିବ।

**ସିଂହ** ଆଜି ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ସହକର୍ମୀଙ୍କ ସହ ସମ୍ପର୍କ ଯୋଡ଼ିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିପାରେ। ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାମାଜିକ ସ୍ତରରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** କୌଣସି ବ୍ୟକ୍ତିଙ୍କୁ ପ୍ରତୀକ୍ଷା କରି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ସାମୂହିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ଋଣ ସୂତ୍ରରେ ଅର୍ଥଲାଭ କରିବେ, ମାତ୍ର ଶିଳ୍ପବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା** ପରିବାରର ଆବଶ୍ୟକତା ପୂରଣ ସକାଶେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରା ସମୟରେ ଜିନିଷପତ୍ର ହଜିଯିବାର ଆଶଙ୍କା ରହଛି। ଚିତ୍ରା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କାମ ସକାଶେ ତତ୍ପରତା ପ୍ରକାଶ କରିପାରନ୍ତି

**ବିଛା** ଆଲୋଚନା ପରିସରରେ ପ୍ରିୟଜନଙ୍କ ସହ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବ। ଆର୍ଥିକ ସ୍ଥିତି ଭଲ ରହିବା ସହ ପରିବାରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଅନୁରାଧା ନକ୍ଷତ୍ର ସକାଶେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବା ସହ ସାହାଯ୍ୟ ମଧ୍ୟ କରିବେ।

**ଧନୁ** କର୍ମକ୍ଷେତ୍ରରେ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆବଶ୍ୟକତା ପୂରଣରେ ସମସ୍ୟାଜନିତ ଉନ୍ନୟନ କାମ ବାଧାପ୍ରାପ୍ତ ହେବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ସାମୟିକ ଶାରୀରିକ ସୁସ୍ଥତା ମନୋବଳ ବୃଦ୍ଧିରେ ସହାୟକ ହେବ। କର୍ମକ୍ଷେତ୍ରର କୌଣସି ସମସ୍ୟା ମନକୁ ବାରମ୍ବାର ଆନ୍ଦୋଳିତ କରିବ।

**ମକର** ପରୋକ୍ଷ ଶତ୍ରୁତା କାରଣରୁ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକର ସାମ୍ନା କରିବେ। ପରିଜନଙ୍କ ସହିତ ସାଧାରଣ କଥାରେ ଭୁଲବୁଝାମଣା ସୃଷ୍ଟି ହେବ। ଶିଳ୍ପ, ବାଣିଜ୍ୟ, ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ ଅଳ୍ପ ସମୟରେ ଦୂରେଇ ଯିବ। ଉତ୍ତରାଷାଢ଼ା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ।

**କୁମ୍ଭ** ଆବଶ୍ୟକତା ପୂରଣ କ୍ଷେତ୍ରରେ ଅଭାବବୋଧ ଲାଗି ରହିବାରୁ ବ୍ୟସ୍ତତା ବଢ଼ିଯିବ। ଶତଭିଷା ନକ୍ଷତ୍ର ସକାଶେ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବନ୍ଧୁମାନଙ୍କ ପରାମର୍ଶକ୍ରମେ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପ୍ରକାଶନ, ପ୍ରଶାସନ ଓ ପରିବହନରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବାର ଆଶା ରହିଛି।

**ମୀନ** ରେବତୀ ନକ୍ଷତ୍ର ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ବନ୍ଧୁମାନଙ୍କ ସହ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ବଢ଼ିଯିବା କାରଣରୁ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସଫଳ ହେବେ।

ଆଜି ସେପ୍ଟେମ୍ବର ୧୭ ତାରିଖ, କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ରାମାନୁଜ ଭିନ ସର୍ବସମ୍ମତ ଇନ୍ଦିରା ଏକାଦଶୀ, ଆଶ୍ୱିନ କୃଷ୍ଣ ଏକାଦଶୀ ବୁଧବାର। ରାଶିନକ୍ଷତ୍ର-ପୁଷ୍ୟା/କର୍କଟ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ। ସକାଳ ଘ.୦୫.୩୮ମି. ଗତେ ଘ.୦୮.୦୩ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୪୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୧ମି. ଗତେ ଘ.୦୧.୧୧ମି. ମଧ୍ୟେ ରାହୁ କାଳ।

# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ | Bhubaneswar, Wednesday, September 17/2025 | ପୃଷ୍ଠା-୧




କନ୍ଧମାଳ ଜିଲା କଳିଙ୍ଗା ଘାଟିରେ ଅନ୍ଧାରକୁଟି ନିକଟରେ ମଙ୍ଗଳବାର ଅପରାହ୍ନରେ ଭୂସ୍ଖଳନ ଘଟି ରାଞ୍ଚି- ବିଜୟୱାଡା ୧୫୭ ନଂ. ଜାତୀୟ ରାଜପଥ ଅବରୋଧ ହୋଇଛି।

# ପ୍ରଧାନମନ୍ତ୍ରୀଙ୍କୁ ୭୫

## ଜନ୍ମଦିନରେ ଅନେକ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରିବେ ମୋଦି

ନୂଆଦିଲ୍ଲୀ,୧୬।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୭୫ ବର୍ଷ ବୟସରେ ପଦାର୍ପଣ କରୁଛନ୍ତି। ଏହି ଅବସରରେ ଭାଜପା ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଜନକଲ୍ୟାଣକାରୀ ଓ ବିକାଶମୂଳକ କାର୍ଯ୍ୟର ଶୁଭାରମ୍ଭ କରାଯିବ। ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶରୁ ସାରା ଦେଶରେ ସ୍ୱାସ୍ଥ୍ୟ ଓ ପୋଷଣ ଅଭିଯାନ ପକ୍ଷ ଆରମ୍ଭ କରିବେ। ସେ ଧର୍‌ରୁ 'ସୁସ୍ଥ ନାରୀ ସଶକ୍ତ ପରିବାର' ଏବଂ ଅଷ୍ଟମ ଜାତୀୟ ପୋଷଣ ମାସର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀ ଅନ୍ୟ କେତେକ ବିକାଶମୂଳକ ପଦକ୍ଷେପ ଉନ୍ମୋଚନ କରିବା ସହ ଏକ ଜନସଭାକୁ ମଧ୍ୟ ଉଦ୍‌ବୋଧନ ଦେବେ ବୋଲି ସରକାରୀ ବିବୃତିରେ କୁହାଯାଇଛି।

ସର୍ବବୃହତ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଦେଶର ମହିଳା ଓ ଶିଶୁମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ୧ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ। ଦେଶବ୍ୟାପୀ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଦୈନିକ ସ୍ୱାସ୍ଥ୍ୟ କ୍ୟାମ୍ପ୍ ଅନୁଷ୍ଠିତ ହେବ। ଭାଜପାର ସଂଗଠନ ସାରା ଦେଶରେ ରକ୍ତଦାନ ଏବଂ ସ୍ୱାସ୍ଥ୍ୟ ଶିବିର



ନରେନ୍ଦ୍ର ମୋଦି

ସମେତ ଏଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିବ। ଶାସକ ଦଳ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ 'ସେବା ପକ୍ଷ' ପାଳନ କରିବାକୁ ଥିବାବେଳେ ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକ ଏହାର ଅଂଶବିଶେଷ। ଏହି ସମୟ ମଧ୍ୟରେ ଭାରତ ନିର୍ମିତ ସାମଗ୍ରୀଗୁଡ଼ିକର ପ୍ରଚାର ପ୍ରସାର କରାଯିବା ସହ 'ମୋଦି ବିକାଶ ମାରାଥନ୍', ବିକଶିତ ଭାରତ ଉପରେ ☞ପୃଷ୍ଠା-୯

## କଳିଙ୍ଗା ଘାଟିରେ ଭୂସ୍ଖଳନ: କନ୍ଧମାଳ-ଗଞ୍ଜାମ ଯୋଗାଯୋଗ ବିଚ୍ଛିନ୍ନ

କି.ଉଦୟଗିରି/ ଫୁଲବାଣୀ/ ଭଞ୍ଜନଗର, ୧୬।୯ (ଶିଶିର ପଟ୍ଟନାୟକ/ ଚିନ୍ମୟ କୁମାର ସେଠୀ/ ରାକେଶ ରାଉତ/ବାବୁଲା ପ୍ରଧାନ)

କନ୍ଧମାଳ- ଗଞ୍ଜାମ ଜିଲା ସୀମାରେ ଥିବା କଳିଙ୍ଗା ଘାଟିର ଅନ୍ଧାରକୁଟି ନିକଟରେ ମଙ୍ଗଳବାର ଅପରାହ୍ନରେ ଭୂସ୍ଖଳନ ହୋଇଛି। କିଛିଦିନ ହେଲା ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ଅନବରତ ପାଣି ବୋହିବା ଫଳରେ ପ୍ରାୟ ୪୦ ମିଟର ମାଟି ଅତଡ଼ା ଖସି ବଡ଼ବଡ଼ ପଥର ଜମିବା ସହ ରାସ୍ତା ଧୋଇଯାଇଛି। ଗୋଟିଏ ପୋଲ ମଧ୍ୟ ପୋତି ହୋଇଯାଇଛି। ଏଥିଯୋଗୁ ରାଞ୍ଚି- ବିଜୟୱାଡା ୧୫୭ ନଂ. ଜାତୀୟ ରାଜପଥ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲାର ଜି. ଉଦୟଗିରି, ବାଲିଗୁଡ଼ା, ଫୁଲବାଣୀ, ଦାରିଙ୍ଗବାଡିରୁ ବ୍ରହ୍ମପୁର, ଭୁବନେଶ୍ୱରକୁ ଆଦିକୁ ☞ପୃଷ୍ଠା-୯

# ଭୂସ୍ଖଳନରେ ୧୩ ମୃତ, ୮ ନିଖୋଜ

**ହିମାଳୟ ପାଦଦେଶରେ ପୁଣି ପଡ଼ିଛି ପ୍ରକୃତିର କୋପ। ବାଦଲଫଟା ବର୍ଷା ଯୋଗୁ ଭୂସ୍ଖଳନ ସାଙ୍ଗକୁ ବନ୍ୟା ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶକୁ ଦାଉ ସାଜିଛି। ଉତ୍ତରାଖଣ୍ଡର ଡେରାଡୁନ୍ ସମେତ ବିଭିନ୍ନ ଅଞ୍ଚଳରେ ସୋମବାର ରାତିରୁ ବର୍ଷା ଲାଗିରହିଥିବାରୁ ଭୂସ୍ଖଳନ ହୋଇ ରାସ୍ତାଘାଟ ଦବି ପୋଲ ଧସିଯାଇଛି। ଅନେକ ଘର ଓ ଦୋକାନ ଭାସିଯାଇଛି। ଏଥିରେ ଅନ୍ୟୁନ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୮ ନିଖୋଜ ହୋଇଯାଇଛନ୍ତି। ହିମାଚଳର ମଣ୍ଡି ଜିଲାରେ ମଧ୍ୟ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି। ନିହରିରେ ପଥର ଅତଡ଼ା ଖସି ଏକ ଘର ଉପରକୁ ମାଡ଼ିଆସିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି।**

ଡେରାଡୁନ୍/ଶିମ୍ଲା,୧୬।୯

ଡେରାଡୁନ୍ ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବାଦଲଫଟା ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ ଅନ୍ୟୁନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୮ ନିଖୋଜ ଅଛନ୍ତି। ବାଦଲଫଟା ବର୍ଷାରେ ଡେରାଡୁନ୍‌ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମଙ୍ଗଳବାର ଭୋର ସମୟରେ ସହସ୍ରଧାରାରେ ହଠାତ୍ ବନ୍ୟା ମାଡ଼ିଆସିବାରୁ ବହୁ ହୋଟେଲ,ଦୋକାନ ଓ ଘରଦ୍ୱାର ଭାସିଯାଇଛି। ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ବ୍ୟବସାୟିକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ବନ୍ୟାପାଣିରେ କେତେଜଣ ଭାସିଯାଇଥିବାବେଳେ ମାଟି ଅତଡ଼ା ତଳେ କେତେଜଣ ଫସିରହିଥିବା ଆଶଙ୍କା କରାଯାଉଛି। ଡେରାଡୁନ୍‌ରୁ ମାଲ ଦେବତା ଏବଂ ମସୁରୀରୁ ମଧ୍ୟ କ୍ଷୟକ୍ଷତି ହୋଇଥିବା ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ କହିଛନ୍ତି।

ଉତ୍ତରାଖଣ୍ଡର ବିଭିନ୍ନ ଅଞ୍ଚଳରେ ରାତି ସାରା ପ୍ରବଳ ବର୍ଷା ଲାଗିରହିଥିଲା। ଫଳରେ ମଙ୍ଗଳବାର ସକାଳେ ଆସିଥିବା ବନ୍ୟାରେ ବହୁ ରାସ୍ତାଘାଟ, ଘର ଓ ଦୋକାନ କ୍ଷତିଗ୍ରସ୍ତ ହେବା ସହ ଏକ ବ୍ରିଜ୍ ଭାସିଯାଇଛି। ଉଦ୍ଧାରକାରୀ ଟିମ୍ ୩୦୦ରୁ ୪୦୦ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇଯାଇଛନ୍ତି। ତପକେଶ୍ୱର ଭଗତ ସିଂ କଲୋନିରେ ଥିବା ଶିଖର ଫଲ୍ ନିକଟରେ ୪ ଜଣ ଭାସିଯାଇଥିବାବେଳେ ମସୁରୀର ଝରିପାନି ଟୋଲ୍ ପ୍ଲାଜାଠାରେ ୨ ଶ୍ରମିକ ପୋତିହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଡୋଇୱାଲରେ ବହୁ ଘର ପାଣିଘେରରେ ରହିଥିବାବେଳେ ଚନ୍ଦ୍ରଭାଗା ନଦୀରେ ଫସିଥିବା ୩ ଜଣଙ୍କୁ ଏସ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କରିଛି। ଡେହରି ଜଳାର୍ଣ୍ଣବ ହୋଇଥବାରୁ ଗୀତା ଭବନରେ ବହୁ ଲୋକ ଅଟକି ରହିଛନ୍ତି। ଭୂସ୍ଖଳନ ଯୋଗୁ ନୈନିତାଲର ଏକ ରାସ୍ତା ଅବରୋଧ ହୋଇଛି। ପ୍ରଭାବିତ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଏକ୍ସାଭେଟର ସମେତ ବିଭିନ୍ନ ଭାରି ମେସିନ୍ ଓ ଗାଡ଼ିକୁ ନିୟୋଜିତ କରାଯାଇଛି।

ସେହିପରି ହିମାଚଳପ୍ରଦେଶରେ ବିଭିନ୍ନ ଅଞ୍ଚଳରେ ଗତ ରାତିରୁ ପ୍ରବଳ ବର୍ଷା ଲାଗିରହିଥିବାରୁ ଭୂସ୍ଖଳନରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ହଠାତ୍ ବନ୍ୟା ଆସି ଏକ ବସ୍‌ଷ୍ଟାଣ୍ଡ ବୁଡ଼ିଯାଇଛି। ଚଳିତ ମୌସୁମୀ ଋତୁରେ ହିମାଚଳପ୍ରଦେଶରେ ବନ୍ୟା ଓ ଭୂସ୍ଖଳନ ଘଟି ୨୩୨ ଜଣଙ୍କ ମୃତ୍ୟୁ ଘଟିଲାଣି। ସେଠାରେ ମୋଟ ୪୬ ଥର ବାଦଲଫଟା ବର୍ଷା ସାଙ୍ଗକୁ ୯୭ ଥର ହଠାତ୍ ବନ୍ୟା ଓ ୧୪୦ ଥର ଭୂସ୍ଖଳନ ହୋଇ ମୋଟ ୪,୫୦୪ କୋଟି ଟଙ୍କା କ୍ଷତି ହୋଇଥିବା ଆକଳନ କରାଯାଇଛି।

# 'ସୁଭଦ୍ରା'କୁ ପୂରିଲା ବର୍ଷେ

ଭୁବନେଶ୍ୱର,୧୬।୯ (ସୁନିତ୍ ମିଶ୍ର)





ରାଜ୍ୟ ସରକାରଙ୍କ ସବୁଠାରୁ ବଡ଼ ସୁଭଦ୍ରା ଯୋଜନା ଶୁଭାରମ୍ଭକୁ ବୁଧବାର ୧ ବର୍ଷ ପୂରଣ ହୋଇଛି। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଥିଲା। ନିଜେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ଉକ୍ତ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ଓଡ଼ିଶାରୁ ୧ କୋଟିରୁ ଅଧିକ ମହିଳା ହିତାଧିକାରୀ ଗୋଟିଏ କିସ୍ତିରେ ୫ ହଜାର ଟଙ୍କା ଲେଖା ପାଉଛନ୍ତି। ଏହାରି ଭିତରେ ଗତ ଅଗଷ୍ଟ ୯ ତାରିଖ ସୁଦ୍ଧା ରାଜ୍ୟ ସରକାର ଉକ୍ତ ଯୋଜନାରେ ୩ୟ କିସ୍ତି ହିତାଧିକାରୀମାନଙ୍କ ଖାତାକୁ ପଠାଇସାରିଛନ୍ତି। ଏହି ଯୋଜନା ଯୋଗୁ ରାଜ୍ୟରେ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ ଯୋଜନାରୁ ବାଦ୍‌ପଡ଼ିଯାଇଥିବା ହିତାଧିକାରୀଙ୍କୁ ସାମିଲକରିବା ଲାଗି ଗତ ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସ୍ୱତନ୍ତ୍ର ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ରାଜ୍ୟ ସରକାର ମହିଳାମାନଙ୍କୁ ବର୍ଷରେ ୨ କିସ୍ତିରେ ୫ ହଜାର ଟଙ୍କା ଲେଖା ପ୍ରଦାନ କରୁଛନ୍ତି।

## ବର୍ଷାରେ ଭିଜିପାରେ ଦଶହରା

### ୨୬ ଆଡ଼କୁ ଆଉ ଏକ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ଏଥର ବର୍ଷାରେ ଭିଜିବ ଦଶହରା। ସେପ୍ଟେମ୍ବର ୨୬ ଆଡ଼କୁ ପୁଣି ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବାରୁ ଏଥର ପାର୍ବଣ ବର୍ଷାରେ ଭିଜିପାରେ ବୋଲି ପୂର୍ବାନୁମାନ କରାଯାଉଛି। ଏବେ ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେଇପାରେ। ଏହାର ପ୍ରଭାବରେ ରାଜ୍ୟରେ ୨୦ ତାରିଖ ପର୍ଯ୍ୟନ୍ତ ବର୍ଷା ହେବା ନେଇ ସତର୍କତା ଜାରି ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି। ତେବେ ୨୬ ତାରିଖ ବେଳକୁ ସୃଷ୍ଟି ହେବାକୁ ଥିବା ଘୂର୍ଣ୍ଣିବଳୟ କେତେ ଘନୀଭୂତ ହେବ ସେନେଇ ଏବେଠାରୁ ଆକଳନ କରାଯାଇପାରିନାହିଁ। ସେହିପରି ଏବେ ରାଜ୍ୟକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୧୧.୬ ସେମି ବର୍ଷା ବରଗଡ଼ ଜିଲା ଅମ୍ବାଭୋନା ଅଞ୍ଚଳରେ ହୋଇଥିବା ରେକର୍ଡ କରାଯାଇଛି। ଏହାଛଡା ୭ଟି ସହରରେ ପ୍ରବଳରୁ ☞ପୃଷ୍ଠା-୯

# ଅକ୍ଟୋବର ପୂର୍ବରୁ ୨୯ ଜିଲାରେ ଏସ୍‌ଆଇଆର୍

ଭୁବନେଶ୍ୱର,୧୬।୯ (ରବିନାରାୟଣ ଜେନା)

ରାଜ୍ୟଗୁଡ଼ିକରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ୧୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସିଇଓମାନେ ଏଥିପାଇଁ ସହମତି ପ୍ରକାଶ କରିଥିବାବେଳେ ଓଡ଼ିଶା ମଧ୍ୟ ହଁ ଭରିଛି। ଅକ୍ଟୋବର ପୂର୍ବରୁ ଏସ୍‌ଆଇଆର୍ ଘୋଷଣା ହୋଇପାରେ। ନୂଆପଡ଼ାକୁ ବାଦ୍‌ଦେଲେ ଅବଶିଷ୍ଟ ୨୯ ଜିଲାରେ ଏସ୍‌ଆଇଆର୍ ହେବ ବୋଲି ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ୍ କହିଛନ୍ତି।

ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ୍ କହିଛନ୍ତି, ଭାରତର ମୁଖ୍ୟ ନିର୍ବାଚନ କମିଶନର(ସିଇସି)ଙ୍କ ସହିତ ନିକଟରେ ହୋଇଥିବା ସମ୍ମିଳନୀରେ ଏସ୍‌ଆଇଆର୍ ପାଇଁ ଅଧିକାଂଶ ରାଜ୍ୟ ରାଜି ହୋଇଛନ୍ତି। ତେବେ ଓଡ଼ିଶାରେ ନୂଆପଡ଼ାକୁ ଛାଡ଼ି ଅନ୍ୟ ସମସ୍ତ ଜିଲାରେ ଏସ୍‌ଆଇଆର୍ କରାଯାଇପାରିବ। ଏଥିପାଇଁ ଅଧିକ ମାନବ ସମ୍ବଳ ଲାଗିବ। ନୂଆପଡ଼ାରେ ଉପନିର୍ବାଚନ ଶେଷ ହେବା ପରେ ପ୍ରାୟ ୧ ବର୍ଷ ପରେ ଏସ୍‌ଆଇଆର୍ କରାଯିବ। ମାତ୍ର ଚଳିତମାସ ଶେଷ ସପ୍ତାହରେ ଓଡ଼ିଶା ସମେତ ଅନ୍ୟ ୧୬ଟି ରାଜ୍ୟରେ ଏସ୍‌ଆଇଆର୍ ଘୋଷଣା ହେବାର ରହିଛି ବୋଲି ସିଇଓ କହିଛନ୍ତି।

ଗୋପାଳନ୍ କହିଛନ୍ତି, ଓଡ଼ିଶାରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ ହେବାକୁ ରହିଥିଲେ ହେଁ ଏପର୍ଯ୍ୟନ୍ତ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ବୁଥ୍‌ସ୍ତରୀୟ ପ୍ରତିନିଧି ଦେଇପାରିନାହାନ୍ତି। ଯଦି ଏବେ ସେମାନେ ତାଙ୍କର ପ୍ରତିନିଧି ନ ଦେବେ, ପରବର୍ତ୍ତୀ ପର୍ଯ୍ୟାୟରେ ଭୋଟ ଚୋରି ଭଳି ଅନ୍ୟ କୌଣସି ପ୍ରସଙ୍ଗ ଉଠାଇଲେ ତାହା ଯୁକ୍ତିଯୁକ୍ତ ନୁହେଁ। ୧ମାସ ତଳୁ ସମସ୍ତ ରାଜନୈତିକ ଦଳଙ୍କୁ ବୁଥ୍‌ସ୍ତରୀୟ ପ୍ରତିନିଧି (ବିଏଲ୍‌ଏ) ଦେବାକୁ କୁହାଗଲାଣି। ଏପରି କି ୪ଥର ନୋଟିସ ମଧ୍ୟ ହେଲାଣି। ହେଲେ ଏପର୍ଯ୍ୟନ୍ତ ୭ଟି ଦଳ ☞ପୃଷ୍ଠା-୯

# ନୂଆପଡ଼ାରେ ୫୬ ନୂଆ ମତଦାନ କେନ୍ଦ୍ର

ଭୁବନେଶ୍ୱର,୧୬।୯ (ରବିନାରାୟଣ ଜେନା)

ନୂଆପଡ଼ାରେ ହେବାକୁ ଥିବା ଉପନିର୍ବାଚନ ଲାଗି ମତଦାନ କେନ୍ଦ୍ରଗୁଡ଼ିକର ପୁନଃ ବ୍ୟବସ୍ଥୀକରଣ କରାଯାଇଛି। ମତଦାତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୫୬ଟି ନୂଆ ମତଦାନ କେନ୍ଦ୍ର ଖୋଲାଯିବ ବୋଲି ମୁଖ୍ୟନିର୍ବାଚନ ଅଧିକାରୀ (ସିଇଓ) ଆର. ସନ୍ଥ ଗୋପାଳନ୍ କହିଛନ୍ତି। ମଙ୍ଗଳବାର ସିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗୋପାଳନ୍ କହିଛନ୍ତି, ୭୧-ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପୂର୍ବରୁ ୩୦୨ ମତଦାନ କେନ୍ଦ୍ର ରହିଥିଲା। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଆଉ ୫୬ଟି ନୂତନ ମତଦାନ କେନ୍ଦ୍ର ଖୋଲାଯିବ। ଏହାକୁ ମିଶାଇ ସମୁଦାୟ ମତଦାନ କେନ୍ଦ୍ର ସଂଖ୍ୟା ୩୫୮କୁ ବୃଦ୍ଧି କରାଯାଇଛି। ଏହାବ୍ୟତୀତ ଏହି ପୁନଃ ବ୍ୟବସ୍ଥୀକରଣ ପ୍ରକ୍ରିୟା ସମୟରେ ୭୧-ନୂଆପଡ଼ା ନିର୍ବାଚନମଣ୍ଡଳୀରେ ୫୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଛି। ତେବେ ଏହି ମତଦାନ କେନ୍ଦ୍ର ମଧ୍ୟରୁ ସହରାଞ୍ଚଳରେ ୩୬ ଏବଂ ଗ୍ରାମାଞ୍ଚଳରେ ୩୨୨ ଖୋଲାଯିବ।

ସେ କହିଥିଲେ ଯେ, ନୂଆପଡ଼ା ନିର୍ବାଚନମଣ୍ଡଳୀ ସମ୍ପର୍କରେ ମଙ୍ଗଳବାରକୁ ଯୋଗ୍ୟତା ତାରିଖ ଭାବେ ରଖି ଚିଠା ଭୋଟର ତାଲିକାର ପ୍ରକାଶନ କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ଏବେ ୨ ଲକ୍ଷ ୪୮ ହଜାର ୨୫୬ ମତଦାତା ରହିଛନ୍ତି। ସେମାନଙ୍କ ମଧ୍ୟରେ ୧,୨୨,୧୦୩ ପୁରୁଷ ରହିଥିବାବେଳେ ୧,୨୬,୧୩୨ଜଣ ମହିଳା ଓ ୨୧ଜଣ ତୃତୀୟ ଲିଙ୍ଗ ବର୍ଗର ମତଦାତା ରହିଛନ୍ତି। ସେହିପରି ୨୦୦୭ ବରିଷ୍ଠ ନାଗରିକ ରହିଥିବାବେଳେ ଭିନ୍ନକ୍ଷମ ମତଦାତା ୪୦୦୦ ଏବଂ ଯୁବ ମତଦାତା ୬୦୦୩ ରହିଛନ୍ତି ବୋଲି ସିଇଓ କହିଛନ୍ତି।

# ଖଣି ପାଇଁ ଅଡୁଆରେ ହାତୀ

## ବ୍ୟାପକ ଜଙ୍ଗଲ ପଦା

ଯୋଡ଼ା,୧୬।୯ (ମାନସ ମହାନ୍ତି)

ଜଙ୍ଗଲ ଛାଡ଼ି ହାତୀ ଜନବସତି ମୁହାଁ ହେଲାବେଳକୁ ମଣିଷ ଓ ହାତୀଙ୍କ ମଧ୍ୟରେ ଅନବରତ ସଂଗ୍ରାମ ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲାରେ ବ୍ୟାପକ ଜଙ୍ଗଲ ପଦାକରି ଖଣି ଖନନ କରାଯାଉଥିବାରୁ ପ୍ରାକୃତିକ ବାସସ୍ଥଳୀ ହରାଇ ହାତୀ ହନ୍ତସନ୍ତ ହେଉଛନ୍ତି। ଜଙ୍ଗଲର ଘନତ୍ୱ ହ୍ରାସ ପାଇବା ଯୋଗୁ ଜଙ୍ଗଲ ଛାଡ଼ି ଗାଁଗଣ୍ଡାରେ ପ୍ରବେଶ କରୁଛନ୍ତି। ଜିଲାର ବଡ଼ବିଲ ଓ ଚମ୍ପୁଆ ରେଞ୍ଜରେ ସମୁଦାୟ ହାତୀ ସଂଖ୍ୟା ପ୍ରାୟ ୫୫ ରହିଛି। ହାତୀପଲ ସନ୍ଧ୍ୟା ହେଲେ ଗ୍ରାମାଭିମୁଖୀ ହେଉଛନ୍ତି। ହାତୀର ପ୍ରାକୃତିକ ବାସସ୍ଥଳୀ ଓ ହାତୀ ବାଛିଥିବା ନିର୍ଦ୍ଦିଷ୍ଟ ଚଲାପଥ



ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ବୃହତ୍ ପ୍ରାଣୀ ହାତୀ ଏବେ ବାସହରା ହୋଇ ଇତସ୍ତତଃ ହେଉଛି। ବଡ଼ବିଲ ଏବଂ ଚମ୍ପୁଆ ରେଞ୍ଜର ବାଲିବନ୍ଧ ସେକ୍ସନରେ ୩୨ଟି ହାତୀ ବିଚରଣ କରୁଥିବାବେଳେ ବାମେବାରି ସେକ୍ସନରେ ୧୪ଟି ଏବଂ ବାଂଶପାଳ ବ୍ଲକ୍ ଭୂୟାଁ ଜୁଆଙ୍ଗପୀଢ଼ ଅଞ୍ଚଳରୁ ୮ଟି ହାତୀ ବାମେବାରି ବନାଞ୍ଚଳକୁ ପଶି ଆସିଛନ୍ତି। ସେହିପରି ଯୋଡ଼ା ସେକ୍ସନର ବେଲଦା ଅଞ୍ଚଳରେ ଗୋଟିଏ ହାତୀ ବିଚରଣ କରୁଥିବା ବନ ବିଭାଗ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ସଂରକ୍ଷିତ ଜଙ୍ଗଲ, ଡିଏଲ୍‌ସି (ଡିଷ୍ଟ୍ରିକ୍ଟ ଲେଭଲ କମିଟି ଦ୍ୱାରା ଚିହ୍ନଟ ଜଙ୍ଗଲ) ଜଙ୍ଗଲ ଏବଂ ରେଭେନ୍ୟୁ ଫରେଷ୍ଟ(ରାଜସ୍ୱ ବିଭାଗର ଜଙ୍ଗଲ)ରେ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ରୂପାନ୍ତରିତ କରାଯାଇ ବ୍ୟାପକ ଖଣି ଖନନ କରାଯାଉଛି। କେବଳ ଯୋଡ଼ା ବନାଞ୍ଚଳରେ ପ୍ରାୟ ୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରାଯାଇ ଖଣି ଖନନ କରାଯାଉଛି। ସେହିପରି ବଡ଼ବିଲ ଓ ଚମ୍ପୁଆ ରେଞ୍ଜର ବନାଞ୍ଚଳର ପ୍ରାୟ ୫୨୦୦ ହେକ୍ଟର ପରିମିତ ଜଙ୍ଗଲରେ ଖଣି ଖନନ ହେଉଛି। ସରକାରୀସ୍ତରରେ ଏହାର ବୈଧାନିକ ଅନୁମୋଦନ ଯାହାକି ଡାଇଭର୍ସନ ପ୍ଲାନ୍ ଅର୍ଥାତ୍ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ ବ୍ୟବହାର ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅନୁମୋଦନ ନିଆଯାଇ ଖଣି ଖନନ କରାଯାଉଛି। ଆବେଦନ କରୁଥିବା ବଡ଼ ବଡ଼ ଖଣି କମ୍ପାନୀଗୁଡ଼ିକ ଜିଲା ଜମି ବ୍ୟାଙ୍କରୁ ଜମି କିଣି ବ୍ୟବହୃତ ଜଙ୍ଗଲର ଘନତ୍ୱ ଅନୁଯାୟୀ ନେଟ୍ ପ୍ରେଜେଣ୍ଟ ଭ୍ୟାଲ୍ୟୁ ସହିତ କଟାଯାଉଥିବା ବୃକ୍ଷର ମୂଲ୍ୟ ସରକାରଙ୍କୁ ଦେଇ ଜଙ୍ଗଲ ଜମିକୁ ଅଣ ଜଙ୍ଗଲରେ ରୂପାନ୍ତରିତ କରି ଥାଆନ୍ତି ସତ, ହେଲେ ଜଙ୍ଗଲ ଅଞ୍ଚଳରେ ରହୁଥିବା ନିରୀହ ପଶୁପକ୍ଷୀ ଏହି ସରକାରୀ ପ୍ରାବଧାନରେ ବଳି ପଡ଼ିଯାଇଥାଆନ୍ତି। ଯଦିଓ ପ୍ରତ୍ୟେକ ଖଣି କମ୍ପାନୀ ଜଙ୍ଗଲ ଜମିକୁ ବ୍ୟବହାର କରିବା ☞ପୃଷ୍ଠା-୯







ଆଜିର ସମ୍ପାଦକୀୟ

ମୋଟା

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

-କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ଇନ୍ଦିରା ଏକାଦଶୀ, ହଳ ନିଷେଧ



# ମୋଟା

ସାରା ବିଶ୍ୱରେ ଏବେ ପିଲା ଓ କିଶୋରମାନେ ମେଦବହୁଳତା ବା ପ୍ରୟୋଜନଠାରୁ ଅଧିକ ମୋଟା ହୋଇଯାଉଛନ୍ତି ବୋଲି ନିକଟରେ ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍ଡ୍ରେନ୍ସ ଏମର୍ଜେନ୍ସି ଫଣ୍ଡ (ୟୁନିସେଫ୍) ଦ୍ୱାରା ପ୍ରକାଶିତ 'ଚାଇଲ୍ଡ ନ୍ୟୁଟ୍ରିଶନ ଗ୍ଲୋବାଲ ରିପୋର୍ଟ-୨୦୨୫'ରୁ ଜଣାପଡ଼ିଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ବିଶ୍ୱରେ ୫ରୁ ୧୯ ବର୍ଷ ବୟସ ବର୍ଗରେ ଥିବା ପିଲା ଓ କିଶୋରୀ କିଶୋରଙ୍କ ମଧ୍ୟରୁ ପ୍ରତି ୧୦ ଜଣରେ ଜଣେ ମେଦବହୁଳତାରେ ପୀଡ଼ିତ। ଅର୍ଥାତ୍ ସେମାନଙ୍କ ବୟସ ତୁଳନାରେ ଓଜନ ଅଧିକ ରହୁଛି । ଏମାନେ ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବେଶ ସହ ବେଶୀ ଜଡ଼ିତ ରହୁଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି ବୋଲି ରିପୋର୍ଟରେ ସୂଚିତ କରାଯାଇଛି। ଫାଷ୍ଟଫୁଡ୍ ବା ରାସ୍ତାକଡ଼ର ଖାଦ୍ୟ ଓ ମୃଦୁପାନୀୟ ମେଦବହୁଳତାର ଏକ ପ୍ରମୁଖ କାରଣ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି। କେବଳ ଏତିକି ନୁହେଁ, ଭାରତ ସମେତ ଦକ୍ଷିଣ ଏସିଆର ଅନ୍ୟ ବିକାଶଶୀଳ ଦେଶଗୁଡ଼ିକର ମାଧ୍ୟମିକ ସ୍କୁଲଗୁଡ଼ିକରେ ତଟକା ଫଳ ବଦଳରେ ଏଭଳି ଖାଦ୍ୟ ଓ ମୃଦୁପାନୀୟର ଉପଲବ୍ଧତାକୁ ମଧ୍ୟ ଦାୟୀ କରାଯାଇଛି। ଏଣୁ ପ୍ରତ୍ୟେକ ଦେଶରେ ସ୍ୱାସ୍ଥ୍ୟକର ଖାଦ୍ୟ ପରିବେଶ ସୃଷ୍ଟି କରିବାକୁ ହେଲେ ଆଇନଗତ ପଦକ୍ଷେପ ଓ ନୀତି ଆପଣାଇବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ସବୁଠାରୁ ବଡ଼ କଥା ହେଉଛି, ମେଦବହୁଳତା ଅପପୁଷ୍ଟି ଯୋଗୁ କମ୍ ଓଜନ ରହୁଥିବା ପିଲାଙ୍କ ସମସ୍ୟାକୁ ମଧ୍ୟ ବଳିଯାଇଛି। ପିଲାମାନଙ୍କ ସମ୍ପର୍କରେ ଏଭଳି ରିପୋର୍ଟ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ।

ଭାରତ ପରିପ୍ରେକ୍ଷୀରେ ଦେଖିଲେ ପିଲାଙ୍କଠାରେ ମେଦବହୁଳତା ମଧ୍ୟ ବହୁଳମାତ୍ରାରେ ଦୃଶ୍ୟମାନ ହେଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍) ତଥ୍ୟକୁ ଦେଖିଲେ ୨୦୦୫ରୁ ୨୦୨୧ ମଧ୍ୟରେ ୫ ବର୍ଷରୁ କମ୍ ପିଲାଙ୍କ କ୍ଷେତ୍ରରେ ୧୨୭ ପ୍ରତିଶତ ମେଦବହୁଳତା ବୃଦ୍ଧି ପାଇଥିବା ବେଳେ ୫ରୁ ୧୯ ବର୍ଷ ବୟସ ମଧ୍ୟରେ ଏହା ଝିଅଙ୍କ କ୍ଷେତ୍ରରେ ଦୁଇଗୁଣା ଓ ପୁଅଙ୍କ କ୍ଷେତ୍ରରେ ୩ ଗୁଣ ବଢ଼ିଯାଇଛି। ୟୁନିସେଫ୍ ରିପୋର୍ଟକୁ ଦେଖିଲେ ୨୦୩୦ ସୁଦ୍ଧା ବିଶ୍ୱ ମେଦବହୁଳତାର ୧୧ ପ୍ରତିଶତ ପିଲା ଓ କିଶୋର ଭାରତରେ ଦେଖାଦେବେ। ଦେଖିବାକୁ ଗଲେ ଅନେକ ଦଶନ୍ଧି ଧରି କ୍ଷୁଧା ଓ ଅପପୁଷ୍ଟି ସହ ବୟସ ଅନୁଯାୟୀ ପିଲାଙ୍କ ଶାରୀରିକ ଓ ମାନସିକ ବିକାଶ ହେଉ ନ ଥିବାରୁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ସମ୍ଭବତଃ କେବଳ ଖାଦ୍ୟ ନୁହେଁ, ଶାରୀରିକ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଥିବା ପିଲାମାନେ ଏହିଭଳି ମୋଟା ହୋଇଯାଉଛନ୍ତି। ନିକଟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ସ୍କୁଲ ଓ ସାର୍ବଜନୀନ ସ୍ଥାନରେ ପ୍ରସ୍ତୁତ ଖାଦ୍ୟ ଯଥା ସିଙ୍ଗଡ଼ା, କଚୋଡ଼ି, ପିଜା, ବର୍ଗର, ଜିଲାପି ଏବଂ ଗୋଲାପଜାମୁ ଆଦିରେ କେତେ ଚିନି ଓ ଫ୍ୟାଟ୍‌ବା ଚର୍ବି ଅଂଶ ରହୁଛି, ସେ ସମ୍ପର୍କିତ ବୋର୍ଡ କିମ୍ବା ଡିଜିଟାଲ ପୋଷ୍ଟର ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏତେ ସବୁ ସତ୍ତ୍ୱେ ତାହାର ସୁଫଳ ମିଳିବା କଷ୍ଟକର ହେଉଛି ଏଇଥିପାଇଁ ଯେ ପିଲା, କିଶୋର ଏପରିକି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଖାଦ୍ୟାଭ୍ୟାସ ବଦଳିବାରେ ଲାଗିଛି। ବିଶେଷକରି ସ୍ଥାୟୀ ବଜାର, ଘର ନିକଟରେ ଉପଲବ୍ଧ ଦୋକାନ ଓ ଅନ୍‌ଲାଇନ୍ ମାଧ୍ୟମରେ ଖାଦ୍ୟ ଯୋଗାଣକାରୀ କମ୍ପାନୀ ସହଜରେ ପାଟି ସୁଆଦିଆ ଖାଦ୍ୟ ଦେଉଥିବାରୁ ପିଲାମାନେ ସେସବୁ ଦ୍ୱାରା ପ୍ରଭାବିତ ହୋଇଯାଉଛନ୍ତି। ମାତାପିତା ମଧ୍ୟ ସେସବୁ ଖାଦ୍ୟରେ କେଉଁ ଉପାଦାନ ରହୁଛି, ତାହାକୁ ନ ପରଖି ପିଲାଙ୍କୁ ଦେଉଥିବାରୁ ମେଦବହୁଳତା ବଢ଼ୁଥିବା ଖାଦ୍ୟ ବିଶେଷଜ୍ଞମାନେ କହୁଛନ୍ତି। କୋହଳ ନିୟମ ଯୋଗୁ ଅନେକ ପ୍ରକ୍ରିୟାକୃତ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଅଧିକ ବିକ୍ରିକୁ ଅନିଷା କରି ଖାଦ୍ୟରେ ମିଶାଉଥିବା ଚିନି, ଲୁଣ ଓ ଫ୍ୟାଟ୍ ପରିମାଣ ଉପରେ ଯାଞ୍ଚ କରୁଥିବା ଭଳି ଦେଖାଯାଉନାହିଁ। ଏହାବ୍ୟତୀତ ବାହାରେ ଉପଲବ୍ଧ ବିଭିନ୍ନ ପ୍ରକାରର ଜଙ୍କ୍‌ଫୁଡ୍ ପିଲାଙ୍କ ସ୍ୱାସ୍ଥ୍ୟ ବିଗାଡ଼ି ଚାଲିଛି। ଭାରତ ମାନସିକ ସ୍ତରରେ ଏକ ଦରିଦ୍ର ରାଷ୍ଟ୍ର ହୋଇଥିବାରୁ ଅଭିଭାବକମାନେ ସବୁବେଳେ ମୋଟାସୋଟା ପିଲାଙ୍କୁ ଗୁଲୁଗୁଲିଆ ବୋଲି ଅଧିକ ନିକଟତର କରିବା ସହ ପ୍ରୋତ୍ସାହନ ଦେଇଥାଆନ୍ତି। ପିଲାଦିନରୁ ମୋଟା ହେବାର ଲକ୍ଷଣ ଦିଶିଯିବା ପରେ ପିଲାଙ୍କୁ ଅଧିକ ଶାରୀରିକ କ୍ରୀଡ଼ାରେ ଭାଗ ନେବା ପାଇଁ ଉତ୍ସାହିତ କରିବା ସହିତ ତାହାର ଖାଦ୍ୟରୁ ଚିନି ଏବଂ ଚର୍ବିଜାତୀୟ ଉପାଦାନକୁ ଅଲଗା କରିଦେବା ହେଉଛି ମାତାପିତାଙ୍କର ଦାୟିତ୍ୱ। ମୋଟା ହେଉଥିବା ପିଲା ପରବର୍ତ୍ତୀ ସମୟରେ ଅଧିକ ମୋଟା ହେବାର ସବୁ ସମ୍ଭାବନା ରହିଛି। ତାହାକୁ ରୋକିବା ହେଉଛି ପରିବାରର ଦାୟିତ୍ୱ। ହେଲେ ବାହାରକୁ ଖେଳିବାକୁ ନ ଦେଇ ମାତାପିତା ପଢ଼ାକୁ ଗୁରୁତ୍ୱ ଦେଉଥିବାରୁ ପିଲାମାନେ ଶାରୀରିକ ଦୃଷ୍ଟିରୁ ଫିଟ୍ ହେଉନାହାନ୍ତି, ଯାହା ମେଦବହୁଳତାର ଅନ୍ୟତମ କାରଣ ହୋଇଗଲାଣି। ଏଭଳି ସମସ୍ୟା ପିଲାଙ୍କଠାରେ ଲାଗି ରହିଲେ ଭାରତ ଭବିଷ୍ୟତରେ ଏକ ଅସୁସ୍ଥ ଓ ମୋଟାଦେଶ ଭାବେ ଗଢ଼ିଉଠିବ, ଯାହାର ସାମାଜିକ କୁପ୍ରଭାବ ଉଭୟ ଅର୍ଥନୀତି ଓ ସମାଜ ଉପରେ ପଡ଼ିବ।

> **ମେଦବହୁଳତା ସମସ୍ୟା ପିଲାଙ୍କଠାରେ ଲାଗି ରହିଲେ ଭାରତ ଭବିଷ୍ୟତରେ ଏକ ଅସୁସ୍ଥ ଓ ମୋଟାଦେଶ ଭାବେ ଗଢ଼ିଉଠିବ, ଯାହାର ସାମାଜିକ କୁପ୍ରଭାବ ଉଭୟ ଅର୍ଥନୀତି ଓ ସମାଜ ଉପରେ ପଡ଼ିବ।**

# ଏକ୍ ପେଡ୍ ମା'କେ ନାମ୍: ମା'ଙ୍କୁ ସମ୍ମାନ, ପରିବେଶକୁ ସୁରକ୍ଷା



**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ୭୫ତମ ଜନ୍ମ ଦିବସ ସାରା ଭାରତରେ ପାଳନ ହେଉଛି। ଏହି ଅବସରରେ ରାଜନୈତିକ ଦଳ, ରାଜ୍ୟ ସରକାର, ବିଭିନ୍ନ ସାମାଜିକ ଅନୁଷ୍ଠାନ ନାନା ପ୍ରକାରେ ଏହି ଦିନକୁ ପାଳନ କରୁଛନ୍ତି। ଏହି ଦିନ କେବଳ ଏକ ଜନ୍ମୋତ୍ସବ ଭାବେ ପାଳନ ହେଉନାହିଁ, ଆଜିର ଦିନରେ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ବିଭିନ୍ନ ସଂସ୍ଥା, ସରକାର ଓ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଆୟୋଜନ ହେଉଛି।

ଓଡ଼ିଶାରେ ବି ଭାରତୀୟ ଜନତା ପାର୍ଟି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ସରକାରୀ ସ୍ତରରେ ଓଡ଼ିଶା ସରକାର ଏହାକୁ ପାଳନ କରୁଛନ୍ତି, ଯାହା ମଧ୍ୟରେ ସବୁଠାରୁ ଉଲ୍ଲେଖନୀୟ ହେଉଛି, ଆଜି ଗୋଟିଏ ଦିନରେ ସାରା ରାଜ୍ୟରେ ୭୫ ଲକ୍ଷ ଚାରାରୋପଣ କରାଯାଉଛି। ଏହି କାର୍ଯ୍ୟକ୍ରମ 'ଏକ ପେଡ୍ ମା' କେ ନାମ ୨.୦' ଅଭିଯାନ ଅନ୍ତର୍ଗତ କରାଯାଉଛି।

'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ମାନନୀୟ ପ୍ରଧାନମନ୍ତ୍ରୀ ଗତବର୍ଷ 'ବିଶ୍ୱ ପରିବେଶ ଦିବସ' ଅବସରରେ ୫ ଜୁନ, ୨୦୨୪ ଦିନ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ଚାରା ରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କେବଳ ଗଛ ଲଗାଇବା ନୁହେଁ, ସରକାରୀ ସ୍ତରରେ ବି ତ ବିଭିନ୍ନ ବିଭାଗ ଦ୍ୱାରା ବୃକ୍ଷରୋପଣ କରାଯାଉଛି। ଏହି କାର୍ଯ୍ୟକ୍ରମର ଅନ୍ତର୍ନିହିତ ବାର୍ତ୍ତା ଥିଲା,'ମା' କୁ ସମ୍ମାନ ଦେବା ଏବଂ ପରିବେଶ ସୁରକ୍ଷାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା'। ଖୁବ୍ ଅଳ୍ପ ସମୟ ଭିତରେ ଏହି ଉଭୟ ଲକ୍ଷ୍ୟ ପୂରଣ ହୋଇଥିଲା। ମାତ୍ର ଚାରିମାସ ମଧ୍ୟରେ, ଅର୍ଥାତ୍ ୨୪ ସେପ୍ଟେମ୍ବର ୨୦୨୪ ସୁଦ୍ଧା ୮୦ କୋଟି ଚାରାରୋପଣ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇଥିଲା। ଏହି କାର୍ଯ୍ୟକ୍ରମ କେବଳ ସରକାରୀ ସ୍ତରରେ ସୀମିତ ନ ହୋଇ ସାଧାରଣ ଲୋକଙ୍କ ସହଭାଗିତାରେ ସମ୍ପନ୍ନ ହୋଇଥିଲା। ଯଦିଓ ଓଡ଼ିଶାରେ ନୂତନ ସରକାର ଶାସନକୁ ଆସିଥିଲା, ଆମ ରାଜ୍ୟ ମଧ୍ୟ ୫ କୋଟିର ଧାର୍ଯ୍ୟଲକ୍ଷ୍ୟ ବଦଳରେ ୬.୭୨ କୋଟି ଚାରାରୋପଣ କରିବାରେ ସମର୍ଥ ହୋଇଥିଲା। ଏହା ସଫଳ ହୋଇଥିଲା ରାଜ୍ୟବାସୀଙ୍କ ଅକୁଣ୍ଠ ସମର୍ଥନ ପାଇଁ।

ଚଳିତବର୍ଷ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କେବଳ ୭୫ତମ ଜନ୍ମ ବର୍ଷ ନୁହେଁ, ସଂଯୋଗବଶତଃ ଏ ବର୍ଷ ସାରା ଦେଶ ୭୫ତମ ଗଣତାନ୍ତ୍ରିକ ବାର୍ଷିକୀ ପାଳନ କରୁଛି। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଜନ୍ମିତ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଜୀ ଗତ ଏଗାର ବର୍ଷ ଧରି ନୀରବଚ୍ଛିନ୍ନ ଭାବେ ଦେଶକୁ ଦୃଢ଼, ସ୍ୱଚ୍ଛ, ପ୍ରଭାବୀ ସୁଶାସନ ପ୍ରଦାନ କରୁଛନ୍ତି। ଏହି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଶାସନ କାଳରେ ଭାରତର ପ୍ରଗତି ନୂତନ ଶିଖରକୁ ଛୁଇଁବାରେ ସମର୍ଥ ହୋଇଛି। ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାମରିକ ଓ ବୈଦେଶିକ, ପ୍ରତ୍ୟେକ କ୍ଷେତ୍ରରେ ଭାରତ ନିଜକୁ ପ୍ରତିପାଦନ କରିବାରେ ସମର୍ଥ ହୋଇଛି। ଆଜି ଆମ ଦେଶ ଚତୁର୍ଥ ବୃହତ୍ତମ ଅର୍ଥନୀତି ଏବଂ ଖୁବ୍‌ଶୀଘ୍ର ତୃତୀୟ ଅର୍ଥନୀତି ହେବାକୁ ଯାଉଛି। ଏହି ଅର୍ଥନୈତିକ ପ୍ରଗତି ଦେଶର ପ୍ରତି ଲୋକଙ୍କ ଜୀବନରେ ସୁଖ, ସ୍ୱଚ୍ଛନ୍ଦ ଆଣିବାରେ ସମର୍ଥ ହୋଇଛି। ସାଧାରଣ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତାର ସବୁଠାରୁ ସଦ୍ୟତମ ପ୍ରମାଣ ହେଉଛି, 'ନୂତନ ଜିଏସ୍‌ଟି ସଂସ୍କାର', ଯାହା ପ୍ରାୟ ୯୫ ପ୍ରତିଶତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆସନ୍ତା ୨୨ ତାରିଖରୁ ହ୍ରାସ ହେବାକୁ ଯାଉଛି।

ଗତ ଏଗାର ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ ସଫଳତାର କାହାଣୀ ବହୁତ ଲମ୍ବା। କିନ୍ତୁ ଏହିସବୁ କାର୍ଯ୍ୟକ୍ରମର ଗୋଟିଏ ଦିଗ ହେଉଛି, 'ମହିଳାଙ୍କ ପ୍ରତି ସମ୍ମାନ'। ସାରା ଭାରତବର୍ଷ ଦେଖିଛି ଯେ, ମାନନୀୟ ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ମାତା ଜୀଙ୍କ ମଧ୍ୟରେ ନିବିଡ଼ ମମତାମୟ ସମ୍ପର୍କ। ଅନେକ ସମୟରେ ବିଭିନ୍ନ ମଞ୍ଚରେ ପ୍ରଧାନମନ୍ତ୍ରୀ ନିଜ ମାତା ଜୀଙ୍କ ସଂଘର୍ଷମୟ ଜୀବନ ବିଷୟରେ ଉଲ୍ଲେଖ କରିଛନ୍ତି। ତେଣୁ ମୋଦୀ ଜୀ କାର୍ଯ୍ୟକାରୀ କରିଥିବା ଅନେକ ଯୋଜନାରେ ଦେଶର ଗରିବ ମହିଳାଙ୍କ ସଂଘର୍ଷର କାହାଣୀର ଛାପ ଦେଖିବାକୁ ମିଳେ।

ଦେଶର ଶାସନ ଦାୟିତ୍ୱ ସମ୍ଭାଳିବା ପରେ ପ୍ରଥମ ସ୍ୱାଧୀନତା ଦିବସ ଉପଲକ୍ଷେ ଅର୍ଥାତ୍ ୧୫ ଅଗଷ୍ଟ ୨୦୧୪ ଦିନ ଲାଲକିଲ୍ଲାର ପ୍ରାଚୀରରୁ 'ସ୍ୱଚ୍ଛ ଭାରତ'ର ଡାକରା ଦେଇଥିଲେ। ଘରେ ଶୌଚାଳୟ ଅଭାବରୁ ସେ ସମୟରେ ଦେଶର ପ୍ରାୟ ଅର୍ଦ୍ଧାଧିକ ଗ୍ରାମାଞ୍ଚଳ ଲୋକେ ଖୋଲାରେ ଶୌଚ ହେଉଥିଲେ, ଯଦ୍ୱାରା ସବୁଠାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମହିଳାମାନେ। ଏହାକୁ ଦୃଷ୍ଟିରେ ରଖି 'ସ୍ୱଚ୍ଛ ଭାରତ'ର ପରିକଳ୍ପନା କରିଥିଲେ ମୋଦୀ ଜୀ, ଯାହାର ଫଳ ସ୍ୱରୂପ ଆଜି ଦେଶରେ ୯୫ ପ୍ରତିଶତରୁ ଅଧିକ ପରିବାରଙ୍କ ପାଖରେ ନିଜସ୍ୱ ଶୌଚାଳୟ ଅଛି ଏବଂ ତାକୁ ସେମାନ ବ୍ୟବହାର କରୁଛନ୍ତି। ମହିଳାଙ୍କ ସମ୍ମାନ ରକ୍ଷା ଦିଗରେ ଏହା ଏକ ସାର୍ଥକ ପଦକ୍ଷେପ ଥିଲା।

ନିଜ ମା'ଙ୍କ ସଂଘର୍ଷମୟ ଜୀବନରୁ ଶିକ୍ଷା ନେଇ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ 'ଉଜ୍ଜଳା ଯୋଜନା'। ପରିବାର ପାଇଁ ଖାଦ୍ୟ ପ୍ରସ୍ତୁତ କଲାବେଳେ କିପରି ତାଙ୍କ ମାତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା, ସେ ତାକୁ ଅନେକ ସମୟରେ ଉଲ୍ଲେଖ କରିଛନ୍ତି। ଦେଶର ଆଉ କେହି ମା' ଏପରି ପରିସ୍ଥିତିକୁ ସାମ୍ନା ନ କରନ୍ତୁ, ସେଥିପାଇଁ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ 'ଉଜ୍ଜଳା ଯୋଜନା'। ରୋଷଘରୁ କାଠ କୋଇଲା ପରି ହାନିକାରକ ଜାଳେଣି ବଦଳରେ ସ୍ୱଚ୍ଛ ରନ୍ଧନ ଗ୍ୟାସ୍ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ଆଜି ଦେଶରେ ପ୍ରାୟ ୩୨ କୋଟି ୮୩ ଲକ୍ଷ ପରିବାର ପାଖରେ ଏଲ୍‌ପିଜି ରନ୍ଧନ ଗ୍ୟାସ୍ ସୁବିଧା ଅଛି। ମା'ମାନଙ୍କୁ ଧୂଆଁମୁକ୍ତ ରୋଷଶାଳା ପ୍ରଦାନ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ସଫଳ ହୋଇଛନ୍ତି।

ଏହି ଦୁଇଟି କାର୍ଯ୍ୟକ୍ରମ ମା'ମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଅନେକ ଯୋଜନା ମଧ୍ୟରୁ କେବଳ ଉଦାହରଣ। ପ୍ରଧାନମନ୍ତ୍ରୀଙ୍କ ସବୁ ପ୍ରକାର ବିକାଶ କାର୍ଯ୍ୟଧାରାରେ ମହିଳା କଲ୍ୟାଣ ସବୁବେଳେ ସର୍ବାଗ୍ରେ ରହିଥାଏ। ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ରାଜନୈତିକ ସଶକ୍ତୀକରଣ ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ କରାଯାଇଛି, ଯାହା ଫଳରେ ୨୦୨୯ ପରେ ମହିଳାମାନେ ବିଧାନସଭା ଓ ଲୋକ ସଭାରେ ଅତିକମ୍‌ରେ ୩୩ ପ୍ରତିଶତ ପ୍ରତିନିଧିତ୍ୱ ପାଇବେ।

ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ମାତୃଶକ୍ତି ପ୍ରତି ସମ୍ମାନ ଧାରାରେ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମକୁ ଦେଖିବା ଆବଶ୍ୟକ। ନିଜ ଆତ୍ମୀୟ ସ୍ୱଜନଙ୍କ ସ୍ମୃତିଚାରଣ ପାଇଁ ହେଉ କିମ୍ବା ମା'ଙ୍କ ପ୍ରତି ନିଜର ଶ୍ରଦ୍ଧା ପ୍ରତିପାଦନ କରିବା ପାଇଁ ଆମେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥାଉ। ବର୍ତ୍ତମାନ ସମୟରେ ମା'ଙ୍କ ମହତ୍ତ୍ୱ ପାଇଁ 'ମାତୃ ଦିବସ' ବି ପାଳନ କରାଯାଉଛି। କିନ୍ତୁ ବୋଧହୁଏ ସବୁଠାରୁ ପ୍ରକୃଷ୍ଟ ଏବଂ ଯଥାର୍ଥ ମାର୍ଗ ହେଉଛି ମା'ଙ୍କ ସ୍ମୃତି ହେଉ କିମ୍ବା ମା'ଙ୍କୁ ନିଜର ଭଲପାଇବା ଓ ସମ୍ମାନକୁ ଜଣାଇବା ପାଇଁ ତାଙ୍କ ନାଁରେ ଗଛଟିଏ ଲଗାଇବା। ମା'ଙ୍କ ନାମରେ ଲଗାଯାଇଥିବା ଗଛର ଯତ୍ନ ନେଲେ ଏହା ବଡ଼ ହୋଇ ମା' ପରି ଶୀତଳଛାୟା ସହିତ ଫଳ ପୁଷ୍ପ ପ୍ରଦାନ କରିବ। ତେଣୁ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ମା' ପାଇଁ ଗଛଟିଏ' ଅର୍ଥାତ୍ 'ଏକ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମ ମା' ଓ ସନ୍ତାନଙ୍କ ମଧ୍ୟରେ ଥିବା ଅନାବିଳ ଓ ମମତାମୟୀ ସମ୍ପର୍କକୁ ସୂଚାଇଥାଏ।

ଏହି କାର୍ଯ୍ୟକ୍ରମର ଆବେଗ ବ୍ୟତୀତ ଏହା ମଧ୍ୟରେ ଅନ୍ତର୍ନିହିତ ଥିବା ପରିବେଶ ସୁରକ୍ଷାର ଲକ୍ଷ୍ୟକୁ ଏଡ଼ାଇ ଦେଇ ହେବ ନାହିଁ। ସାମ୍ପ୍ରତିକ ପରିସ୍ଥିତିରେ ବୋଧହୁଏ ସାରା ବିଶ୍ୱ ଆଜି ପରିବର୍ତ୍ତନଶୀଳ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉଛି। ତେଣୁ ଏହାର ସୁରକ୍ଷା କରିବା ପାଇଁ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସରକାର, ଅନୁଷ୍ଠାନ ଦ୍ୱାରା କରାଯାଉଛି। ବୃକ୍ଷରୋପଣ ଏକ ଉପଯୁକ୍ତ ମାଧ୍ୟମ ପରିବେଶ ସୁରକ୍ଷା ପାଇଁ। କିନ୍ତୁ ସରକାରୀ ସ୍ତରରେ ଯେତେ ଉଦ୍ୟମ ହେଲେ ସୁଦ୍ଧା ଯେ ପର୍ଯ୍ୟନ୍ତ ନାଗରିକମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନାହାନ୍ତି, ସେତେ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ସମ୍ଭବ ହେବ ନାହିଁ।

ତେଣୁ ନାଗରିକଙ୍କୁ କୌଣସି ଅଭିଯାନରେ ସାମିଲ କରିବା ପାଇଁ ପ୍ରଧାନମନ୍ତ୍ରୀ ହେଉଛନ୍ତି ସର୍ବଶ୍ରେଷ୍ଠ ଆମ୍ବାସାଡର। ତାଙ୍କର ଆହ୍ୱାନ ଏହି କାର୍ଯ୍ୟକ୍ରମକୁ ନୂଆ ରୂପରେଖ ଦେଇଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସରେ ତାଙ୍କୁ ଯଥାର୍ଥ ଶୁଭେଚ୍ଛା ଜଣାଇବା ପାଇଁ ଆଜି ୭୫ ଲକ୍ଷ ଚାରାରୋପଣ କରାଯାଉଛି। ଯଦିଓ ସରକାରୀ ସହାୟତାରେ ଏହି ଅଭିଯାନ କରାଯାଉଛି, ଏହି କାର୍ଯ୍ୟକ୍ରମର ଅଗ୍ରଭାଗରେ ଅଛନ୍ତି ସାଧାରଣ ଜନତା, ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ରାଜ୍ୟର କୋଟି କୋଟି ମା'ମାନେ। 'ଏକ ପେଡ୍ ମା' କେ ନାମ ୨.୦' ଅନ୍ତର୍ଗତ ଚଳିତବର୍ଷ ଓଡ଼ିଶାରେ ସାଢ଼େ ସାତ କୋଟି ଚାରାରୋପଣ କରାଯାଉଛି। ଆଜିର ଏହି ସାମୂହିକ ଚାରାରୋପଣ ଏହି କାର୍ଯ୍ୟକ୍ରମର ଏକ ଅଂଶ ବିଶେଷ।

ଆଜି ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଞ୍ଚାୟତିରାଜ ୩୪ ଲକ୍ଷ, କୃଷି ବିଭାଗ ୨୩ ଲକ୍ଷ, ଶିଳ୍ପ ବିଭାଗ ୧୫ ଲକ୍ଷ, କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ୨ ଲକ୍ଷ ୨୦ ହଜାର ଓ ବ୍ୟାଙ୍କଗୁଡ଼ିକ ୨ ଲକ୍ଷ ଚାରାରୋପଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ପ୍ରାୟ ୪୦ ହଜାର ଉଚ୍ଚ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରୀଛାତ୍ର, ୧ ହଜାର କଲେଜର ୧ ଲକ୍ଷ ଛାତ୍ରୀଛାତ୍ର ଅତି ଉତ୍ସାହର ସହ ରୋପଣରେ ସାମିଲ ହେଉଛନ୍ତି। ଏହି ପ୍ରୟାସକୁ ସଫଳ କରିବା ପାଇଁ ୨ ଲକ୍ଷ ଶିକ୍ଷୟିତ୍ରୀ ଶିକ୍ଷକ, ୧ ଲକ୍ଷ କଲେଜ ସ୍ୱେଚ୍ଛାସେବୀ, ୭୬ ହଜାର ଅଙ୍ଗନୱାଡ଼ି କର୍ମୀ, ୧୭ ହଜାର ୫୦୦ ବନ ସୁରକ୍ଷା ସମିତି, ପରିବେଶ ଉନ୍ନୟନ କମିଟି ସଭ୍ୟାସଭ୍ୟ, ୧୭ ହଜାର ଆଶାକର୍ମୀ, ୧୬ ହଜାର ୫୦୦ ମାଇଁ ଭାରତ ସ୍ୱେଚ୍ଛାସେବୀ ଓ ୧୦ ହଜାର ଇକୋ-କ୍ଲବ ଅଣ୍ଟା ଭିଡ଼ିଛନ୍ତି।

ଚାରାରୋପଣ କରିବା ସହିତ ଏହି ଚାରାଗୁଡ଼ିକର ଯତ୍ନ ନେବା ପାଇଁ ବ୍ୟବସ୍ଥା କରାଯାଇଛି, ଯଦ୍ୱାରା ଏହା କେବଳ ଏକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ହୋଇ ରହିବ ନାହିଁ। ତେଣୁ ରାଜ୍ୟବାସୀ ନିଜ ନିଜ ସ୍ତରରେ ଚାରାରୋପଣ ପରେ ଏହାର ଯତ୍ନ ନେବା ଉଚିତ।

ଏହା ଅନସ୍ୱୀକାର୍ଯ୍ୟ ଯେ, ମା'ଙ୍କ ସମ୍ମାନ ରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ବି ସାଲିସ କରିନାହାନ୍ତି। 'ଅପରେଶନ ସିନ୍ଦୂର' ଏହାର ଜ୍ୱଳନ୍ତ ପ୍ରମାଣ। ଗତ ୨୩ ବର୍ଷ ହେଲା ସକ୍ରିୟ ରାଜନୀତି ମାଧ୍ୟମରେ ମୋଦୀ ଜୀ ଦେଶର ସେବା କରିଆସୁଛନ୍ତି। ତେଣୁ ଓଡ଼ିଶା ସରକାରଙ୍କ ଏହି କାର୍ଯ୍ୟକ୍ରମ ତାଙ୍କ ଜନ୍ମଦିନ ପାଳନ ପାଇଁ ଏକ ସାର୍ଥକ ଓ ପ୍ରକୃଷ୍ଟ ଉଦ୍ୟମ।

ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ସାରା ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ମୋଦୀ ଜୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛି। ପ୍ରଭୁ ଜଗନ୍ନାଥ ତାଙ୍କୁ ଦୀର୍ଘ ଓ ନିରାମୟ ଜୀବନ ପ୍ରଦାନ କରନ୍ତୁ ଏବଂ ମା' ଭାରତୀର ସେବା କରିବା ପାଇଁ ନୂତନ ଶକ୍ତି, ନୂତନ ଉଦ୍ଦୀପନା ପ୍ରଦାନ କରନ୍ତୁ।

# ସ୍ୱଦେଶୀ ଜ୍ଞାନକୌଶଳ



**ବିଭୂତି ଭୂଷଣ ବେହେରା**

ଗାନ୍ଧୀଙ୍କର ସ୍ୱଦେଶୀ ଆନ୍ଦୋଳନ ଡାକରା, ବିଦେଶୀ ଜିନିଷ ହଟାଅ ଦେଶ ବଞ୍ଚାଅ ପରାଧୀନ ଭାରତର ସେତେବେଳେ ଯୁବଗୋଷ୍ଠୀକୁ ଏକ ନୂଆ ଦିଶା ମିଳିଥିଲା। ଆଜି ବି ସରକାରଙ୍କ ଆହ୍ୱାନ ବିଦେଶୀ ଜିନିଷ ହଟାଅ, ବିକଶିତ ଭାରତ ବନାଅ। ୭୯ତମ ସ୍ୱାଧୀନତା ଦିବସରେ ଭାରତର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ- ଭାରତ ଆଜି, ସୋଲାର ଏନର୍ଜୀ ଉତ୍ପାଦନ, ନ୍ୟୁ କ୍ଲିୟର ଏନର୍ଜୀ ପ୍ରଗତି ପାଇଁ ଦ୍ରୁତ ଗତିରେ କାମ କରୁଛି। ସ୍ପେସ୍ ସେକ୍ଟର ବିକାଶ ପାଇଁ ଭାରତର ଯୁବକମାନେ ୩୦୦ ଷ୍ଟାର୍ଟଅପ ନିର୍ମାଣ କରିଛନ୍ତି। ମେକ୍ ଇନ୍ ଇଣ୍ଡିଆ ଦ୍ୱାରା ଫାଇଟର ଜେଟ୍ ଇଞ୍ଜିନର ତିଆରି ଯୋଜନା ଚାଲିଛି। ଆଇଟି କ୍ଷେତ୍ର ହେଉ କି ଇଣ୍ଟେଲିଜେନ୍ସ କ୍ଷେତ୍ରରେ ଭାରତ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ଦେଶର ସୁରକ୍ଷା ବଢ଼ାଇଛି ଏବଂ ଦେଶର ଯୁବପିଢ଼ିଙ୍କୁ ଆତ୍ମନିର୍ଭର ହୁଅନ୍ତୁ ବୋଲି ସମ୍ବୋଧନ କଲେ। ବିଦେଶୀ ଜିନିଷ ପ୍ରତି ଆକୃଷ୍ଟ ହେବା ଅପେକ୍ଷା ଆମ ଦେଶର ଜିନିଷ ପ୍ରତି ଆଗ୍ରହ ସୃଷ୍ଟି କରନ୍ତୁ।

ଲକ୍ଷ୍ନୌ ସହରରେ ପଢ଼ିବା ସମୟର ଏକ କାହାଣୀ। ଦିନକର କଥା, ବଜାରରୁ ପରିବା କିଣିବା ସମୟରେ ମୋ ସାଥିରେ ଥିବା ବନ୍ଧୁଜଣଙ୍କ ପଚାରିଲେ, ଭାଇ ଆପଣ କାହିଁକି ହାଟର ବୁଢ଼ୀଲୋକଙ୍କଠାରୁ ପରିବା କିଣିଲେ। ଆପଣ ଚାହିଁଥିଲେ ହାଟର ଅନ୍ୟମାନଙ୍କଠାରୁ ବା ଫ୍ରେଶ୍ ମାର୍ଟ ବା ଆମାଜନ୍‌ରୁ ପରିବା କିଣିପାରିଥାନ୍ତେ। ଏହାର କାରଣ କ'ଣ? ମୁଁ କହିଲି, ଆପଣ ଦେଖିଥିବେ ବୁଢ଼ୀ ମାଆଟି ସଂଘର୍ଷ କରୁଛି। ଅନୁଭବ କଲି, ପରିବା ବିକିଲେ ତା' ପରିବାରର ଭୋକ ମେଣ୍ଟିବ। ସେଥିପାଇଁ ମୁଁ ଚିନ୍ତା କଲି ଅନ୍ୟମାନଙ୍କଠାରୁ ଜିନିଷ କିଣିବା ଅପେକ୍ଷା ବୁଢ଼ୀ ଲୋକଟାଠାରୁ ପରିବା କ୍ରୟ କରି ଅଧିକ ଦୁଇଟଙ୍କା ନେଲେ ମଧ୍ୟ ଭଲ। ଅନ୍ୟକୁ ହାତପାତି ଭିକ ମାଗିବା ଅପେକ୍ଷା ନିଜେ ସ୍ୱାବଲମ୍ବୀ ହୋଇପାରିଛି। ଏହା ଆମମାନଙ୍କ ପାଇଁ ଚିନ୍ତା, ଚେତନା ଓ ସଚେତନ ହେଉ।

ଭାରତ ଆଜି ସ୍ୱାବଲମ୍ବୀ ରାସ୍ତାରେ ଅବତୀର୍ଣ୍ଣ। ଏ କଥା ଆମେ କହୁନୁ, ଅପରେଶନ ସିନ୍ଦୂର କୁହେ। ମିଶାଇଲେ ମାଡ଼ରେ ଧରାଶାୟୀ ହୋଇଥିଲା ପାକିସ୍ତାନର ଅନେକ ଆତଙ୍କୀ ଆଡ୍ଡା। ଏହି ମିଶାଇଲ ଭାରତ ନିର୍ମିତ ସ୍ୱଦେଶୀ ମିଶାଇଲ। ରୁଷିଆରେ ନିର୍ମିତ ଏସ୍-୪୦୦ କ୍ଷେପଣାସ୍ତ୍ରକୁ ପୁଣି ଭାରତରେ



ନିଜସ୍ୱ ଅତ୍ୟାଧୁନିକ ସ୍ୱଦେଶୀ ଜ୍ଞାନ କୌଶଳରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ଭାରତର ସୁଦର୍ଶନଚକ୍ର ଭାବରେ ଜଣାଶୁଣା। ଭାରତକୁ ବିକଶିତ ରାଷ୍ଟ୍ର ରୂପେ ଦେଖିବାକୁ ହେଲେ ସ୍ୱାବଲମ୍ବୀ ହେବାର ସମୟ ଆସିଛି। ୧୪୦ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ। ପ୍ରେସ ଇନ୍‌ଫର୍ମେଶନ ବ୍ୟୁରୋ (ପିଆଇବି) ରିପୋର୍ଟ ଅନୁଯାୟୀ ଦେଶରେ ଯୁବପିଢ଼ି ୬୬% ରହିଛନ୍ତି। ଏହି ଯୁବପିଢ଼ି ଯଦି ନିଜ ଜ୍ଞାନ ଦ୍ୱାରା ନିଜେ ସ୍ୱାବଲମ୍ବୀ ହୋଇ ସ୍ୱଦେଶୀ ଜିନିଷ ବ୍ୟବହାର ପାଇଁ ଆଗ୍ରହ ସୃଷ୍ଟି କରେ, ତେବେ ଖୁବ୍ କମ୍ ସମୟ ଭିତରେ ଭାରତ ଏକ ବିକଶିତ ଦେଶ ଭାବେ ପରିଣତ ହେବ। ବିଶ୍ୱରେ ଭାରତର ଜିଡିପି ଏବେ ଚତୁର୍ଥ ସ୍ଥାନରେ ରହିଛି। ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଓ ଉତ୍ପାଦନ ଦ୍ୱାରା ଭାରତ ପ୍ରଥମ ହୋଇପାରିବ। ସ୍ୱଦେଶୀ ଦ୍ୱାରା ଯୁବକମାନଙ୍କୁ ରୋଜଗାର ମିଳିବ, ସାଧାରଣ ଗରିବ ଲୋକଟିର ଆର୍ଥିକ ସ୍ଥିତି ସବଳ ହେବ। ଠିକ ସମୟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମିଳିବ ଓ ମୂଲ୍ୟ କମ୍ ରହିବ। ରାଜ୍ୟ ବାହାରକୁ ଯାଉଥିବା ପ୍ରବାସୀ ଶ୍ରମିକମାନଙ୍କର ଚାଲଣା କମିବ। ଗାଁରେ ରହୁଥିବା ପରିବାରର ଅଭାବ ଦୂର ହେବ। ଭାରତକୁ ନାଲିଆଖି ଦେଖାଉଥିବା ଆମେରିକା ପରି ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସ୍ଥିତି ମେରୁଦଣ୍ଡ ଭାଙ୍ଗି ପଡ଼ିବ। ସେଥିପାଇଁ ଏକ ଶକ୍ତିଶାଳୀ ସାମାଜିକ, ସାଂସ୍କୃତିକ ଭାବନା ବିକାଶ ପାଇଁ ଅହରହ ଚେଷ୍ଟା କରାଯିବା ଉଚିତ। ଲୋକମାନଙ୍କ ମଧ୍ୟରେ ଜାଗରଣ ଓ ସ୍ୱାବଲମ୍ବୀ ଭାବନା ସୃଷ୍ଟି କରିବା ଦରକାର। ଦେଶରେ ସ୍ୱଦେଶୀ ଏକ ଜନ ଆନ୍ଦୋଳନରେ ପରିଣତ ହେଉ ଏହା ସରକାରଙ୍କ ଲକ୍ଷ୍ୟ। ଏହି ଲକ୍ଷ୍ୟ କେବଳ 'ଭାରତର ଜୟ'। ଭାରତ ଜୟର ଅର୍ଥ, ଦେଶରେ ବସବାସ କରୁଥିବା ଲୋକମାନଙ୍କ ସଂପୂର୍ଣ୍ଣ ବିକାଶ; ବିଶ୍ୱର ଅନ୍ୟ ଦେଶମାନଙ୍କୁ ମାର୍ଗ ଦର୍ଶନ ଏବଂ ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ର ବାର୍ତ୍ତା। ସ୍ୱଦେଶୀ ଆମମାନଙ୍କ ଜୀବନ ପରିବର୍ତ୍ତନର ବାହକ ହେଉ ଏବଂ ପୂଜାପାର୍ବଣରୁ ଆରମ୍ଭ ହେଉ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର।

**ଗଣମାଧ୍ୟମ ଗବେଷଣା ଛାତ୍ର,**
**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ,**
**କୁନ୍ଦେଲା, ଗୁଜରାଟ**
ମୋ: ୮୦୧୮୨୯୩୧୮୦

## ଏଇ ଭାରତରେ

ମହିଳା ସବୁବେଳେ ସଶକ୍ତ। ସୁଯୋଗ ପାଇଲେ ସେମାନେ ସବୁ କ୍ଷେତ୍ରରେ ଶକ୍ତି ପ୍ରଦର୍ଶନ କରିପାରିବେ, ଯାହା ଦେଖିବାକୁ ମିଳିଛି ସୁନ୍ଦରବନରେ ଥିବା ଟାଇଗର ୱିଡୋଜ୍(ବାଘ ଆକ୍ରମଣରେ ମୃତ୍ୟୁମୁଖରେ ପଡ଼ିଥିବା ପୁରୁଷଙ୍କ ସ୍ତ୍ରୀ)ଙ୍କ କ୍ଷେତ୍ରରେ। ସାଧାରଣତଃ ପୁରୁଷମାନେ ହେନ୍ତାଳବନରୁ ମହୁ ସଂଗ୍ରହ ପାଇଁ ଯାଇ ବାଘ ଆକ୍ରମଣରେ ପ୍ରାଣ ହରାଇବା ଫଳରେ ଘରେ ବିଧବା ସ୍ତ୍ରୀଙ୍କୁ ପରିବାର ବୋଝ ବୋହିବାକୁ ହୋଇଥାଏ। ସେମାନଙ୍କୁ ସରକାର ଯୋଗାଇ ଦେଇଥିବା କିଛି ଟଙ୍କା ଓ ଖାଦ୍ୟସାମଗ୍ରୀରେ ସେମାନେ ବଞ୍ଚିରହିପାରିବେ, କିନ୍ତୁ ସାମଗ୍ରିକ ଭାବେ ସାମାଜିକ ସ୍ତରରେ ସେମାନେ ଅଣଦେଖା ହୋଇ ରହିଯାଉଥିବା ଲକ୍ଷ୍ୟ କରିଥିଲେ ନୀତି ଗୋୟଲ। ଏଭଳି ୫୦୦ ଟାଇଗର ୱିଡୋଜଙ୍କୁ ସ୍ଥାୟୀ ଭାବେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସକାଶେ ମାଛଚାଷ କରିବା ଲାଗି ନୀତି ପ୍ରୋତ୍ସାହିତ କରୁଛନ୍ତି। ଏବେ ସେମାନେ ମାଛଚାଷ କରି ପରିବାର ଚଳାଉଛନ୍ତି। ମହିଳାମାନେ ସୁନ୍ଦରବନ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ହୋଟେଲଗୁଡ଼ିକୁ ମାଛ ଯୋଗାଇ ଭଲ ରୋଜଗାର କରୁଛନ୍ତି। ସମଗ୍ର ସୁନ୍ଦରବନ ଅଞ୍ଚଳରେ ମୋଟ ୩୦୦୦ ଟାଇଗର ୱିଡୋଜ୍ ରହିଛନ୍ତି। ନୀତି ସେମାନଙ୍କୁ ପର୍ଯ୍ୟାୟକ୍ରମେ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

## ଚିରନ୍ତନୀ

କିପାଁ ଏସନ କାତର କରୁଣ ଚାହାଣି
କାହିଁପାଇଁ ଏ ଗଭୀର ଖେଦ ?
ମାତ୍ର ଏକ ନିଶାର ବିଚ୍ଛେଦ !
ସାମାନ୍ୟ ସେ ବ୍ୟବଧାନ ନ ହୁଏ କି ସହି
ଏ ମରତ-ପରବାସେ ରହି ?
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | 8 | | |
| | | | | | | | | |
| | 6 | | 3 | | 7 | 4 | 1 | |
| | | | 4 | | | | | 2 |
| | | | | 5 | 8 | 1 | | |
| | | | | | 3 | 5 | 6 | 8 |
| 7 | | | | | | | | |
| | | 9 | | | 5 | 3 | | |
| | | 2 | 9 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 5 | 8 | 4 | 6 | 3 | 7 | 9 |
| 8 | 7 | 4 | 3 | 1 | 9 | 5 | 6 | 2 |
| 9 | 3 | 6 | 2 | 5 | 7 | 8 | 4 | 1 |
| 7 | 1 | 2 | 4 | 3 | 5 | 6 | 9 | 8 |
| 6 | 8 | 3 | 7 | 9 | 1 | 4 | 2 | 5 |
| 5 | 4 | 9 | 6 | 8 | 2 | 1 | 3 | 7 |
| 3 | 6 | 7 | 1 | 2 | 8 | 9 | 5 | 4 |
| 4 | 9 | 1 | 5 | 7 | 3 | 2 | 8 | 6 |
| 2 | 5 | 8 | 9 | 6 | 4 | 7 | 1 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ

ମହାଶୟ,

ପ୍ରାୟ ଅର୍ଦ୍ଧ ଶତକ ଧରି ସରକାର ଓଡ଼ିଶା ସାହିତ୍ୟ ଏକାଡେମୀ ଦେଶପ୍ରାଣ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଜୟନ୍ତୀ ବୀରପ୍ରତାପପୁରରେ ପାଳନ କରି ଆସୁଛି। ଏବେ ହଠାତ୍ କୃପାସିନ୍ଧୁଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁରକୁ କୃପାସିନ୍ଧୁ ସ୍ମୃତି ବିଜଡ଼ିତ ଐତିହ୍ୟ ଗ୍ରାମ ମାନ୍ୟତା ଦେଇ ସରକାର ବୀରପ୍ରତାପପୁରକୁ ଐତିହ୍ୟ ଗ୍ରାମ ଭାବେ ବିବେଚିତ ହେବାରୁ ବଞ୍ଚିତ କରିଛନ୍ତି। ଆଜିପର୍ଯ୍ୟନ୍ତ ଗ୍ରାମର ପ୍ରବେଶ ସ୍ଥଳରେ କୃପାସିନ୍ଧୁଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅଛି। ମାନ୍ୟତା ପରିବର୍ତ୍ତନ ଦ୍ୱାରା ଗ୍ରାମବାସୀଙ୍କୁ ଅପମାନିତ କରାଯାଇଛି। କୃପାସିନ୍ଧୁଙ୍କ ବାସଗୃହ ଏବେ ମଧ୍ୟ ଅତୀତର ସ୍ମାରକୀ ଭାବେ ଗ୍ରାମରେ ବିଦ୍ୟମାନ। ସରକାରୀ ସ୍ତରରେ ଐତିହ୍ୟ ସ୍ଥଳର ଏଭଳି ଦାୟିତ୍ୱବହୀନ ଠିକଣା ପରିବର୍ତ୍ତନ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ଏହାର ବିରୋଧକରି ଗ୍ରାମବାସୀଙ୍କ ତରଫରୁ ତଥା ଗ୍ରାମର କୃପାସିନ୍ଧୁ ସ୍ମୃତି ସମିତି ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି । ପୁରୀ ଜିଲା ସଂସ୍କୃତି ଅଧିକାରୀଙ୍କୁ ଭେଟି ଏକ ପ୍ରତିନିଧି ଦଳ ତାଙ୍କର ସହଯୋଗ ଲୋଡ଼ିଛନ୍ତି। ପ୍ରଶାସନିକ ଉଦାସୀନତା ଗ୍ରାମବାସୀଙ୍କୁ ଆବେଗିକ ସ୍ତରରେ ଆଘାତ ଦେଇଛି। ଏହାର ସମାଧାନରେ ବିଳମ୍ବ କିମ୍ବା ଅନ୍ୟାୟୋଚିତ ନିର୍ଣ୍ଣୟ ଜନଅସନ୍ତୋଷକୁ ବିସ୍ଫୋରକ ପରିଣତି ଆଡ଼କୁ ନେଇଯିବା ସ୍ୱାଭାବିକ୍।

**-ଡ. ଚିତ୍ତରଞ୍ଜନ ମିଶ୍ର ବୀରପ୍ରତାପପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ

**ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୭୫ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ତାଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୨୦୧୪, ୨୦୧୯ ଏବଂ ୨୦୨୪ ସାଧାରଣ ନିର୍ବାଚନରେ ବିଜୟୀ ହୋଇଛି। ମାତ୍ର ୮ ବର୍ଷ ବୟସରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସହ ଜଡ଼ିତ ହୋଇଥିବା ମୋଦି ଗତ ପ୍ରାୟ ୪ ଦଶନ୍ଧି ଧରି ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ରହିଛନ୍ତି। ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ ଭାବେ ସେ ନିଜକୁ ପ୍ରତିପାଦିତ କରିପାରିଛନ୍ତି। କୌଣସି ଅଣକଂଗ୍ରେସ ଦଳର ନେତା ଭାବେ ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ ଥିବା ମୋଦି ୧୯୮୫ରେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଥିଲେ। ତାଙ୍କ ନେତୃତ୍ୱରେ ଦେଶର ପ୍ରଥମ ଅଣକଂଗ୍ରେସ ଦଳ ଭାବେ ଭାଜପା ୨୦୧୪ ଏବଂ ୨୦୧୯ ଲୋକ ସଭା ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଥିଲା।**

## ଲଗାତର ୧୩ ବର୍ଷର ମୁଖ୍ୟମନ୍ତ୍ରୀ

ନରେନ୍ଦ୍ର ମୋଦି ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଲଗାତର ୧୩ ବର୍ଷ ଧରି ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ନେତୃତ୍ୱରେ ଗୁଜରାଟରେ ଭାଜପା ୨୦୦୨, ୨୦୦୭, ୨୦୧୨ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା। ଏହି ୩ ବିଧାନସଭା ନିର୍ବାଚନରେ ମୋଦିଙ୍କ ନେତୃତ୍ୱରେ ଭାଜପା ଗୁଜରାଟର ୧୮୨ ଆସନରୁ ଯଥାକ୍ରମେ ୧୨୭, ୧୧୭ ଏବଂ ୧୧୫ ଆସନରେ ବିଜୟୀ ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୨୦୦୨ରେ ଗୋଧ୍ରା ନରସଂହାରକୁ ନେଇ ମୋଦି ବିବାଦ ଘେରକୁ ଆସିଥିଲେ। ଏହି ମାମଲାରେ ମୋଦିଙ୍କୁ ଅଭିଯୁକ୍ତ ଦର୍ଶାଇ ଦାଏର ହୋଇଥିବା ପିଟିଶନକୁ ସୁପ୍ରିମକୋର୍ଟ ୨୦୨୨ରେ ଖାରଜ୍ କରିବା ସହ ମୋଦିଙ୍କୁ କ୍ଲିନ୍‌ଚିଟ୍ ପ୍ରଦାନ କରିଥିଲେ। ତେବେ ୨୦୧୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପୂର୍ଣ୍ଣ ବହୁମତ ମିଳିବା ପରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ଥାଇ ହେଲେ ଭାଜପା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ

୨୦୧୨ରେ ମୋଦିଙ୍କ ନେତୃତ୍ୱରେ ତୃତୀୟ ଥର ପାଇଁ ଗୁଜରାଟରେ ଭାଜପାକୁ ସଫଳତା ମିଳିବା ପରେ ୨୦୧୪ ଲୋକ ସଭା ନିର୍ବାଚନ ପାଇଁ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବାକୁ ଭାଜପା ଭିତରେ ଦାବି ଉଠିଥିଲା। ୨୦୧୩ ଜୁନ୍‌ରେ ମୋଦିଙ୍କୁ ଭାଜପାର ସର୍ବୋଚ୍ଚ ନିର୍ଣ୍ଣୟକାରୀ ସଂସ୍ଥା ସଂସଦୀୟ ବୋର୍ଡରେ ସାମିଲ କରାଯାଇଥିଲା। ଏହାସହ ତାଙ୍କୁ ଦଳର ନିର୍ବାଚନ ପ୍ରଚାର କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୧୩ ସେପ୍ଟେମ୍ବର ୧୨ରେ ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ମୋଦିଙ୍କ ନାମକୁ ଦଳର ତତ୍କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାଜନାଥ ସିଂ ଘୋଷଣା କରିଥିଲେ। ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ନ ଦେଇ ୨୦୧୪ ଲୋକ ସଭା ନିର୍ବାଚନ ପାଇଁ ଭାଜପା ପ୍ରଚାରର ମଙ୍ଗ ଧରିଥିଲେ। ୨୦୧୪ ମେ’ ୨୬ରେ ସେ ପ୍ରଥମ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ।

## ଆର୍‌ଏସ୍‌ଏସ୍ ପ୍ରଚାରକରୁ ଗୁଜରାଟ ମୁଖ୍ୟମନ୍ତ୍ରୀ

୧୯୭୫ ଜୁନ୍‌ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଏମର୍ଜେନ୍ସି ଲାଗୁ କରିଥିଲେ। ଏହି ସମୟରେ ଜନସଂଘ ସମେତ ବିରୋଧୀ ଦଳଗୁଡ଼ିକର ବରିଷ୍ଠ ନେତାମାନଙ୍କୁ ଜେଲରେ ଭର୍ତ୍ତି କରାଯାଇଥିଲା। ବରିଷ୍ଠ ନେତାମାନଙ୍କ ଅନୁପସ୍ଥିତିରେ ଗୁଜରାଟର ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ସମନ୍ୱୟ ପାଇଁ ଆରଏସ୍‌ଏସ୍ ପକ୍ଷରୁ ମୋଦିଙ୍କୁ ଗୁଜରାଟ ଲୋକ ସଂଘର୍ଷ ସମିତିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଥିଲା। ଏହି ସମୟରେ ସେ ଏମର୍ଜେନ୍ସିକୁ ନେଇ ‘ସଂଘର୍ଷ ମା ଗୁଜରାଟ’ ନାମକ ଏକ ଗୁଜରାଟୀ ପୁସ୍ତକ ଲେଖିଥିଲେ। ୧୯୭୮ରେ ସେ ଗୁଜରାଟର ଭଦୋଦରା ଏବଂ ସୁରଟ ପାଇଁ ଆର୍‌ଏସ୍‌ଏସ୍‌ର ସମ୍ଭାଗ ପ୍ରଚାରକ (ଆଞ୍ଚଳିକ ସଙ୍ଗଠନ) ଭାବେ ନିଯୁକ୍ତ ହୋଇଥିଲେ। ୧୯୭୯ରେ ସେ ଆର୍‌ଏସ୍‌ଏସ୍ ପାଇଁ କାର୍ଯ୍ୟ କରିବାକୁ ଦିଲ୍ଲୀ ଆସିଥିଲେ। ୧୯୮୫ରେ ମୋଦି ଗୁଜରାଟ ଫେରି ଭାଜପାରେ ସକ୍ରିୟ ହୋଇଥିଲେ। ୧୯୮୭ରେ ଅହମଦାବାଦ ପୌର ନିର୍ବାଚନରେ ଭାଜପାର ବିପୁଳ ବିଜୟରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା। ୧୯୮୭ର ଶେଷଭାଗରେ ସେ ଗୁଜରାଟ ଭାଜପାର ସଙ୍ଗଠନ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ୧୯୯୦ରେ ସେ ଭାଜପା ଜାତୀୟ ନିର୍ବାଚନ କମିଟିର ସଦସ୍ୟ ହୋଇଥିଲେ। ୧୯୯୦ରେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ରାମ ରଥ ଯାତ୍ରା ଏବଂ ୧୯୯୧ରୁ ୧୯୯୨ ମଧ୍ୟରେ ତତ୍କାଳୀନ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ମୁରଲୀ ମନୋହର ଯୋଶୀଙ୍କ ଏକତା ଯାତ୍ରାରେ ମୋଦିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ୧୯୯୫ ଗୁଜରାଟ ବିଧାନସଭା ନିର୍ବାଚନରେ ମୋଦିଙ୍କ ନିର୍ବାଚନୀ ରଣନୀତି ଭାଜପାକୁ ଜିତାଇବାରେ ସହାୟକ ହୋଇଥିଲା। ସେହିବର୍ଷ ନଭେମ୍ବରରେ ସେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିଲେ। ୨୦୦୧ରେ ଗୁଜରାଟର ଭୁଜ୍‌ରେ ପ୍ରଳୟଙ୍କରୀ ଭୂକମ୍ପ ହୋଇଥିଲା। ଏହି ଭୂକମ୍ପ ଯୋଗୁ ରାଜ୍ୟରେ ହୋଇଥିବା ବ୍ୟାପକ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା କେଶୁଭାଇ ପଟେଲ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। କେଶୁଭାଇଙ୍କ ପରେ ଭାଜପା ରାଷ୍ଟ୍ରୀୟ ନେତୃତ୍ୱ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ମୋଦିଙ୍କ ନାମକୁ ଘୋଷଣା କରିଥିଲେ। ୨୦୦୧ ଅକ୍ଟୋବର ୩ରେ ସେ ପ୍ରଥମ ଥର ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

## ବାଲ୍ୟଜୀବନ ଓ ଶିକ୍ଷା:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୫୦ ସେପ୍ଟେମ୍ବର ୧୭ରେ ଗୁଜରାଟର ମେହଶାଣା ଜିଲାର ବଡ଼ନଗରରେ ଜନ୍ମଗ୍ରହଣ କରିଥିଲେ। ଦାମୋଦର ଦାସ ମୋଦି ଏବଂ ହୀରା ବେନ୍‌ଙ୍କର ସେ ତୃତୀୟ ସନ୍ତାନ ଥିଲେ। ମୋଦି ଓ ତାଙ୍କ ପଡ଼ୋଶୀଙ୍କ ସୂଚନା ମୁତାବକ ସେ ପିଲାବେଳେ ବଡ଼ନଗର ରେଳଷ୍ଟେଶନରେ ବାପାଙ୍କ ଚା’ ଦୋକାନରେ କାମ କରିଥିଲେ। ୧୯୬୭ରେ ସେ ବଡ଼ନଗରରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପୂରା କରିଥିଲେ। ମାତ୍ର ୮ ବର୍ଷ ବୟସରେ ସେ ଆର୍‌ଏସ୍‌ଏସ୍ ସହ ଜଡ଼ିତ ହୋଇଥିଲେ। ୧୯୭୧ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଜନସଂଘ ପକ୍ଷରୁ ହୋଇଥିବା ସତ୍ୟାଗ୍ରହରେ ସେ ସାମିଲ ହୋଇଥିଲେ। ୧୯୭୮ରେ ମୋଦି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଓପନ୍ ଲର୍ନିଂରୁ ବ୍ୟାଚଲର ଅଫ୍ ଆର୍ଟସ୍ (ବି.ଏ.) ଡିଗ୍ରୀ ହାସଲ କରିଥିଲେ। ୧୯୮୩ରେ ସେ ଗୁଜରାଟ ୟୁନିଭର୍ସିଟିରୁ ରାଜନୀତି ବିଜ୍ଞାନରେ ମାଷ୍ଟର ଅଫ୍ ଆର୍ଟସ୍ (ଏମ୍.ଏ.) ଡିଗ୍ରୀ ହାସଲ କରିଥିଲେ।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୦ ବଡ଼ ପଦକ୍ଷେପ

**ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରେ ଅନେକ ଜନକଲ୍ୟାଣକାରୀ ପଦକ୍ଷେପ ନେଇଛନ୍ତି। ତାଙ୍କ ନୀତିଗୁଡ଼ିକ ଦେଶବାସୀଙ୍କ ଦୈନନ୍ଦିନ ଜୀବନକୁ ପୁନଃ ଆକାର ଦେଇଛି। ସେ କେବଳ ବ୍ୟବସ୍ଥା ନୁହେଁ, ବରଂ ମାନସିକତାରେ ପରିବର୍ତ୍ତନ ଘଟାଇଛନ୍ତି ।**

**୧. ୟୁପିଆଇ ଓ ଡିଜିଟାଲ ପେମେଣ୍ଟ**
ୟୁପିଆଇ ଦ୍ୱାରା ପଥପାର୍ଶ୍ୱ ବିକ୍ରେତାମାନେ ଏବେ ପ୍ରତ୍ୟେକ ବିକ୍ରୟକୁ ଏକ ଟ୍ୟାପ୍ ସହିତ ଟ୍ରାକ୍ କରନ୍ତି। କାରବାର ଏଭଳି ସ୍ତରରେ ପହଞ୍ଚିଛି ଯେ ଭାରତ ରିଅଲ ଟାଇମ୍ ପେମେଣ୍ଟରେ ବିଶ୍ୱର ନିର୍ବିବାଦୀୟ ନେତା ହୋଇଛି। ଏହା ଏବେ ସୀମାପାର ସ୍ଥାନାନ୍ତରକୁ ଶକ୍ତି ପ୍ରଦାନ କରିବା ସହିତ ପ୍ରବାସୀ ପରିବାରମାନେ ଟଙ୍କା ପଠାଇବା ଖର୍ଚ୍ଚରେ ବହୁତ ସଞ୍ଚୟ କରୁଛନ୍ତି।

**୨. ଜନ ଧନ ଆକାଉଣ୍ଟ**
ଅନେକ ଲକ୍ଷ ଲୋକ ବିଶେଷକରି ମହିଳାମାନେ ପ୍ରଥମ ଥର ପାଇଁ ଆର୍ଥିକ ସ୍ୱାଧୀନତା ଅନୁଭବ କରିଛନ୍ତି। ମଜୁରି ଏବଂ ସବ୍‌ସିଡି ସିଧାସଳଖ ଲୋକଙ୍କ ଆକାଉଣ୍ଟରେ ପହଞ୍ଚିବା ସହିତ ପରିବାରଗୁଡ଼ିକ ଆନୁଷ୍ଠାନିକ ବ୍ୟବସ୍ଥାରେ ସଞ୍ଚୟକୁ ସ୍ଥାନାନ୍ତର କରିବା ଆରମ୍ଭ କରିଛନ୍ତି।

**୩. ଫାସ୍‌ଟାଗ୍ ଏବଂ ପରିବହନ ଦକ୍ଷତା**
ଟୋଲ୍ ଗେଟ୍ ନିକଟରେ ଆଉ କୌଣସି ଧାଡ଼ି ଲମ୍ବୁନାହିଁ। ଇନ୍ଧନ ସଞ୍ଚୟ ହୋଇଛି, ଯାତ୍ରା ଦ୍ରୁତତର ହୋଇଛି ଏବଂ ଯୋଗାଣ ଶୃଙ୍ଖଳ ସୁଗମ ହୋଇପାରିଛି। କମ୍ ଲଜିଷ୍ଟିକ୍ସ ଖର୍ଚ୍ଚ ଭାରତର ବାଣିଜ୍ୟ ପ୍ରତିଯୋଗିତାକୁ ବୃଦ୍ଧି କରିଛି।

**୪. ଶସ୍ତା ଡେଟା ଓ ଇଣ୍ଟରନେଟ୍ ପ୍ରବେଶ**
ସୁଲଭ ଇଣ୍ଟରନେଟ୍ ସୁବିଧା ଦେଶର ଛୋଟ ଛୋଟ ସହର ଓ ଗ୍ରାମଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆଣିଛି। ଚାଷୀମାନେ ସେମାନଙ୍କ ଫୋନ୍‌ରେ ମଣ୍ଡି ମୂଲ୍ୟ ସହଜରେ ଯାଞ୍ଚ କରିପାରୁଛନ୍ତି, ଛାତ୍ରମାନେ ଅନ୍‌ଲାଇନ କ୍ଲାସରେ ଯୋଗ ଦେଉଛନ୍ତି ଏବଂ ଗ୍ରାମୀଣ ଯୁବକମାନେ କୋଡିଂ ପାଠ୍ୟକ୍ରମରେ ପ୍ରବେଶ କରନ୍ତି। ଏହି ଡିଜିଟାଲ ଲହରୀ ସମ୍ପୂର୍ଣ୍ଣ ନୂତନ ଅର୍ଥନୀତି ସୃଷ୍ଟି କରିବା ସହ ଓଟିଟି ପ୍ଲାଟଫର୍ମରୁ କୃତ୍ରିମ ପ୍ରଜ୍ଞା ଷ୍ଟାର୍ଟଅପ୍ ପର୍ଯ୍ୟନ୍ତ ଭାରତର ପ୍ରତିଭାକୁ ପ୍ରଦର୍ଶିତ କରୁଛି।

**୫. ମେଟ୍ରୋ ସମ୍ପ୍ରସାରଣ**
ଦିଲ୍ଲୀରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ମେଟ୍ରୋଗୁଡ଼ିକ ହଜିଯାଇଥିବା ସମୟକୁ ଫେରି ପାଇଛନ୍ତି, ଟ୍ରାଫିକ ପୁନଃପ୍ରାପ୍ତ କରିଛନ୍ତି ଓ ପ୍ରଦୂଷଣ ହ୍ରାସ ପାଇଛି। ମେଟ୍ରୋ କରିଡର ସହିତ ରିଅଲ ଇଷ୍ଟେଟ ସମୃଦ୍ଧ ହୋଇଛି। ସହରାଞ୍ଚଳ ଅଭିବୃଦ୍ଧିକୁ ପୁନଃ ଆକାଂକ୍ଷୀ ଭାବରେ ପୁନଃ–ପରିଭାଷିତ କରାଯାଇଛି।

**୬. ଜନ ଔଷଧି କେନ୍ଦ୍ର**
ପରିବାରଗୁଡ଼ିକ ଆଉ ଚିକିତ୍ସା ବିଲ୍ ପାଇଁ ଜୀବନହାନି ଭଳି ସ୍ଥିତିର ସମ୍ମୁଖୀନ ହେଉନାହାନ୍ତି। ଜନ ଔଷଧି କେନ୍ଦ୍ରରୁ ସୁଲଭ ମୂଲ୍ୟରେ ଔଷଧ କିଣାଯାଇପାରୁଛି। ଜେନେରିକ୍‌ର ଚାହିଦା ଭାରତୀୟ ଫାର୍ମାକୁ ‘ବିଶ୍ୱର ଫାର୍ମାସି’ ଭାବରେ ବିଶ୍ୱ ଧାରକୁ ମଜଭୁତ କରିବା ପାଇଁ ମଧ୍ୟ ପ୍ରେରଣା ଦେଇଛି।

**୭. ଡିଜିଲକର ଏବଂ ଇ-ଗଭର୍ନାନ୍ସ**
ଅସଂଖ୍ୟ ଫଟୋକପି ଏବଂ ଲମ୍ବାଧାଡ଼ି ତୁରନ୍ତ ଡିଜିଟାଲ ଯାଞ୍ଚକୁ ପଥ ପ୍ରଦର୍ଶନ କରିଥିଲା। ଏହାକୁ ବ୍ୟବହାର କରି ଉଦ୍ୟୋଗୀମାନେ ଏବେ ଶୀଘ୍ର ଋଣ ପାଇପାରୁଛନ୍ତି ଏବଂ ଏକ ‘କାଗଜବିହୀନ ସଂସ୍କୃତି’ ସ୍କୁଲ ଓ ଘରୋଇ ଫାର୍ମଗୁଡ଼ିକୁ ଡିଜିଟାଲ–ପ୍ରଥମ ଅଭ୍ୟାସ ଆଡ଼କୁ ଟାଣିନେଉଛି।


**୮. ବାଣିଜ୍ୟରେ କ୍ୟୁଆର୍ କୋଡ୍**
ଚା’ ଦୋକାନଠାରୁ ମଲ୍ ପର୍ଯ୍ୟନ୍ତ କ୍ୟୁ.ଆର. କୋଡ୍ ଛୋଟ ଦୋକାନୀଙ୍କୁ ଆର୍ଥିକ ପଦଚିହ୍ନ ଦେଇଛି। ଏହାଦ୍ୱାରା ଋଣ, ବୀମା ଏବଂ ବ୍ୟବସାୟ ଅଭିବୃଦ୍ଧି ଦ୍ୱାର ଉନ୍ମୁକ୍ତ ହୋଇଛି। ବିନା ବାକ୍ୟବ୍ୟୟରେ, କଠୋର ବ୍ୟବସ୍ଥା ବିନା ଟିକସ ଅନୁପାଳନ ବୃଦ୍ଧି ପାଇଛି। ବିଶ୍ୱସ୍ତରରେ ଭାରତ ସୁଲଭ ଆର୍ଥିକ ଅନ୍ତର୍ଭୁକ୍ତୀ ପାଇଁ ଏକ ମଡେଲ ପାଲଟିଯାଇଛି।

**୯. ଗିଗ୍ ଅର୍ଥନୀତି ଅଭିବୃଦ୍ଧି**
ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରି ଅନେକ ଲକ୍ଷ ଛାତ୍ର, ମହିଳା ଏବଂ ଅର୍ଦ୍ଧ–କୁଶଳୀ ଶ୍ରମିକ ସ୍ୱାଧୀନ ଭାବେ କାର୍ଯ୍ୟ କରି ରୋଜଗାରକ୍ଷମ ହେବା ସହ ଦେଶର ଅର୍ଥନୀତି ବୃଦ୍ଧିରେ ସହାୟକ ହୋଇଛନ୍ତି। ଉଦାହରଣ ସ୍ୱରୂପ, ୧୦–ମିନିଟ ତେଜରାତି ବିତରଣ, ଆପ୍–ଆଧାରିତ କ୍ୟାବ୍ ଏବଂ ଖାଦ୍ୟ ଅର୍ଡରଠାରୁ ଆରମ୍ଭ କରି ବ୍ୟବହାର ଢାଞ୍ଚା, ସହର ଲଜିଷ୍ଟିକ୍ସ ଏବଂ ଏପରିକି ଖାଦ୍ୟ ଅଭ୍ୟାସକୁ ପରିବର୍ତ୍ତନ କରାଯାଇପାରିଛି।

**୧୦. ସାର୍ବଜନୀନ ସେବା ଏବଂ ଆଚରଣଗତ ପରିବର୍ତ୍ତନ**
ମଧ୍ୟସ୍ଥିଙ୍କ ହାତଚିକ୍କଣକୁ ହଟାଇ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଲୋକଙ୍କ ପାଖରେ ପହଞ୍ଚିଛି। ଲାଞ୍ଚ କିମ୍ବା ବିଳମ୍ବ ବିନା ନାଗରିକଙ୍କ ପାଖରେ ଟଙ୍କା ପହଞ୍ଚିବା ନିଶ୍ଚିତ ହୋଇଛି। ସ୍ୱଚ୍ଛ ଭାରତ ମହିଳାମାନଙ୍କୁ ଶୌଚାଳୟ ଏବଂ ସୁରକ୍ଷା ସହିତ ମର୍ଯ୍ୟାଦା ଦେଇଛି।

## ଦେଶର ପ୍ରଧାନ ସେବକ


୨୦୧୪ ମେ’ ୨୬ରେ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରଠୁ ନିଜକୁ ଦେଶର ପ୍ରଧାନ ସେବକ ଭାବେ ସମ୍ବୋଧିତ କରି କାର୍ଯ୍ୟ କରି ଆସୁଛନ୍ତି। ଇତିମଧ୍ୟରେ ସେ ବିଶ୍ୱର ଅନ୍ୟତମ ଅଗ୍ରଣୀ ନେତା ପାଲଟିଛନ୍ତି। ବିଭିନ୍ନ ରାଷ୍ଟ୍ରର ନେତାମାନେ ମୋଦିଙ୍କୁ ଜଣେ ଉତ୍ତମ ବନ୍ଧୁ ଭାବେ ବିବେଚନା କରିଛନ୍ତି। ଏପରି କି ବିଶ୍ୱର ଶୀର୍ଷ ନେତାଙ୍କୁ ନେଇ କରାଯାଇଥିବା ‘ଡେମୋକ୍ରାଟିକ ଲିଡର ଆପ୍ରୁଭାଲ ରେଟିଂ’ରେ ମୋଦି ୭୫% ସମର୍ଥନ ସହ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି।



ବାଲୁକା କଳା ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। **(ଫଟୋ: ଯଜ୍ଞେଶ୍ୱର ମହାନ୍ତି)**



# ସଶକ୍ତ ଏବଂ ଆତ୍ମନିର୍ଭର ଭାରତର ଶିଳ୍ପୀ ମୋଦୀ



ଅମିତ ଶାହ
କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ

ସେପ୍ଟେମ୍ବର ୧୭ ତାରିଖ ଅନେକ କାରଣରୁ ଇତିହାସରେ ଗୁରୁତ୍ୱପୂର୍ଣ୍ଣ। ଏହି ଦିନରେ ସମସ୍ତ କାରିଗର ବନ୍ଧୁ ଏବଂ ଶ୍ରମିକ ବର୍ଗର ଲୋକମାନେ ହର୍ଷୋଲ୍ଲାସର ସହିତ ଭଗବାନ ବିଶ୍ୱକର୍ମାଙ୍କ ଜୟନ୍ତୀ ପାଳନ କରିଥା'ନ୍ତି। ଆଜିର ଦିନରେ ହାଇଦ୍ରାବାଦ ନିଷ୍ଠୁର ନିଜାମ ଏବଂ ରଜାକାରଙ୍କ କବଳରୁ ମୁକ୍ତି ପାଇଥିଲା। ଆଉ ଆଜିର ଦିନରେ ହିଁ ଏପରି ଜଣେ ଜନସେବକ ଜନ୍ମଗ୍ରହଣ କରିଥିଲେ, ଯିଏ ନିଜର ସମ୍ପୂର୍ଣ୍ଣ ଜୀବନକୁ ଦେଶ ଏବଂ ଦେଶବାସୀଙ୍କୁ ସମର୍ପି ଦେଇଛନ୍ତି। ସେ ଆଉ କେହି ନୁହନ୍ତି, ଆମ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ। ଶ୍ରୀ ମୋଦୀଙ୍କର ଏହି ଜନ୍ମଦିନ ସ୍ୱତନ୍ତ୍ର, କାରଣ ଏହା ତାଙ୍କର ୭୫ତମ ଜନ୍ମଦିନ। ମୁଁ ୧୪୦ କୋଟି ଦେଶବାସୀଙ୍କ ପକ୍ଷରୁ ଶ୍ରୀ ମୋଦୀଙ୍କୁ ଜନ୍ମଦିନର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଭାରତର ମଜଭୁତ ଭବିଷ୍ୟତ ଲାଗି ଭଗବାନ ତାଙ୍କୁ ଦୀର୍ଘାୟୁ, ସତେଜ ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଅନେକ ଦଶନ୍ଧି ହେବ କାମ କରି ମୁଁ ଏହା ଅନୁଭବ କରିପାରିଛି ଯେ ତାଙ୍କର ବ୍ୟକ୍ତିତ୍ୱ ଜଣେ ରାଜନେତାଙ୍କଠାରୁ ବହୁ ଊର୍ଦ୍ଧ୍ୱରେ। ସେ ଜଣେ ସମର୍ପିତ ଏବଂ ଧ୍ୟେୟନିଷ୍ଠ ନେତୃତ୍ୱ ପ୍ରଦାନକାରୀ। ସେ ଏପରି ଜଣେ ନେତା, ଯାହାଙ୍କ ନେତୃତ୍ୱର ଆଧାରରେ ରାଷ୍ଟ୍ରର ଉତ୍ଥାନ ଏବଂ ଜନତାଙ୍କ କଲ୍ୟାଣ ଧ୍ୟେୟବାକ୍ୟ ରୂପେ ବିଦ୍ୟମାନ ରହିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱର ବିଶେଷତ୍ୱ ହେଉଛି ସେ ନିଜ ଶାସନରେ ସମାଜର ସବୁ ବର୍ଗଙ୍କ ଭାଗୀଦାରି ସୁନିଶ୍ଚିତ କରିବାର ଦୃଷ୍ଟିକୋଣ ରଖିଥା'ନ୍ତି। ସମାଜର କୌଣସି ଗୋଟିଏ ବର୍ଗ ଏବଂ ବ୍ୟକ୍ତି ଯେପରି ବିକାଶରୁ ବଞ୍ଚିତ ନ ହେବ, ସେହି ଉଦ୍ଦେଶ୍ୟ ସହିତ ସେ ନୀତି ନିର୍ମାଣ କରନ୍ତି ଏବଂ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ଉପରେ ଜୋର୍ ଦେଇଥା'ନ୍ତି। ସେ ଶାସନକୁ କ୍ଷମତାର ସାଧନ ଭାବେ ନୁହେଁ, ବରଂ ସେବାର ମାଧ୍ୟମ ରୂପେ ବିବେଚନା କରିଥା'ନ୍ତି। ଏହି କାରଣରୁ ତାଙ୍କ ସରକାରରେ ଗରିବ-କଲ୍ୟାଣକୁ କେନ୍ଦ୍ରରେ ରଖାଯାଇ ଅନେକ ଯୋଜନା କେବଳ ଆରମ୍ଭ କରାଯାଇନାହିଁ, ବରଂ ସଫଳତାପୂର୍ବକ ସେଗୁଡ଼ିକର ଲକ୍ଷ୍ୟ ମଧ୍ୟ ହାସଲ କରାଯାଇପାରିଛି।

ଆମେ ସମସ୍ତେ ଦେଖିପାରୁଛୁ, ଜନଧନ ଯୋଜନା ପଚାଶ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସାମିଲ କରି ଆର୍ଥିକ ଅନ୍ତର୍ଭୁକ୍ତୀକରଣର ନୂଆ କାହାଣୀ ଲେଖିଛି। ଉଜ୍ଜ୍ୱଳା ଯୋଜନା ଘରେ ଘରେ ଧୂଆଁମୁକ୍ତ ଏବଂ ସମ୍ମାନଜନକ ଜୀବନର ବାର୍ତ୍ତା ପହଞ୍ଚାଇଛି। ଆୟୁଷ୍ମାନ ଭାରତ ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ଦେଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବ ଲୋକଙ୍କର ନିଜସ୍ୱ ଘର ତୋଳିବାର ସ୍ୱପ୍ନ ପୂରଣ କରିଛି। ମୁଁ ଏପରି ଯୋଜନାର କୌଣସି ହିତାଧିକାରୀଙ୍କ ଆଖିରେ ସନ୍ତୋଷ ଏବଂ ଭରସା ଦେଖିଲେ ଶ୍ରୀ ମୋଦୀଙ୍କ ପ୍ରଶାସନ କିଭଳି ଜନକଲ୍ୟାଣ ଉଦ୍ଦେଶ୍ୟକୁ ତୃଣମୂଳସ୍ତରରେ ସାକାର କରୁଛି ତାହା ବୁଝିପାରିଥାଏ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରଚାରକ ରୂପରେ ସେ ଦେଶର ଅନେକ ଭାଗରେ ସମାଜର ପ୍ରତ୍ୟେକ ବର୍ଗଙ୍କ ସହିତ ମତ ବିନିମୟ କରିଥିଲେ। ତାଙ୍କର ତପସ୍ୱୀ ଜୀବନର ଏହା ଏପରି ଏକ ଅଧ୍ୟାୟ ଥିଲା, ଯେଉଁଥିରେ ସେ ଦେଶର ଆତ୍ମାକୁ ଅତି ନିକଟରୁ କେବଳ ଦେଖି ନ ଥିଲେ ବରଂ ଏହାର ଆନ୍ତରିକ ଶକ୍ତି ସହ ନିବିଡ଼ ଭାବେ ପରିଚିତ ହୋଇଥିଲେ। ତାଙ୍କର ଏହି ଅନୁଭବ ତାଙ୍କ ଶାସନର ନୀତି ଏବଂ କାର୍ଯ୍ୟଶୈଳୀରେ ଗରିବ-ବଞ୍ଚିତଙ୍କ ପ୍ରତି ସମବେଦନା ରୂପରେ ପରିଲକ୍ଷିତ ହୋଇଥାଏ। ସଂଘର ପ୍ରଚାରକ ରୂପରେ ଶ୍ରୀ ମୋଦୀ ସଂଗଠନ କଳାର ଗୁଣ ଶିଖିଥିଲେ ଏବଂ ପରେ ବିଜେପି ସଂଗଠନର ଶିଳ୍ପକାର ରୂପରେ ସେ ସାଂଗଠନିକ କାର୍ଯ୍ୟକୁ ଯୁଗୋପଯୋଗୀ କରିବା ଲାଗି ଅନେକ ସଫଳ ନବସୃଜନ ଏବଂ ପ୍ରୟୋଗ କରିଥିଲେ। ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ରୂପରେ ମୋଦୀ ଜୀଙ୍କ ମାର୍ଗଦର୍ଶନ ତଥା ତାଙ୍କର ସାଂଗଠନିକ ଅଭିଜ୍ଞତାକୁ ଜାତୀୟ ସ୍ତରରେ କାର୍ଯ୍ୟକାରୀ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଭାଗ୍ୟଶାଳୀ ମନେକରୁଛି।

କଠିନ ପରିସ୍ଥିତିରେ ନିଷ୍ପତ୍ତି ନେବାର କ୍ଷମତାରୁ ହିଁ ଦୃଢ଼ ନେତୃତ୍ୱର ପରିଚୟ ମିଳିଥାଏ। ଏହି ବ୍ୟାପାରରେ ଶ୍ରୀ ମୋଦୀଙ୍କ ନେତୃତ୍ୱ କ୍ଷମତା ଭିନ୍ନ ଏକ ଲୁହାରେ ନିର୍ମିତ। ପ୍ରାୟତଃ ମୁଁ ଦେଖିଛି ଯେ, ଅତି କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ସେ ଅସାଧାରଣ ଧୈର୍ଯ୍ୟ ଏବଂ ସ୍ପଷ୍ଟ ଦୃଷ୍ଟିକୋଣ ରଖିଥା'ନ୍ତି। ୨୦୧୪ ପରେ ଏପରି ଅନେକ ମୁହୂର୍ତ୍ତ ଆସିଛି, ଯେତେବେଳେ ଦେଶକୁ ବଡ଼ ଏବଂ କଠୋର ନିଷ୍ପତ୍ତି ନେବାକୁ ପଡ଼ିଛି। ଏଭଳି ସମସ୍ତ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତୃତ୍ୱର ସୂତ୍ରକୁ ଅତ୍ୟନ୍ତ ଦୃଢ଼ତା ଏବଂ ଦକ୍ଷତାର ସହିତ ଧରି ରଖିଛନ୍ତି ତଥା ରାଷ୍ଟ୍ର ହିତ ପାଇଁ ଅନୁକୂଳ ନିଷ୍ପତ୍ତି ନେଇଛନ୍ତି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଭଳି ପଦକ୍ଷେପ ଆର୍ଥିକ ସଂସ୍କାରକୁ ଗତିଶୀଳ କରି ଆମ ଅର୍ଥ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଅନୁଚ୍ଛେଦ ୩୭୦ର ଐତିହାସିକ ଉଚ୍ଛେଦ ଶହ ଶହ ବର୍ଷ ଧରି ମନେରଖିବା ଭଳି ଏକ ଘଟଣା। ଏହି ନିଷ୍ପତ୍ତି କେବଳ ରାଜନୈତିକ ସାହସ ଆଧାରିତ ନୁହେଁ, ବରଂ ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତା ପ୍ରତି ଶ୍ରୀ ମୋଦୀଙ୍କର ଅତୁଟ ଆସ୍ଥାକୁ ମଧ୍ୟ ଦର୍ଶାଇଥାଏ। ତିନ୍ ତଲାକ ଭଳି ସାମାଜିକ କୁରୀତି ଉପରେ ରୋକ୍ ଲଗାଇବାର ନିଷ୍ପତ୍ତି ମହିଳାଙ୍କ ସମ୍ମାନ ଏବଂ ଅଧିକାର ସୁରକ୍ଷା ଦିଗରେ ଏକ ସାହସିକ ପଦକ୍ଷେପ ଥିଲା। ଏସବୁ ନିଷ୍ପତ୍ତି ସହଜ ନ ଥିଲା। ଏଥିମଧ୍ୟରୁ ଅନେକ ନିଷ୍ପତ୍ତିର ବିରୋଧ ମଧ୍ୟ କରାଯାଇଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କେବେ ବି ବିଚଳିତ ହୋଇ ନ ଥିଲେ। ତାଙ୍କ ଭିତରେ ଏହି ଦୃଢ଼ ବିଶ୍ୱାସ ଥିଲା ଯେ ଯଦି ରାଷ୍ଟ୍ର ହିତରେ କୌଣସି କାର୍ଯ୍ୟ ଆବଶ୍ୟକ ତା'ହେଲେ ବିରୋଧ ଏବଂ ସମାଲୋଚନାକୁ ଖାତିର ନ କରି ତାକୁ ପ୍ରତ୍ୟେକ ପରିସ୍ଥିତିରେ ମଧ୍ୟ ପୂରଣ କରାଯିବା ଆବଶ୍ୟକ।

ବେଶିଦିନ ତଳର କଥା ନୁହେଁ, ଯେତେବେଳେ କୋଭିଡ୍-୧୯ ମହାମାରୀ ସାରା ଦୁନିଆକୁ ବିଚଳିତ କରି ଦେଇଥିଲା। ସେପରି କଠିନ ସମୟରେ ମଧ୍ୟ ଶ୍ରୀ ମୋଦୀ କେବଳ ଜନସାଧାରଣଙ୍କୁ ଆଶ୍ୱସ୍ତ କରି ନ ଥିଲେ, ବରଂ ଦେଶର ଉଦ୍ୟୋଗ, ବୈଜ୍ଞାନିକ ଏବଂ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳତା ଦିଗରେ ଆଗେଇ ଯିବା ପାଇଁ ଅନୁପ୍ରାଣିତ କରିଥିଲେ। ଏ ମହାମାରୀରେ ଭାରତର ଅବସ୍ଥା କ'ଣ ହେବ! ଏହି ପ୍ରଶ୍ନ ସାରା ବିଶ୍ୱରେ ଉଙ୍କି ମାରୁଥିବା ବେଳେ ଆମ ନେତୃତ୍ୱ ଦକ୍ଷତା କାରଣରୁ ଦେଶରେ ରେକର୍ଡ ସମୟ ମଧ୍ୟରେ ଟିକା ପ୍ରସ୍ତୁତ ହେବା ସହିତ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ନିଃଶୁଳ୍କ ଟିକାକରଣ ଅଭିଯାନ ମାଧ୍ୟମରେ ଆମେ ବିଶ୍ୱ ଆଗରେ କୋଭିଡ୍ ପରିଚାଳନାର ଅନୁକରଣୀୟ ମଡେଲ ଉପସ୍ଥାପନ କଲୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ବାରମ୍ବାର ପ୍ରମାଣ କରିଛି ଯେ ଜାତୀୟ ସୁରକ୍ଷା ଏବଂ ସ୍ୱାଭିମାନ ସହିତ କୌଣସି ସାଲିସ କରାଯିବ ନାହିଁ। ଉରି ଆକ୍ରମଣ ପରେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ ବିଶ୍ୱକୁ ଦେଖାଇ ଦେଇଥିଲା ଯେ ଭାରତ ଆଉ ଆତଙ୍କବାଦର ନୀରବ ଦର୍ଶକ ହୋଇ ରହିବ ନାହିଁ। ପୁଲୱାମା ଘଟଣା ପରେ ବାଲାକୋଟ ଏୟାରଷ୍ଟ୍ରାଇକ ଏହି ସଂକଳ୍ପକୁ ଆହୁରି ଦୃଢ଼ କରିଥିଲା। ନିକଟରେ, ପହଲଗାମ୍ ଆକ୍ରମଣର ଜବାବରେ ୭ ମେ ୨୦୨୫ରେ କରାଯାଇଥିବା 'ଅପରେଶନ ସିନ୍ଦୂର' ନିର୍ଣ୍ଣାୟକ ଭାବରେ ଆଉ ଏକ ସିଦ୍ଧାନ୍ତକୁ ଦୃଢ଼ ଭାବେ ପ୍ରତିଷ୍ଠା କରିଛି, ତାହା ହେଉଛି ଯେତେବେଳେ ଦେଶର ପରିଚୟ ଓ ନାଗରିକଙ୍କ ସୁରକ୍ଷା ଆଘାତ ପାଇବ ସେତେବେଳେ ଭାରତ ପୂର୍ଣ୍ଣ ସାହସ ଓ ଦୃଢ଼ତାର ସହିତ ଜବାବ ଦେବ। ଏହି କାର୍ଯ୍ୟଗୁଡ଼ିକ ଦେଶବାସୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଓ ଗର୍ବର ଭାବନାକୁ କେବଳ ମଜଭୁତ କରିନାହିଁ, ବରଂ ବିଶ୍ୱକୁ ଏହି ବାର୍ତ୍ତା ମଧ୍ୟ ଦେଇଛି ଯେ ନୂତନ ଭାରତ ନିଜ ସ୍ୱାର୍ଥର ସୁରକ୍ଷା ପାଇଁ ପ୍ରତ୍ୟେକ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପ୍ରସ୍ତୁତ।

ବୈଦେଶିକ ନୀତି କ୍ଷେତ୍ରରେ ମଧ୍ୟ ମୋଦୀ ଜୀଙ୍କ କାର୍ଯ୍ୟଶୈଳୀ ଅନନ୍ୟ। ଆଜି ଯେତେବେଳେ ସେ ଏକ ଅନ୍ତର୍ଜାତୀୟ ମଞ୍ଚରେ ଠିଆ ହୋଇ ଆତ୍ମବିଶ୍ୱାସର ସହିତ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରନ୍ତି, ସେତେବେଳେ ଆମ ସମସ୍ତଙ୍କ ମନରେ ଗର୍ବର ଏକ ଲହରି ଖେଳିଯାଏ। ପୂର୍ବରୁ, ଯେଉଁଠାରେ ଭାରତକୁ ପ୍ରାୟତଃ ଏକ ଉଦୀୟମାନ ରାଷ୍ଟ୍ର ଭାବରେ ଦେଖାଯାଉଥିଲା, ଏବେ ମୋଦୀ ଜୀଙ୍କ ନେତୃତ୍ୱରେ ଭାରତ ଏକ ବିଶ୍ୱ ନେତାର ଭୂମିକା ଗ୍ରହଣ କରିବା ଆଡ଼କୁ ଅଗ୍ରସର ହେଉଛି। ପ୍ୟାରିସ ଜଳବାୟୁ ଚୁକ୍ତିନାମା ହେଉ, ଜି-୨୦ ସମ୍ମିଳନୀ ହେଉ କିମ୍ବା ଜାତିସଂଘରେ ଦିଆଯାଇଥିବା ଅଭିଭାଷଣ- ସବୁଠି ତାଙ୍କର ଆତ୍ମବିଶ୍ୱାସ ଭାରତର ବୃଦ୍ଧି ପାଉଥିବା ଶକ୍ତି ଏବଂ ଗର୍ବର ପ୍ରତୀକ ପାଲଟିଛି।

ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଁ ଯେତିକି ଜାଣିଛି, ସେହି ଆଧାରରେ ଏହା କହିପାରେ ଯେ ତାଙ୍କର ବ୍ୟକ୍ତିତ୍ୱ କେବଳ ନୀତି ଏବଂ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନୁହେଁ। ତାଙ୍କ ଭିତରେ ଏକ ସ୍ୱତନ୍ତ୍ର ଚମତ୍କାରୀ ଗୁଣ ରହିଛି, ଯାହା ଜରିଆରେ ସେ ଜନସାଧାରଣଙ୍କ ସହିତ ସିଧାସଳଖ ଯୋଡ଼ି ହୋଇପାରନ୍ତି। ତାଙ୍କ ପାଖରେ ସହଜ ଏବଂ ସରଳ କଥା କହିବାର କୌଶଳ ରହିଛି, ଯାହା କଥାବାର୍ତ୍ତା କରିବା ସମୟରେ ସିଧାସଳଖ ଜନତାଙ୍କ ମନକୁ ଛୁଇଁଥାଏ। ସେ ଯେତେବେଳେ ରେଡିଓରେ 'ମନ୍ କୀ ବାତ୍' କରନ୍ତି, କୋଟି କୋଟି ଲୋକ ଅନୁଭବ କରିଥା'ନ୍ତି ଯେ ପ୍ରଧାନମନ୍ତ୍ରୀ ସେମାନଙ୍କ ସହ ସିଧାସଳଖ କଥା ହେଉଛନ୍ତି। କୌଣସି ଗାଁର କେହି ଚାଷୀ ହେଉ କିମ୍ବା ସହରର କେହି ଛାତ୍ରୀଛାତ୍ର ଅଥବା କୌଣସି ଗୃହିଣୀ, ସମସ୍ତେ ତାଙ୍କ ପ୍ରତି ଆତ୍ମୀୟତା ଅନୁଭବ କରିଥା'ନ୍ତି। ଏହା କିଛି ସାଧାରଣ କଥା ନୁହେଁ।

ଆଜି, ଯେତେବେଳେ ମୁଁ ପଛକୁ ଫେରି ଚାହିଁଥାଏ, ମୁଁ ଦେଖେ ଯେ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଭାରତକୁ କେବଳ ଆର୍ଥିକ ଏବଂ ରାଜନୈତିକ ଭାବରେ ନୁହେଁ, ବରଂ ମାନସିକ ଏବଂ ସାଂସ୍କୃତିକ ଭାବରେ ମଧ୍ୟ ସଶକ୍ତ କରିଛନ୍ତି। ଭାରତର ଆଭ୍ୟନ୍ତରୀଣ ଶକ୍ତି ବିଷୟରେ ଭଲ ଭାବରେ ବୁଝିପାରୁଥିବା ମୋଦୀ ଜୀଙ୍କର ଏକ ସଂକଳ୍ପ ହେଉଛି ୨୦୪୭ରେ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ବେଳକୁ ଆମ ଦେଶ ଏକ 'ଆତ୍ମନିର୍ଭରଶୀଳ ଭାରତ' ଏବଂ ଏକ ମହାନ୍ ଦେଶ ଭାବରେ ପୁନଃପ୍ରତିଷ୍ଠିତ ହେବ। ଏହାକୁ ହାସଲ କରିବା ପାଇଁ ସେ ତାଙ୍କର ଦୂରଦୃଷ୍ଟିପୂର୍ଣ୍ଣ ନୀତି ସହିତ ଦେଶକୁ ଦ୍ରୁତ ଗତିରେ ସେଦିଗରେ ନେଇ ଯାଉଛନ୍ତି। ବିଶ୍ୱରେ କାହାଠାରୁ ଆମେ କମ୍ ନୋହୁଁ, ସେ ପ୍ରତ୍ୟେକ ଭାରତୀୟଙ୍କ ମନରେ ଏହି ବିଶ୍ୱାସ ସୃଷ୍ଟି କରିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ତାଙ୍କ ନେତୃତ୍ୱରେ ଦେଶ ଆତ୍ମସମ୍ମାନ, ସ୍ୱାବଲମ୍ବନ ଏବଂ ଆତ୍ମବିଶ୍ୱାସର ନୂତନ ଶିଖରକୁ ଛୁଇଁଛି, ଯାହା ମୋ ଦୃଷ୍ଟିରେ ଐତିହାସିକ ଏବଂ ଅନନ୍ୟ।

ବାସ୍ତବରେ, ନିଜର ପ୍ରତ୍ୟେକ ମୁହୂର୍ତ୍ତକୁ ରାଷ୍ଟ୍ର ପ୍ରତି ସମର୍ପି ଦେଇଥିବା ଏବଂ ବର୍ତ୍ତମାନଠାରୁ ଭବିଷ୍ୟତ ପର୍ଯ୍ୟନ୍ତ ଦେଖିପାରୁଥିବା ବ୍ୟକ୍ତି ହିଁ ପ୍ରକୃତ ନେତୃତ୍ୱ ଦେଇପାରିଥା'ନ୍ତି। ନରେନ୍ଦ୍ର ମୋଦୀଙ୍କ ଏହି ବ୍ୟକ୍ତିତ୍ୱ ଆଜି ଭାରତର ସବୁଠାରୁ ବଡ଼ ଶକ୍ତି।



# ୭୫ତମ ଜନ୍ମଦିନର ଶୁଭେଚ୍ଛା



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର

ଆଜି ସେପ୍ଟେମ୍ବର ୧୭ ତାରିଖ। ଆମର ପ୍ରିୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ୭୫ତମ ଜନ୍ମଦିନ। ସାଢ଼େ ଚାରିକୋଟି ଓଡ଼ିଆଙ୍କ ତରଫରୁ ମୋଦୀ ଜୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା। ତାଙ୍କର ଦୀର୍ଘ, ସୁସ୍ଥ ଏବଂ ନିରାମୟ ଜୀବନ କାମନା କରିବା ସହ ଆହୁରି ଉତ୍ସାହ, ଆଗ୍ରହ ଓ କଠିନ ପରିଶ୍ରମ ସହ ଜନସେବା କରନ୍ତୁ ଏହା ହିଁ କାମନା। ମୋଦୀ ଜୀ ଯିଏ ନିଜର ଆଦ୍ୟ ଯୌବନର ଅନେକ ବର୍ଷ ଗୁଜରାଟର ଅହମଦାବାଦସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିତାଇଛନ୍ତି। ସିଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅନନ୍ୟ ଭକ୍ତ। ତାଙ୍କର ୭୫ତମ ଜନ୍ମଦିନରେ ସନାତନ ବିଶ୍ୱାସରେ କଳିଯୁଗର ଜୀବନ୍ତ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କ ଉପରେ ଆଶୀର୍ବାଦର ବର୍ଷା କରନ୍ତୁ। ଆଜି ମହାପ୍ରଭୁଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛି।

ଆମ ମୋଦୀ ଜୀ ଆଜି ସାରା ବିଶ୍ୱର ସବୁଠୁ ଅଧିକ ଜନପ୍ରିୟ ନେତା। ଭାରତର ଗରିବ, ଅତି ଗରିବ, ମେହନତି ମଣିଷର ପରିବାର ସଦସ୍ୟ କହିଲେ ଭୁଲ୍ ହେବ ନାହିଁ। ସବୁ ଭେଦଭାବ, ଉଚ୍ଚନୀଚ, ବାଦ ବିବାଦକୁ ପଛକୁ ଠେଲି ରାଜନୀତିରେ ସନ୍ଥ ଭାବରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ମୋଦୀ ଜୀ। ତାଙ୍କର ଚାରି ଜାତି ମହିଳା-କୃଷକ-ଯୁବକ ଓ ଗରିବ ଭାରତୀୟ ରାଜନୀତିରେ ମୋଡ଼ ବଦଳାଇ ଦେଇଛି। ଆମକୁ ୨୦୦ ବର୍ଷ ଶାସନ କରିଥିବା ବ୍ରିଟିଶକୁ ପଛକୁ ଠେଲି ଆମ ଦେଶକୁ ଚତୁର୍ଥ ଶ୍ରେଷ୍ଠ ଅର୍ଥନୀତିରେ ପରିଣତ କରିବା ପଛରେ ରହିଛି ଦେଶର ବିକାଶ ପାଇଁ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସର ବଡ଼ ରାଜନୈତିକ ସିଦ୍ଧାନ୍ତ। ଆମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନେ ଗାନ୍ଧୀ, ଗୋପବନ୍ଧୁ, ବିନୋବା ଏବଂ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ପରି ସାମାଜିକ କାର୍ଯ୍ୟକର୍ତ୍ତା ଓ ଚିନ୍ତାନାୟକମାନଙ୍କର ଅନୁଗାମୀ। ଭାରତୀୟ ବିଚାର ପରମ୍ପରାର ଆମ ଦେଶର ଚିନ୍ତାନାୟକ ଡା. ହେଡ୍‌ଗେୱାର ହୁଅନ୍ତୁ, ଗୁରୁ ଗୋଲୱାଲକର ବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏମାନଙ୍କ ଜୀବନରେ ପ୍ରତିଫଳିତ ହୁଏ। ଏକାତ୍ମ ମାନବବାଦର ସ୍ରଷ୍ଟା ତଥା ଜନସଂଘର ପ୍ରତିଷ୍ଠାତା ସଦସ୍ୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିକାଶ ମୂଳମନ୍ତ୍ର ଅନ୍ତ୍ୟୋଦୟ। ଅର୍ଥାତ୍ ବିକାଶ ଶିଡ଼ିର ଶେଷ ପାହାଚରେ ଥିବା ମଣିଷ ଶାସନ-ପ୍ରଶାସନର ପ୍ରାଥମିକତାର କେନ୍ଦ୍ରବିନ୍ଦୁକୁ ଆଣିବା ହିଁ ବିକାଶର ସହିଦିଶା ଏବଂ ସ୍ୱଷ୍ଟନୀତି। ବ୍ୟକ୍ତିଗତ ଭାବରେ ତିନି ଦଶନ୍ଧି ଧରି ବିଜେପି ଓ ସଂଘ ବିଚାର ପରିବାରର କାର୍ଯ୍ୟକର୍ତ୍ତା ଭାବରେ ମୁଁ ସକ୍ରିୟ ରହିଛି। ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରର ମୂଳ ସ୍ରୋତ ଅନ୍ତ୍ୟୋଦୟକୁ ସାକ୍ଷାତ ଦର୍ଶନ କଲାପରି ଅନୁଭବ କରିଛି। ପଣ୍ଡିତ ଦୀନଦୟାଲଙ୍କ ଅନ୍ତ୍ୟୋଦୟ ବିଚାରକୁ ଆଜି ଦିନରେ ମୋଦୀ ଜୀ ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଭାବରେ ସର୍ବଜନବିଦିତ କରିପାରିଛନ୍ତି।

ରାଜନେତା ଭାବରେ ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ମୋଦୀ ଜୀଙ୍କ ଚାଲ୍-ଚରିତ୍ର -ଚେହେରା ଉଚ୍ଚକୋଟୀର ମୂଲ୍ୟାଙ୍କନ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ମୋର ବିଚାର ମୋଦୀ ଜୀଙ୍କୁ ଜଣେ ରାଜନେତାର କ୍ଷୁଦ୍ର ପରିଧିରେ ଇତିହାସ ସୀମିତ କରିପାରିବ ନାହିଁ। ବିଶ୍ୱ ଦରବାରରେ ମୋଦୀ ଜୀ ଜଣେ ଦୂରଦୃଷ୍ଟିସମ୍ପନ୍ନ ସାମାଜିକ ନେତୃତ୍ୱ ଓ ଦାର୍ଶନିକ ଭାବରେ ଶତାବ୍ଦୀ ଶତାବ୍ଦୀ ଧରି ବିଶ୍ୱକୁ ପ୍ରଭାବିତ କରିବେ, ଏହା ମୋର ଦୃଢ଼ ବିଶ୍ୱାସ।

ମୋର ସ୍ପଷ୍ଟ ମନେଅଛି, ୨୦୧୯ ନିର୍ବାଚନର ମତଦାନ ସରିଥାଏ। ନିର୍ବାଚନ ଲଢ଼ି ଆମେ କ୍ଲାନ୍ତ ଥାଉ। ମନରେ ଗୋଟିଏ ପ୍ରାଥମିକତା ମତଗଣନାକୁ ଅପେକ୍ଷା। ଏହି ସମୟରେ ପୁରୀ, ଖୋର୍ଦ୍ଧା ତଥା ଆଖପାଖ ଜିଲାରେ ଫନୀ ନାଁରେ ବଡ଼ ବାତ୍ୟା ଆସୁଛି ବୋଲି ପାଣିପାଗ ବିଭାଗ ସତର୍କ କରାଇଲା। ସେ ସମୟର ମୋର ପୁରୁଣା ଡାଇରିକୁ ଖୋଲି ସେ ସମୟର ଅନୁଭବକୁ ପଢ଼ିବା ବେଳେ ଆଜି ବି ଲୋମ ଟାଙ୍କୁରି ଉଠେ। ସେତେବେଳକୁ ମୁଁ ଦୁଇ ଦୁଇ ଥର ବିଧାୟକ ହୋଇସାରିଥାଏ। ମେଣ୍ଟ ସରକାର ସମୟରେ ସରକାରୀ ଦଳର ଉପମୁଖ୍ୟ ସଚେତକର ଦାୟିତ୍ୱ ବି ତୁଲାଇ ସାରିଥାଏ। ସରପଞ୍ଚରୁ-ବିଧାୟକ ପର୍ଯ୍ୟନ୍ତ ଯାତ୍ରାରେ ତ ୨୪ ଘଣ୍ଟାରୁ ଦିନରେ ଅଧିକ ସମୟ ମିଳିଲେ ଲୋକଙ୍କ ସ୍ୱାର୍ଥରେ ଲଗାଇବାର ଝୁଙ୍କ ବି ଥାଏ। ଯେତେବେଳେ ଫନୀ ଆସିବା ନେଇ ପୂର୍ବାନୁମାନ କରାଗଲା ମୁଁ ମନେ ମନେ ଭାବିଥିଲି ନିର୍ବାଚନ ସରିଛି। ଭୋଟ ଗଣତିକୁ ଅପେକ୍ଷା କରିବା ଗୋଟିଏ କାମ। ଫନୀର ପରିଚାଳନା ଦାୟିତ୍ୱ ବୋଧେ ମୋଦୀ ଜୀ ପ୍ରଶାସନ ଉପରେ ଛାଡ଼ିଦେଇ ବିଶ୍ରାମ ନେବେ। ହେଲେ ମୁଁ ବ୍ୟକ୍ତିଗତ ଭାବରେ ଫନୀର ଗତି ଓ ପ୍ରବୃତ୍ତି ଉପରେ ନଜର ରଖିଥାଏ। ବାତ୍ୟା ଆସିବା ପୂର୍ବରୁ ମୋଦୀ ଜୀ ପ୍ରଥମେ ଆମ ରାଜ୍ୟ ପାଇଁ ଆର୍ଥିକ ସହାୟତା ଘୋଷଣା କଲେ। ଫନୀ ଆସିଲା। ଖୋଦ୍ ମୋଦୀ ଜୀ ଓଡ଼ିଶା ଆସି ପୁରୀ-ଖୋର୍ଦ୍ଧା ଇତ୍ୟାଦି ଜିଲାକୁ ଆକାଶମାର୍ଗରୁ ଦେଖିଲେ। ମୋର ମନେଅଛି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ମିଳିତ ସମୀକ୍ଷା ବୈଠକ ବିମାନବନ୍ଦରରେ କରିଥିଲେ। ଟିକିନିଖି ଲୋକଙ୍କ ସୁଖ-ଦୁଃଖ-ରିଲିଫ-ଥଇଥାନ, ପୁନର୍ବାସ ତଥା କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲେ। ମୋର ମନେଅଛି ସେହି ସମୀକ୍ଷା ବୈଠକରେ ହଜାରେ କୋଟିର ସହାୟତା ଘୋଷଣା କଲେ। ମୋଦୀ ଜୀଙ୍କର ଓଡ଼ିଶାକୁ ଭଲପାଇବା, ଓଡ଼ିଆ ଲୋକଙ୍କ ପ୍ରତି ଦରଦ ଏ କଥା ଭିନ୍ନ ପ୍ରସଙ୍ଗ, ମାତ୍ର ଜଣେ ରାଜନେତା ନିର୍ବାଚନ ବା ଭୋଟ ପାଇଁ ନୁହେଁ, ଲୋକ କଲ୍ୟାଣ ପାଇଁ ଜିଇବା ଦରକାର, ସେତେବେଳେ ମୋଦୀ ଜୀ ହିଁ ଏହି ବାର୍ତ୍ତା ଦେଇଥିଲେ। ନିର୍ବାଚନର ବିଜୟ ପରାଜୟର ଚକ୍ରବ୍ୟୂହ ବାହାରେ ଲୋକ ସମସ୍ୟାର ସମାଧାନ ପାଇଁ ଅଖଣ୍ଡ ନିଷ୍ଠା ଜଣେ ରାଜନେତାକୁ ରାଷ୍ଟ୍ର ନେତାର ସିଂହାସନରେ ଅଭିଷିକ୍ତ କରେ। ଆଜି ଯେତେବେଳେ ସେଇ ପୁରୁଣା ଦିନର ସ୍ମୃତିକୁ ମନେପକାଉଛି ସେତେବେଳେ ମୁଁ ଭାବପ୍ରବଣ ହୋଇପଡ଼ୁଛି। ୨୦୧୯ ମେ ମାସର ଓଡ଼ିଶାର ଦୁର୍ଦ୍ଦଶା ଓ ସେଥିରେ ପ୍ରଧାନମନ୍ତ୍ରୀ ମୋଦୀ ଜୀ ଭୋଟ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ନିର୍ବାଚନ ପ୍ରଚାରରେ ଶରୀରର କଷ୍ଟକୁ ତଥା ଭୋଟ ରାଜନୀତିର ପ୍ରଭାବ ନ ଥିବା ସତ୍ତ୍ୱେ ଜନସେବା ପାଇଁ ସେ ବାହାରି ଆସିଥିଲେ। ମୁଁ ଜାଣିନି ଆଉ କିଏ ପ୍ରଧାନମନ୍ତ୍ରୀ ଥିଲେ କ'ଣ କରିଥାନ୍ତେ? ସେତେବେଳେ ବି ଓଡ଼ିଶାରେ ଆଞ୍ଚଳିକ ଦଳ ଶାସନ କରୁଥିଲା। ମନ୍ତ୍ରୀ, ବିଧାୟକ ଓ ସରକାରୀ ଦଳର ନେତାମାନେ ଲୋକଙ୍କ ସହିତ ରହିବା ପରିବର୍ତ୍ତେ ପରିବାର ଓ ବିଶ୍ରାମରେ ସୀମିତ ରହି ଭୋଟ ଗଣତିକୁ ମୁଣ୍ଡ ଉପରେ ବସାଇଥିଲେ। ଆମ ଦଳ ବିଜେପି ତରଫରୁ ଆମର କେନ୍ଦ୍ରୀୟ ନେତୃତ୍ୱ ଓ କାର୍ଯ୍ୟକର୍ତ୍ତାମାନେ ବାତ୍ୟା କ୍ଷତିଗ୍ରସ୍ତଙ୍କ ସେବା କାମରେ ଲାଗି ରହିବା ପାଇଁ ବାରମ୍ବାର ପରାମର୍ଶ ଦେଇଥିଲେ।

ଫନୀ ସମୟରେ ମୋଦୀ ଜୀଙ୍କ ଏହି ପ୍ରଚେଷ୍ଟା ଓ ଉଦ୍ୟମ ମୋ ଭଳି ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ପ୍ରେରଣା। ୨୦୧୯ରେ ବିଧାୟକ ଭାବରେ ନିର୍ବାଚିତ ହେଲି। ଦଳ ମୋତେ ଚିଫ୍ ହ୍ୱିପ୍‌ର ଦାୟିତ୍ୱ ଦେଲା। ବିଧାନସଭାର ପବ୍ଲିକ ଆକାଉଣ୍ଟସ କମିଟି ଚେୟାରମ୍ୟାନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଲି। ମାତ୍ର ଭୋଟ ସ୍ୱାର୍ଥ ଊର୍ଦ୍ଧ୍ୱରେ ଯେ ଜନସେବା ପ୍ରାଥମିକତା ଏକଥା ନା ମନରୁ ଯାଇଛି ନା ଭବିଷ୍ୟତରେ ଯାଇପାରିବ। ମୋଦୀ ଜୀ ଗୁଜରାଟ ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ସରକାରର ମୁଖ୍ୟ ଭାବରେ ପାଖାପାଖି ୨୪ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଏହା ମଧ୍ୟରେ ବିତାଇ ସାରିଛନ୍ତି। ମୋ ଭଳି ଆଦିବାସୀ ଗରିବ ପରିବାରରୁ ଆସି ପଡ଼ି ଉଠି ଠିଆ ହୋଇଥିବା ରାଜନୈତିକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ପାଇଁ ମୋଦୀ ଜୀ ଆଦର୍ଶ। ମୋ ଭଳି ରାଜନୀତି କ୍ଷେତ୍ରରେ କିଏ କେଉଁ ଦଳ ବା ବିଚାରରେ ଥାଆନ୍ତୁ ନା କାହିଁକି ମୋଦୀ ସେମାନଙ୍କ ପାଇଁ ଆଦର୍ଶ ସ୍ଥାନର ବ୍ୟକ୍ତି, କିଏ କହୁ ବା ନ କହୁ ଏହା ହିଁ ସତ୍ୟ। ମୋର ରାଜନୈତିକ ଦର୍ଶନର ପ୍ରେରଣାର ଉତ୍ସ ଭାବରେ ପୁଣି ଥରେ ନତମସ୍ତକ ହୋଇ ମୋଦୀ ଜୀଙ୍କୁ ପ୍ରଣାମ କରୁଛି।

ମୋଦୀ ଜୀ ପ୍ରଧାନମନ୍ତ୍ରୀ ହେବାର ପ୍ରଥମ ବର୍ଷରେ ପୂର୍ବୋଦୟ ପରିକଳ୍ପନାର ସୂତ୍ରଧର ହୋଇଥିଲେ। ଆର୍ଥିକ ଦୃଷ୍ଟିରୁ ଆଗରେ ଥିବା ଦେଶର ପଶ୍ଚିମ ଓ ଦକ୍ଷିଣ ଭାଗ ସହ ପୂର୍ବ ଭାରତକୁ ସମକକ୍ଷ କରାଇବାର ଇଚ୍ଛାଶକ୍ତିକୁ ଯୋଜନାରେ ରୂପାନ୍ତରିତ କରିଥିଲେ। ସମୟ ଥିଲା ଓଡ଼ିଶାର ପୂରା ବଜେଟ ସାଇଜ୍ ଯାହାଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ ତାଠୁ ଅଧିକ। ଓଡ଼ିଶାରେ ଅମାପ ଖଣିଜ ସମ୍ପଦ, ସୁଦୀର୍ଘ ବେଳାଭୂମି, ଆଦିବାସୀ ଜନତା, ପରିଶ୍ରମୀ ଓ ବୁଦ୍ଧିମାନ ମାନବ ସମ୍ବଳ ସତ୍ତ୍ୱେ ଓଡ଼ିଶା କାହିଁକି ଗରିବ ସମସ୍ତେ ପ୍ରଶ୍ନ ଉଠାଉଥିଲେ। ମୋର ମନେଅଛି ବିଜୁବାବୁ ୧୯୯୦-୯୫ରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ରାଜ୍ୟମାନଙ୍କୁ ଆର୍ଥିକ ସ୍ୱାୟତ୍ତତା ବା ଫିସ୍କାଲ ଅଟୋନୋମି ପ୍ରଶ୍ନ ଉଠାଉଥିଲେ। ବର୍ଷ ପରେ ବର୍ଷ ବିତିଲା। ସରକାର ପରେ ସରକାର ଆସିଲା ଓ ଗଲା। ପ୍ରାରମ୍ଭ ଭିତରେ ଓଡ଼ିଶା କାହିଁକି ଗରିବ ପ୍ରଶ୍ନକରି ସମସ୍ତେ ଦାୟିତ୍ୱ ଶେଷ କରୁଥିଲେ।୨୦୧୪ରେ ମୋଦୀ ପ୍ରଧାନମନ୍ତ୍ରୀ ହେଲେ। ଖଣି ନିଲାମି ବ୍ୟବସ୍ଥା କଲେ। ଖୋଲା ବିଡ଼ି ବ୍ୟବସ୍ଥା ହେଲା। ଡିଏମ୍ ଫଣ୍ଡ ଖଣି ପ୍ରଭାବିତ ଜିଲାମାନଙ୍କ ହାତରେ ପ୍ରଚୁର ଅର୍ଥ ଦେଲେ। ଫଳ ସ୍ୱରୂପ ମୋଦୀଙ୍କ ନୀତି କାରଣରୁ ଆମର ବଜେଟ ଆକାର ବହୁତ ବଡ଼ ହେଲା।

ଓଡ଼ିଶା ପରି ଆମର ପଡ଼ୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ମଧ୍ୟ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଏହାର ଲାଭ ପାଇଲେ। ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ଖଣି ଅଛି ସତ, ମାତ୍ର ମହାପ୍ରଭୁ ଜଗନ୍ନାଥ ଆମକୁ ସୁଦୀର୍ଘ ସମୁଦ୍ର ତଟ ଦେଇଛନ୍ତି; ଯାହା ଆମର ଦୁଇ ପଡ଼ୋଶୀ ରାଜ୍ୟ ପାଖରେ ନାହିଁ। ଓଡ଼ିଶାକୁ ପ୍ରଗତିର ଶୀର୍ଷକୁ ନେବା ପାଇଁ ଓଡ଼ିଶାକୁ ପୁଞ୍ଜି ନିବେଶର ସୁଅ ଆସିବାର ରାସ୍ତା ମୋଦୀ ଜୀ ଖୋଲି ଦେଇଛନ୍ତି। କେବଳ ଉତ୍କର୍ଷ ଓଡ଼ିଶାରେ ମୋଦୀ ଜୀଙ୍କ ଉପସ୍ଥିତିରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିଲା। ଗତ ୧୫ମାସମଧ୍ୟରେ ୨୬୦ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ଏହାଦ୍ୱାରା ୫.୬ଲକ୍ଷ କୋଟିର ନିବେଶ ଏବଂ ୩.୬ଲକ୍ଷର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ୮୪ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଗତବର୍ଷ ଆଜି ଦିନରେ ମୋଦୀ ଜୀ ତାଙ୍କ ଜନ୍ମଦିନରେ ଓଡ଼ିଶା ଆସି ଆମର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଆମେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ୧୫ ହଜାର ଲେଖାଏଁ ସେମାନଙ୍କ ବ୍ୟାଙ୍କ ଖାତାରେ ଦେଇ ସାରିଛୁ। ମୋଟ ୫୦ ହଜାର ଟଙ୍କା ଆଗାମୀ ବର୍ଷମାନଙ୍କରେ ଦେବାର ବ୍ୟୟବରାଦ କରିଛୁ। ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦେବାକୁ ପୂର୍ବ ବ୍ୟବସ୍ଥା ସାହସ ଜୁଟାଇ ପାରୁ ନ ଥିଲା। ଆମେ କୁଇଣ୍ଟାଲ ପିଛା ୮୦୦ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେଇପାରିଛୁ କାରଣ ମୋଦୀ ଜୀଙ୍କ ଗରିବ କଲ୍ୟାଣ ଆମ ଶାସନର ମୂଳ ଆଧାର। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମୀଣ ରାସ୍ତା ଓ ଭିତ୍ତିଭୂମି ଆମର ପ୍ରାଥମିକତା। ରେଳ ଓ ସଡ଼କ ଯୋଗାଯୋଗ ମୋଦୀ ଜୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାରରେ ଦ୍ରୁତଗତିରେ ଆଗେଇ ଚାଲିଛି।

ଗରିବ କ'ଣ, ସଂଘର୍ଷ କ'ଣ, ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି କିପରି ଆଗକୁ ବଢ଼ିବାକୁ ହୁଏ ମୋଦୀ ଜୀ ତା'ର ପ୍ରତୀକ। ମା'ଙ୍କ ପାଇଁ ଶୌଚାଳୟ ହେଲା, ଜନଧନ ବ୍ୟାଙ୍କ ଖାତା, ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ ପାଣି ଓ ଉଜ୍ଜ୍ୱଳା ଗ୍ୟାସ ତଥା ନିଜ ଅଞ୍ଚଳରେ ଯୁବପିଢ଼ିଙ୍କ ପାଇଁ ରୋଜଗାର ସୁଯୋଗର ବ୍ୟବସ୍ଥା କେବଳ ସଂଘର୍ଷ ପୃଷ୍ଠଭୂମିରୁ ଆସିଥିବା ମୋଦୀ ଜୀ ହିଁ ଚିନ୍ତା କରିପାରନ୍ତି। କେନ୍ଦୁଝର ଜିଲାର ରାଇକଳା ଗାଁରୁ ମୁଁ ପିଅନର ପୁଅ। ମା'ର ଗାଈ ଗୁହାଳର କାମ। ଶିକ୍ଷକରୁ ସରପଞ୍ଚ। ପଡ଼ି ଉଠି ସଂଘର୍ଷ କରି ଏଠି ପହଞ୍ଚିଛି। ମୋଦୀ ଜୀଙ୍କ ଜୀବନରୁ ଶିଖିଛି ଆଗକୁ ବହୁତ ଶିଖିବାର ଅଛି। ପୁଣି ଥରେ ଓଡ଼ିଶାବାସୀଙ୍କ ତରଫରୁ ମୋଦୀ ଜୀଙ୍କୁ ୭୫ତମ ଜନ୍ମଦିନର ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି। ଚଳିତ ମାସ ୨୭ ତାରିଖରେ ମୋଦୀ ଜୀ ପୁଣି ଆମ ରାଜ୍ୟକୁ ଆସିବେ। ଗଞ୍ଜାମରେ ଅନେକ ଯୋଜନାର ଲୋକାର୍ପଣ ଓ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ନୂଆ ସରକାର ଗଠନ ହେବା ଦିନଠୁ ଚଳିତ ମାସ ୨୭ତାରିଖରେ ସେ ସପ୍ତମ ଥର ପାଇଁ ଓଡ଼ିଶା ଆସିବେ। ଆମେ ଏହି ମହାନ୍ ଜନନାୟକଙ୍କୁ ୨୭ତାରିଖରେ ସ୍ୱାଗତ ପାଇଁ ଓଡ଼ିଶାବାସୀ ପ୍ରସ୍ତୁତ। ଆଜି ୧୭ତାରିଖରେ ସାରା ରାଜ୍ୟରେ ମୋଦୀ ଜୀଙ୍କ ୭୫ତମ ଜନ୍ମ ଦିନରେ ୭୫ ଲକ୍ଷ ଚାରାରୋପଣ କାର୍ଯ୍ୟ ଚାଲିଛି। ଆପଣ ବି ଏହି ଅଭିଯାନ ''ମା'ପାଇଁ ଗଛଟିଏ''ରେ ସାମିଲ ହୁଅନ୍ତୁ। ଚାରାରୋପଣ କରନ୍ତୁ। ବୃକ୍ଷକୁ ଲାଳନ ପାଳନ କରି ସୁରକ୍ଷିତ ରଖି ନିଜ ମା'ଙ୍କୁ ସମ୍ମାନ ସହ ଧରିତ୍ରୀ ମାତାର ସେବା କରନ୍ତୁ।

– ଜୟ ଜଗନ୍ନାଥ –

# ମା' ପାଇଁ ଗଛଟିଏ: ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଗଛ ଆମ ପାଇଁ ଦେବତା। ଗଛ କେବଳ ଫୁଲ, ଫଳ, ପତ୍ର, କାଠ ବା ଔଷଧ ଦିଏନି, ଉତ୍ତମ ପରିବେଶ ଗଢ଼ିଦିଏ। ସବୁଜିମାର ଛାୟା ଓ ଶୀତଳତା ଭରିଦିଏ। ଗଛର କି' ଗୁଣ ଗାଇବା। ଛୋଟ ଶିଶୁଟିଏ ପାଇଁ ଖାଦ୍ୟର ପସରା ମେଲିଦିଏ ତ ମୃତ୍ୟୁଉନ୍ମୁଖୀ ବୃଦ୍ଧ ପାଇଁ ଜୁଇକାଠ ବି ଯୋଗାଇ ଦିଏ। ଜନ୍ମରୁ ମରଣ, ଜୀବନରୁ ଜୀବିକା, ଆମୋଦ ପ୍ରମୋଦରୁ ଆବଶ୍ୟକତା ଯାଏ ସବୁଠି ଦରକାର ଗଛଟିଏ। ରାସ୍ତାଘାଟ, ଘରଦ୍ୱାର, ପୋଲବାଡ, ରେଳଧାରଣା ସବୁଥିରେ ଗଛ ଲୋଡ଼ା ପଡ଼େ। ଗଛ ବିନା ଜୀବନର ମାନେ କିଛି ନାହିଁ, ଗଛ ନାହିଁ ତ କିଛି ନାହିଁ। ଗଛ ବିନା ପାଣି ନାହିଁ, ପବନ ନାହିଁ, ଖାଦ୍ୟ ନାହିଁ, ବସ୍ତ୍ର ନାହିଁ, ରାସ୍ତାଘାଟ, ପୋଲ ବନ୍ଧବାଡ଼ କିଛି ନାହିଁ।

ଆମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଛ ଭିତରେ ଏହି ଦେବତ୍ୱକୁ ବୁଝିଥିଲେ ତାଙ୍କ ଆଦ୍ୟ ଜୀବନରୁ। ଯୁବ ବୟସରୁ ରାଜନୈତିକ ଜୀବନ ପର୍ଯ୍ୟନ୍ତ ସେ ଅନୁଭବ କରିଛନ୍ତି ଦୁନିଆର ଯଦି ଜଣେ ନିରପେକ୍ଷ ଦରଦୀବନ୍ଧୁ କିଏ ଅଛି ସେ ହେଉଛି ଗଛ। 'ନ ଭାବି ଆଗ ପଛ, ଲଗାଇଚାଲ ଗଛ' – ତାଙ୍କର ଏହି ଆହ୍ୱାନ ଆଜିର ସମାଜରେ ସମସ୍ତଙ୍କ ପାଇଁ ସ୍ଲୋଗାନ ହୋଇପାରିଛି। ୨୦୧୯ ମସିହାରେ ଯେତେବେଳେ କେନ୍ଦୁଝର ଜଙ୍ଗଲରେ ସର୍ବଗ୍ରାସୀ ନିଆଁ ଚରିଯାଉଥିଲା, ସେତେବେଳେ ସେ ଦଳେ ଯୁବକଙ୍କୁ ଧରି ବାହାରିଗଲେ ବଣକୁ। ଲାଗିଗଲେ ନିଆଁ ଲିଭାଇବାରେ। ନିଆଁ ଲିଭାଇ ସେ ଆଗକୁ ଆଗକୁ ଚାଲିବାକୁ ଲାଗିଲେ। ତାଙ୍କର ଏପରି ନିଃସାର୍ଥପର କାମ ଜଙ୍ଗଲ ବିଭାଗକୁ ସ୍ତବ୍ଧ କରିଥିଲା ସେଦିନ। ସେମାନେ ସେଥିରୁ ପ୍ରୋତ୍ସାହିତ ହୋଇଥିଲେ ତୁରନ୍ତ କେନ୍ଦୁଝର ଜଙ୍ଗଲର ସେହି ନିଆଁ ଲିଭାଇବାକୁ। ଫଳରେ ସେ ବର୍ଷ କେନ୍ଦୁଝରର ପ୍ରାୟ ୩୦୦ ହେକ୍ଟର ଜଙ୍ଗଲ ଜମି ନିଶ୍ଚିତ ଧ୍ୱଂସମୁଖରୁ ରକ୍ଷା ପାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଥାର ବନ୍ଧୁ ନୁହନ୍ତି, କାମର ବନ୍ଧୁ। ସେ ଯାହା କହନ୍ତି ତାହା ହିଁ କରନ୍ତି। ବଡ଼ କଥା କହି ନିଜର ପ୍ରୌଢ଼ି ବା ବଡ଼ପଣ ଦେଖାଇବାଠାରୁ ସେ ସବୁବେଳେ ଦୂରରେ। ନିଜ ଜନ୍ମଭୂମିର ଖଣି, ପାଣି, ଗଛବୃଛ, ପାହାଡ଼ ପର୍ବତ କିପରି ସୁରକ୍ଷିତ ରହିବ, ଏହା ହିଁ ତାଙ୍କ ଆଦର୍ଶର ଅନ୍ୟ ଏକ ଦିଗ ଓ ଦିଗନ୍ତ; ତେଣିକି କ୍ଷମତା ଥାଉ ବା ନ ଥାଉ।

ଗଛ ଲଗାଇବା ଓ ଏହାର ସଂରକ୍ଷଣ କରିବା, ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଜନ ସମାଜକୁ ଉଦ୍‌ବୁଦ୍ଧ କରାଇବା ତାଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ। ତାହା ହିଁ ସେ କରି ଆସିଛନ୍ତି ତାଙ୍କ ବାଲ୍ୟକାଳରୁ ଏ ଯାଏ।

ପୁଣିଆସିଛିସେହିଭଳିଏକଆହ୍ୱାନ।ଆମରପ୍ରଧାନମନ୍ତ୍ରୀମୋଦୀଜୀଙ୍କ୭୫ତମ ଜୟନ୍ତୀ ସେପ୍ଟେମ୍ବର ୧୭ ତାରିଖରେ ପାଳିତ ହେବାକୁ ଯାଉଛି। ଜୟନ୍ତୀରେ ସାଧାରଣତଃ ଗୋଟିଏ ଉପହାର ଦେବାକୁ ହୁଏ। ଗତବର୍ଷ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ତାଙ୍କର ଜୟନ୍ତୀ ପାଳନ କରିଥିଲେ। ଆମ୍ଭେମାନେ ତାଙ୍କୁ କିଛି ଉପହାର ଦେବା ପୂର୍ବରୁ ସେ ଆମକୁ ଅନେକ ପ୍ରକଳ୍ପ ଓ ଆନୁଷ୍ଠାନିକ ଅର୍ଥ ରାଶି ମଞ୍ଜୁର କରିଦେଇଥିଲେ। ଆଜି ପୁଣି ତାଙ୍କ ଜନ୍ମ ଦିବସ ଉପନୀତ। ମୁଖ୍ୟମନ୍ତ୍ରୀ ସ୍ଥିର କରିଛନ୍ତି ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ତରଫରୁ ବିନା ଭେଟିରେ ଏହି ଦିବସଟି ବେକାର ଯିବାକୁ ଦେବେନି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ୭୫ତମ ଜନ୍ମ ଦିବସରେ ୭୫ଲକ୍ଷ ଚାରା ରୋପଣ କରାଯିବ। ଆଉ ତାହା ହିଁ ହେବ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଭେଟି। ଏହା ମଧ୍ୟ ଓଡିଶାର ଉଜୁଡା ଜଙ୍ଗଲକୁ ପୁନର୍ଜୀବନ ଦେବା ସହ ରାଜ୍ୟରେ ନୂଆ ଜଙ୍ଗଲ ଭୂମିର ସଂରଚନା କରିବ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମର ନାମ ହେଉଛି- ''ମା'ଙ୍କ ପାଇଁ ଏକ ଗଛ ଲଗାଇ।'' ଏହାକୁ ସଫଳ କରିବା ଲାଗି ଓଡ଼ିଶାର ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି।



ଏକଥା ସତ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିକାଶ ସହିତ ପରିବେଶ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇ ଆସିଛନ୍ତି। ଏହି କ୍ରମରେ ସେ ଏହି ''ଏକ୍ ପେଡ୍ ମା' କି ନାମ୍'' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ, ଯାହା ବର୍ତ୍ତମାନ ସାରା ଭାରତରେ ଏକ ବିରାଟ ଆନ୍ଦୋଳନର ରୂପ ନେଇଛି।

ଅଧିକରୁ ଅଧିକ ଚାରା ରୋପଣ, ପରିବେଶ ସୁରକ୍ଷା ପାଇଁ ଏକ ବଳିଷ୍ଠ ପଦକ୍ଷେପ। ତେଣୁ ଏହି କାର୍ଯ୍ୟକ୍ରମକୁ ଆଉ ଏକ ପାଦ ଆଗକୁ ନେଇ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ଆଜି ସେପ୍ଟେମ୍ବର ୧୭ ତାରିଖରେ ୭୫ ଲକ୍ଷ ଚାରା ରୋପଣ କରିବା ପାଇଁ ମୋହନ ସରକାର ଆଗେଇ ଆସିଛନ୍ତି। ଏହି କାର୍ଯ୍ୟକ୍ରମ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର କେବଳ ଅଭିନନ୍ଦନ ହେବନାହିଁ, ଓଡ଼ିଶା ମାଟିକୁ ସବୁଜ ପଣତରେ ଢାଙ୍କିଦେବାର ହେବ ଉପକ୍ରମ। ଏଥିପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଏବଂ ପାନୀୟଜଳ, କୃଷି ଏବଂ କୃଷକ ସଶକ୍ତୀକରଣ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଉଛନ୍ତି। ନେହେରୁ ଯୁବକେନ୍ଦ୍ର (NYK's)ର ଆଞ୍ଚଳିକ ମୁଖ୍ୟ, ୧୬୦୦୦ ସକ୍ରିୟ ସ୍ୱେଚ୍ଛାସେବୀ ଓ ୭୦୦୦ ଅତିରିକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କ ମାଧ୍ୟମରେ 'ମେରିଲାଇଫ' ଓ 'ମାଇଁ ଭାରତ' ପୋର୍ଟାଲରେ ଚାରା ରୋପଣ ତଥ୍ୟ ଏବଂ ଜିଓ-ଟ୍ୟାଗ୍‌ରେ ଥିବା ଫଟୋଗ୍ରାଫଗୁଡ଼ିକୁ ପ୍ରକୃତ-ସମୟରେ ନିଶ୍ଚିତ ଅପଲୋଡ୍ କରାଇବାର ଦାୟିତ୍ୱରେ ଅଛନ୍ତି। ଏହାର ଆଞ୍ଚଳିକ ମୁଖ୍ୟ ମଧ୍ୟ ପ୍ରତ୍ୟେକ ଜିଲାର ଜିଲାପାଳମାନଙ୍କ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏଥିରେ ସାଧାରଣ ଜନତାଠୁ ଆରମ୍ଭକରି ସ୍କୁଲ କଲେଜର ଛାତ୍ରଛାତ୍ରୀ, ଅଙ୍ଗନୱାଡି କର୍ମକର୍ତ୍ତା, ସୁଭଦ୍ରା ହିତାଧିକାରୀ, ପଞ୍ଚାୟତରୁ ବିଧାନସଭା ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧି, ସରକାରୀ କର୍ମଚାରୀ, ସରକାରୀ କାର୍ଯ୍ୟାଳୟ, ଶିଳ୍ପସଂସ୍ଥା ଆଦି ସ୍ୱତଃପ୍ରବୃତ୍ତ ଭାବେ ଉତ୍ସାହର ସହିତ ସାମିଲ ହୋଇଛନ୍ତି। ଲୋକେ ପୂର୍ବରୁ ଚାରାସବୁ ମାଗିନେଇ ଯାଉଥିବାର ଦୃଶ୍ୟ ଦେଖିଲେ ସତରେ ଭାରି ଖୁସି ଲାଗୁଛି। ମୁଖ୍ୟମନ୍ତ୍ରୀଙ୍କ ଆବେଦନ ସମସ୍ତଙ୍କୁ ଆଜି ଏମିତି ଉଦ୍‌ବୁଦ୍ଧ କରିଛି ଯେ ଏହା ସାରା ରାଜ୍ୟରେ ଏକ ବିରାଟ ଜନ ଆନ୍ଦୋଳନରେ ପରିଣତ ହୋଇଯାଇଛି। ଏ ଆନ୍ଦୋଳନ ଆଜି ପରେ ସରିଯିବନି, ଏହା ନିରନ୍ତର ଚାଲୁ ରହିବ ବୋଲି ମୁଖ୍ୟମନ୍ତ୍ରୀ କଥା ଦେଇଛନ୍ତି। ସବୁଜରଙ୍ଗରେ ରଙ୍ଗାୟିତ ହେବ ଓଡ଼ିଶା। ଜଳବାୟୁରେ ଆଖିଦୃଶିଆ ସୁଧାର ଆଣିବ। ମୋହନଙ୍କ ଏହି ମହତ୍ ପଦକ୍ଷେପ ଯଥା ପୂର୍ବରୁ ଆରମ୍ଭ ହୋଇଥିଲେ ବନ୍ୟା, ବାତ୍ୟାପ୍ରବଣ, ଖଣିଖାଦାନ ଓ ଶିଳ୍ପଭରା ଆମ ଓଡ଼ିଶାର ମାଟି ଆଜି ଗହଳ ସବୁଜିମାର ଛାଇରେ ଅଳସ ଭାଙ୍ଗୁଆନ୍ତା ନିଶ୍ଚୟ!

ଗଛ ଲଗାଇବା ଆମ ସଂସ୍କୃତି, ଚଳଣି ଓ ପରମ୍ପରାର ଏକ ଅଙ୍ଗ। ଆମ ଧର୍ମ ଓ ସଂସ୍କୃତିରେ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ କିଛି ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କରିଥାନ୍ତି। ପ୍ରତ୍ୟେକ ହିନ୍ଦୁ ମହିଳା ଓ କୁଳବଧୂ ସକାଳୁ ଗାଧୋଇବା ପରେ ଗୋଟିଏ ଗଛ ମୂଳେ ପାଣି ଢାଳିବା ସହ ପ୍ରଣତି ବାଢ଼ିଥାନ୍ତି। ସନ୍ଧ୍ୟାରେ ତୁଳସୀ ଗଛ ମୂଳେ ସନ୍ଧ୍ୟା ଦୀପ ଜାଳିବା ସହ ପୂଜା ଆରାଧନା କରିଥାନ୍ତି। ଗଛ ଲଗାଇବା ଓ ପରିପୋଳନ କରିବା ଏକ ଧର୍ମଭିତ୍ତିକ କାର୍ଯ୍ୟ ବୋଲି ବିବେଚନା କରାଯାଏ। ଜୀବନର ଅନ୍ତିମ ଅଧ୍ୟାୟରେ ଲୋକେ ଗଛ ଲଗାଇ ଅଶେଷ ପୁଣ୍ୟ ସାଧନ ହୁଏ ବୋଲି ବିଶ୍ୱାସ କରନ୍ତି; ସେଥିପାଇଁ ପୋଖରୀ ହୁଡ଼ା, ରାସ୍ତା ଧାର, ପରିତ୍ୟକ୍ତ ପଡ଼ିଆ, ମଶାଣି, ସ୍କୁଲ ଅଗଣା, ଅଫିସ ଚତୁଃପାର୍ଶ୍ୱରେ ଗଛ ଲଗାଇଥାନ୍ତି। ଏହାଦ୍ୱାରା ପରିବେଶର ସୌନ୍ଦର୍ଯ୍ୟ ବଢ଼େ ଓ ତାହା ସୁସ୍ଥ ରହେ। ସେଥିପାଇଁ କୁହାଯାଏ ଗଛ ଆମ ଜୀବନର ଏକ ବଡ଼ ଅବିଚ୍ଛେଦ୍ୟ ଅଙ୍ଗ। ଆଜି ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିବସରେ ଯେତେବେଳେ ଆମେ ଓଡ଼ିଶାବାସୀ ୭୫ଲକ୍ଷ ଚାରାରୋପଣ କରିବାକୁ ଯାଉଛନ୍ତି, ଆମେ ଜାଣି ନାହାନ୍ତି ଆମେ କେତେବଡ଼ ଗୌରବର ମୁକୁଟ ଆମ ରାଜ୍ୟର ମସ୍ତକରେ ମଣ୍ଡିତ କରିବାକୁ ଯାଉଛନ୍ତି ଏକା ଦିନରେ ଏତେସଂଖ୍ୟକ ଚାରା ରୋପଣ ବିଶ୍ୱରେକର୍ଡ ସୃଷ୍ଟିକରି ଶୀଘ୍ର ଗିନିଜ ବୁକ୍ ଅଫ ରେକର୍ଡରେ ସ୍ଥାନିତ ହେବାକୁ ଯାଉଛି।

ଆମର ଏହି ଧାରା ସହିତ ମେଳଥିବା ପ୍ରଧାନମନ୍ତ୍ରୀଙ୍କ ''ମା' କି ନାମ୍ ପେ ଏକ୍ ପେଡ୍'' ଅଭିଯାନକୁ ଓଡ଼ିଶାରେ ଆଉ ପାଦେ ଆଗକୁ ନେବାରେ ମଙ୍ଗୁଆଳ ସାଜିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଓ ତାଙ୍କ ସରକାର।

ସାରା ଜନସମାଜର ଉନ୍ନତି କଳ୍ପେ ଅଭିପ୍ରେତ ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନର ଶୁଭେଚ୍ଛା ପାଇଁ ଉତ୍ସର୍ଗ ହୋଇଅଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା କେବଳ ଆମ ପରିବେଶ ସୁରକ୍ଷାରେ ସୀମିତ ନ ରହି ସମଗ୍ର ଦେଶ ପାଇଁ ଏକ ଭାବାତ୍ମକ ସାଂସ୍କୃତିକ ଆନ୍ଦୋଳନ ରୂପ ନେଇଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ତାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଗଭୀର ସମ୍ମାନ ଓ ଅଭିନନ୍ଦନ!

୬

**ନାଳକୁ ଖସିପଡ଼ିଲା ହାଇୱା, ଚାଳକ ମୃତ**

**କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ):** ଝୁମ୍ପୁରା ଥାନା ଅଧୀନ ରଜାବସା ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଲୁହାପଥର ବୋଝେଇ ହାଇୱା କାଣିଆ ନାଳକୁ ଖସିପଡ଼ିଥିଲା। ଗାଡ଼ି ତଳେ ଚାପିହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡର ଜୀୱନ ଓରାନ(୩୨)। ହାଇୱାଟି ଝୁମ୍ପୁରା ଆଡୁ ରିମୁଳି ଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ହାଇଡ୍ରା ସାହାଯ୍ୟରେ ଗାଡ଼ିକୁ ଉଠାଇ ଚାଳକଙ୍କ ମୃତଦେହ ବାହାର କରାଯାଇଥିଲା।

## କେନ୍ଦୁଝର

### ସଂକ୍ଷେପରେ

## ପଢିଆରୀପଲ୍ଲୀ ନୋଡାଲ ସ୍କୁଲ ପରିଦର୍ଶନ କଲେ ବିଇଓ

**ବଡଲା,୧୬।୯(ଦୁର୍ଗା ପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡିହୀ ବିଇଓ (ବ୍ଲକ ଶିକ୍ଷା ଅଧିକାରୀ) ରାଜୀବ ଦଳେଇ ମଙ୍ଗଳବାର ପଢିଆରୀପଲ୍ଲି ନୋଡାଲ ସ୍କୁଲ ପରିଦର୍ଶନ କରିଛନ୍ତି। ବିଇଓ ଏହି ବିଦ୍ୟାଳୟରେ ଶିକ୍ଷାର ମାନ ଓ ଅନାନ୍ୟ କାର୍ଯ୍ୟ ତଦାରଖ କରିଥିବା ବେଳେ ଶିକ୍ଷକ ଅଭାବ ନେଇ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ରାଉତ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୬ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟଟି ବହୁ ପୁରାତନ ହୋଇଥିବା ବେଳେ ଶିକ୍ଷା ବ୍ୟବସ୍ଥା ଉନ୍ନତମାନର। ଏହାର ପରିବେଶ ପରିଚ୍ଛନ୍ନତା ଓ ଶୃଙ୍ଖଳା ଅନ୍ୟ ବିଦ୍ୟାଳୟ ପାଇଁ ଉଦାହରଣ ପାଲଟିଥିବା ବେଳେ ଶିକ୍ଷକ ଅଭାବ ନେଇ ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଚିନ୍ତା ପ୍ରକଟ କରିଛନ୍ତି। ବର୍ତ୍ତମାନ ଏଠାରେ ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଧାନଶିକ୍ଷକ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, ମଧ୍ୟାହ୍ନଭୋଜନ ଇତ୍ୟାଦି କାର୍ଯ୍ୟକ୍ରମରେ ବ୍ୟସ୍ତ ରହିଥାନ୍ତି। ଫଳରେ ୪ ଶିକ୍ଷୟିତ୍ରୀ ଶିକ୍ଷକ ୮ ଶ୍ରେଣୀରେ ଶିକ୍ଷାଦାନ କରିବା କଷ୍ଟକର ହୋଇପଡ଼ିଛି ବୋଲି ଦର୍ଶାଯାଇଛି। ତେବେ ଏହି ବିଦ୍ୟାଳୟର ପରିବେଶ ପରିଚ୍ଛନ୍ନତା, ଶୃଙ୍ଖଳା, ପାନୀୟଜଳ ବ୍ୟବସ୍ଥା, ଶ୍ରେଣୀଗୃହ ପରିଷ୍କାର ଆଦି ଦେଖି ବିଇଓ ଖୁସିବ୍ୟକ୍ତ କରିବା ସହ ଆବଶ୍ୟକ ଶିକ୍ଷକ ଶୀଘ୍ର ଯୋଗାଇଦେବେ ବୋଲି କହିଛନ୍ତି। ଏହି ସମୟରେ ସିଆର୍‌ସିସି ସୁଶାନ୍ତ ନାୟକ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଛାତ୍ରୀ ଗୁରୁତର, ପ୍ରତିବାଦରେ ରାସ୍ତାରୋକୋ

**ଆନନ୍ଦପୁର,୧୬।୯(ସୁଶାନ୍ତ କୁମାର ସାହୁ)-** କେନ୍ଦୁଝର ଜିଲା ଘସିପୁରା ଥାନା ଅଧୀନ ଜାତୀୟ ରାଜପଥନଂ. ୨୦ର ଧକୋଠା ନିକଟରେ ଅଜଣା ଗାଡ଼ି ଧକ୍କାରେ ଧକୋଠା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ପାନ ମୁର୍ମୁ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି।ତେବେ ଉକ୍ତ ସ୍ଥାନରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାସ୍ତା ଅବରୋଧ କରିଥିଲେ। ଘସିପୁରା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଗଳିତ ମୃତଦେହ ଜବତ

**ଯୋଡ଼ା,୧୬।୯(ମାନସ ମହାନ୍ତି)-** କେନ୍ଦୁଝର ଜିଲା ବାମେବାରୀ ଥାନା କାଳିଆପାଳ ଜଙ୍ଗଲ ନିକଟସ୍ଥ ଜଗଦଳା ନାଳ ନିକଟରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ ହୋଇଛି। ବାମେବାରୀ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛି। ସୋମବାର ସ୍ଥାନୀୟ କେତେଜଣ ଲୋକ ଜଙ୍ଗଲରେ ଛେଳି ଚାରାଉଥିବା ବେଳେ ନାଳ ନିକଟରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ବ୍ୟକ୍ତି ଜଣକ କିଏ ଏବଂ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା, ତାଙ୍କୁ କେହି ହତ୍ୟା କରିଛି ନା ଏହା ପଛରେ ଆଉ କିଛି କାରଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୨/୨୦୨୫) ରୁଜୁ ହୋଇଥିବର ଆଇଆଇସି ଜୋସ କେତନ ଭୋଇ ସୂଚନା ଦେଇଛନ୍ତି।

# ନିୟମ ନ ମାନି ଜମି କିଣାବିକା

### ତଦନ୍ତ ଆଦେଶ ଦେଲେ ଓରେରା ସମ୍ପାଦକ

**କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝରରେ ଚାଲିଛି ବେଆଇନ ଜମି କିଣାବିକା। ମାଷ୍ଟରପ୍ଲାନ ଅଞ୍ଚଳରେ ବାଇ-ପ୍ଲଟ ବା ପାର୍ଟ ପ୍ଲଟ ବିକ୍ରି ବନ୍ଦ ନେଇ କଟକଣା ଲାଗୁ କରାଯାଇଥିଲେ ମଧ୍ୟ ସବ ରେଜିଷ୍ଟ୍ରର ଅଫିସରେ ଜମି କିଣା ବିକା ପଞ୍ଜୀକରଣ ଚାଲିଛି। ଓରେରା ଆଇନ ଉଲ୍ଲଙ୍ଘନ କରି କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ବେଆଇନ ଭାବେ ପାର୍ଟ ପ୍ଲଟ କରି ଜମି କିଣାବିକା ଚାଲିଛି। ଏଣୁ ଏ ନେଇ ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟରୀ ଅଥରିଟି (ଓରେରା) ସମ୍ପାଦକ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କେନ୍ଦୁଝର ଜିଲାପାଳଙ୍କୁ ପତ୍ର ସଂଖ୍ୟା ୪୬୩୨/୧୮।୮।୨୦୨୫ରେ ଚିଠି କରିଛନ୍ତି। ଏଭଳି ବେଆଇନ ଭାବରେ ଜମିକିଣାବିକା ଚାଲିଥିବାରୁ ଜମି ବ୍ୟବସାୟୀମାନେ ଲାଭବାନ ହେଉଥିବା ବେଳେ ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆଗାମୀ ଦିନରେ ସମସ୍ୟା ଗୁରୁତର ହେବା ସମ୍ଭାବନା ସୃଷ୍ଟି ହୋଇଛି। ଏଣୁ ଏନେଇ ବାରମ୍ବାର ଅଭିଯୋଗ ହେବାରୁ ଓରେରା ପକ୍ଷରୁ ଏଭଳି ତଦନ୍ତ ଆଦେଶ ଦିଆଯାଇଥିବା ଜଣାପଡିଛି। ତେବେ ପୂର୍ବରୁ ଏ ନେଇ ଅନେକ ଥର ତଦନ୍ତ ଆଦେଶ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଅଭିଯୋଗ ଅନୁଯାୟୀ, ଅନେକ ବିଲଡର, ରିୟଲ ଇଷ୍ଟେଟ ଡେଭେଲେପର ଏହି ଜମି କିଣାବିକାରେ ସମ୍ପୃକ୍ତ ଅଛନ୍ତି। ଓଡ଼ିଶା ସ୍ଥାବର ନିୟାମକ ପ୍ରାଧିକରଣ (ଓରେରା)ଠାରୁ ପଞ୍ଜୀକରଣ ନ ହୋଇ ଜମି କିଣା ବିକା କରାଯାଇଛି। କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ଗତ ୫ ବର୍ଷରେ ୬୮ଟି ମୌଜାରେ ୨୮୦ ଏକରରୁ ଊର୍ଦ୍ଧ୍ୱ ଜମି ବିକ୍ରି ହୋଇଛି। ସେହିପରି ଆନନ୍ଦପୁର, ଚମ୍ପୁଆ, ବଡ଼ବିଲ ମାଷ୍ଟର ପ୍ଲାନ ଅଞ୍ଚଳରେ ମଧ୍ୟ ଅନେକ ଏକର ଜମି ବିକ୍ରି ହୋଇଛି। କୌଣସି ପ୍ଲଟେଡ ସ୍କିମ ୫୦୦ବର୍ଗ ମିଟରରୁ ଅଧିକ ହୋଇଥିଲେ ଓରେରା ଅଧୀନରେ ପଞ୍ଜୀକୃତ ହେବା ବିଧେୟ। ମାତ୍ର ଓରେରାଠାରୁ ପଞ୍ଜୀକରଣ ନ କରାଯାଇ ପ୍ଲଟିଂ କରି ଜମି ବିକ୍ରି ହେଉଛି। ଫଳରେ କ୍ରେତାମାନେ ନାନା ସମସ୍ୟାରେ ପଡୁଛନ୍ତି। ଜମି ବିକ୍ରି ସମୟରେ କବଲାରେ ରାସ୍ତା ନ ଦର୍ଶାଇ କେବଳ ପାର୍ଟ ପ୍ଲଟ ହେଉଛି। କ୍ରେତା ଜମି କିଣିବା ପରେ ଠକାମିରେ ପଡୁଛନ୍ତି। କେଉଁଠାରେ ୨୫ରୁ ୩୦ ଫୁଟ ରାସ୍ତା ଥିବା କହି ଜମି ବିକ୍ରି ହେଉଛି। କିନ୍ତୁ ପରେ ୧୦ରୁ ୧୫ଫୁଟ ରାସ୍ତା ଦିଆଯାଉଛି। କବଲାରେ ରାସ୍ତା ଦର୍ଶାଯାଉ ନ ଥିବାରୁ କ୍ରେତା ମଧ୍ୟ ଏ ନେଇ ଆଇନଗତ ପଦକ୍ଷେପ ନେବାରେ ସମସ୍ୟା ହେଉଛି। ଗ୍ରୀନ ଜୋନ ଏବଂ ରେଡ୍ ଜୋନକୁ ପ୍ଲଟିଂ କରି ରାସ୍ତା, ଡ୍ରେନେଜ ବ୍ୟବସ୍ଥା ଓ ପରିବେଶ ସୁରକ୍ଷା ପ୍ରତି ଦୃଷ୍ଟି ନ ଦିଆଯାଇ ନିଜ ସୁବିଧା ମୁତାବକ ବିକ୍ରି କରାଯାଉଛି। ଜାଗା କିଣିଥିବା ଲୋକମାନଙ୍କର ଘରବାଡ଼ି କିସମ ପରିବର୍ତ୍ତନ ହୋଇପାରୁନାହିଁ। ଘରବାଡ଼ି କିସମ ନ ଥିଲେ ଗୃହ ନିର୍ମାଣ ଋଣ ମିଳୁନାହିଁ। ଅନେକ ଲୋକ କିସମ ନ ବଦଳାଇ ଘର କରୁଥିବାରୁ ପରବର୍ତ୍ତୀ ସମୟରେ ସମସ୍ୟାରେ ପଡୁଛନ୍ତି।

ଚାଷ ଜମିକୁ ପ୍ଲଟିଂ କରି ବିକ୍ରି କରାଯାଉଥିବାରୁ ବର୍ଷା ଦିନରେ ଜଳ ନିଷ୍କାସନରେ ସମସ୍ୟା କାରଣରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ମାଷ୍ଟର ପ୍ଲାନ ଅନୁସାରେ ଜମି କିଣାବିକା ପାଇଁ ୟେଲୋ ଜୋନ, ଗ୍ରୀନ୍ ଜୋନ ଓ ରେଡ୍ ଜୋନ ନିର୍ଦ୍ଧାରଣ କରାଯାଇଛି। ମାତ୍ର ଗ୍ରୀନ ଜୋନ ଓ ରେଡ ଜୋନରେ ପାର୍ଟ ପ୍ଲଟ କରାଯାଇ ଅନେକ ଏକର ଜମି ବିକ୍ରି ହେଉଛି। କେନ୍ଦୁଝର ସଦର ତହସିଲର ମାଷ୍ଟରପ୍ଲାନ ଅଞ୍ଚଳରେ ଏହି ନିୟମକୁ ନ ମାନି ଜମି କିଣାବିକା ଚାଲିଛି। ବିଶେଷ କରି ସହରର କିଛି ଜମି ବ୍ୟବସାୟୀ ଉପ ନିବନ୍ଧକ କାର୍ଯ୍ୟାଳୟର ଜରିଆରେ ଏହି ବେଆଇନ କାମ ବେଧଡକ ଭାବେ କରୁଛନ୍ତି। ଝିଅ ବାହାଘର, ଚିକିତ୍ସା, ଉଚ୍ଚ ଶିକ୍ଷା ଆଦି କାରଣ ଦର୍ଶାଇ ଉପନିବନ୍ଧକ କାର୍ଯ୍ୟାଳୟକୁ କେନ୍ଦୁଝରଗଡ଼ ପୌରପାଳିକା ଓ ଟାଉନ ପ୍ଲାନିଂ ଅଥରିଟି ଅନୁମତି ପତ୍ର ପ୍ରଦାନ କରୁଛନ୍ତି। ଏହି ଚିଠି ଆଧାରରେ ଜମି ପ୍ଲଟିଂ ହୋଇ ବିକ୍ରି ହେଉଛି। କେନ୍ଦୁଝର ସଦର ତହସିଲର ନିଜଗଡ, କିମିରିଡୋଲି, ରାଙ୍କି, ଗୁମୁରା, ମୁକୁନ୍ଦପୁର, ବ୍ରହ୍ମଣୀଗାଁ, ବାଁପାର, ବଣିଆପାଟ-ଖଣ୍ଡାପଡା, ନୂଆଗାଁ ,ମାଳିଗାଁ, ଧୁପଦା, କାଶିପୁର-ବଳରାମପୁର, ବୋଦାପଳସା, ଗୋବିନ୍ଦପୁର, ଯମୁନାପଶି, ଘୁଟୁକେଶ୍ୱରୀ, ନରଣପୁର ଆଦି ମୌଜାରେ ଓରେରାଠାରୁ ଅନୁମତି ନ ନିଆଯାଇ ପ୍ଲଟିଂ କରି ଜମି ବିକ୍ରି କରାଯାଇଛି। ଫଳରେ କେନ୍ଦୁଝର ସହର ଏବଂ ମାଷ୍ଟରପ୍ଲାନ ଅଞ୍ଚଳରେ ରାସ୍ତା, ଡ୍ରେନ ହେବାରେ ସମସ୍ୟା ସୃଷ୍ଟି ହେବା ସହ ବର୍ଷା ଦିନରେ ଅନେକ ଅଞ୍ଚଳ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି କରୁଛି। ବିନା ପ୍ଲାନରେ ସହରରେ କୋଠାବାଡ଼ି ଦିନକୁ ଦିନ ବଢୁଥିବାରୁ ସହରବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଅନେକ ସ୍ଥାନରେ ଚାଷ ଜମିକୁ ପାର୍ଟ ପ୍ଲଟ କରି ବିକ୍ରି କରାଯିବାପରେ ସରକାରୀ ଏବଂ ଆଦିବାସୀଙ୍କ ଜମିକୁ ରାସ୍ତା କରାଯାଉଛି। ଜମି କିଣା ବିକାରେ ନିୟମ ପାଳନ ହେଉ ନ ଥିବାବେଳେ ଦୋଷୀ ଅଧିକାରୀ ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ନାଗରିକ ସଂଗଠନ ପକ୍ଷରୁ ଦାବି ହେଉଛି।

## ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ



ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ ବିଦ୍ୟାଳୟକୁ ପରିଦର୍ଶନରେ ଆସିଥିବା ବେଳେ ନିଯୁକ୍ତ ନୂତନ ଶିକ୍ଷୟିତ୍ରୀ ଓ ଅନ୍ୟମାନେ।

**ବଡଲା,୧୬।୯(ଦୁର୍ଗାପ୍ରସାଦ ଆୟଚ):** କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ହୋଇଛି। ମଙ୍ଗଳବାର ଏଠାରେ ଜଣେ ନୂତନ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରକାଶ ଯେ, ଶିକ୍ଷକ ଅଭାବ ନେଇ ଗତ ୧୨ ତାରିଖଠାରୁ ଛାତ୍ରୀଛାତ୍ର ସ୍କୁଲକୁ ଯାଉ ନ ଥିଲେ। ଫଳରେ ବିଦ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଦାବି କରିଥିଲେ। ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ ଉକ୍ତ ସ୍କୁଲରେ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମଙ୍ଗଳବାର ବିଇଓ ଏହି ବିଦ୍ୟାଳୟରେ ପହଞ୍ଚି ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟମାନଙ୍କୁ ଡାକି ଆଲୋଚନା କରିଥିଲେ। ବିଦ୍ୟାଳୟକୁ ସମସ୍ତ ଛାତ୍ରୀଛାତ୍ର ଆସିଥିବା ବେଳେ ନୂତନ ଶିକ୍ଷୟିତ୍ରୀ ଭାବେ କୁରାଢ଼ିଘସା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀଙ୍କୁ ମହୁଲପଙ୍କା ସ୍କୁଲରେ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ସେଠୀ ଯୋଗଦେବା ପରେ କମିଟି ସଦସ୍ୟମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ ପରିଦର୍ଶନ ସମୟରେ ସିଆର୍‌ସିସି ସୁଶାନ୍ତ ନାୟକ ଉପସ୍ଥିତ ଥିଲେ।

## ଜୀବିତ ବୃଦ୍ଧାଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ

**ପାଟଣା, ୧୬।୯(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ ସାରାସକୋଲା ପଞ୍ଚାୟତ ଖମୁଆ ଗ୍ରାମ ଝାଟିଆଳୀ ସାହିରେ ସ୍ୱର୍ଗତ ଗୋବିନ୍ଦ ସେଠୀଙ୍କ ସ୍ତ୍ରୀ ରଜନୀ ସେଠୀ(୭୪)ଙ୍କୁ ପଞ୍ଚାୟତ କର୍ତ୍ତୃପକ୍ଷ ମୃତ ଦର୍ଶାଇ ଗତବର୍ଷ ନଭେମ୍ବରରୁ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ କରିଛନ୍ତି। ଫଳରେ ସେ ୧୦ମାସ ହେବ ଭତ୍ତା ଟଙ୍କା ନ ପାଇ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି।

ରଜନୀଙ୍କ ପୁଅ ନବକିଶୋରଙ୍କ ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ସରପଞ୍ଚ ଭାବଗ୍ରାହୀ ନାଏକ ତାଙ୍କଠାରୁ ମା' ଙ୍କ ବ୍ୟାଙ୍କ ଆକାଉଣ୍ଟର ଜେରକ୍ସ କପି ନେଇ ଭତ୍ତା ପାସ୍‌ବୁକକୁ ଆସିବା ବ୍ୟବସ୍ଥା କରିଦେବେ କହିଥିଲେ। ଦୀର୍ଘ ମାସ ହେବ ଆକାଉଣ୍ଟକୁ ଟଙ୍କା ନ ଆସିବାରୁ ସେ ପଞ୍ଚାୟତ ଯାଇ ପଚରାଉଚରା କରିଥିଲେ। ସେଠାରେ ତାଙ୍କ ମା'ଙ୍କୁ ମୃତ ଦର୍ଶାଯାଇଥିବାରୁ ସେ ଆଉ ଭତ୍ତା ପାଉନାହାନ୍ତି ବୋଲି ଜାଣିବାକୁ ପାଇଥିଲେ। ଏନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ତପନ କୁମାର ମହନ୍ତଙ୍କୁ ପଚାରିବାରୁ ତତ୍କାଳୀନ ଏଡିଇଓ ଯୋଗେନ୍ଦ୍ର ମହାନ୍ତ ଠିକ ଯାଞ୍ଚ ନ କରି ବ୍ଲକକୁ ଭୁଲ ରିପୋର୍ଟ ଦେଇଥିବାରୁ ଏଭଳି ହୋଇଛି ବୋଲି କହିଥିଲେ। ଏନେଇ ବର୍ତ୍ତମାନ କେନ୍ଦେଇପଶି ପଞ୍ଚାୟତରେ ଅବସ୍ଥାପିତ ଏଡିଇଓ ଯୋଗେନ୍ଦ୍ରଙ୍କୁ ପଚାରିବାରୁ ଲଗାତାର ୨ମାସ ଭତ୍ତା ନେବାକୁ ରଜନୀ ନ ଆସିବାରୁ ମୁଁ ଭୁଲବଶତଃ ଏଭଳି କରିଥିଲି। ଏନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀଙ୍କୁ ପଚାରିବାରୁ ଭୁଲବଶତଃ ଏଭଳି ଘଟିଛି, ପରିବାର ପକ୍ଷରୁ ବିଡିଓଙ୍କୁ ଦରଖାସ୍ତ କଲେ ପୁନର୍ବାର ସେ ଭତ୍ତା ପାଇପାରିବେ ବୋଲି କହିଥିଲେ। ନବକିଶୋର ମଙ୍ଗଳବାର ପାଟଣା ବିଡିଓଙ୍କୁ ଭେଟି ଦରଖାସ୍ତ କରିଛନ୍ତି।

## ଢେଙ୍କିକୋଟ ପ୍ରାଥମିକ ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟିତ



ଏମ୍‌ପି ଅନନ୍ତ ନାୟକ ଉଦ୍‌ଘାଟନ କରୁଛନ୍ତି।

**ଢେଙ୍କିକୋଟ, ୧୬।୯(ନୀଳମଣି ମଣ୍ଡଳ):** କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ମିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲା ଏମ୍‌ପି ଅନନ୍ତ ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ନାୟକ, ସମ୍ମାନନୀୟ ଅତିଥି ଭାବେ ଢେଙ୍କିକୋଟ ସରପଞ୍ଚ ଖଇର ନାଏକ, ସାମାଜିକ କର୍ମୀ କୁଳମଣି ମଣ୍ଡଳ, ଘଟଗାଁ ବ୍ଲକ ଏମ୍‌ପି ପ୍ରତିନିଧି ଅଖିଳ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦୁଝର ଜିଲା ଡିଏମ୍‌ଏଫ ତରଫରୁ ନିଯୁକ୍ତି ପାଇଥିବା ଡାକ୍ତର ପୂର୍ଣ୍ଣଚନ୍ଦ୍ର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଡାକ୍ତର ନାୟକ ଉପସ୍ଥିତ ଜନସାଧାରଣ, ଆଶାଦିଦି, ମେଡିକାଲ ଷ୍ଟାଫ, ଗଣମାଧ୍ୟମ ପ୍ରତିନିଧିଙ୍କ ଅବଗତି ନିମନ୍ତେ ଜଣାଇଥିଲେ ଯେ, ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବହୁ ପୁରାତନ କୋଠାବାଡ଼ି ଥିବାବେଳେ ସେସବୁ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଦେଶ ଓ ରାଜ୍ୟରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନକୁ ଦୃଷ୍ଟିରେ ରଖି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ୧୨ଟିକିଆ ଶଯ୍ୟା ବିଶିଷ୍ଟ ଏକ ନୂତନ କୋଠା ନିର୍ମାଣ ହେବ ଏବଂ ନୂତନ ଭାବେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫନର୍ସ ଏବଂ ଇମ୍ୟୁନାଇଜେସନ ଗର୍ଭବତୀ, ପ୍ରସୂତି ଓ ଶିଶୁମାନଙ୍କ ନିମନ୍ତେ ଆବଶ୍ୟକ ଟୀକାକରଣ ଗୃହ ନିର୍ମାଣ ପାଇଁ ଅର୍ଥ ଆସିସାରିଛି। ଉଦ୍‌ଘାଟିତ ନୂତନ ଗୃହରେ ବର୍ତ୍ତମାନ ଡାକ୍ତରଖାନା ଚାଲିବ ମାତ୍ର ଏହା ଡାକ୍ତରଖାନା ନିମନ୍ତେ ନୁହେଁ ବୋଲି କହିଛନ୍ତି। ତେବେ ଖୁବ୍‌ଶୀଘ୍ର ବର୍ତ୍ତମାନ ଚାଲୁଥିବା ଡାକ୍ତରଖାନା ଗୃହଗୁଡିକ ଭାଙ୍ଗି ଦିଆଯିବ। ତେବେ ଜନସାଧାରଣଙ୍କ ଦାବି ଅନୁଯାୟୀ, ୨୪ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଏକାଧିକ ଡାକ୍ତର ଏବଂ ଷ୍ଟାଫ ଯୋଗାଇ ଦେବା, ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ, ଏକ୍ସରେ ମେଶିନ, ଅତ୍ୟାଧୁନିକ ରକ୍ତ ପରୀକ୍ଷା ମେଶିନ ଯୋଗାଇ ଦେବା ପାଇଁ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ କହିଥିଲେ। ଏଥିରେ ଡିଏମଏଫ ତରଫରୁ ନିଯୁକ୍ତି ପାଇଥିବା ଡାକ୍ତର ଉତ୍ତ୍ୟକ୍ତ ହୋଇ ଏଠାରେ କେହି ରାଜନୀତି କରନାହିଁ, ରାଜନୀତି କଲେ ସମସ୍ତଙ୍କୁ ବାହାର କରିଦେବି, ମୁଁ ଏଠାକାର ଇନଚାର୍ଜ ବୋଲି ପାଟି କରିଥିଲେ। ଏମ୍‌ପି ନାୟକ ଏଥିରେ ବିଚଳିତ ନ ହୋଇ ଲୋକଙ୍କ ଦାବି ଅନୁଯାୟୀ, ଏଠାରେ ଏକ ଅତ୍ୟାଧୁନିକ ଆମ୍ବୁଲାନ୍ସ ଏବଂ ରକ୍ତ ନମୁନା ପରୀକ୍ଷା ମେଶିନ ଖୁବ ଶୀଘ୍ର ଉପଲବ୍ଧ ହେବ ବୋଲି ଘୋଷଣା କରିଥିଲେ। ଢେଙ୍କକୋଟ ବଣିକ ସଂଘ, ବିକାଶମଞ୍ଚର ସମସ୍ତ ସଦସ୍ୟ ଏମ୍‌ପିଙ୍କୁ ସ୍ୱାଗତ ଜଣାଇଥିଲେ।

## ଦୁର୍ଘଟଣାରେ ମାନସିକ ବିକୃତଙ୍କ ମୃତ୍ୟୁ

**କେନ୍ଦୁଝର,୧୬।୯(ନରେଶ ଚନ୍ଦ୍ର ପଟ୍ଟନାୟକ):** ଅଜଣା ଗାଡି ଧକ୍କାରେ ଜଣେ ମାନସିକ ବିକୃତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ମଙ୍ଗଳବାର ପ୍ରାତଃ ୫ଟା ବେଳେ ଉକ୍ତ ବ୍ୟକ୍ତି ୪୯ ନମ୍ବର ଜାତୀୟ ରାଜପଥର ବେଲଦା ନିକଟରେ ବୁଲୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଚାଲିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସଦର ଏସ୍‌ଆଇ ଅନନ୍ତ ନାଏକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଏକ ମାମଲା(ନଂ. ୫୪୩/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।






# ଆସାମ ସିଭିଲ୍ ସର୍ଭିସ୍ ଅଫିସର ଗିରଫ

**ଘରୁ ମିଳିଲା ନଗଦ ୯୨ ଲକ୍ଷ ଟଙ୍କା, ୨ କୋଟିର ସୁନା**

ଗୁଆହାଟୀ,୧୬।୯(ପି.ଟି.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆସାମ ସିଭିଲ୍ ସର୍ଭିସ (ଏସିଏସ୍) ଅଫିସର ନୁପୂର ବୋରାଙ୍କୁ ଗିରଫ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଭିଜିଲାନ୍ସ ସେଲ୍‌ର ଏକ ଟିମ୍ ବୋରାଙ୍କ ଗୁଆହାଟୀସ୍ଥିତ ବାସଭବନ ଉପରେ ଚଢ଼ାଉ କରି ନଗଦ ୯୨ ଲକ୍ଷ ଟଙ୍କା ଏବଂ ୨ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଜବତ କରିଛି। ଅନ୍ୟ ଏକ ଟିମ୍ ତାଙ୍କ ବାରପେଟାସ୍ଥିତ ଭଡ଼ାଘରେ ଚଢ଼ାଉ କରିଥିବାବେଳେ ତଲାସି ଜାରି ରହିଛି। ବୋରା କାମରୂପ ଜିଲାର ଗୋରୋଇମାରିଠାରେ ସର୍କଲ ଅଫିସର ଭାବେ ପୋଷ୍ଟିଂ ହୋଇଥିଲେ। ବୋରା ତାଙ୍କ ଆୟ ତୁଳନାରେ ୪୦୦ ଗୁଣ ଅଧିକ ସମ୍ପତ୍ତି ଠୁଳ କରିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।




# ଇସ୍ରାଏଲ୍ ଆକ୍ରମଣରେ ୭୮ ପାଲେଷ୍ଟିନୀୟ ମୃତ

**ଗାଜା ସିଟି ଦଖଲ ପାଇଁ ଜୋର୍‌ଦାର ସ୍ଥଳଯୁଦ୍ଧ**

ଜେରୁଜେଲମ୍,୧୬।୯

ଗାଜା ସିଟିକୁ ଦଖଲ କରିବା ପାଇଁ ସୋମବାର ରାତିରେ ଜୋର୍‌ଦାର ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲୀ ସେନା ମଙ୍ଗଳବାର ସ୍ଥଳ ଆକ୍ରମଣ ଆରମ୍ଭ କରିଛି। ଏହି ଆକ୍ରମଣରେ ଅନ୍ୟୂନ ୭୮ ଜଣ ପାଲେଷ୍ଟନୀୟ ନିହତ ହୋଇଛନ୍ତି। ହମାସ୍‌ର ସାମରିକ ଭିତ୍ତିଭୂମିକୁ ଧ୍ୱଂସ କରିବା ପାଇଁ ସ୍ଥଳ ଆକ୍ରମଣ ଆରମ୍ଭ ହୋଇଥିବା ଇସ୍ରାଏଲୀ ସେନା ଘୋଷଣା କରିଛି। ସେଠାର ଲୋକମାନଙ୍କୁ ଦକ୍ଷିଣ ଗାଜାକୁ ପଳାଇଯିବା ପାଇଁ ଇସ୍ରାଏଲୀ ସେନା ମୁଖପାତ୍ର ଅଭିଚୟ ଅଦ୍ରାଇ ସତର୍କ କରାଇଛନ୍ତି। ଗାଜା ଜଳୁଥିବା ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟଜ କହିଛନ୍ତି। ଗାଜାସିଟିର ଜନବହୁଳ ଅଞ୍ଚଳ ମଧ୍ୟରେ ଇସ୍ରାଏଲ୍ ଆକ୍ରମଣକୁ ଜୋର୍‌ଦାର କରିବାର କିଛି ମିନିଟ୍ ପୂର୍ବରୁ ବହୁସଂଖ୍ୟାରେ ପାଲେଷ୍ଟିନୀୟ ଜୀବନ ବଞ୍ଚାଇବା ପାଇଁ ଗାଜା ସିଟି ଛାଡ଼ି ଚାଲିଯିବାକୁ ବାଧ୍ୟ ହୋଇଛନ୍ତି।

ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓଙ୍କ ଗସ୍ତ ପରେ ଇସ୍ରାଏଲ୍ ସ୍ଥଳ ଆକ୍ରମଣ ଆରମ୍ଭ କରିଛି। ଆକ୍ରମଣ ଯୋଜନାକୁ ଆମେରିକା ସମର୍ଥନ କରୁଥିବା ଏହା ଘୋଷଣା କରିଛି। ମଙ୍ଗଳବାର ରୁବିଓ ଇସ୍ରାଏଲ୍ ଛାଡ଼ି କାତାରରେ ପହଞ୍ଚିଛନ୍ତି। ସୋମବାର କାତାରରେ ଅନୁଷ୍ଠିତ ସମିଟିରେ ଇସ୍ରାଏଲ୍‌ର ଆକ୍ରମଣକୁ ନିନ୍ଦା କରାଯାଇଥିଲା। ତେବେ ଇସ୍ରାଏଲ୍‌କୁ ଟାର୍ଗେଟକରି ସେମାନେ କୌଣସି ବଡ଼ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେଇ ନାହାନ୍ତି।


ଗାଜାସିଟିରେ ଇସ୍ରାଏଲର ଆକ୍ରମଣ ପରେ ଅଲ-ଘେଫାରୀ ଟାୱାର ଜଳୁଛି।

ଗାଜାରେ ଇସ୍ରାଏଲ୍ ଗଣହତ୍ୟା ଚଳାଇଥିବା ଜାତିସଂଘ ମାନବାଧିକାର ପରିଷଦ ଦ୍ୱାରା ଗଠିତ ଏକ ନିରପେକ୍ଷ ବିଶେଷଜ୍ଞ କମିଟି ରିପୋର୍ଟ ଦେଇଛି। ଅନ୍ତର୍ଜାତୀୟ ସମୁଦାୟ ଏହି ଗଣହତ୍ୟାକୁ ବନ୍ଦ କରିବା ସହ ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଦଣ୍ଡିତ କରିବା ଦିଗରେ ପଦକ୍ଷେପ ନେବାକୁ କମିଟି ଆହ୍ୱାନ ଦେଇଛି। ତେବେ ଇସ୍ରାଏଲ୍ ଉକ୍ତ ରିପୋର୍ଟକୁ ବିକୃତ ଓ ମିଥ୍ୟା କହି ପ୍ରତ୍ୟାଖ୍ୟାନ କରିଛି।

ସୂଚନାଯୋଗ୍ୟ, ୨୦୨୩ ଅକ୍ଟୋବର ୭ରେ ହମାସ୍ ନେତୃତ୍ୱାଧୀନ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଆକ୍ରମଣ କରି ୧,୨୦୦ ଲୋକଙ୍କୁ ହତ୍ୟା କରିବା ସହ ୨୫୧ ଜଣଙ୍କୁ ପଣବନ୍ଦୀ କରି ନେଇଯାଇଥିଲେ। ଏହାର ଜବାବରେ ଇସ୍ରାଏଲ୍ ଗାଜା ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ପୂର୍ବରୁ ସାମୟିକ ଅସ୍ତ୍ରବିରତି ବେଳେ ବିଭିନ୍ନ ପର୍ଯ୍ୟାୟରେ କେତେଜଣ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିବାବେଳେ ଏବେ ବି ଗାଜାରେ ୪୮ ଜଣ ଜୀବିତ ପଣବନ୍ଦୀ ରହିଥିବା ବିଶ୍ୱାସ କରାଯାଉଛି। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ଇସ୍ରାଏଲୀ ସେନାର ଆକ୍ରମଣରେ ୬୪,୯୦୦ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ କେତେଜଣ ସାଧାରଣ ନାଗରିକ ଓ କେତେଜଣ ଲଢୁଆ ଆତଙ୍କବାଦୀ ତାହା ଜଣାପଡ଼ିନାହିଁ। ତେବେ ମୃତକଙ୍କ ମଧ୍ୟରୁ ଅଧା ହେଉଛନ୍ତି ମହିଳା ଓ ଛୋଟ ପିଲା।

# ବିଦାହେବେ ଦସ୍ତାବିଜ ନ ଥିବା ଦାଦନ ଶ୍ରମିକ

**ପଞ୍ଜାବ ପଞ୍ଚାୟତଗୁଡ଼ିକରେ ପ୍ରସ୍ତାବ ଗୃହୀତ**

ଚଣ୍ଡିଗଡ଼,୧୬।୯

ମହାରାଷ୍ଟ୍ରରେ ମରାଠି ବିବାଦ ପରେ ଏବେ ପଞ୍ଜାବରେ ବାହାର ରାଜ୍ୟର ଲୋକଙ୍କୁ ଟାର୍ଗେଟ କରାଯାଉଛି। ବିନା ଦସ୍ତାବିଜ୍‌ରେ ପଞ୍ଜାବର ବିଭିନ୍ନ ଗ୍ରାମରେ ରହିଥିବା ଦାଦନ ଶ୍ରମିକମାନଙ୍କୁ ବିଦା କରାଯିବ। ଏଥିପାଇଁ ହୋଶିଆରପୁର ଜିଲାର ୨୭ଟି ଗ୍ରାମରେ ଏଭଳି ପ୍ରସ୍ତାବ ଗୃହୀତ ହୋଇଛି। ସେମାନଙ୍କ ଅଞ୍ଚଳରେ ରହିଥିବା ବାହାର ରାଜ୍ୟର ଶ୍ରମିକମାନଙ୍କୁ ଆଉ ବାସିନ୍ଦା ପ୍ରମାଣପତ୍ର ଇସ୍ୟୁ କରାଯିବ ନାହିଁ। ବୈଧ ଦସ୍ତାବିଜ୍ ନଥିବା ଦାଦନଙ୍କୁ ସପ୍ତାହେ ମଧ୍ୟରେ ଉକ୍ତ ଅଞ୍ଚଳ ଛାଡ଼ିବାକୁ କୁହାଯିବ। ଗତ ୯ ତାରିଖରେ ହୋଶିଆରପୁରରେ ୫ ବର୍ଷର ବାଳକକୁ ଜଣେ ଦାଦନ ଶ୍ରମିକ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହୁଥିବା ବାହାର ରାଜ୍ୟର ଲୋକମାନଙ୍କ ବିରୋଧରେ ଉତ୍ତେଜନା ବଢ଼ିଛି।




# ରାଜ୍ୟଗୁଡ଼ିକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**ଧର୍ମାନ୍ତରୀକରଣ ନିରୋଧୀ ଆଇନ ଉପରେ ସ୍ଥଗିତାଦେଶ ପାଇଁ ଆବେଦନ**

ନୂଆଦିଲ୍ଲୀ,୧୬।୯(ପି.ଟି.)

ବିଭିନ୍ନ ରାଜ୍ୟରେ ଧର୍ମାନ୍ତରୀକରଣ ନିରୋଧୀ ଆଇନ ଉପରେ ସ୍ଥଗିତାଦେଶ ଲଗାଇବାକୁ ନିବେଦନକରି ସୁପ୍ରିମକୋର୍ଟରେ କେତେଗୁଡ଼ିଏ ପିଟିଶନ୍ ଦାଏର ହୋଇଥିବାବେଳେ ସର୍ବୋଚ୍ଚ ଅଦାଲତ ମଙ୍ଗଳବାର ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ରାଜ୍ୟଗୁଡ଼ିକୁ ନୋଟିସ ଜାରି କରିବା ସହ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି। ଜବାବ ମିଳିବା ପରେ ଉକ୍ତ ଆଇନଗୁଡ଼ିକର କାର୍ଯ୍ୟକାରିତା ଉପରେ ରୋକ ଲଗାଇବା ପାଇଁ ହୋଇଥିବା ଆବେଦନକୁ ବିଚାରକୁ ନିଆଯିବ ବୋଲି ଖଣ୍ଡପୀଠ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୬ ସପ୍ତାହ ପରେ କରିବାକୁ ଅଦାଲତ ତାରିଖ ଧାର୍ଯ୍ୟ କରିଛନ୍ତି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ,ଉତ୍ତରାଖଣ୍ଡ, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ ଏବଂ କର୍ନଟକ ସମେତ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ଧର୍ମାନ୍ତରୀକରଣ ନିରୋଧୀ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜକରି ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର ହୋଇଥିଲା।


# ମାସୁଦ୍ ଅଜହରଙ୍କ ପରିବାର ଧ୍ୱଂସ


**ଅପରେଶନ ସିନ୍ଦୂରକୁ ନେଇ ଜେଇଏମ୍ ଶୀର୍ଷ କମାଣ୍ଡରଙ୍କ ବଡ଼ ସ୍ୱୀକାରୋକ୍ତି**

ନୂଆଦିଲ୍ଲୀ,୧୬।୯

ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଅପରେଶନ୍ ସିନ୍ଦୂର ଆରମ୍ଭ କରିଥିଲା। ମେ’ ୭ ରାତିରେ ବାହାୱଲପୁରର ମର୍କଜ ସୁଭାନଲ୍ଲାରେ ଥିବା ଜୈଶ-ଇ-ମହମ୍ମଦ (ଜେଇଏମ୍)ର ମୁଖ୍ୟାଳୟକୁ ଟାର୍ଗେଟକରି ଭାରତୀୟ ସେନା ଆକ୍ରମଣ କରିଥିଲା। ଏହି ଆକ୍ରମଣ ଜେଇଏମ୍ ମୁଖ୍ୟ ମୌଲାନା ମାସୁଦ ଅଜହରଙ୍କ ପରିବାରକୁ ଚୂର୍ମାର କରିଦେଇଥିବା ଉକ୍ତ ସଂଗଠନର ଶୀର୍ଷ କମାଣ୍ଡର ମାସୁଦ୍ ଇଲିୟାସ୍ କଶ୍ମୀରୀ ଏକ ଭିଡିଓ ବାର୍ତ୍ତାରେ ସ୍ୱୀକାର କରିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଉକ୍ତ ଭିଡିଓ କ୍ଲିପ୍‌ରେ ଇଲିୟାସ କହିଛନ୍ତି, ଦେଶର ସୁରକ୍ଷା ପାଇଁ ଆମେ ଆତଙ୍କବାଦକୁ ଗ୍ରହଣ କରିଛୁ ଏବଂ ଦେଶର ସୀମାକୁ ସୁରକ୍ଷା ଦେବା ପାଇଁ ଦିଲ୍ଲୀ, କାବୁଲ ଓ କାନ୍ଦାହାରରେ ଲଢ଼େଇ କରିଛୁ। ସବୁକିଛି ଦେବା ପରେ ଗତ ମେ’ ୭ରେ ଭାରତୀୟ ସେନା ବାହାୱଲପୁରରେ ଆକ୍ରମଣ କଲା ଓ ଅଜହରଙ୍କ ପରିବାରକୁ ଧ୍ୱଂସ କରିଦେଲା। ଇଲିୟାସ ଏକ ମାଇକ୍ରୋଫୋନରେ ଉଚ୍ଚ ସ୍ୱରରେ କହୁଥିବାବେଳେ ପଛରେ ବହୁ ବନ୍ଧୁକଧାରୀ ଗାର୍ଡ ଛିଡ଼ା ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି।




# ବିକାଶ କ୍ଷେତ୍ରରେ ସମସ୍ତେ ସହଯୋଗ କରନ୍ତୁ: ମନମୋହନ

## ଚାନ୍ଦବାଲିରେ ଅଟଳ ପାର୍କ, ପ୍ରତିମୂର୍ତ୍ତି ପ୍ରତିଷ୍ଠା ନେଇ ଘୋଷଣା କଲେ ମନ୍ତ୍ରୀ

ଚାନ୍ଦବାଲି,୧୬।୯(କିଷାନ ପାତ୍ର):

ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ଥିବା ଗମନାଗମନ, ପାନୀୟ ଜଳ, ଜଳସେଚନ ଆଦି ସମସ୍ୟା ସମାଧାନ କରିବାକୁ ରାଜ୍ୟ ସରକାର ଯତ୍ନବାନ ଅଛନ୍ତି। ଦଳମତ ନିର୍ବିଶେଷରେ ବିକାଶ କ୍ଷେତ୍ରରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି। ପୁଣିଥରେ ଭାଜପାର ରାଜ୍ୟ ସଭାପତି ହେବା ପରେ ମନମୋହନ ମଙ୍ଗଳବାର ନିଜ ନିର୍ବାଚନ ମଣ୍ଡଳୀ ଚାନ୍ଦବାଲି ଗସ୍ତ ଅବସରରେ ଅନୁଷ୍ଠିତ ସଭାରେ ଯୋଗଦେଇ ଏହା କହିଛନ୍ତି।

ବିଭିନ୍ନ ସ୍ଥାନରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ତିହିଡ଼ି ବ୍ଲକର ବିନ୍ଧା ଛକଠାରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ଚାନ୍ଦବାଲି ପର୍ଯ୍ୟନ୍ତ ନେଇଥିଲେ। ତାଙ୍କ ସହ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ଥିଲେ। ଜିଲା ଭାଜପା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାରଙ୍କ ସଂଯୋଜନାରେ ଚାନ୍ଦବାଲି



ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

କାଳୀପଡ଼ିଆଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମନମୋହନ ଆହୁରି କହିଛନ୍ତି, ଭାଜପା ସରକାର କୃଷକମାନଙ୍କ ଉନ୍ନତି ପାଇଁ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ସାଙ୍ଗକୁ ଧାନର ଇନ୍‌ପୁଟ୍ ସବ୍‌ସିଡି ଆରମ୍ଭ କରିଛନ୍ତି। ଧାମରାଠାରେ ଆଗାମୀ ଦିନରେ ବ୍ୟାପକ ପୁଞ୍ଜି ବିନିଯୋଗ ହେବ। ଫଳରେ ଏଠାରେ ଶିଳ୍ପ ପ୍ରତିଷ୍ଠା ସାଙ୍ଗକୁ ବ୍ୟାପକ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ମହାପାତ୍ର ଯୋଗଦେଇ ଚାନ୍ଦବାଲି ଏନ୍‌ଏସିକୁ ରାଜ୍ୟରେ ଏକ ମଡେଲ ଏନ୍‌ଏସିରେ ପରିଣତ କରିବାକୁ ସମସ୍ତେ ସହଯୋଗ କରିବାକୁ କହିଥିଲେ। ଏହି ଅବସରରେ ନୂତନ ଭାବେ ଏନ୍‌ଏସିରେ ଅଟଳ ପାର୍କ ସାଙ୍ଗକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଜିଲା କୃଷକ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ଉପେନ୍ଦ୍ର ରାଉଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, କାହ୍ନୁଚରଣ ବେହେରା, ନିର୍ବାଚନୀମଣ୍ଡଳୀ ସଂଯୋଜକ କିଶୋର ନାୟକ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଘଣ୍ଟେଶ୍ୱରୀ ମଣ୍ଡଳ ସଭାପତି ମିତ୍ରଭାନୁ ଦାସ, ଆରଡ଼ି ଜୋନ୍ ସଭାପତି ସନ୍ଦୀପ ନାୟକ, ଚନ୍ଦନ ବଳ, ତ୍ରିଦୀବେଶ ପ୍ରଧାନ, ନୀଳମଣି ପଣ୍ଡା, ସୁଶାନ୍ତ ପୁହାଣ, ସରପଞ୍ଚ ସ୍ୱର୍ଣ୍ଣଲତା ପୁହାଣ, ଭାରତୀ ବିଶ୍ୱାଳ, ସମିତିସଭ୍ୟ ଅଭୟ ବଳ, ପାରିଷଦ ଚନ୍ଦନ ରାଉତ, ଶୀତ ମହାଳିକ, ଅର୍ଜିତ ପଣ୍ଡା, ଏନ୍‌ଏସି ଯୁବ ସଭାପତି ବିଳାସ ନାୟକ, ବିଶ୍ୱମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଆଗରପଡ଼ା ବଜାରରେ ଜଳିଗଲା ୩ ଦୋକାନ

ଆଗରପଡ଼ା,୧୬।୯(ସୁଶାନ୍ତ ଦାଶ):

ବନ୍ତ ବ୍ଲକର ଆଗରପଡ଼ା ବଜାରରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ଦୋକାନ ଜଳିଯାଇଛି। ମହାନ୍ତିପଡ଼ା ଗ୍ରାମର ସୁବାସ ପଡ଼ିଆରୀ ଫୁଲ ଏବଂ ପୂଜା ସାମଗ୍ରୀ ଦୋକାନ କରିଥିଲେ। ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରାତି ୧୧ଟା ୩୦ ବେଳେ ତାଙ୍କ ଦୋକାନ ଜଳୁଥିବା ଲୋକଙ୍କଠାରୁ ଖବର ପାଇ ଆସି ପହଞ୍ଚିଥିଲେ। ବୁଧବାର ବିଶ୍ୱକର୍ମା ପୂଜା ଥିବାରୁ ସେ ନିଜ ଦୋକାନରେ ଅଧିକ ପରିମାଣରେ ପୂଜା ସାମଗ୍ରୀ ବିକ୍ରି ପାଇଁ ରଖିଥିଲେ। ସବୁ ଜଳି ଯାଇଥିବାରୁ ମହାଜନଙ୍କୁ ଟଙ୍କା ପରିଶୋଧ କରିବା ନେଇ ମୁଣ୍ଡରେ ବଜ୍ର ପଡ଼ିଛି। ସେହିପରି ତାଙ୍କ ଦୋକାନ ପାଖରେ ଥିବା ଅଶୋକ ଗୁପ୍ତାଙ୍କ ତେଜରାତି ଦୋକାନ ଏବଂ ଛବିଙ୍କ ହାର୍ଡୱାର ଦୋକାନକୁ ନିଆଁ ବ୍ୟାପୀ ଯାଇଥିଲା। ଖବରପାଇ ଆଗରପଡ଼ା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବା ବେଳେ ପାଣିରେ ସମସ୍ତ ଜିନିଷ ନଷ୍ଟ ହୋଇଯାଇଛି। ୩ ଦୋକାନୀ ନିଜର ରୋଜଗାର ହରାଇ ବସିଛନ୍ତି। ସେମାନଙ୍କୁ ସରକାରଙ୍କ ପକ୍ଷରୁ ସାହାଯ୍ୟ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

ତିହିଡ଼ି,୧୬।୯(ସଞ୍ଜିତ ବଳ):

ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିନ୍ଧା ଛକଠାରେ ମନମୋହନ ପହଞ୍ଚିବା ପରେ ଭାଜପା ନେତା ଓ କର୍ମୀମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ନେଇ ସମ୍ବର୍ଦ୍ଧନା ଦେଇଥିଲେ। ମନମୋହନଙ୍କ ସହ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ବରିଷ୍ଠ ନେତା ଅଜୟ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଯୁବନେତା ଅଜୟ କୁମାର ରାଉତ, ଶଶିକାନ୍ତ ନାୟକ, ଉପେନ୍ଦ୍ର ରାଉଳ, ଅଜୟ କୁମାର ମହାନ୍ତି, ସରପଞ୍ଚ ଚକ୍ରଧର ଦାସ, ଅଶୋକ ରାଉତ, କମଳାକାନ୍ତ ସୂତାର, ସୁବ୍ରତ ବଳ, ସୁବାସ ସେଠୀ, ମୁକ୍ତିକାନ୍ତ ନାୟକ, ସଂଗ୍ରାମ ମହାନ୍ତି, ସନାତନ ମିଶ୍ର, ମାଳତୀଲତା ସାହୁ, ପ୍ରଦୀପ ନାୟକ, ଦେବେନ୍ଦ୍ର ଦାସ ପ୍ରମୁଖ ମନମୋହନଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପରେ ସେ ଏକ ଖୋଲାଗାଡ଼ିରେ ଚାନ୍ଦବାଲି ଅଭିମୁଖେ ଯାତ୍ରା କରିଥିଲେ। ସେହିପରି ତିହିଡ଼ିରେ ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ବରିଷ୍ଠ ନେତା ରଘୁନାଥ ପାତ୍ର, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ମଣ୍ଡଳ ସଭାପତି କେଶବ ବେହେରା, ସରୋଜ ନାୟକ ପ୍ରମୁଖ ରାଜ୍ୟ ସଭାପତି ସାମଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାବାଦ୍ ଦୋଲସାହି, ଅଲିନଗର, ନନ୍ଦପୁର, କୋହ୍ଲ, କମାରିଆ ଇତ୍ୟାଦି ସ୍ଥାନରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ୧୨ ଏସ୍‌ଏଚ୍‌ଜିକୁ ୧ କୋଟି ଋଣ

## ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ନବୀକରଣ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି ଓ ବ୍ୟାଙ୍କ କର୍ମଚାରୀମାନେ।

ତିହିଡ଼ି,୧୬।୯(ସଞ୍ଜିତ ବଳ):

ଏସ୍‌ବିଆଇ(ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ)ର ତିହିଡ଼ି ଶାଖା ପକ୍ଷରୁ ମଙ୍ଗଳବାର ବ୍ୟାଙ୍କ ପରିସରରେ ନବୀକରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ୧୨ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ)କୁ ୧କୋଟି ଟଙ୍କାର ଋଣ ସହାୟତା ପ୍ରଦାନ କରାଯାଇଛି। ଶାଖା ପରିଚାଳକ ଶିବାଶିଷ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ୟାଙ୍କ ଜେନେରାଲ ମ୍ୟାନେଜର ବନ୍ଦନା ଅଗ୍ରୱାଲ ଯୋଗଦେଇ ଏସ୍‌ବିଆଇ ସବୁବେଳେ ଲୋକଙ୍କ ସହ ରହି ସେବା ଯୋଗାଇ ଆସୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରିଜିଓନାଲ ମ୍ୟାନେଜର ଯଶୋବନ୍ତ ଦାସ ଯୋଗଦେଇ ଉତ୍ତମ ଗ୍ରାହକ ସେବା ପାଇଁ ଏସ୍‌ବିଆଇ ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିଥିବା କହିଥିଲେ। ଅନ୍ୟତମ ଅତିଥି ଭାବେ ଫିଲ୍ଡ ଅଫିସର୍ ସନ୍ତୋଷ କୁମାର ପାଢ଼ୀ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଏସ୍‌ଏଚ୍‌ଜି କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅନୁରାଧା ପଣ୍ଡା, ସସ୍ମିତା କୁମାରୀ ନାୟକ, ଅଜୟ ମିଶ୍ର, ସିଦ୍ଧେଶ୍ୱର ଗୋଛାୟତ, ସୁରେଶ ପାଣିଗ୍ରାହୀ, ଲକ୍ଷ୍ମୀଧର ବେହେରା, ବଂଶୀଧର ପଣ୍ଡା, ରାକେଶ ସିଂ, ସୁଦୟା ମଲ୍ଲିକ ପ୍ରମୁଖ ବ୍ୟାଙ୍କ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ସାଂସ୍କୃତିକ ମହୋତ୍ସବ



ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

ଭଦ୍ରକ, ୧୬।୯(ରବିନାରାୟଣ ଖିଲାର):

ଭଦ୍ରକ ସହରର କୁଆଁସ ପିଲା ଗଣେଶ କମିଟି ପକ୍ଷରୁ ଆୟୋଜିତ ଦୁଇଦିନ ବ୍ୟାପୀ ସାଂସ୍କୃତିକ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସମ୍ମାନିତ ଅତିଥି ଭାବେ ଏମ୍‌ପି ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଡା. ପ୍ରଦୀପ ନାୟକ, କମିଟି ସଭାପତି ସଞ୍ଜୀବ ଦାସ, ସମ୍ପାଦକ ପ୍ରଭାତ ମହାନ୍ତି, କୋଷାଧ୍ୟକ୍ଷ ରାଜ କୁମାର, କାଉନସିଲର ଜ୍ୟୋତିର୍ମୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୁଧା ସାଗର ଗ୍ରୁପ୍ ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ପ୍ରଖ୍ୟାତ କଣ୍ଠଶିଳ୍ପୀ ପଙ୍କଜ ଜାଲ, କରୁଣାକର ସେଠୀ ଓ ସାଥୀ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଡା. ଧନଞ୍ଜୟ ପଣ୍ଡା, ଡା. ଭାଗ୍ୟଶ୍ରୀ ପଣ୍ଡା, ସାମାଜିକ କର୍ମୀ ଐଶକାନ୍ତ ମହାନ୍ତି, ସେବିକା ସବିତା ମହାନ୍ତି ଓ ସ୍ୱଚ୍ଛସାଥୀ ମନୋରମା ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଂଶଗ୍ରହଣ କରିଥିବା କୁନି ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଅମରଜିତ ରାୟ, ଅବିନାଶ ପଟ୍ଟନାୟକ, ସୁରେନ୍ଦ୍ର ସେଠୀ, ରାଜୀବ ଦାସ, ଦେବରାଜ ବିଶ୍ୱାଳ, ସାର୍ଥକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ‘ମା’ ପାଇଁ ଗଛଟିଏ’ ଯୋଜନା ସଫଳ କରିବାକୁ ଜିଲାପାଳଙ୍କ ଆହ୍ୱାନ

# ବାସୁଦେବପୁରରେ ବଣ୍ଟାଗଲାଣି ୧୮ ହଜାର ଚାରା

ବାସୁଦେବପୁର,୧୬।୯(ନାରାୟଣ ପ୍ରସାଦ ବାରିକ୍):

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ‘ମା’ ପାଇଁ ଗଛଟିଏ’ ଯୋଜନାରେ ଗୋଟିଏ ଲେଖାଏ ଚାରାରୋପଣ ପାଇଁ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ମିଶନକୁ ପୂରା କରିବା ଲାଗି ବାସୁଦେବପୁର ବନ ବିଭାଗ ୩୬ ପଞ୍ଚାୟତକୁ ୫ଶହ ଲେଖାଏ ମୋଟ ୧୮ ହଜାର ଚାରା ବଣ୍ଟନ କରିସାରିଛି। ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏ ଗଛ ଲଗାଇବାକୁ ଜିଲାପାଳ ଦିଲୀପ ରାଉତରାଏ ମଙ୍ଗଳବାର ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମଗ୍ର ଭଦ୍ରକ ଜିଲାବାସୀଙ୍କୁ ଆହ୍ୱାନ ଜଣାଇବା ସହ ଏହି ଯୋଜନା ଜିଲାରେ ସଫଳ ହେବ ବୋଲି ଆଶା ବାନ୍ଧିଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ଏବେ ସୁଦ୍ଧା ବାସୁଦେବପୁର ବନ ବିଭାଗ ଗ୍ରୀନ୍ ମହାନଦୀ ମିଶନ(ଜିଏମ୍‌ଏମ୍) ମାଧ୍ୟମରେ ନୂଆଗାଁ ଆଡ଼ିଆରେ ୧୦ ହେକ୍ଟର ଜାଗାରେ ୨୫ ହଜାର ଝାଉଁ ଚାରାରୋପଣ କରିବା ସହ ସୁଗୋରେ ସହରାଞ୍ଚଳ ବନୀକରଣ ଯୋଜନାରେ ୮/୧୦ କିସମର ଭାରତୀୟ ପ୍ରଜାତିର ୩ ହଜାର ଗଛ ଲଗାଯାଇଛି। ସେହିପରି କାମ୍ପା ଯୋଜନାରେ ମାଟିପକା, କାଳୀଗଦିଠାରେ ୭ ହେକ୍ଟର ଜମିରେ ଚାରାରୋପଣ କରାଯାଇଛି। ଇରମରୁ ଲକ୍ଷ୍ମୀଦାସପୁର ଭାୟା ଚୁଡ଼ାମଣି ଇଷ୍ଟକୋଷ୍ଟ କେନାଲ ଆଡ଼ି ଦୁଇପାର୍ଶ୍ୱରେ ବଜ୍ରପାତ ଆଘାତକୁ ପ୍ରତିହତ କରିବାକୁ ୨୫୦୦ ତାଳମଞ୍ଜି ରୋପଣ କରାଯାଇଥିବା ବାସୁଦେବପୁର ବନ ବିଭାଗ ରେଞ୍ଜର ଅତୁଲ୍ୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ‘ମା’ ପାଇଁ ଗଛଟିଏ’ ଯୋଜନା ଏକ ଲୋକାଭିମୁଖୀ, ପରିବେଶକୁ ସୁରକ୍ଷା ଦେବା, ସୁରକ୍ଷିତ ରଖିବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଥିରେ ପ୍ରତ୍ୟେକ ବ୍ୟକ୍ତିଙ୍କ ସହଯୋଗ ଓ ସହଭାଗିତା ଆବଶ୍ୟକ। ଚାରାରୋପଣ ପାଇଁ ବିଭିନ୍ନ ନର୍ସରୀରେ ପର୍ଯ୍ୟାପ୍ତ ପରିମାଣରେ ଚାରା ମହଜୁଦ ରଖାଯାଇଛି ବୋଲି ସେ କହିଛନ୍ତି।

## ଆର୍ଥିକ ଅନିୟମିତତା ନେଇ ଅଭିଯୋଗ

# ଥାନାର ଦ୍ୱାରସ୍ଥ ଏସ୍‌ଏଚ୍‌ଜି ମହିଳା

ଧାମନଗର,୧୬।୯(ସନ୍ତୋଷ କୁମାର ମହାପାତ୍ର):

ଧାମନଗର ବ୍ଲକ କରଦା ପଞ୍ଚାୟତର ମହାଲକ୍ଷ୍ମୀ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀଙ୍କ ଦ୍ୱାରା ଆର୍ଥିକ ଅନିୟମିତତା ନେଇ ସମ୍ପାଦିକାଙ୍କ ସମେତ ସଦସ୍ୟାମାନେ ମଙ୍ଗଳବାର ପୂର୍ବାହ୍ନରେ ଧାମନଗର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଥାନାରେ ଅଭିଯୋଗ କରିଛନ୍ତି ଯେ, ଗୋଷ୍ଠୀ ଋଣ ଅର୍ଥର ମାସିକିଆ ପରିଶୋଧ ଅର୍ଥକୁ ସଦସ୍ୟାମାନେ ସଭାନେତ୍ରୀଙ୍କୁ ହସ୍ତାନ୍ତର କରିଥାନ୍ତି। ସେହି ଟଙ୍କା ବ୍ୟାଙ୍କରେ ପୈଠ ନ କରିବା, ମାସିକିଆ କିସ୍ତି ଅର୍ଥକୁ ନ ଦେଇ ଗୋଷ୍ଠୀ ନାମରେ ଥିବା ସେଭିଂ ଆକାଉଣ୍ଟରୁ ବିନା ଅନୁମତିରେ ଉଠାଇ ଋଣ ସୁଝିବା, ସଭାନେତ୍ରୀ ସମ୍ପାଦିକାଙ୍କ ଜାଲ୍ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ଉଠାଣ କରିବା, ରିଜୋଲେଶନ ଖାତାରେ ବ୍ଲାଙ୍କ୍ ଦସ୍ତଖତ କରିବା, ଟଙ୍କା ଉଠାଣ ସମୟରେ ସଦସ୍ୟାମାନଙ୍କୁ ନ ଜଣାଇବା ସହ ଚେକ୍ ବହିରେ ସମ୍ପାଦିକାଙ୍କ ଜାଲ୍ ଦସ୍ତଖତ କରି ଟଙ୍କା ଉଠାଣ ଆଦି କରାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଏପରିକି ୨୦୨୪ ନଭେମ୍ବର ୨୨ରେ ୨ ଲକ୍ଷ ଟଙ୍କା ଋଣ ଉଠାଯାଇ ସଦସ୍ୟାମାନଙ୍କୁ ୧ ଲକ୍ଷ ଟଙ୍କା ଉଠାଣ କରାଯାଇଛି ବୋଲି କହି ଅବଶିଷ୍ଟ ୧ ଲକ୍ଷ ସଭାନେତ୍ରୀ ହଡ଼ପ କରିଛନ୍ତି। ଉକ୍ତ ସଭାନେତ୍ରୀ ଅନ୍ୟ ଏକ ଆଞ୍ଚଳିକ ମଞ୍ଚର ସିଆର୍‌ପି ମଧ୍ୟ ଅଛନ୍ତି। ଯଦି ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଉଠାଣ ଓ ପୈଠ ସମୟରେ ସରକାରୀ ନିୟମକୁ ଠିକ୍ ଭାବେ ପାଳନ କରିଥାନ୍ତେ, ତେବେ ଗୋଷ୍ଠୀର ଏପରି ଆର୍ଥିକ ହେରଫେର ସହ ଅନ୍ୟାନ୍ୟ ସମସ୍ୟା ହୋଇ ନ ଥାନ୍ତା ବୋଲି ସଦସ୍ୟାମାନେ ଦର୍ଶାଇଛନ୍ତି। ଗୋଷ୍ଠୀର ଅମ୍ବିକା ସାହୁ, ଦୁର୍ଗାବତୀ ସାହୁ, ବିଷ୍ଣୁପ୍ରିୟା ସାହୁ, ପୂଜାରାଣୀ ସାହୁ, ପ୍ରତିମା ସାହୁ, ସାରଥି ସାହୁ, ପ୍ରଣତି କର, ସରଦା କର ପ୍ରମୁଖ ଅଭିଯୋଗ କରିଛନ୍ତି।

# ଅପହୃତା ଛାତ୍ରୀଙ୍କ ପତ୍ତା ମିଳୁନି

## ପୋଖରୀରେ ଖୋଜିଲେ ଅଗ୍ନିଶମ କର୍ମଚାରୀ

ବାସୁଦେବପୁର,୧୬।୯
(ନାରାୟଣ ପ୍ରସାଦ ବାରିକ୍):

ବାସୁଦେବପୁର ବ୍ଲକ ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ରାଧାନାଥପୁର ଆଡ଼ିଆ ଅଞ୍ଚଳରୁ ୪ଦିନ ତଳେ ଅପହୃତ ହୋଇଥିବା ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ କୌଣସି ପତ୍ତା ମିଳିନାହିଁ। ଏସ୍‌ପି ମନୋଜ ରାଉତ, ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଏହି ଘଟଣାର ହସ୍ତକ୍ଷେପ କରିଥିଲେ ମଧ୍ୟ ଅପହରଣକାରୀଙ୍କ ପାଖରେ ପହଞ୍ଚି ପାରୁନି ପୋଲିସ। ବାସୁଦେବପୁର, ନାୟକାଣିଡିହୀ, ଚୁଡ଼ାମଣି ଓ କଷିଆ ସାମୁଦ୍ରିକ ଥାନାର ପୋଲିସ ମିଳିତ ଭାବେ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିବା ସହ ସିସିକ୍ୟାମେରା ଯାଞ୍ଚ କରି ଚଢ଼ାଉ ଜାରି ରଖିଛନ୍ତି। କିଏ, କାହିଁକି ଏହି ଛାତ୍ରୀଙ୍କୁ ଅପହରଣ କରିଛନ୍ତି, ପୋଲିସ ଏପର୍ଯ୍ୟନ୍ତ ତା’ର କୌଣସି ଖିଅ ପାଉନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ମଙ୍ଗଳବାର ଅଗ୍ନିଶମ କର୍ମଚାରୀମାନେ ନାବାଳିକାଙ୍କ ଘର ନିକଟରେ କେତୋଟି ପୋଖରୀରେ ତନ ତନ କରି ଖୋଜାଖୋଜି କରିଥିଲେ ମଧ୍ୟ ନିରାଶ ହୋଇଛନ୍ତି। ବିଧାୟକ ଅଶୋକ କୁମାର ଦାସ ନାବାଳିକାଙ୍କ ଘରେ ପହଞ୍ଚି ନାବାଳିକାଙ୍କ ମା’ ବାପାଙ୍କୁ ଆଶ୍ୱାସନା ଦେବା ସହ ଘଟଣା ବାବଦରେ ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

# ବିଦ୍ୟୁତ୍ ଆଘାତରେ ମହିଳା ମୃତ

ଭଣ୍ଡାରିପୋଖରୀ,୧୬।୯(ରାଜେନ୍ଦ୍ର ଶତପଥୀ):

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍ ଫାଣ୍ଡି ଅଧୀନ ଥଇଲା ମାଝୀସାହିର ଅଜୟ ମାଝୀଙ୍କ ସ୍ତ୍ରୀ ପାର୍ବତୀ ବେହେରା(୨୬)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପାର୍ବତୀ ଦେଢ଼ବର୍ଷର ଶିଶୁପୁତ୍ରକୁ ନେଇ ସୋମବାର ଆରଡ଼ି ଆଖଣ୍ଡଳମଣିଙ୍କ ଦର୍ଶନ କରି ଫେରିଥିଲେ। ବୁଧବାର ପୁରୀ ଯିବା ପାଇଁ ଲୁଗା ସଫା କରିବାକୁ ସେ ନଳକୂପ ସଂଲଗ୍ନ ପାଣିମୋଟରର ସୁଇଚ୍ ସ୍ପର୍ଶ କରିବା ମାତ୍ରେ ବିଦ୍ୟୁତ ଆଘାତ ଲାଗିଥିଲା। ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ସାମାଜିକ କର୍ମୀ ଦେବାନନ୍ଦ ସାହୁ ପ୍ରମୁଖ ଗ୍ରାମବାସୀ ଓ ପରିବାର ଲୋକେ ସଂଜ୍ଞାହୀନ ପାର୍ବତୀଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୫) ରୁଜୁ କରାଯାଇଛି।

# ୨ ମାସ ହେଲା ନଦୀବନ୍ଧରେ ଆଶ୍ରୟ



କୋଚିଲା ନଦୀବନ୍ଧରେ ଜରିପାଲ ତଳେ ଆଶ୍ରୟ ନେଇଥିବା ବନବାଗ ଗ୍ରାମର ସେବତୀ ମହାଳିକଙ୍କ ପରିବାର।

- ବନ୍ୟାରେ ଘର ଭାଙ୍ଗିଗଲା
- ଜରିପାଲ ତଳେ ବିତୁଛି ୧୦ ପ୍ରାଣୀଙ୍କ ଜୀବନ

ଧୁଷୁରୀ, ୧୬।୯(ଦୀପ୍ତିରଞ୍ଜନ ନାୟକ):

ବନ୍ୟାରେ ଘର ଭାଙ୍ଗିଯିବାରୁ ବାସହରା ହୋଇଗଲା। ସେବେଠାରୁ ୨ ମାସ ହେଲା ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି ଏକ ପରିବାର। ଜରିପାଲ ତଳେ ୧୦ ପ୍ରାଣୀଙ୍କ ଜୀବନ ବିତୁଛି। ଏ ହେଉଛି କୋଚିଲା ନଦୀକୂଳରେ ଥିବା ଧାମନଗର ବ୍ଲକ ଅଧୀନ ହସନାବାଦ ପଞ୍ଚାୟତ ବନବାଗ ଗ୍ରାମର ସେବତୀ ମହାଳିକଙ୍କ ପରିବାର। ବନ୍ୟା ଛାଡ଼ିଗଲା, ହେଲେ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ଏଯାଏ ଦୂର ହୋଇନାହିଁ।

ଦୁଇମାସ ତଳେ ବୈତରଣୀ ଶାଖା କୋଚିଲା ନଦୀରେ ଆସିଥିବା ପ୍ରଥମ ବନ୍ୟାରେ ସେବତୀଙ୍କ ଝାଟିମାଟି ଘର ଭାଙ୍ଗିଯାଇଥିଲା। ବନ୍ୟା ପରେ ନିଜ ପରିବାର ସହ ନଦୀବନ୍ଧ ଉପରେ ପାଲ ଟାଣି ଆଶ୍ରୟ ନେଇଥିଲେ। ଏଭଳି ସ୍ଥିତିରେ ଆହୁରି ଦୁଇଟି ବନ୍ୟାର ସାମ୍ନା କରିଛନ୍ତି ଏହି ପରିବାର। ସେବତୀଙ୍କ ପୁଅ ଜଗବନ୍ଧୁ ମହାଳିକ, ବୋହୂ ସୁଭଦ୍ରା ମହାଳିକ, ନାତି ଆଲୋକ ମହାଳିକ ଓ ଅନ୍ୟ ସଦସ୍ୟଙ୍କ ସମେତ ମୋଟ ୧୦ଜଣ ଜରିପାଲ ତଳେ ଦୟନୀୟ ସ୍ଥିତିରେ ରହୁଛନ୍ତି। ସେମାନଙ୍କ ସହ ଗୃହପାଳିତ ପ୍ରାଣୀ ମଧ୍ୟ ଏହି ବନ୍ଧ ଉପରେ ଆଶ୍ରୟ ନେଉଛନ୍ତି। ରୋଷେଇ ପାଇଁ ଉଠାଚୁଲି ହିଁ ବିକଳ୍ପ। ଏହି ପରିବାର ଏଭଳି ସ୍ଥିତିରେ ରହୁଥିବାବେଳେ ଏଯାଏ ପ୍ରଶାସନର ଦୃଷ୍ଟି ପଡୁନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରିବାରକୁ ବାସଗୃହ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ପ୍ରଶାସନକୁ ନିବେଦନ କରିଛନ୍ତି।

# ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ



ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତୋ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି।

ଚାନ୍ଦବାଲି, ୧୬।୯ (ଅଶୋକ ପଣ୍ଡା):

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଙ୍ଗଳବାର ଅପରାହ୍ନ ୩ଟା ୫୦ରେ ଚାନ୍ଦବାଲି ବ୍ଲକର ମତୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ପଢ଼ାଇଛନ୍ତି। ଭାଜପା ରାଜ୍ୟ ସଭାପତି, ନଗର ଉନ୍ନୟନ ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଚାନ୍ଦବାଲି ଗସ୍ତ ସମୟରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ଏହି ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବାବଦରେ ପ୍ରଧାନଶିକ୍ଷକଙ୍କଠାରୁ ବୁଝିବା ସହ ଶ୍ରେଣୀଗୃହରେ ପିଲାଙ୍କୁ ସାହିତ୍ୟ ପଢ଼ାଇଥିଲେ। ଛାତ୍ରୀଛାତ୍ରଙ୍କ ସହ ଭାବ ଆଦାନ ପ୍ରଦାନ କରିବା ସହ ସେମାନଙ୍କୁ ପ୍ରଶ୍ନ ପଚାରିଥିଲେ। ସେହିପରି ଜିଲାପାଳ ଦିଲୀପ ରାଉତରାଏ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପଢ଼ାଇବା ସହ ପ୍ରଶ୍ନ ପଚାରିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଦାସ ଓ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ଇଞ୍ଜିନିୟରଙ୍କ ଅକାଳ ମୃତ୍ୟୁ

ବନ୍ତ,୧୬।୯(ହରିନାରାୟଣ ମହାନ୍ତି):

ବନ୍ତ ବ୍ଲକ ସେଣ୍ଟତୀରା ଗ୍ରାମର ଅବସରପ୍ରାପ୍ତ ଜାତୀୟ ପୁରସ୍କୃତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀଙ୍କ ସାନପୁଅ ଇଞ୍ଜିନିୟର ସଞ୍ଜିତ ଶୁଭପ୍ରିୟ ପାଢୀ(୩୩)ଙ୍କ ରବିବାର ରାତିରେ ଅକାଳ ମୃତ୍ୟୁ ଘଟିଛି। ସେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୋମବାର ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶେଷକୃତ୍ୟ କରାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ମା’ ବାପା, ସ୍ତ୍ରୀ, ଭାଇ, ଭାଉଜ, ପରିବାରବର୍ଗ ଉପସ୍ଥିତ ଥିଲେ। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭାଜପା ନେତା ଡ.ସୁଧାଂଶୁ ଶେଖର ନାୟକ, ଇଂ.ପ୍ରମୋଦ ଜେନା, ଭଦ୍ରକ ରୋଟାରୀ କ୍ଲବ୍ ଗଭର୍ନର ଇନ୍ଦ୍ରଜିତ ସାହୁ, ସରପଞ୍ଚ ପ୍ରଶାନ୍ତ ଦାସ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାମଲ, ଶିକ୍ଷକ ଅଜୟ ପୃଷ୍ଟି ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ୧୦୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଜଳେଶ୍ୱର,୧୬।୯(ନବୀନ ସାହୁ)

ଜଳେଶ୍ୱର ୬୦ନମ୍ବର ରାଜପଥ ଆମ୍ବଳିଅଠା ପୋଲ ତଳୁ ସୋମବାର ୨ ଯୁବକଙ୍କ ନିକଟରୁ ୧୦୦ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ ହୋଇଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ଅପରାହ୍ନ ପ୍ରାୟ ୨ଟା ବେଳେ ୨ ଜଣ ଯୁବକ ବସ୍‌ରେ ଯିବା ପାଇଁ ଅପେକ୍ଷା କରିଥିବା ବେଳେ ପୂର୍ବରୁ କୌଣସି ସୂତ୍ରରୁ ସୂଚନା ପାଇ ଛକି ରହିଥିବା ଜଳେଶ୍ୱର ଥାନା ଅଧିକାରୀ କରନ ମାରାଣ୍ଡି ଉକ୍ତ ଦୁଇ ଯୁବକଙ୍କୁ ମାଡ଼ି ବସିଥିଲେ। ସେମାନଙ୍କଠାରୁ ବ୍ରାଉନସୁଗାର ସହ ୨ଟି ମୋବାଇଲ ଜବତ ହୋଇଛି। ଉକ୍ତ ଯୁବକଙ୍କ ଘର ଭୋଗରାଇ ବ୍ଲକ୍ କମର୍ଦ୍ଦା ଅଞ୍ଚଳରେ। ଏନେଇ ଜଳେଶ୍ୱର ଥାନାରେ ଏକ ମାମଲା (ନଂ.୪୧୭/୨୫) ରୁଜୁ ହୋଇଛି।

# ସ୍ୱାସ୍ଥ୍ୟସେବାରେ ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱାରୋପ

## ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ ବଡି ବୈଠକ

ବାଲେଶ୍ୱର, ୧୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ସ୍ୱାସ୍ଥ୍ୟସେବାରେ ଗୁଣବତ୍ତା ବୃଦ୍ଧି ଓ ରୋଗୀଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଉପମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଚିକିତ୍ସାଳୟର ସାମଗ୍ରିକ ଉନ୍ନତି ଓ ନିରବିଚ୍ଛିନ୍ନ ରୋଗୀ ସେବା ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଏବଂ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଏମ୍‌ପି, ବିଧାୟକଙ୍କ ସହ ଅନ୍ୟମାନେ।

ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ନୂତନ ଗଠିତ ରୋଗୀ କଲ୍ୟାଣ ସମିତିର ପରିଚୟ, ଚିକିତ୍ସାଳୟର ତଥ୍ୟ, କାର୍ଯ୍ୟକ୍ରମର ଫଟୋଗ୍ରାଫ୍ ଏବଂ ୨୦୨୫-୨୬ ବାର୍ଷିକ କାର୍ଯ୍ୟ ଯୋଜନା ଉପରେ ଆଲୋଚନା ହୋଇଥିଲା। ଚିକିତ୍ସାଧିକାରୀ ତଥା ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ଅଗ୍ନି ନିରାପତ୍ତା, ଭିତ୍ତିଭୂମି ସଂସ୍କାର, ବିଦ୍ୟୁତ୍ ଓ ଜଳସୁବିଧା, ପରିଚ୍ଛନ୍ନତା ଏବଂ ରୋଗୀ ସୁବିଧା ପାଇଁ ବିଭିନ୍ନ ନୂତନ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏହି ପ୍ରସ୍ତାବଗୁଡ଼ିକରେ ଅଗ୍ନି ନିର୍ବାପଣ ବ୍ୟବସ୍ଥା, ମଲ୍ଟି-ଷ୍ଟୋରୀ ସର୍ଜରୀ ୱାର୍ଡ, ଷ୍ଟାଫ କ୍ୱାର୍ଟର୍ସ, ରୋଗୀ ଅପେକ୍ଷା କକ୍ଷ, ମଡ୍ୟୁଲାର ଅପରେଶନ ଥିଏଟର ଏବଂ ଅକ୍ସିଜେନ ପାଇପଲାଇନ୍ ସମ୍ପ୍ରସାରଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା। ବୈଠକରେ ରୋଗୀ କଲ୍ୟାଣ ସମିତି ଖର୍ଚ୍ଚର ପୂର୍ବ ଅନୁମୋଦନ ଏବଂ ଅନ୍ୟାନ୍ୟ ଆଲୋଚନା ମଧ୍ୟ ସ୍ଥାନ ପାଇଥିଲା।

# ମଝି ନଦୀରୁ ୫ ଭେଳା ଜବତ

## ମାଇନିଂ ଓ ପୋଲିସ ବିଭାଗର ଚଢ଼ାଉ



ନଦୀ ମଝିରୁ ଭେଳା ଜବତ କରାଯାଉଛି।

ନୀଳଗିରି, ୧୬।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ଚୋରାରେ ବାଲି ପରିବହନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବାଲିଚୋରିକୁ ରୋକିବା ପାଇଁ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ାଉ କରାଯାଇଥିଲେ ମଧ୍ୟ ବାଲି ଚୋରାଚାଲାଣକାରୀମାନେ ଆଗୁଆ ସୁରାକ ପାଇଁ ଘାଟରୁ ଗାଡ଼ି ଉଠାଇ ଫେରାର ହେଉଯାଉଥିବାରୁ ଖାଲି ହାତରେ ଫେରିବା ସାର ହେଉଥିଲା। ତେବେ ମଙ୍ଗଳବାର ସୋନ ନଦୀର ସିଙ୍ଗିରୀ ଘାଟରୁ ବେଆଇନ ଭାବେ ନଦୀରୁ ୫ଟି ଭେଳାରେ ବାଲି ଉଠାଯାଉଥିବା ଖବର ମିଳିବା ପରେ ନୀଳଗିରି ଥାନା ଅଧିକାରୀ ଗୋବର୍ଦ୍ଧନ ନାୟକଙ୍କ ସହଯୋଗ ସହିତ ଅଯୋଦ୍ଧା ଫାଣ୍ଡି ଅଧିକାରୀ ସରୋଜ କୁମାର ଦାସ ଓ ୬ ଜଣ ଏପିଆର ଫୋର୍ସ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ାଉ କରିଥିଲେ। ନୀଳଗିରି ପୋଲିସ କର୍ମଚାରୀ ଓ ଖଣି ଅଧିକାରୀ ଘଟଣାସ୍ଥଳରୁ ହାଫ୍ ପ୍ୟାଣ୍ଟ, ଗାମୁଛା ପିନ୍ଧି ନଈ ମଝିକୁ ଡେଇଁ ପହଁରି ମଝିନଦୀରୁ ୫ଟି ଭେଳା ଜବତ କରିଥିଲେ। ବାଲି ଚାଲାଣକାରୀମାନେ ଆଗୁଆ ସୁରାକ ପାଇ ନଦୀରୁ ୫ ଟି ଭେଳା ଛାଡ଼ି ଫେରାର ହୋଇଯାଇଥିଲେ। ପରେ ୫ଟି ଭେଳାକୁ ଜବତ କରି ଜବତ କରି ପରେ ନୀଳଗିରି ଥାନାକୁ ଆଣାଯାଇଥିଲା।

# କୁରୁଢ଼ା-ମଠସାହି ରାସ୍ତା ପ୍ରକଳ୍ପ ଶିଳାନ୍ୟାସ

## ୧.୩୯କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବ ରାସ୍ତା

ରେମୁଣା, ୧୬।୯(ରବୀନ୍ଦ୍ର ମହାକୁଡ଼)

ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ କୁରୁଢ଼ା-ମଠସାହି ରାସ୍ତା ପ୍ରକଳ୍ପର ମଙ୍ଗଳବାର ଶିଳାନ୍ୟାସ ହୋଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଦତ୍ତ ୧କୋଟି ୩୯ଲକ୍ଷ ୫୮ହଜାର ୩୧୫ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ। ଖାନନଗରଠାରେ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାସ୍ତା ନିର୍ମାଣରେ ଉତ୍ତମ ଗୁଣବତ୍ତା ରକ୍ଷା ସହିତ ଠିକ୍ ମାନଦଣ୍ଡ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବିଭିନ୍ନ ଅଞ୍ଚଳର ଜନସାଧାରଣ ଉପକୃତ ହେବେ। ରେମୁଣା ବିଧାୟକଙ୍କ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ଏମ୍‌ପି ପ୍ରତିନିଧି ଉମାକାନ୍ତ ପଣ୍ଡା, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ, ଖାନନଗର ସରପଞ୍ଚ ଅଞ୍ଜନ ନାୟକ, ସମିତିସଭ୍ୟା ରଶ୍ମିରାଣୀ ଦାସ, ପଞ୍ଚାୟତ ସଭାପତି ସନ୍ୟାସୀ ମହାନ୍ତି, ପୂର୍ବତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର, ନାଏବ ସରପଞ୍ଚ ବିଶ୍ୱଜିତ୍ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଶିଳାନ୍ୟାସ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

# ମଥୁରାନାଥରେ ରାସ୍ତା କଟାକୁ ବିରୋଧ



ଜେସିବି ଲଗାଇ ରାସ୍ତା କଟାଯାଉଛି।

ଜଳେଶ୍ୱର, ୧୬।୯(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଞ୍ଚଳରେ ବେଧଡ଼କ ଭାବେ ଚାଲିଛି ବେଆଇନ ବାଲି ଉତ୍ତୋଳନ। ନିକଟରେ ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ତାଗିଦ୍ ପରେ ତତ୍ପର ହୋଇପଡିଛନ୍ତି ଜଳେଶ୍ୱର ଲଘୁ ଖଣିଜ ଅଧିକାରୀ। ସୋମବାର ଅପରାହ୍ନରେ କନିଷ୍ଠ ଖଣିଅଧିକାରୀ ତାପସ ବେହେରା ସୁଖଦୁଃଖିଆ ଗାଁରେ ଥିବା ବାଲିଘାଟ ରାସ୍ତାକୁ ଜେସିବି ଲଗାଇ କାଟି ଦେଇଥିଲେ। ଏହି ସମୟରେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ଓ ଜଳେଶ୍ୱର ଥାନା ଏଏସ୍‌ଆଇ ଭଗବାନ ଦାସ ଉପସ୍ଥିତ ଥିଲେ।

### ନିରାଶ ହୋଇ ଫେରିଲେ ଅଧିକାରୀ

କନିଷ୍ଠ ଖଣି ଅଧିକାରୀ ବେହେରା ମଥୁରାନାଥ ବାସୁଲି ରାସ୍ତାକୁ କାଟିବା ପାଇଁ ଯିବାକୁ ବାହାରିବାରୁ ତହସିଲଦାର ମହାନ୍ତି, ଜଳେଶ୍ୱର ଥାନା ଏଏସ୍‌ଆଇ ଦାସ ଅନ୍ୟ କାମ ଅଛି କରି ପଳାଇ ଆସିଥିଲେ। ଏକା ଅଧିକାରୀ ବେହେରା ବିନା ପୋଲିସ ସହାୟତାରେ ଆସି ମଥୁରାନାଥ ବାସୁଳୀ ବାଲିଘାଟ ରାସ୍ତାକୁ ଜେସିବି ଦ୍ୱାରା କାଟିବା ପାଇଁ ଆରମ୍ଭ କରିଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ପରେ କିଛି ଉପାୟ ନ ପାଇ ଶେଷରେ କନିଷ୍ଠ ଖଣି ଅଧିକାରୀ ବେହେରା ନିରାଶ ହୋଇ ଫେରିଥିଲେ।

ସୂଚନାଯୋଗ୍ୟ ଯେ, କୁଅଁରପୁର, ଦକ୍ଷିଣପ୍ରହରାଜପୁର, ତୋଟାପଡ଼ା, ମାଳିପାଳ, ଗୁଆଗଡ଼ିଆ, ମଥୁରାନାଥ, ଗୋପ, ସୁଖଦୁଃଖିଆ, ବାର୍ଲିକିବାର୍ଡ ଆଦି ଅଞ୍ଚଳରେ ବ୍ୟାପକ ମାତ୍ରାରେ ବାଲି ଚୋରାଚାଲାଣ ଚାଲିଛି। ପୋଲିସ ସାଜିଛି ନୀରବଦ୍ରଷ୍ଟା। ଚଳିତ ମାସ ୧୧ ତାରିଖରେ ମଥୁରାନାଥ ଗାଁ ନିକଟ ବାଶୁଳୀ ବାଲିଘାଟ ରାସ୍ତାକୁ ଜେସିବି ଦ୍ୱାରା କଟାଯାଇ ଯାଇଥିଲା। ଏହାର କିଛି ଘଣ୍ଟା ମଧ୍ୟରେ ବାଲି ଚୋରାଚାଲାଣକାରୀମାନେ ସେହି ସ୍ଥାନକୁ ମାଟି ଓ ବାଲି ପକାଇ ପୁଣି ଭର୍ତ୍ତି କରି ବାଲି ପରିବହନ କରୁଛନ୍ତି।

# ମା' ଅମ୍ବିକା ସାହିତ୍ୟ ସଂସଦର ଶାରଦୀୟ କବିତା ଆସର

ଖଇରା, ୧୬।୯(ଉତ୍କଳବନ୍ଧୁ ପଣ୍ଡା)

ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଖଇରା ବ୍ଲକ ଅଧୀନ ବର୍ତ୍ତନା ଉଚ୍ଚ ବିଦ୍ୟାପୀଠ ପରିସରରେ ଶାରଦୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଭରତ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶରତ ଚନ୍ଦ୍ର ମହାନ୍ତି, ସମ୍ମାନନୀୟ ବକ୍ତା ଭାବେ ପ୍ରଭାସ ରଞ୍ଜନ ନାୟକ ଓ ହରିହର ପାଣିଗ୍ରାହୀ ଯୋଗଦେଇଥିଲେ। କେଲୁ ଚରଣ ଗାହାଣ, ସୁଦାମ ରାଉତ, ମହେଶ୍ୱର ପଟ୍ଟନାୟକ ମହାଭାରତର ବିଭିନ୍ନ ଚରିତ୍ର ଅବତାରଣା କରି କବି ଓ ଲେଖକମାନେ କିଭଳି ପରିବର୍ତ୍ତନ କରିପାରିବେ ସେ ସମ୍ପର୍କରେ କହିଥିଲେ। ଜଗନ୍ନାଥ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ହରେକୃଷ୍ଣ ପଣ୍ଡା ଓ ନିରଞ୍ଜନ ଦାସ କବିତାର ସଂଯୋଜନା କରିଥିଲେ। ସନ୍ଧ୍ୟାରାଣୀ ପଟ୍ଟନାୟକ ଓ ଜଳଧର ଦାସ ସହଯୋଗ କରିଥିଲେ।

# ସଙ୍ଗୀତ ମାଧ୍ୟମରେ ଏନ୍‌ଏସି ମାନ୍ୟତା ଦାବି



ହାରମୋନିୟମ ତବଲା ସହିତ ମଞ୍ଚର ସଦସ୍ୟମାନେ ସମବେତ ସ୍ୱରରେ ଗୀତ ବୋଲୁଛନ୍ତି।

ଖଇରା, ୧୬।୯(ଉତ୍କଳବନ୍ଧୁ ପଣ୍ଡା)

'ଖଇରା ଏନଏସି ହେବରେ ଭାଇ ଖଇରା ଏନଏସି ହେବ, ଏନଏସି ଘୋଷଣା ନ ହେବା ଯାଏ ଆନ୍ଦୋଳନ ଚାଲୁଥିବ, ଖଇରା ମାଟି ଜିନ୍ଦାବାଦ, ବିପ୍ଳବ ମାଟି ଜିନ୍ଦାବାଦ'। ଏଭଳି କିଛି ସଙ୍ଗୀତର ପଂକ୍ତିକୁ ଏକ ମନ ଏକ ସ୍ୱରରେ ଗାଇ ଖଇରାକୁ ଏନଏସି ପାଇଁ ଦାବି ଜଣାଇଛନ୍ତି ଖଇରା ସ୍ୱାଭିମାନ ମଞ୍ଚର ସଦସ୍ୟ । ଏନଏସି ଦାବି ନେଇ ବିଭିନ୍ନ ସଙ୍ଗଠନର ସମର୍ଥନରେ ବ୍ଲକ ଗେଟ ସମ୍ମୁଖରେ ଗଣଧାରଣାରେ ବସିଥିବା ଖଇରା ସ୍ୱାଭିମାନ ମଞ୍ଚ ଧାରଣାର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଭିନ୍ନ ଢଙ୍ଗରେ ଦାବି ଶୈଳୀ ଥିଲା ସମ୍ପୂର୍ଣ୍ଣ ନିଆରା। କିଶୋର ରାଉତଙ୍କ ସଙ୍ଗୀତ ସଂଯୋଜନାରେ ପ୍ରସ୍ତୁତ ଏହି ଗୀତ ମାଧ୍ୟମରେ ଖଇରାବାସୀ ଏକ ହୋଇ ଦାବି ପୂରଣ ପାଇଁ ଆହ୍ୱାନ ଦିଆଯାଇଛି । ହାରମୋନିୟମ ଓ ତବଲା ସାଙ୍ଗକୁ ଗୀତର ତାଳେ ତାଳେ ସ୍ଲୋଗାନ ଆନ୍ଦୋଳନକାରୀଙ୍କୁ ଆଗକୁ ବଢିବାକୁ ପ୍ରେରଣା ଦେଉଥିଲା। ଏହି ଗୀତ ସାମଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ ହେଉଥିବା ବେଳେ ସରକାରୀ କଳ ଉପରେ ଚାପ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି। ଦ୍ୱିତୀୟ ଦିନ ମଧ୍ୟ ପ୍ରାକ୍ତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଆନ୍ଦୋଳନରେ ସାମିଲ ମଞ୍ଚ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ।

# ବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

ବାଲେଶ୍ୱର,୧୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ମହାବୀର ଆଖଡ଼ା ସଂଘର ଶତବାର୍ଷିକ ପୂର୍ତ୍ତି ଉପଲକ୍ଷେ ସହରସ୍ଥିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆଖଡ଼ା ସଂଘର ସଭାପତି ଗୋପୀନାଥ ଶତପଥୀ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଉପସଭାପତି ପଦ୍ମଲୋଚନ ଲେଙ୍କା, ମନୋଜ କୁମାର ରାଉତ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଲମ୍ବୋଦର ବେହେରା, ସହସମ୍ପାଦକ ଦେବେନ୍ଦ୍ର ଦାସ, ବିଜୟ କୁମାର ପଲାଇ, ଉପଦେଷ୍ଟା କମଳାକାନ୍ତ ନାୟକ, ପଦ୍ମଲୋଚନ ଦତ୍ତ, ପ୍ରଦୀପ କୁମାର ଚାଟାର୍ଜୀ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଶର୍ମିଳା ବାରିକ ଓ ଆଶ୍ରିତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ ମରୁତ କୁମାର ରାଉତ ଓ ଅନ୍ତର୍ଯ୍ୟାମୀ ସାହୁ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସଂଘ ପକ୍ଷରୁ ମାନପତ୍ର ଓ ଫଳକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା।

# ବାଲେଶ୍ୱରର ମୟଙ୍କ ଟାଇଟଲ ବିଜୟୀ

ବାଲେଶ୍ୱର, ୧୬।୯(ବାଞ୍ଛାନିଧି ଦେ)

ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ସୁନ୍ଦରଗଡ଼ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଜୁନିଅର ରାଙ୍କିଂ ଟୁର୍ଣ୍ଣାମେଣ୍ଟରେ ଚମକିଲେ ବାଲେଶ୍ୱର ବ୍ୟାଡମିଣ୍ଟନ ସେନସେସନ୍ ମୟଙ୍କ ଭରଦ୍ୱାଜ। ୧୯ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ସେ ପୁଣିଥରେ ବିଜୟ ହାସଲ କରିଛନ୍ତି। ଶେଷ ଖେଳରେ ମୟଙ୍କ ୨୨-୨୦ ଏବଂ ୨୧-୧୪ ପଏଣ୍ଟରେ ସୌମ୍ୟଜିତ ସାହୁଙ୍କୁ ପରାସ୍ତ କରି ଟାଇଟଲ ଜିଣିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅର୍ଜନ କରିଥିବା ପଏଣ୍ଟ ମୟଙ୍କଙ୍କୁ ଆଗାମୀ ଅଲ୍ ଇଣ୍ଡିଆ ଜୁନିଅର ନ୍ୟାଶନାଲ ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍ ପାଇଁ ଚୟନ କରିବାରେ ସାହାଯ୍ୟ କରିବ।

### ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଇଭେଣ୍ଟ




ମୟଙ୍କ ଭରଦ୍ୱାଜ।


ଏହି ଟୁର୍ଣ୍ଣାମେଣ୍ଟରେ ସାରା ଓଡ଼ିଶାରୁ ୧୨୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଜିଲାରୁ ୨ଜଣ ଖେଳାଳି ସାମିଲ ଥିଲେ। ରବିବାର ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାନପୋଷ ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ ଏବଂ ଶୈଳେନ୍ଦ୍ର ଚୌଧୁରୀ, ନୂଆପଡ଼ା ଜିଲା ସଚିବ ସୁଦୀପ୍ତା ବିଶୋଇ, ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସଚିବ ମନୋରଞ୍ଜନ ପଣ୍ଡା, ସୁନ୍ଦରଗଡ଼ ବିକାଶ କମିଟିର ମୁଖ୍ୟ ଶୁଭମ୍ ନାୟକ ଉପସ୍ଥିତ ରହି ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ପ୍ରମାଣପତ୍ର ଓ ନଗଦ ପୁରସ୍କାର ପ୍ରଦାନ କରିଥିଲେ।

## ଶ୍ୟାମସୁନ୍ଦର ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଭୋଗରାଇ, ୧୬।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକର ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ସୋମବାର ମହାବିଦ୍ୟାଳୟ ସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ସତୀଶ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିଲେ। ଛାତ୍ରୀ ସୁଚିସ୍ମିତା ପତି ଓ ସାଧନା ଜେନା ନିବନ୍ଧ ପାଠ ପରେ ବେଦପାଠ କରିଥିଲେ। ଛାତ୍ର ଦେବାଶିଷ ଚକ୍ରବର୍ତ୍ତୀ, ଗଗନ ପଣ୍ଡା, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ନାମକ ପ୍ରସଙ୍ଗ ଉପରେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. କମଳେଶ ମିଶ୍ର ଦୀର୍ଘ ସମୟ ଧରି ସାରଗର୍ଭକ ତତ୍ତ୍ୱ ପ୍ରଦାନ କରି ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ପଦ୍ମଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା।

# ଇତିହାସ ବିଭାଗର ପାଠଚକ୍ର




ପାଠଚକ୍ରରେ ଉପସ୍ଥିତ ଅତିଥି।

ସୋର, ୧୬।୯( ଜନ୍ମେଜୟ ମିଶ୍ର)

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ଇତିହାସ ବିଭାଗ ତରଫରୁ '୧୯୪୨ ମସିହା ଇରମ୍ ଏବଂ ତୁଡିଗଡିଆ ଗୁଳିକାଣ୍ଡ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ନିରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଇତିହାସ ସଂକଳନ ସମିତି ସଭାପତି ବିକ୍ରମକିଶୋରୀ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୪୨ ମସିହା ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ଜିଲାର ଭୂମିକା ବର୍ଣ୍ଣନା କରିବାକୁ ଯାଇ ଦ୍ୱିତୀୟ ଜାଲିଓାନାବାଗ ଭାବେ ପରିଚିତ ଇରମ ଗୁଳିକାଣ୍ଡରେ ୨୯ଜଣ ସଂଗ୍ରାମୀ ତଥା ତୁଡିଗଡିଆ ଆନ୍ଦୋଳନରେ ୩ ଜଣ ବ୍ରିଟିଶ ଗୁଳିରେ ଶହୀଦ ହେବା ଘଟଣା ଭାରତ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ସ୍ୱର୍ଣ୍ଣାଭ ଅକ୍ଷରରେ ଲିପିବଦ୍ଧ ହୋଇରହିଥିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବାସୁଦେବପୁର ଅଟଳବିହାରୀ କଲେଜର ଅଧ୍ୟାପକ ଦୀପକ କୁଲୁ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ଇରମ ଆନ୍ଦୋଳନ ବେଳେ ନିରସ୍ତ୍ର ସଂଗ୍ରାମୀମାନଙ୍କ ଉପରେ ଲୋମହର୍ଷଣକାରୀ ବର୍ବୋରୋଚିତ ଆଖିବୁଜା ଗୁଳିକାଣ୍ଡର ବିବରଣୀ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷ ମନୋଜ କୁମାର ମହାନ୍ତି ଯୋଗଦେଇ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ରାଜଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷବର୍ଷର ଛାତ୍ରୀ ଶୁଭଲକ୍ଷ୍ମୀ ବେହେରା କି'ନୋଟପାଠ କରିଥିଲେ।


# ୧୬.୬୧ ପ୍ରତିଶତ ହ୍ରାସ ପାଇଛି ଏଟି ଆଣ୍ଡ୍ ସି କ୍ଷତି

ବାଲେଶ୍ୱର, ୧୬।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପିଏନ୍‌ଓଡିଏଲ୍ ଡିଜିଟାଲ୍ ରୂପାନ୍ତରଣ ଓ ଗ୍ରାହକ ପ୍ରଥମ ଅଭିଯାନକୁ ଏକତ୍ର କରି ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ନୂତନ ମାନଦଣ୍ଡ ନିର୍ଦ୍ଧାରଣ କରିଛି। ଗତ ୪ବର୍ଷରେ କମ୍ପାନୀ ବିଲିଂ ହେଉଥିବା ୟୁନିଟ୍‌ରେ ପ୍ରାୟ ୪୯ପ୍ରତିଶତ ଏବଂ କଲେକ୍ସନରେ ୬୧ପ୍ରତିଶତରୁ ଅଧିକ ବୃଦ୍ଧି ହାସଲ କରିଥିବା ବେଳେ ଏଟିଆଣ୍ଡସି(ଏଗ୍ରିଗେଟ୍ ଟେକ୍ନିକାଲ ଆଣ୍ଡ କମର୍ସିଆଲ) କ୍ଷତିକୁ ୧୬.୬୧ପ୍ରତିଶତ କମ୍ କରିପାରିଛି। ଯାହା ଗ୍ରାମୀଣ ଭାରତରେ ପରିଚାଳିତ ଡିସ୍‌କମ୍‌ଗୁଡିକ ପାଇଁ ଏକ ନୂଆ ମାନଦଣ୍ଡ ସଦୃଶ।

ବାଣିଜ୍ୟିକ ପ୍ରଦର୍ଶନକୁ ସୁଦୃଢ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଅନ ସ୍ପଟ୍ ବିଲ୍ ସଂଶୋଧନ, ଏଆଇ ଆଧାରିତ ମିଟର ରିଡିଂ, ବାଣିଜ୍ୟିକ ପ୍ରକ୍ରିୟାର ଡିଜିଟାଲ୍‌କରଣ ଏବଂ ଗ୍ରାହକଙ୍କ ଅଭିଯୋଗର ଟ୍ରାକିଂ ଭଳି ଅଭିଯାନର ଶୁଭାରମ୍ଭ କରାଯାଇଛି। ଏହି ଉଦ୍ୟମଗୁଡ଼ିକ ସ୍ୱଚ୍ଛତା, ଶୃଙ୍ଖଳାରେ ଉନ୍ନତି ଏବଂ କଲେକ୍ସନରେ ଅନ୍ତର୍ଭୁକ୍ତୀକରଣ ଆଣିପାରିଛି। ସମଗ୍ର ପରିଚାଳନାରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ କମ୍ପାନୀ ପକ୍ଷରୁ ବାସ୍ତବ ସମୟ ଡ୍ୟାସବୋର୍ଡ ଓ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି। ବିବିଧ ଟଚ୍ ପଏଣ୍ଟ, ଗ୍ରାହକ ସେବା କେନ୍ଦ୍ର, ଅନୁଭବ କେନ୍ଦ୍ର, ବହୁଭାଷୀ କଲ୍ ସେଣ୍ଟର ଓ ଡିଜିଟାଲ୍ ଆପ୍ ଜରିଆରେ ଗ୍ରାହକ ସୁବିଧାରେ ଉନ୍ନତି ଅଣାଯାଇଥିବା ବେଳେ ବିଦ୍ୟୁତ୍ ସେବାକୁ ପରିବାର ଓ ଶିଳ୍ପଗୁଡ଼ିକର ନିକଟତର କରାଯାଇଛି। କମ୍ପାନୀ ପକ୍ଷରୁ ଶିଳ୍ପ ସଂଯୋଗ, ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ବିଦ୍ୟୁତ୍‌କରଣକୁ ତ୍ୱରାନ୍ୱିତ କରାଯାଇଛି। ଯାହା ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି ଓ ଅନ୍ତର୍ଭୁକ୍ତୀକରଣ ବିକାଶ ପ୍ରତି ଯୋଗଦାନ କରିଛି। ଏଥିସହିତ ସ୍କୁଲ ଓ କଲେଜରେ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶକ୍ତି ସଚେତନତା ସୃଷ୍ଟି କରିବାରେ ସହାୟକ ହୋଇଛି।

## ବିଦ୍ୟୁତ୍ ବଣ୍ଟନରେ ନୂଆ ମାନଦଣ୍ଡ ସ୍ଥାପନ କରିଛି ଟିପିଏନ୍‌ଓଡିଏଲ୍



ଟିପିଏନ୍‌ଓଡିଏଲ୍ ବହୁଭାଷୀ କଲ୍ ସେଣ୍ଟର।

ପ୍ରଯୁକ୍ତି ଆଧାରିତ ବ୍ୟବସ୍ଥା ଓ ଗ୍ରାହକ କୈନ୍ଦ୍ରୀକ ସେବା ସହିତ ଟିପିଏନ୍‌ଓଡିଏଲ୍ ଓଡ଼ିଶାରେ ବିଦ୍ୟୁତ୍ ବଣ୍ଟନକୁ ପୁନଃ ଆକାର ପ୍ରଦାନ କରିଛି। ସ୍ମାର୍ଟ ବିଲିଂଠାରୁ ଗ୍ରାମୀଣ ବିଦ୍ୟୁତ୍‌କରଣ ପର୍ଯ୍ୟନ୍ତ ଏହାର ଅଭିଯାନଗୁଡ଼ିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ସ୍ୱଚ୍ଛତାରେ ଉନ୍ନତି ଆଣିଛି ଏବଂ ସମଗ୍ର ଅଞ୍ଚଳରେ ଅନ୍ତର୍ଭୁକ୍ତୀକରଣ ବିକାଶକୁ ସୁନିଶ୍ଚିତ କରିପାରିଛି। ଏହି ଯାତ୍ରା ଉପରେ ଆଲୋକପାତ କରି ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ କହିଛନ୍ତି, ଏକ ଭବିଷ୍ୟତଧର୍ମୀ ଓଡ଼ିଶା ଗଠନ କରିବା ଆମର ଲକ୍ଷ୍ୟ। ଆମେ ଶତ ପ୍ରତିଶତ ସ୍ମାର୍ଟ ମିଟରିଂ, ଏଟିଆଣ୍ଡସି କ୍ଷତିରେ ଉଲ୍ଲେଖନୀୟ ହ୍ରାସ ଏବଂ ଡିଜିଟାଲ୍ ପ୍ରଥମ ଗ୍ରାହକ ସେବା ଦିଗରେ କାମ କରୁଛୁ। ୨୪ଘଣ୍ଟିଆ ଭରସାଯୋଗ୍ୟ, ସୁଲଭ ଓ ସ୍ଥାୟୀ ବିଦ୍ୟୁତ୍ ଶକ୍ତିକୁ ନେଇ ରାଜ୍ୟର ରହିଥିବା ଲକ୍ଷ୍ୟ ପ୍ରତି ଆମେ ପ୍ରତିବଦ୍ଧ ରହିଛୁ। ଯାହା ଶିଳ୍ପକୁ ଆଗକୁ ବଢ଼ିବା, ଗ୍ରାମଗୁଡ଼ିକୁ ସମୃଦ୍ଧ କରିବା ଏବଂ ଓଡ଼ିଶା ପ୍ରଗତିରୁ ପ୍ରତି ନାଗରିକଙ୍କୁ ଲାଭବାନ ହେବାରେ ସକ୍ଷମ କରିଛି।

# ଅଭିଯୁକ୍ତ ବାପାଙ୍କୁ ୨୦ ବର୍ଷ ଜେଲ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

**ନାବାଳିକା ବଳାତ୍କାର ମାମଲା**

ନାବାଳିକା ଝିଅକୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବାପା ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମଙ୍ଗଳବାର ଭୁବନେଶ୍ୱର ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ସୁଶାନ୍ତ ମଲ୍ଲିକଙ୍କୁ କୋର୍ଟ ଆଜୀବନ ଜେଲଦଣ୍ଡାଦେଶ ଦେଇଛନ୍ତି। ଏଥିସହ ତାଙ୍କୁ ୫ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସରୋଜ କୁମାର ସାହୁ ରାୟରେ କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତାଙ୍କ ମା' ଓ ବାପା ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଘର ଭଡ଼ା ନେଇ ରହୁଥିଲେ। ମା' ଘରୋଇ ସହାୟିକା ଭାବେ କାମ କରୁଥିବାବେଳେ ୨୦୧୯ ନଭେମ୍ବର ୧୭ ତାରିଖ ସକାଳେ କାମରୁ ଫେରି ସ୍ୱାମୀଙ୍କ ଉପରେ ସନ୍ଦେହ ପ୍ରକଟ କରିଥିଲେ। ୧୩ ବର୍ଷର ଝିଅକୁ ଏନେଇ ପଚାରିବାରୁ ତାଙ୍କୁ ବାପା ବଳାତ୍କାର କରିଥିବା କହିଥିଲେ। ସୁଶାନ୍ତ ୧୧ ମାସ ଧରି ଏହି ଘୃଣ୍ୟ କାଣ୍ଡ ଭିଆଇଥିଲେ। ବାପାଙ୍କଠୁ ଧମକ ପାଇ ଭୟରେ ସେ ଘଟଣା ସମ୍ପର୍କରେ କିଛି କହୁ ନ ଥିଲେ। ଏନେଇ ପୀଡ଼ିତାଙ୍କ ମା'ଙ୍କ ପକ୍ଷରୁ ଏତଲାକ୍ରମେ ମଞ୍ଚେଶ୍ୱର ଥାନା ପୋଲିସ ଏକ ମାମଲା (ନଂ. ୫୪୦/୨୦୧୯) ରୁଜୁ କରି ସୁଶାନ୍ତଙ୍କୁ ଗିରଫ କରିଥିଲା। କୋର୍ଟ ୧୧ଜଣଙ୍କ ସାକ୍ଷ୍ୟ ଓ ୧୦୪ଟି ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସମଲ ଏବଂ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

# ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲାର ବିଚାର ଆରମ୍ଭ

ବ୍ରହ୍ମପୁର,୧୬।୯(ସୁବାସ ଚନ୍ଦ୍ର ପାଢ଼ୀ)

**ପୋଲିସ ସାକ୍ଷୀଙ୍କ ବୟାନ ରେକର୍ଡ**

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମି ଗଣବଳାତ୍କାର ମାମଲାର ବିଚାର ଆରମ୍ଭ ହୋଇଛି। ଏହି ମାମଲାରେ ୪ ଜଣ ନାବାଳକ ବାଳସୁଧାର ଗୃହରେ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋର୍ଟ ସାବାଳକ ଭାବେ ଗ୍ରହଣ କରିଛନ୍ତି। ଜଣେ ନାବାଳକଙ୍କ ପାଇଁ ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଶର୍ମିଷ୍ଠା ଦାଶଙ୍କ କୋର୍ଟରେ ବିଚାର ହୋଇଛି। ଏହି ମାମଲାରେ ପୋଲିସ ସାକ୍ଷୀ ରହିଥିବା ଗୋପାଳପୁର ଥାନା ଅଧୀନ ବିଟ୍ ହାଉସ ଗୃହରକ୍ଷୀ ଜି. ଚିଟି ବାବୁ ପ୍ରଥମ ସାକ୍ଷୀ ଭାବେ ମଙ୍ଗଳବାର କୋର୍ଟରେ ହାଜର ହୋଇଥିଲେ। ଘଟଣା ପରେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଉକ୍ତ ବିଟ୍ ହାଉସକୁ ଆସି ଘଟଣା ସମ୍ପର୍କରେ ତାଙ୍କୁ କହିଥିଲେ ବୋଲି ଚିଟି ବାବୁ ବୟାନ ଦେଇଛନ୍ତି। ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳୀ ଚରଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି। ମଙ୍ଗଳବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ। ସେହିପରି ଜେଲରେ ଥିବା ଅନ୍ୟ ୬ ଅଭିଯୁକ୍ତଙ୍କ ବୁଧବାର ଏଡିଜେ-୨ ଆୟୁଷମାନ ମହନ୍ତଙ୍କ କୋର୍ଟରେ ଚାର୍ଜଫ୍ରେମ ହେବ ବୋଲି ଜଣାପଡିଛି।

ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖ ରାତିରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୋଲିସ ନଂ.୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ରାତିରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣ ଯୁବକଙ୍କୁ ଧରିଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ୪ଜଣ ନାବାଳକଙ୍କୁ କାବୁ କରିଥିଲା। କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ କରିଛି। କ୍ରାଇମବ୍ରାଞ୍ଚ ୫ ଜଣ ଯୁବକ ଓ ୪ ଜଣ ନାବାଳକଙ୍କ ବିରୋଧରେ ଗତ ଜୁଲାଇ ୨୮ତାରିଖରେ ଚାର୍ଜଶିଟ ଦାଖଲ କରିଥିଲା। ଜଣେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୋଇ ନ ଥିଲା। ତେଣୁ ତାଙ୍କୁ ମାମଲାରୁ ବାଦ ଦେବା ପାଇଁ ତାଙ୍କର ଓକିଲ ପୀତବାସ ପଣ୍ଡା କୋର୍ଟରେ ଡିସଚାର୍ଜ ପିଟିଶନ ଫାଇଲ କରିଥିଲେ। ଏପିପି ମଧୁସ୍ମିତା ସାହାଣୀ ପିଟିସନକୁ ଖାରଜ କରିବା ପାଇଁ ଯୁକ୍ତି ରଖିଥିଲେ। ପୂର୍ବରୁ ଏଡିଜେ-୨ ଉକ୍ତ ଅଭିଯୁକ୍ତଙ୍କ ଡିସ୍‌ଚାର୍ଜ ପିଟିଶନକୁ ଖାରଜ କରିଛନ୍ତି।

# ଅଟୋରେ ଯୁବତୀଙ୍କୁ ଅସଦାଚରଣ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ଚଳନ୍ତା ଅଟୋରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଛି। ପ୍ରତିବାଦ କରିବାରୁ ଅଭିଯୁକ୍ତ ଯାତ୍ରୀ ଜଣକ ପୀଡ଼ିତାଙ୍କୁ ଅଟୋରୁ ଠେଲି ରାସ୍ତାରେ ଆକ୍ରମଣ କରିଛନ୍ତି। ସୋମବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବାବେଳେ ବଡ଼ଗଡ଼ ଥାନା ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ବାଲିପାଟଣା ଥାନା ଅଞ୍ଚଳର ନିରଞ୍ଜନ ଭୋଇ ଓରଫ ନିର (୨୪)। କୋର୍ଟ ଚାଲାଣ ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗ୍ୟାରେଜ ଛକରେ ରହୁଥିବା ପୀଡ଼ିତା ଯୁବତୀ ଜଣକ ସନ୍ଧ୍ୟାରେ ଶ୍ରୀ ହସ୍ପିଟାଲ ନିକଟରୁ ଏକ ଅଟୋରେ ଚଢିଥିଲେ। ରବି ଟକିଜ୍ ଛକ ପୂର୍ବରୁ ଉକ୍ତ ଅଟୋରେ ବସିଥିବା ଅଭିଯୁକ୍ତ ନିରଞ୍ଜନ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ଯୁବତୀ ଜଣକ ପ୍ରତିବାଦ କରିବାରୁ ନିରଞ୍ଜନ ଉତ୍ତେଜିତ ହୋଇଯାଇଥିଲେ। ଏପରିକି ନିରଞ୍ଜନ ଅଟୋଚାଳକ ଅଜୟ କୁମାର ସାହୁଙ୍କୁ ଗାଳିଗୁଲଜ କରିଥିଲେ। ପରେ ପୀଡ଼ିତାଙ୍କୁ ଗାଳିଗୁଲଜ କରିବା ସହ ରାସ୍ତାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ।

# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଅଟୋଚାଳକ ଗିରଫ

ଭୁବନେଶ୍ୱର,୧୬।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଅବକାରୀ ଟିମ୍ ମଙ୍ଗଳବାର ସକାଳେ ବମିଖାଲ ଫ୍ଲାଏଓଭରବ୍ରିଜ୍ ନିକଟରେ ଚଢ଼ାଉ କରି ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଜଣେ ଅଟୋ ଚାଳକଙ୍କ ନିକଟରୁ ଏହି ୨୨୦ ଗ୍ରାମ୍ ବ୍ରାଉନସୁଗର ମିଳିଥିବାବେଳେ ଅବକାରୀ ବିଭାଗ ତାଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଅଞ୍ଚଳର ଶ୍ରୀକାନ୍ତ କୁମାର ମିଶ୍ର (୪୦)। ତାଙ୍କଠାରୁ ଅଟୋ (ଓଡି୦୫ଏଟି୯୧୪୬) ଜବତ କରାଯାଇଛି। ଅଭିଯୁକ୍ତ ଶ୍ରୀକାନ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ଏହି ବ୍ରାଉନସୁଗାର କେଉଁଠୁ ଆଣିଲେ, କାହାକୁ ଦେଇଥାନ୍ତେ ଏବଂ ଏହି କାରବାରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଆଦି ବିଷୟରେ ଜାଣିବାକୁ ଅବକାରୀ ଟିମ୍ ତଦନ୍ତ ଜାରି ରଖିଛି।

# ୩୨୫ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ



ଜବତ ବ୍ରାଉନସୁଗାର ସହ ଗିରଫ ୨ ଅଭିଯୁକ୍ତ।

ଜଳେଶ୍ୱର, ୧୬।୯(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବଢିବାରେ ଲାଗିଛି। ଅବକାରୀ ବିଭାଗ ପକ୍ଷରୁ ବାରମ୍ବାର ଚଢାଉ, ବ୍ରାଉନସୁଗାର ଜବତ ଓ ନିଶା ବେପାରୀଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ଏହାକୁ ରୋକାଯାଇପାରୁନାହିଁ। ଜଳେଶ୍ୱର ଅବକାରୀ ବିଭାଗ ଦୁଇଟି ଟିମ୍ ଗଠନ କରି ମଙ୍ଗଳବାର ସକାଳେ ୬୦ ନମ୍ବର ରାଜପଥ ଚାଲନ୍ତି ଏବଂ ଆମ୍ବଳିଅଠା ବୁଲେଟ ଶୋ'ରୁମ୍ ପାଖରୁ ଡିଲ୍ ସମୟରେ ମାଡ଼ି ବସିଥିଲା। ଚାଲନ୍ତି ରାଜପଥ ପାଖରୁ ୨୧୫ ଗ୍ରାମ ଏବଂ ଆମ୍ବଳିଅଠା ପାଖରୁ ୧୧୦ ଗ୍ରାମ୍ ମୋଟ୍ ୩୨୫ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଗିରଫ ଯୁବକଦ୍ୱୟଙ୍କ ଘର ରାସଗୋବିନ୍ଦପୁର ଥାନା ଏବଂ ଜଳେଶ୍ୱର ଥାନା ରାଜପୁର ଅଞ୍ଚଳରେ। ଏନେଇ ଜଳେଶ୍ୱର ରେଞ୍ଜ ଅଫିସରେ ଏକ ମାମଲା (ନଂ. ୫୭/୨୫-୨୬) ଏବଂ ଜଳେଶ୍ୱର ଅବକାରୀ ଅଫିସ୍‌ରେ ମାମଲା (ନଂ. ୧୪୭/୨୫-୨୬) ରୁଜୁ ହୋଇଛି। ଏହି ସମୟରେ ଆଇଆଇସି ହରିହର ସିଂ, ସାଟେଲାଇଟ ଅଧିକାରୀ ଲକ୍ଷେସାଧବ ପ୍ରଧାନ, ଓଆଇସି ଚନ୍ଦନ ନାୟକ, ଜୟପ୍ରକାଶ ବେହୁରିଆ, ସଞ୍ଜୀବ ମୁଣ୍ଡା, ବାସୁଦେବ କାମିଲା, ଅନୀଲ ପଣ୍ଡା ଓ ମଧୁସ୍ମିତା ମହାନ୍ତ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ବେଳେ ଧରାପଡ଼ିଲେ ୩ ଯୁବକ

ବାସୁଦେବପୁର,୧୬।୯
(ନାରାୟଣ ପ୍ରସାଦ ବାରିକ୍)

**୩ ମୋବାଇଲ ସହ ମାରଣାସ୍ତ୍ର, ବୋଲେରୋ ଜବତ**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ପଦ୍ମପୁର ଗ୍ରାମ ନିକଟରେ ଥିବା ଏକ ଖେଳପଡ଼ିଆଠାରେ ସୋମବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ୩ ଯୁବକଙ୍କୁ ପୋଲିସ ଧରିଛି। ବାସୁଦେବପୁର ପୋଲିସ ସେମାନଙ୍କୁ ଗିରଫ କରିଛି। ସେମାନେ ହେଲେ ଚାନ୍ଦବାଲି ଥାନା ଅଧୀନ ମତୋ ଗ୍ରାମର ହମିଜ ରାଜା କ୍ୱାଦିର(୨୧), ସେର୍‌ଖାନ ଶାହା(୩୦) ଓ ଶାହାରୁଖ ଶାହା(୨୫)। ସେମାନଙ୍କଠାରୁ ୩ ମୋବାଇଲ, ଗୋଟିଏ ଛୁରି, ଗୋଟିଏ ଭୁଜାଲି, ସ୍କ୍ରୁଡ୍ରାଇଭର ଓ ଦଉଡ଼ି ଜବତ କରାଯାଇଛି। ଏହାସହ ଏକ ବୋଲେରୋ(ଓଡି ୨୨ ଭି ୨୬୭୫) ମଧ୍ୟ ଜବତ ହୋଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ପୁନମ ଦେବୀ ବେହେରା ସଦଳବଳ ରାତି ପ୍ରାୟ ୧୧ଟା ୩୦ ବେଳେ ଏହି ଖେଳପଡ଼ିଆରେ ଚଢ଼ାଉ କରିଥିଲେ। ୫ ଯୁବକ ଏକାଠି ହୋଇ କୌଣସି ସ୍ଥାନରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ମାଡ଼ି ବସିଥିଲା। ଚଢ଼ାଉ ବେଳେ ୨ ଯୁବକ ଖସି ପଳାଇଥିବା ବେଳେ ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସେହି ବୋଲେରୋରୁ ଭିନ୍ନ ନମ୍ବର ଥିବା ୨ଟି ନମ୍ବର ପ୍ଲେଟ୍ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୬୬୩/୨୫) ରୁଜୁ କରାଯାଇ ଏସ୍‌ଆଇ ଭାଗ୍ୟଜିତ ନାୟକ ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

## BUSINESS

# ଠକେଇ ରୋକିବାକୁ ଏୟାରଟେଲ୍‌ର ପଦକ୍ଷେପ

ଭୁବନେଶ୍ୱର,୧୬।୯
(ଅନୁରାଧା ମହାରଣା)




**ଗ୍ରାହକଙ୍କ ଆର୍ଥିକ କ୍ଷତି ୭୦% ହ୍ରାସ**

ଭାରତୀ ଏୟାରଟେଲ୍ ପକ୍ଷରୁ ନିଆଯାଇଥିବା ଠକେଇ ବିରୋଧୀ ପଦକ୍ଷେପଗୁଡ଼ିକ ସାଇବର ଅପରାଧ ଅଭିଯୋଗରେ ବଡ଼ ହ୍ରାସ ଆଣିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଏୟାରଟେଲ୍ ନେଟ୍‌ୱର୍କରେ ଆର୍ଥିକ କ୍ଷତିର ମୂଲ୍ୟ ୬୮.୭% ହ୍ରାସ ପାଇଛି ଏବଂ ସାଇବର ଅପରାଧ ଘଟଣା ୧୪.୩% କମିଛି। ଏହା ଏୟାରଟେଲ୍‌ର ଠକେଇ ମାମଲା ସମାଧାନର ପ୍ରଭାବଶାଳୀତାକୁ ପ୍ରମାଣକରିବା ସହ ଗ୍ରାହକଙ୍କ ପାଇଁ ଏକ ନିରାପଦ ନେଟ୍‌ୱର୍କ ସୃଷ୍ଟିକରିଛି। ଏହି ତଥ୍ୟ ୨୦୨୪ ସେପ୍ଟେମ୍ବର ଏବଂ ୨୦୨୫ ଜୁନ୍ ମୁଖ୍ୟ ସାଇବର ଅପରାଧ ସୂଚକଙ୍କ ତୁଳନା ଉପରେ ଆଧାରିତ। ଏୟାରଟେଲ୍‌ର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଗୋପାଳ ବିତ୍ତଲ କହିଛନ୍ତି, ଆମେ ଆମ ଗ୍ରାହକଙ୍କ ପାଇଁ ସ୍କାମ୍ ଓ ଆର୍ଥିକ ଜାଲିଆତି ନିର୍ମୂଳ କରିବା ମିଶନରେ ରହିଛୁ। ଗତ ୧ ବର୍ଷରେ ଆମର ଏଆଇଚାଳିତ ନେଟ୍‌ୱର୍କ ସମାଧାନ ୪୮୩୦ କୋଟିରୁ ଅଧିକ ସ୍ପାମ୍ କଲ୍ ଚିହ୍ନଟ କରିଛି ଏବଂ ୩.୨ ଲକ୍ଷ ଜାଲିଆତି ଲିଙ୍କ୍‌କୁ ଅବରୋଧ କରିଛି। ବିତ୍ତଲ ଆହୁରି କହିଛନ୍ତି, ସ୍ପାମ୍ କଲ୍ ଓ ମେସେଜର ବଢ଼ୁଥିବା ସମସ୍ୟା ସମାଧାନରେ ଗୁରୁତ୍ୱପୂର୍ଣ୍ଣ। ଏହି ସମାଧାନ ଦେଶରେ ଏକ ଟେଲିକମ୍ ସେବା ପ୍ରଦାନକାରୀଙ୍କ ଦ୍ୱାରା ଗ୍ରାହକଙ୍କୁ ରିଅଲ ଟାଇମରେ ସନ୍ଦିଗ୍ଧ ସ୍ପାମ୍ କଲ୍ ଓ ମେସେଜ ବିଷୟରେ ସତର୍କ କରୁଛି।

# ଗ୍ରାମୀଣ ଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟିକରୁଛି ବେଦାନ୍ତ



ଭୁବନେଶ୍ୱର,୧୬।୯

**୨୧ତମ ଖାଦ୍ୟ ଓ ପାନୀୟ ତାଲିମ**

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର ଭବାନୀପାଟଣାରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ୨୧ତମ ଖାଦ୍ୟ ଏବଂ ପାନୀୟ ତାଲିମ ସଫଳତାର ସହ ସମାପ୍ତ କରିବା ସହ ପ୍ରଭାବଶାଳୀ ୯୩% ନିଯୁକ୍ତି ହାର ହାସଲ କରିଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ସହ ମିଳିତ ଭାବରେ ପରିଚାଳିତ ଏହି କାର୍ଯ୍ୟକ୍ରମ, ଗ୍ରାମୀଣ ଯୁବକମାନଙ୍କୁ ଶିଳ୍ପ- ପ୍ରସ୍ତୁତ ଦକ୍ଷତା ଦେବା ସହ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟିକରିବା ଏବଂ ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳସ୍ତରୀୟ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବେଦାନ୍ତ ପ୍ରୟାସ କରୁଛି। ଏନେଇ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତ ଦୃଢ଼ ଭାବରେ ବିଶ୍ୱାସକରେ ଯେ ଦକ୍ଷତା ହେଉଛି ଆତ୍ମନିର୍ଭରଶୀଳତାର ମୂଳଦୁଆ। ଏହି ଉଲ୍ଲେଖନୀୟ ନିଯୁକ୍ତି ହାର ମାଇଲଖୁଣ୍ଟ କଳାହାଣ୍ଡିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତକରେ, ଯାହା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଆମର ଦୃଢ଼ ସହଯୋଗ ଦ୍ୱାରା ଜୀବିକା ବୃଦ୍ଧି କରିବା ଏବଂ ଗ୍ରାମୀଣ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଖୋଲିବା ନିମନ୍ତେ ସକ୍ଷମ ହୋଇଛି। ଏକ ବ୍ୟାପକ ଦକ୍ଷତା ଢାଞ୍ଚା ଅନୁସରଣକରି ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ ପଦକ୍ଷେପ ଓଏସ୍‌ଡିଏ ଏବଂ ନାବାର୍ଡ ସହ ମିଳିତ ଭାବରେ ୩ ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଅଧୀନରେ ବର୍ତ୍ତମାନ ସୁଦ୍ଧା ୭୫୦ରୁ ଅଧିକ ଯୁବକଙ୍କୁ ତାଲିମ ଦିଆଯାଇଛି।

# ବିଓଆଇ କେନ୍ଦୁଝର କାର୍ଯ୍ୟାଳୟକୁ ରାଜଭାଷା ସମ୍ମାନ

ଭୁବନେଶ୍ୱର,୧୬।୯

ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଦ୍ୱାରା ସେପ୍ଟେମ୍ବର ୧୪ ଓ ୧୫ରେ ଗୁଜରାଟର ଗାନ୍ଧୀନଗରଠାରେ ଆୟୋଜିତ ୫ମ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀରେ ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟକୁ ରାଜଭାଷା ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶାର କେନ୍ଦୁଝର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ଅଧ୍ୟକ୍ଷ ଅମିତ କୁମାର ପାଲ ଏବଂ ସଦସ୍ୟ ସଚିବ ଦେବ ଜୟସ୍ୱାଲ , ଅଂଶୁଳ ଆର୍ଯ୍ୟ, ମୀନାକ୍ଷୀ ଜୌଲି ଏବଂ ଡ. ଅମ୍ଲାନ ତ୍ରିପାଠୀ ଏହି ଅବସରରେ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ୍ ଶାହା ଉକ୍ତ ସମ୍ମିଳନୀର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ଆଇନ ଏବଂ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଏବଂ ଉତ୍ତର ପ୍ରଦେଶର ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଦୀନେଶ ଶର୍ମା ଉପସ୍ଥିତ ଥିଲେ।



# ଜେଏସଡବ୍ଲ୍ୟୁ ଗ୍ରୁପ୍‌କୁ 'ଷ୍ଟାର୍ ଏମ୍ପ୍ଲୟମେଣ୍ଟ ଆୱାର୍ଡ'



ଭୁବନେଶ୍ୱର,୧୬।୯

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ବିଭିନ୍ନ ଶ୍ରେଣୀରେ ସର୍ବାଧିକ ନିଯୁକ୍ତି ସୃଷ୍ଟିକରିବା ପାଇଁ ଷ୍ଟାର ଏମ୍ପ୍ଲୟମେଣ୍ଟ ଆୱାର୍ଡ ୨୦୨୪-୨୫ (ପାରମ୍ପରିକ ଶିଳ୍ପ) ହାସଲ କରିଛି। ସୋମବାର ଭୁବନେଶ୍ୱରସ୍ଥିତ ଓୟୁଏଟି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିପିଏସ୍‌ଏଲ୍/ ଜେୟୁଏସ୍‌ଏଲ୍/ ଆଇଏସ୍‌ପି ଏବଂ ମାଇନ୍ସ/ କୋଇଲା ମାଇନ୍ସ ଓ ଗ୍ରୁପ୍ କର୍ପୋରେଟ୍ ଆଫେୟାର୍ସର ପ୍ରେସିଡେଣ୍ଟ ଅନିଲ କୁମାର ସିଂହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଉକ୍ତ ସମାରୋହରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବରିଷ୍ଠ ଅଧିକାରୀ, ଶିଳ୍ପ ନେତାମାନେ ଉପସ୍ଥିତ ଥିଲେ।

# ଓଏମ୍‌ସିର ବିଭିନ୍ନ ଦଳକୁ ୧୯ ସ୍ୱର୍ଣ୍ଣ, ୨ ରୌପ୍ୟ

ଭୁବନେଶ୍ୱର,୧୬।୯



ଭୁବନେଶ୍ୱରରେ ଅନୁଷ୍ଠିତ 'କନ୍‌ଭେନସନ୍ ଅନ୍ କ୍ୱାଲିଟି କନ୍‌ସେପ୍ଟସ (ସିସିକ୍ୟୁଏସ୍-୨୦୨୫)ର ସପ୍ତମ ଚାପ୍ଟରରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର କ୍ୱାଲିଟି ସର୍କଲ ଦଳଗୁଡ଼ିକ ୧୯ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପୁରସ୍କାର ହାସଲ କରିଛନ୍ତି। କ୍ୱାଲିଟି ସର୍କଲ ଫୋରମ ଅଫ୍ ଇଣ୍ଡିଆ (କ୍ୟୁସିଏଫ୍‌ଆଇ), ଭୁବନେଶ୍ୱର ଚାପ୍ଟର ଦ୍ୱାରା ଆୟୋଜିତ ଏହି ସମ୍ମିଳନୀରେ 'ଆତ୍ମନିର୍ଭର ବିକଶିତ ଭାରତ ପାଇଁ କ୍ୱାଲିଟି କନ୍‌ସେପ୍ଟସ' ବିଷୟବସ୍ତୁ ଅଧୀନରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଏମ୍‌ସି ପକ୍ଷରୁ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକୁ ନିଜ ନିଜର ନବସୃଜନ ପ୍ରଣାଳୀ, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ ପଦ୍ଧତି ପ୍ରଦର୍ଶନ କରିଥିଲେ। ଏହି ସମ୍ମିଳନୀରେ କେସ୍ ଷ୍ଟଡି ଉପସ୍ଥାପନା, ଜ୍ଞାନ ପରୀକ୍ଷା ଏବଂ ମଡେଲ ପ୍ରଦର୍ଶନ ମାଧ୍ୟମରେ ପ୍ରତିଯୋଗିତା କରାଯାଇଥିଲା। ଉତ୍ପାଦନ, ବିକ୍ରୟ, ପରିବେଶ, ସୁରକ୍ଷା, ବୈଷୟିକ ଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଗୁଣବତ୍ତା ନିୟନ୍ତ୍ରଣ, ସ୍ୱାସ୍ଥ୍ୟସେବା ଇତ୍ୟାଦି ଆଧାରିତ ବିଭିନ୍ନ ପ୍ରକଳ୍ପ ଉପରେ ଓଡ଼ିଶା ଖଣି ନିଗମର ସର୍ବମୋଟ ୨୨ଟି ଦଳ ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସମ୍ପୃକ୍ତ ବର୍ଗରେ ସର୍ବୋଚ୍ଚ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣ ବର୍ଗରେ ପୁରସ୍କୃତ ବିଜେତା ଦଳଗୁଡ଼ିକ, ଆଗାମୀ ଦିନରେ ଜାତୀୟସ୍ତରର ଏନ୍‌ସିକ୍ୟୁସି-୨୦୨୫ରେ ଓଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୂଚନା ଥାଉକି, ୨୦୨୩ ମସିହାରେ ବେଜିଂଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଇସିକ୍ୟୁସିସିରେ ଓଏମ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଦୁଇଟି ଦଳ ସ୍ୱର୍ଣ୍ଣ ପୁରସ୍କାର ମଧ୍ୟ ଜିତିଛନ୍ତି, ଯାହା ଖଣି କ୍ଷେତ୍ର ମଧ୍ୟରେ ଉତ୍କୃଷ୍ଟ ଗୁଣବତ୍ତା ହାସଲ ପାଇଁ ଓଡ଼ିଶା ଖଣି ନିଗମର ନେତୃତ୍ୱକୁ ସୁଦୃଢ଼ କରିଛି।

# ହାଇଟେକ୍ କ୍ରିକେଟ ଏକାଡେମୀର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୬।୯

ହେଲ୍‌ଥ ପାର୍କ ପାଣ୍ଡରାସ୍ଥିତ ହାଇଟେକ୍ କ୍ରିକେଟ ଏକାଡେମୀଠାରେ ଦ୍ରୁତ ବୋଲିଂର ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଏହି ଶିବିର ହେବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଖେଳାଳିଙ୍କ ତ୍ରୁଟି ସୁଧାର ସହ ଦ୍ରୁତ ବୋଲିଂର ପ୍ରଶିକ୍ଷଣ ଦିଆଯିବ। ଇଚ୍ଛୁକ ଖେଳାଳିମାନେ ୨୪ ତାରିଖ ପୂର୍ବରୁ ନିଜର ନାମ ପଞ୍ଜୀକରଣ କରିବା ପାଇଁ ପରାମର୍ଶ ଦିଆଯାଉଛି। ଭୁବନେଶ୍ୱର ବାହାର ଖେଳାଳିଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି।



## ଖଣି ପାଇଁ ...

ପୂର୍ବରୁ ୱାଇଲ୍ଡ ଲାଇଫ୍ ପ୍ଲାନ୍ ପ୍ରସ୍ତୁତକରି ଦପ୍ତାରିକ ସରକାରଙ୍କୁ ପ୍ରଦାନ କରିଥାଆନ୍ତି। ହେଲେ ଏହା ଫାଇଲ ଭିତରେ ନିରୁଦ୍ଦିଷ୍ଟ ହୋଇଯାଇଥାଏ। ହାତୀ ଭଳି ବୃହତ୍ ବନ୍ୟପ୍ରାଣୀ ମଧ୍ୟ ତା'ର ପ୍ରାକୃତିକ ବାସସ୍ଥାନ ହରାଇଥାଏ। ତେଣୁ କ୍ଷତିପୂରଣ ଉପାୟରେ ସୃଷ୍ଟି କରାଯାଉଥିବା ନୂତନ ଜଙ୍ଗଲରେ ଆକାଶିଆ ଚାରା ରୋପଣକରି ଦିଆଯାଇଥାଏ। ନଷ୍ଟ କରାଯାଉଥିବା ଜଙ୍ଗଲ ଏବଂ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଥିବା ଜଙ୍ଗଲରେ ପୂର୍ବ ଭଳି ଜଙ୍ଗଲ ଜଙ୍ଗଲ୍ ଅବସ୍ଥାପିତ କରାଯାଇ ନ ଥାଏ। ଆକାଶିଆ ଗଛ ଲଗାଇ ବିଭାଗ କାର୍ଯ୍ୟ କୁଶଳତା ଦେଖାଇଥାଏ। ଏହି ବିଚିତ୍ର ବନ ସଂରକ୍ଷଣ ନୀତିରେ ଉଜୁଡ଼ିଯାଉଥିବା ବନ୍ୟଜନ୍ତୁଙ୍କ ପ୍ରକୃତିର ବାସସ୍ଥାନ। ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ,ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଏଣିକି ଆଉ ଆକାଶିଆ ଏବଂ ଅନ୍ୟାନ୍ୟ ଗଛ ନ ଲଗାଇ ହାତୀମାନଙ୍କର ଖାଦ୍ୟ ଉପଯୋଗୀ ଯଥା କୁସି,ବାଉଁଶ,ଚାର୍ଗାର, କେନ୍ଦୁ, ଶିମିଳି ଓ ବରଗଛ ପ୍ରଭୃତି ଚାରା ରୋପଣ କରାଯାଉଛି। ଚଳିତ ବର୍ଷ ରେଞ୍ଜରେ ଚଳିତ ମାସଠାରୁ ୧୧ହଜାରରୁ ଊର୍ଦ୍ଧ୍ୱ ଉପଯୋଗୀ ଗଛ ଲଗାଇବା କାର୍ଯ୍ୟ ଆରମ୍ଭ ହୋଇଛି। ପରିବେଶବିତ୍ ଉଦୟ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ବନ ବିଭାଗ ବିଳମ୍ବରେ ଉପଯୋଗୀ ଗଛ ଲଗାଇବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଭିନ୍ନ ବଡ଼ ବଡ଼ ଖଣି କମ୍ପାନୀ ଖଣି ଖୋଲି ଖଣିଜ ନେବା ପରେ ଗାତଗୁଡ଼ିକ ପୋତିବା କାର୍ଯ୍ୟ ବା ରିକ୍ଲାମେସନ ନ କରି ଛାଡ଼ି ଦେଉଛନ୍ତି। ଫଳରେ ଆବଶ୍ୟକ ମୁତାବକ ଜଙ୍ଗଲରେ ବନାଞ୍ଚଳ ସୃଷ୍ଟି ହୋଇପାରୁନାହିଁ। ସହର କିମ୍ବା ଗ୍ରାମ ନିକଟରେ ଥିବା ଖାଲିଜାଗାଗୁଡ଼ିକରେ ନୂତନ ଜଙ୍ଗଲ ବନ ବିଭାଗ ଦ୍ୱାରା କରାଯାଉଛି। ଅନ୍ୟପକ୍ଷରେ ଅବାଧ ଖଣି ଖନନ ତଥା ବେଆଇନ ବା ଚୋରା ଭାବେ ଜଙ୍ଗଲରେ ଖଣିଜ ଖନନ ହେତୁ ହାତୀ ନିଜ ଦ୍ୱାରା ବାଛିଥିବା ଚଲାପଥ ମଧ୍ୟ ନଷ୍ଟ ହେଉଛି। ପୁଣି ପାଇପ ଲାଇନ ଯୋଗୁ ହାତୀ ଅଧିକାଂଶ ସ୍ଥାନରେ ପଥ ଅତିକ୍ରମ କରିପାରୁନାହିଁ। ବେଳ ଥାଉଁ ଥାଉଁ ସାବଧାନ ନ ହେଲେ ଅନେକ ଦୁର୍ଲଭ ବନ୍ୟଜନ୍ତୁଙ୍କ ପରି ହାତୀ ମଧ୍ୟ ବିଲୁପ୍ତହେବ ବୋଲି ପରିବେଶବିତ୍ ଆଚାର୍ଯ୍ୟ କହିଛନ୍ତି।

## ଅକ୍ଟୋବର ପୂର୍ବରୁ ୨୯ ...

ସମୁଦାୟ ୮,୩୯୧ ବିଏଲ୍ଏ ଦେଇଛନ୍ତି। ଓଡ଼ିଶାରେ ପ୍ରତ୍ୟେକ ଦଳ ୩୮ ହଜାରରୁ ଅଧିକ ବିଏଲ୍ଏ ଦେବାର ଆବଶ୍ୟକତା ରହିଛି। ହେଲେ ବିଜେଡି ୪,୫୩୩ଟି ବିଏଲ୍ଏ ଦେଇଥିବାବେଳେ ୩,୬୫୩ରେ ଭାଜପା ଓ ମାତ୍ର ୧୫ଟି କଂଗ୍ରେସ ତା'ର ବିଏଲ୍ଏ ଦେଇଛି। ଏପର୍ଯ୍ୟନ୍ତ ସିପିଆଇ, ସିପିଆଇ(ଏମ୍), ବିଏସ୍ପି, ଆପ୍ ଏବଂ ଏନ୍ପିପି ମଧ୍ୟରୁ କୌଣସି ଗୋଟିଏ ଦଳ ବିଏଲ୍ଏ ଦେଇନାହାନ୍ତି। ସେ କହିଥିଲେ ଯେ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକ ପ୍ରତିନିଧିମାନଙ୍କ ସହିତ ୭୧-ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଉପନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍ଏସ୍ଆର୍) ସମ୍ପର୍କିତ ବୈଠକ ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲା ନିର୍ବାଚନ ଅଧିକାରୀ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କୁ ସଂଶୋଧନର ସମସ୍ତ ପର୍ଯ୍ୟାୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ଜିଲା ୟୁନିଟଗୁଡ଼ିକୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ବିଏଲ୍ଏ ନିଯୁକ୍ତି ନେଇ ମଧ୍ୟ ଆଲୋଚନା ହୋଇଛି। ଏହି ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସିଇଓ କହିଥିଲେ ଯେ, ଓଡ଼ିଶାରେ ଭୋଟ ଚୋରି ହୋଇନାହିଁ। ଏପରି କି ଦେଶର ଅନ୍ୟ କୌଣସି ରାଜ୍ୟରେ ମଧ୍ୟ ଭୋଟ ଚୋରି ହୋଇନାହିଁ। ଏନେଇ ସିଇସି ସ୍ପଷ୍ଟ କରିସାରିଛନ୍ତି। ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଇସିଆଇଙ୍କ ଉପରେ ଥିବା ଆସ୍ଥା ଓ ଭରସା ସେପରି ଅତୁଟ ରହିବ, ସେ ଦିଗରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଗୋପାଳନ୍ କହିଥିଲେ। ସମ୍ମିଳନୀରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ପ୍ରମୋଦ କୁମାର ସାହୁ ଏବଂ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରିୟା ସାହୁ ଉପସ୍ଥିତ ଥିଲେ।

## ବର୍ଷାରେ ଭିଜିପାରେ ...

ଅତିପ୍ରବଳ ବର୍ଷା ହୋଇଛି। ବୁଧବାର ୨୦ଟି ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କତା ଜାରି କରାଯାଇଛି। ସେହିପରି ଗୁରୁବାର ୧୮ ଜିଲାକୁ, ଶୁକ୍ରବାର ୧୩ ଜିଲାକୁ ଓ ଶନିବାର ୨୧ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମହାନ୍ତି ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ .... ପ୍ରଥମ ପୃଷ୍ଠାରୁ...

ଚିତ୍ରାଙ୍କନ ପ୍ରତିଯୋଗିତା, ବୁଦ୍ଧିଜୀବୀମାନଙ୍କ ସହ ଆଲୋଚନାଚକ୍ର, ରକ୍ତଦାନ ଏବଂ ଚିକିତ୍ସା ଶିବିର, ସ୍ୱଚ୍ଛତା ଅଭିଯାନ ଆୟୋଜିତ ହେବ। ଏଥିରେ ଦଳୀୟ ସଂଗଠନ ସମେତ କେନ୍ଦ୍ର ସରକାର କିମ୍ବା ଭାଜପା କ୍ଷମତାରେ ଥିବା ରାଜ୍ୟ ସାମିଲ ହେବେ। ଜାତୀୟ ରାଜଧାନୀ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏଭଳି କେତେକ ପଦକ୍ଷେପ ଶୁଭାରମ୍ଭ କରିବେ। ଧର୍‌ରେ ମୋଦି 'ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା'ରେ ପାଖାପାଖି ୧୦ ଲକ୍ଷ ଯୋଗ୍ୟ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପାଣ୍ଠି ପଠାଇବେ। ଏଥିସହିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉପରେ ସଚେତନତା ପାଇଁ ପ୍ରଧାନମନ୍ତ୍ରୀ 'ସୁମନ ସାଖି ଚାଟ୍‌ବୋଟ୍' ଉନ୍ମୋଚନ କରିବେ। ଉକ୍ତ ଚାଟ୍‌ବୋର୍ଟ ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ଗର୍ଭବତୀ ମହିଳାମାନଙ୍କୁ ଠିକ୍ ସମୟରେ ଠିକ୍ ତଥ୍ୟ ପ୍ରଦାନ କରିବା ସହ ଜରୁରୀ ସ୍ୱାସ୍ଥ୍ୟସେବା ପାଇବାକୁ ସୁନିଶ୍ଚିତ କରାଇବ। ସିକଲ୍ ସେଲ୍ ଆନେମିଆ ବିରୋଧରେ ଅଭିଯାନର ଅଂଶ ସ୍ୱରୂପ ମୋଦି ମଧ୍ୟପ୍ରଦେଶରେ ୧୦ ନିୟୁତତମ ସିକଲ୍ ସେଲ୍ ସ୍କ୍ରିନିଂ ଆଣ୍ଡ କାଉନ୍‌ସେଲିଂ କାର୍ଡ ପ୍ରଦାନ କରିବେ। 'ଆଦି କର୍ମଯୋଗୀ ଅଭିଯାନ'ରେ ମୋଦି ଉକ୍ତ ରାଜ୍ୟରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିବେ ଯାହା ଆଦିବାସୀ ଗୌରବ ଏବଂ ରାଷ୍ଟ୍ରଗଠନ ଭାବନାର ସଙ୍ଗମର ପ୍ରତୀକ ହେବ। ଏଥିରେ ଆଦିବାସୀ ଅଞ୍ଚଳଗୁଡ଼ିକରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ ରହିବ, ଯେଉଁଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ପୋଷଣ, ଦକ୍ଷତା ବିକାଶ, ଜୀବନଶୈଳୀରେ ଉନ୍ନତି, ପରିମଳ, ଜଳ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ବିବୃତିରେ କୁହାଯାଇଛି। ଫାର୍ମରୁ ଫାଇବର, ଫାଇବରରୁ ଫ୍ୟାକ୍ଟ୍ରି, ଫ୍ୟାକ୍ଟ୍ରିରୁ ଫ୍ୟାଶନ ଏବଂ ଫ୍ୟାଶନରୁ ଫରେନ୍– ପ୍ରଧାନମନ୍ତ୍ରୀଙ୍କ ୫ଏଫ୍ ଦୃଷ୍ଟିଭଙ୍ଗୀ ଅନୁଯାୟୀ, ସେ ଧର୍‌ରେ ପିଏମ୍ ମିତ୍ର ପାର୍କ ଉଦ୍‌ଘାଟନ କରିବେ। ୨,୧୫୦ ଏକରରୁ ଊର୍ଦ୍ଧ୍ୱ ଜମିରେ ପରିବ୍ୟାପ୍ତ ଏହି ପାର୍କରେ ବିଶ୍ୱ ଶ୍ରେଣୀର ସୁବିଧା ଯଥା ସାଧାରଣ ଉପଶିଷ୍ଟ ଉପଚାର ପ୍ଲାଣ୍ଟ, ସୌରଶକ୍ତି ପ୍ଲାଣ୍ଟ, ଆଧୁନିକ ରାସ୍ତା ଆଦି ରହିବ, ଯାହା ଏହାକୁ ଏକ ଆଦର୍ଶ ଶିଳ୍ପାଞ୍ଚଳ ସହରରେ ପରିଣତ କରିବ। ଏହା ଉକ୍ତ ଅଞ୍ଚଳର କପାଚାଷୀଙ୍କ ଉତ୍ପାଦକୁ ଅଧିକ ମୂଲ୍ୟ ପ୍ରଦାନ କରିବା ସହ ସେମାନଙ୍କ ଆୟ ବଢ଼ାଇବ। ଟେକ୍ସଟାଇଲ୍ କମ୍ପାନୀଗୁଡ଼ିକ ଏଥିରେ ୨୩,୧୪୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ପାଖାପାଖି ୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିହେବ ଓ ରପ୍ତାନିରେ ଉଲ୍ଲେଖନୀୟ ବୃଦ୍ଧି ଘଟିବ। ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହାତକୁ ନେଇଥାନ୍ତି। ଗତବର୍ଷ ସେ ଓଡ଼ିଶାରେ ଥିଲେ ଓ ରାଜ୍ୟ ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ଏଥିସହିତ ରେଳ ଓ ଜାତୀୟ ରାଜପଥ ପ୍ରକଳ୍ପକୁ ମଧ୍ୟ ପ୍ରଧାନମନ୍ତ୍ରୀ ଲଞ୍ଚ୍ କରିଥିଲେ। ବୁଧବାର ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ତାଙ୍କ ସଂସଦୀୟ ଆସନ ବାରାଣସୀରେ ପୌର ନିଗମ ପକ୍ଷରୁ ୧୧୧ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବ।

## କଳିଙ୍ଗ ଘାଟିରେ...

ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଘାଟିର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ମୋଟର ଅଟକି ରହିଛି। ପ୍ରବଳ ବର୍ଷା ଯୋଗୁ ଅଟକି ରହିଥିବା ବସ୍ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ନିରାପଦ ସ୍ଥାନକୁ ଯିବାକୁ କହୁଛନ୍ତି। ଜି. ଉଦୟଗିରି ବିଡିଓ ଶରତ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ମିଳିଛି। ଏ ନେଇ ଜାତୀୟ ରାଜପଥ ଅଧୀକ୍ଷଣ ଯନ୍ତ୍ରୀ ସାନ୍ତନୁ କୁମାର ସାହୁଙ୍କ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏହାର ମରାମତି ପାଇଁ ସମୟ ଲାଗିବ। ବର୍ତ୍ତମାନ ଘଟଣାସ୍ଥଳକୁ ରାସ୍ତା ସଫା ପାଇଁ ଆବଶ୍ୟକ ଯନ୍ତ୍ରପାତି ପଠାଯାଇଛି। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସାହୁ ପ୍ରକାଶ କରିଛନ୍ତି। ଫୁଲବାଣୀରୁ ବ୍ରହ୍ମପୁରକୁ ଟିକାବାଲି, ଚକାପାଦ ଦେଇ ଓ ଭୁବନେଶ୍ୱର ପଟୁ ଆସୁଥିବା ବସ୍ ରମ୍ଭା, ଭଞ୍ଜନଗର ଦେଇ ଚଳାଚଳ କରିବ ବୋଲି ଜଣେ ବସ ମାଲିକ ସୂଚନା ଦେଇଛନ୍ତି।

---

# ODISHA JOINT ENTRANCE EXAMINATION-2025 (OJEE - 2025)

**No.OJEE/515** — **Date:15.09.2025**

## NOTICE

### COUNSELLING FOR B.PHARM/LE.PHARM/ M.PHARM FOR THE SESSION 2025-26

No.h-09:This is for the information of all the candidates who have qualified in OJEE-2025/NEET UG 2025/JEE(MAIN)-2025 examinations and are interested to take admission into **B.PHARM** courses offered by various institutes in Odisha for the session 2025-26, that the process of choice filling and locking is scheduled to start from 18th September 2025, 5.00 PM. Same schedule is also applicable for candidates who have qualified in PGAT/OJEE-2025 for **M.PHARM** and OJEE 2025 for **Lateral Entry to B.PHARM** examinations and are interested to apply for admission in M. PHARM/Lateral Entry to B.PHARM Course. Candidates are advised to visit OJEE website and carefully read the "Counselling Brochure – 2025", 'Step-by- Step' and also see the complete "Counselling Schedule" available in OJEE website: http//ojee.nic.in

**OIPR-14020/11/0010/2526** — **Sd/- Chairman, OJEE**

---

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

Office Order No. 4139/Date 15.09.2025

**No.O-790** : The tender for the works invited vide this office N.I.T. No. Tender-Online-C.C.12 of 2025 Dt-02.05.2025 issued vide this office Lr.No.2270 Dt-02.05.2025 is hereby cancelled due to some technical issues.

**Sd./- Chief Construction Engineer**
**Central Rural Works Circle, Bhubaneswar**

**OIPR-25082/11/0011/2526**

---

### CHILIKA DEVELOPMENT AUTHORITY

**Address : Plot No. - 493 (P), Palashpalli, Pokhariput Road, Bhubaneswar - 751020**

**Tender Call Notice**

**Advertisement No. 1399/CDA**
**Dated : 15.09.2025**

**No.CAD-1783** : Sealed tenders are invited for supply of instruments at CDA. The detailed terms and conditions of tender call can be downloaded from CDA website under Tender section https://www.chilika.com/Tender.php. Interested firms should submit their bid on or before 08.10.2025 by 2:30 P.M.

**Sd./- Chief Executive**
**Chilika Development Authority**

**OIPR-08138/11/0005/2526**

---

### GOVERNMENT OF ODISHA — No.MM-192
### OFFICE OF THE DIVISIONAL FOREST OFFICER SUNDARGARH FOREST DIVISION

**Phone No.-06622-272243, E-mail:dfo.sundargarh@odisha.gov.in**
**Tender Notice.FE&CC/DFO(T) SNG/No.04/2025-26**
**Tender Notice for Soil Moisture Conservation Work**

**Letter No.5326** — **Date:13.09.2025**

| | | | |
|---|---|---|---|
| 1 | The Divisional Forest Officer, Sundargarh Forest Division on behalf of Governor of Odisha inviting percentage rate bid in double cover system on OFFLINE MODE. | | |
| 2 | Nature of Works | :- | Soil Moisture Conservation Work |
| 3 | Type of Works | :- | 1.Construction staggered Trenches (0-30 Degree Slope). 2.Construction of Loose Boulder Check Dam (LBCD) 3.Construction of Wire Mesh Loose Boulder Check Dam (WMLBCD), 4.Construction of Graded Bund(GB) |
| 4 | Tender Cost | :- | Rs.4000/- 6000/- & 10000/- |
| 5 | Class of Contractor | :- | "D", "C" & "B" Class Contractor |
| 6 | Availability of bid document in the Sundargarh portal i.e. https://sundargarh.odisha.gov.in | :- | From 10.00 AM of Dt.17.09.2025 to 5.00 P.M. of Dt.30.09.2025. |
| 7 | Date of Opening of Bid | :- | At 11.00 A.M. of Dt.03.10.2025 |
| 8 | The Bidders have to participate in OFFLINE bidding only. | | |

**Sd./- Divisional Forest Officer**
**Sundargarh Forest Division**

**OIPR-08034/11/0016/2526**

---

No.CAD-1781

### GOVERNMENT OF ODISHA
### ROURKELA DEVELOPMENT AUTHORITY, ROURKELA

Phone No. : (0661)-2500224, Email ID : secretaryrda@gmail.com

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**

**Bid Identification No. 02/Rkl. RDA/2025-26 Dt.15.09.2025**

01. Name of the Work : 1 No. work
02. Estimated Cost : 36.86 Lakhs
03. Period of Completion : 15 (Fifteen) days
04. Date & Time of availability of bid document in the Portal : From 11.00 AM of dt.16.09.25 to 5.00 PM of 23.09.25
05. Last date / time of receipt of bids in the Portal : 5.00 PM of 23.09.25
06. Date & Time of opening of Bids : At 11.00 AM of 24.09.25
07. Name and Address of the Officer Inviting Bid : Secretary, Rourkela Development Authority, Uditnagar, Rourkela-769012

**Further details can be seen from the website www.tendersodisha.gov.in**

**Sd./- Secretary,**
**Rourkela Development Authority, Rourkela**

**OIPR-13250/11/0103/2526**

---

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR

**E-mail id : sidsambalpur@gmail.com**

**e-Procurement Notice No. SESID-04/2025-26**
**Bid Identification No. SESID-04(01-10)/2025-26**

**No./4012** — **/Date. 10.09.2025**

**No.A-609** : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1 | Nature of Works | : | Flood Works |
| 2 | Nos. of Works | : | 10 Nos. |
| 3 | Bid Identification No. | : | SESID-04(01-10)/2025-26 |
| 4 | Estimated Cost | : | 11.26 to 42.36 Lakhs |
| 5 | Earnest Money Deposit | : | Referred to DTCN |
| 6 | Cost of Tender Paper | : | Referred to DTCN |
| 7 | Period of Completion | : | Referred to DTCN |
| 8 | Date and Time of availability of Bid Document in the Portal | : | Dt : 24.09.2025 at 11.00 AM to Dt : 08.10.2025 upto 17.00 PM |
| 9 | Last Date/Time for receipt of Bids in the Portal | : | Dt : 08.10.2025 upto 17.00 PM |
| 10 | Date of Bid Opening | : | Dt : 09.10.2025 at 11.00 AM |
| 11 | Clarification seeking Date | : | Dt : 24.09.2025 at 11.00 AM to Dt : 08.10.2025 upto 17.00 PM |
| 12 | Date of Lottery (if required) | : | To be intimated later |
| 13 | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur At/PO-Khetrajpur - 768003, Dist-Sambalpur Email id : sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

**Sd./- Superintending Engineer,**
**Sambalpur Irrigation Division, Sambalpur**

**OIPR-32530/11/0013/2526**

---

### OFFICE OF THE NOTIFIED AREA COUNCIL, DHARMAGARH

**DIST - KALAHANDI, PIN - 766015**
**'e'-Procurement NOTICE**
**Bid Identification No. DHM / 02 / 2025-26**

**No.C-1075** : The Executive Officer on behalf of Dharmagarh NAC invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

1. Number of Civil Works : **11 (Eleven) numbers**
2. Estimated Costs : **1.35 Lakh to 16.52 Lakh**
3. Period of Completion ; **As per NIT**
4. Date and time of availability of the bid documents in the Portal : **From 03.00 P.M. of 13.09.2025 to 05.00 PM of 24.09.2025**
5. Last Date/Time for rceceipt of bids in the Portal : **05.00 PM of 24.09.2025**
6. Bids will be opened on : **11.00 AM of Dt.25.09.2025**
7. Name and address of the Officer Inviting Bid : **Executive Officer, Dharmagarh NAC**

**Sd./- Executive Officer**
**Dharmagarh NAC**

**OIPR-13163/11/0015/2526**

---

### OFFICE OF THE SUPERINTENDING ENGINEER R.W.S.&S. DIVISION, NUAPADA

**E-mail:eerwssnpd@rediffmail.com**
**1st Corrigendum to Bid Identification No. RWS&S_14/2025-26**

No.O-786: Remaining unaltered of all terms and conditions, the following changes are hereby made to Bid Identification No.RWS&S_14/2025-26 of the Superintending Engineer, RWS&S Division, Nuapada by virtue of this corrigendum as mention below:

| As per Original NIT | As per Corrigendum |
|---|---|
| Work Sl.No. 02, Estimate Amount-9.85 Lakh, Paper Cost- 6000.00 | Work Sl.No. 02, Estimate Amount- 9.90 Lakh, Paper Cost-4000.00 |
| Last date/Time for receipt of bids in the portal: 21.09.2023 upto 5.00 P.M. | Last date/Time for receipt of bids in the portal: 22.09.2025 upto 5.00 P.M. |
| Date of Opening of bid: 22.09.2025 at 11.00 A.M. | Date of Opening of bid: 23.09.2025 at 11.00 A.M. |

**Sd./- (Er. P. Sahu)**
**Superintending Engineer**
**RWSS Division, Nuapada**

**OIPR-25043/11/0010/2526**

---

### OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID : cebuildings_orissa@yahoo.co.in, cebuildings@rediffmail.com, Tel. - (0674)-2391523

**INVITATIONS FOR BIDS (IFB)**

**File No.-B-I-H.T.&H.-01/2025 Lr. No. 35261 Bhubaneswar, the 10th Sept., 2025**

**No.B-515** — **Invitations for Bids**

**Bid Identification No. C.E.(B) - 25/2025-26**

| | | | |
|---|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, **(1) "Construction of Academic Block-A (G+4) at BOSE, Cuttack", (2) "Construction of CHC Building at S.Bolang CHC under NHM PIP in the district of Sundargarh for the year 2024-25" & (3) Infrastructure Development of Bunakar Haat at Behera (Balijuri), Bargarh"** as detailed below. | | |
| 2. | **Nature of work** | : | **Building works** |
| 3. | **No. of work** | : | **03 Nos.** |
| 4. | **Bid Cost** | : | **10,000/- (each)** |
| 5. | **Class of Contractor** | : | **'A' / Special / Super Class** |
| 6. | **Availability of Bid Documents in the website** | : | **From dt.19.09.2025 to 17.00 Hours of dt.04.10.2025** |
| 7. | **Date of Opening of Bid** | : | **Dt.06.10.2025 at 11:30 AM** |
| 8. | **The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | | |

**Sd./- Chief Engineer (Buildings-I), Odisha,**

**OIPR-34117/11/0139/2526**

---

### ODISHA POLICE STATE HEADQUARTERS Cuttack

**Odisha Police**
**Office of the D.G. & I.G. of Police, Odisha, Cuttack**
**Tel. : 0671-2304001, Website : www.odishapolice.gov.in,**
**Email : aig-prov.odpol@od.gov.in**

**No.D-210** : Online Bids through e-Tender Portal https://tendersodisha.gov.in are invited from the eligible bidders of RFP for Selection of a Consultancy Firm for establishing of Technical Assistance and Support Unit (TASU) for Odisha Police Department during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date |
|---|---|---|
| 1. | Selection of a Consultancy Firm for establishing of Technical Assistance and Support Unit (TASU) for Odisha Police Department | **18-RFP-TASU-2025-26** Date : 13.09.2025 |

| Sl. No. | Particulars | Details |
|---|---|---|
| 1 | **Name of the Organization** | **Odisha Police Department** |
| 2 | **Method of Selection & Proposal Validity** | **Quality cum Cost Based Selection (QCBS) & 180 Day's proposal validity** |
| 3 | **Date of Issue of RFP** | **13.09.2025** |
| 4 | **Deadline for Submission of Pre-Proposal / Pre-Bid Queries** | **17.09.2025** |
| 5 | **Issue of Pre-proposal Clarifications** | **18.09.2025** |
| 6 | **Proposal Due Date** | **25.09.2025 till 12.30 PM** |
| 7 | **Date of opening of Technical and Qualification Proposal** | **26.09.2025 till 12.30 PM** |
| 8 | **Date of Presentation** | **To be informed later** |
| 9 | **Date of opening of Financial Proposal** | **To be informed technically qualified after bidders** |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

**Sd./- A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**

**OIPR-12029/11/0105/2526**

---

### ODISHA POLICE STATE HEADQUARTERS Cuttack

**Odisha Police**
**Office of the D.G. & I.G. of Police, Odisha, Cuttack**
**Tel. : 0671-2304001, Website : www.odishapolice.gov.in,**
**Email : igops.orpol@od.gov.in**

**No.D-216** : Online Bids through e-Tender Portal https://tendersodisha.gov.in are invited from the eligible bidders of Optical Fiberscope for Operation Wing, Bhubaneswar during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | **16-RFP-Optical Fiberscope-2025-26** | 04 Nos |

| Events | Date |
|---|---|
| RFP Issue Date | **15.09.2025** |
| RFP Publication of corrigendum (if any) and Submission Start Date & Time | |
| RFP Submission Due Date and time | **08.10.2025** |
| Date & Time of Opening of Technical Bids | **09.10.2025** |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | {Non-refundable Rs.590/- (Rs.500/- + 18% GST (Rs.90/-)} In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 72000/- in favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

**Sd./- A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**

**OIPR-12029/11/0107/2526**

---

### GOVERNMENT OF ODISHA — No.C-1077
### OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA

Parmanandpur, Railway Station Road, Bhawanipatna, Dist. : Kalahandi, PIN - 766002, e-mail : eephbhpt@gmail.com

**NATIONAL COMPETITIVE BIDDING THROUGH e-Procurement**
**Identification No. ACEPH-BHPT-27 of 2025-26/Dt.12.09.2025**

**e-Procurement Notice**

01. Name of the Work : 1No. Work
02. Type of Bid : Single Bid System
03. Approx. Estimated Cost : Rs.24.63 Lakh
04. Period of Completion : 02 (Two) Calendar Months
05. Date & Time of availability of bid document in the Portal : From 11.00 AM of dt. 16.09.2025 to 5.00 PM of 25.09.2025
06. Last date / time of receipt of bids in the Portal : 5.00 PM of 25.09.2025
07. Date & Time of opening of technical Bids : At 11.30 AM of 26.09.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/PO - Parmanandpur, 766002, Dist - Kalahandi

**Further details can be seen from the website http://tenders.ori.nic.in or www.tendersorissa.gov.in**

**Sd./- Additional Chief Engineer,**
**P.H. Division, Bhawanipatna**

**OIPR-13059/11/0043/2526**

---

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ

### ବିଜ୍ଞପ୍ତି

No.g–୪୨:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନଲିଖିତ ଶିଶୁଜଣଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ନିର୍ଦ୍ଦେଶନାମା ବଳରେ ଶିଶୁଯତ୍ନ ଅନୁଷ୍ଠାନରେ ରଖାଯାଇଅଛି । ଉକ୍ତ ଶିଶୁଜଣଙ୍କର ଯଦି କେହି ପିତାମାତା, ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମୟୂରଭଞ୍ଜ, ଫୋନ ନଂ.06792–255562 କିମ୍ବା ଶିଶୁ କଲ୍ୟାଣ ସମିତି, ମୟୂରଭଞ୍ଜ ଫୋନ ନଂ.06792–262246କୁ ଯୋଗାଯୋଗ କରିପାରିବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଜଣଙ୍କୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଓ ପୋଷ୍ୟସନ୍ତାନ ନିୟମାବଳୀ ୨୦୨୨ ଅନୁଯାୟୀ ପୋଷ୍ୟସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

ଶିଶୁର ନାମ–ଲକ୍ଷ୍ମୀ
ଲିଙ୍ଗ–ଝିଅ
ଜନ୍ମ ତାରିଖ–୨୯.୦୪.୨୦୨୫
ଉଦ୍ଧାର ହୋଇଥିବା ସ୍ଥାନ: ବଡଦୁନ୍ଦୁ, ବହଳଦା, ମୟୂରଭଞ୍ଜ



ସ୍ୱା./–
ଜିଲ୍ଲାପାଳ, ମୟୂରଭଞ୍ଜ

**OIPR-33021/11/0018/2526**

---

### GOVERNMENT OF ODISHA
### DEPARTMENT OF WATER RESOURCES
### OFFICE OF THE ENGINEER-IN-CHIEF, WATER RESOURCES, SECHA SADAN, BHUBANESWAR

**No.A-624**

**Email Address:cemech.eicwr.od@gmail.com**

**e-Procurement Notice**
**Bid Identification No.CEM/MDC-17/2025-26**

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro mechanical gates.
4. Bid Identification No. : CEM/MDC-17/2025-26
5. Estimated Cost : Rs.77,86,340.00
6. Period of Completion : 3 (Three) Calendar Months
7. Date & Time of availability of bid documents in the Portal : From dt.17.09.2025 (10.00 AM) to dt.03.10.2025 (5.30 PM)
8. Last date/time for receipt of bid in the Portal : Dt.03.10.2025 (upto 5.30 PM)
9. Date and Place of Opening of Technical Bid : Dt.04.10.2025 (12.00 Noon onwards in the O/o the undersigned)
10. Date and Place of Opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o the E.I.C.,Water Resources, Odisha, Bhubaneswar.

Further details can be seen from the e-procurement portal **https://tendersodisha.gov.in.** Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

**Sd./- Chief Engineer, Mechanical**
**O/o. Engineer-in-Chief,**
**Secha Sadan, Bhubaneswar**

**OIPR-32520/11/0075/2526**

---

### ODISHA POLICE STATE HEADQUARTERS Cuttack

**Odisha Police**
**Office of the D.G. & I.G. of Police, Odisha, Cuttack**
**Tel. : 0671-2304001, Website : www.odishapolice.gov.in,**
**Email : igops.orpol@od.gov.in**

**No.D-215** : Online Bids through e-Tender Portal https://tendersodisha.gov.in are invited from the eligible bidders of Night Sight for Sniper Rifle (Thermal Imager) for Operation Wing, Bhubaneswar during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 15-RFP-Night Sight for Sniper Rifle (Thermal Imager)-2025-26 | 06 Nos |

| Events | Date |
|---|---|
| RFP Issue Date | **15.09.2025** |
| RFP Submission Due Date and time | **08.10.2025** |
| Date & Time of Opening of Technical Bids | **09.10.2025** |
| Date & Time of Opening of Financial Bids | To be intimated to qualified Bidder |
| Tender Document fee | {Non-refundable Rs.590/- (Rs.500/- + 18% GST (Rs.90/-)} In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) | Rs. 10800/- In favour of A.I.G. of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

**Sd./- A.I.G. of Police (Provisioning)**
**Odisha, Cuttack**
**(Tender Calling Authority)**

**OIPR-12029/11/0108/2526**

---

See Career Appointment on every Wednesday & Saturday

# ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା

ଭଦ୍ରକ,୧୬।୯(ସନାତନ ରାଉତ)

ଭଦ୍ରକ ସହରର ବାଇପାସ୍ ଛକ ନିକଟରେ ମଙ୍ଗଳବାର ପୌରପାଳିକା ଓ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଥିଲା। ପୌରପାଳିକା ଜାଗାକୁ ଜବରଦଖଲ କରି କରାଯାଉଥିବା ଦୋକାନ ଗୃହକୁ ଉଚ୍ଛେଦ କରାଯାଉଥିବା ସମୟରେ ଦୋକାନୀମାନେ ବିରୋଧ କରିଥିଲେ। ପୋଲିସ ସହ ଦୋକାନୀ ଓ କେତେକ ସ୍ଥାନୀୟ ନେତୃବୃନ୍ଦଙ୍କ ସମେତ ସେମାନଙ୍କ ସମର୍ଥକ ଠେଲାପେଲା କରିଥିଲେ। ଏଥିରେ ଜଣେ ଆହତ ହୋଇଥିବା ବେଳେ ୪ ଜଣଙ୍କୁ ପୋଲିସ ଉଠାଇ ନେଇ ଟାଉନ ଥାନାରେ ଅଟକ ରଖିଛି।

ସହରର ସୌନ୍ଦର୍ଯ୍ୟକରଣ, ରାସ୍ତା ପ୍ରଶସ୍ତୀକରଣ ପାଇଁ ଗତବର୍ଷ ଅଗଷ୍ଟରୁ ପ୍ରଶାସନ ପକ୍ଷରୁ ଭଦ୍ରକ ସହରରେ ଜବରଦଖଲ ଥିବା ଦୋକାନୀ ଓ ରାସ୍ତାପାର୍ଶ୍ୱ ଉଠା ଦୋକାନଗୁଡ଼ିକୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଦୀର୍ଘଦିନର ବ୍ୟବଧାନ ପରେ ମଙ୍ଗଳବାର ପୁଣିଥରେ ପ୍ରଶାସନ ପକ୍ଷରୁ ବାଇପାସ୍ ଛକରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟା ବେଳେ ଉଚ୍ଛେଦ ଚାଲିଥିବା ସମୟରେ ପୌରାଧ୍ୟକ୍ଷା ଗୁଲମାକ୍କୀ ଦଲୱାଜି ହବିବ, ଯୁବନେତା ଜାହିଦ୍ ହବିବ୍, ରାଜେଶ ଅଲ୍ଲୀ, ନାସିରୁଦ୍ଦିନ ଖାଁ, କାଉନସିଲର ଫରିୟାଦ୍ ଖାଁ, ଆଶିଷ ଅମିତାଭ ମହାପାତ୍ର, ପୂର୍ବତନ କାଉନସିଲର ଘାଉଲୀ ଜେନା ପ୍ରମୁଖ ସେଠାରେ ପହଞ୍ଚି ଉଚ୍ଛେଦ ପୂର୍ବରୁ ଥଇଥାନ ପାଇଁ ଦାବି କରିଥିଲେ। ପୂର୍ବରୁ ଉଚ୍ଛେଦ ହୋଇଥିବା ଦୋକାନୀମାନଙ୍କୁ ଥଇଥାନ କରାଯାଇ ନ ଥିବା ବେଳେ ଏବେ ପୁଣି ଉଚ୍ଛେଦ ପ୍ରକ୍ରିୟାକୁ ସେମାନେ ବିରୋଧ କରିଥିଲେ। ଏହାକୁ ସମର୍ଥନ କରି କେତେଜଣ ଦୋକାନୀ ଓ ସେମାନଙ୍କ ସମର୍ଥକମାନେ ପୋଲିସ ସହ ଯୁକ୍ତିତର୍କ କରିବା ପରେ ଠେଲାପେଲା ହୋଇଥିଲା। ସେମାନେ ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା ପାଇଁ ଜେସିବି ଆଗରେ ବିଭିନ୍ନ ନାରା ଦେବା ସହ ବସି ରହିଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଘଟଣାସ୍ଥଳରୁ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲେ। ଫଳରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସହ ଠେଲାପେଲା ହୋଇଥିଲା। ପୋଲିସ ପକ୍ଷରୁ ୬ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ବର୍ଷା ଲାଗି ରହିଥିଲେ ମଧ୍ୟ ଭିଜି ଭିଜି ବିରୋଧୀମାନେ ବିରୋଧ କରିଥିବା ବେଳେ ଉକ୍ତ ସ୍ଥାନରୁ ୩ଟି ଦୋକାନକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ଏସ୍‌ପି (ଗୋଇନ୍ଦା ବିଭାଗ) ଅଂଶୁମାନ ଦ୍ୱିବେଦୀ, ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର, ପୁରୁଣାବଜାର ଥାନାଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏନେଇ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ କହିଛନ୍ତି, ଭଦ୍ରକ ସହରର ଉନ୍ନତି ପାଇଁ ବର୍ଷାଜଳ ନିଷ୍କାସନ, ବିଭିନ୍ନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ଏବଂ ସୌନ୍ଦର୍ଯ୍ୟକରଣ ଲାଗି ସରକାରଙ୍କ ନିୟମ ଅନୁସାରେ ଜବରଦଖଲ ଉଚ୍ଛେଦ କରାଯାଉଛି। ଏଥିପାଇଁ ନୋଟିସ୍ ଦିଆଯିବା ସହ ମାଇକ୍ ଦ୍ୱାରା ପ୍ରଚାର ମଧ୍ୟ କରାଯାଇଛି। ନୋଟିସ୍ ପାଇବା ପରେ କେତେଜଣ ଦୋକାନୀ ନିଜେ ଖାଲି କରିଥିବା ବେଳେ ଆଉ କେତେଜଣ ୨/୩ ଦିନ ଭିତରେ ଖାଲି କରିବାକୁ ସମୟ ନେଇଛନ୍ତି କିନ୍ତୁ କେତେଜଣ ଏଥିରେ ବାଧା ସୃଷ୍ଟି କରିବା ସହ ଭିନ୍ନ ରଙ୍ଗ ଦେଉଛନ୍ତି। ଉଚ୍ଛେଦ କାର୍ଯ୍ୟରେ ବାଧା ସୃଷ୍ଟି କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା କହିଛନ୍ତି, ନିୟମ ଅନୁସାରେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଯେଉଁମାନେ ଏଥିରେ ବାଧା ସୃଷ୍ଟି କରିବେ, ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାଧା ସୃଷ୍ଟିକରୁଥିବା ବ୍ୟକ୍ତିମାନଙ୍କୁ ଥାନାରେ ଅଟକ ରଖାଯାଇଛି। ପରବର୍ତ୍ତୀ ସମୟରେ ଯାହା ପଦକ୍ଷେପ ନିଆଯିବ। ପୌରାଧ୍ୟକ୍ଷା ହବିବ କହିଛନ୍ତି, ଗରିବ ଲୋକେ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଥଇଥାନ ନ କରି ଉଚ୍ଛେଦ କରାଯାଉଛି। ଏହାକୁ ବିରୋଧ କରିବାରୁ ପୋଲିସ ଦାଦାଗିରି କରୁଥିବା ସେ କହିଛନ୍ତି। ଦୋକାନୀ ଅର୍ଜୁନ ସାହୁ କହିଛନ୍ତି, ପ୍ରଶାସନ ପକ୍ଷରୁ ମାଇକିଂ କରି ଆମକୁ ଜାଗା ଖାଲି କରିବାକୁ କହିଥିଲେ। ଏତେ ଅଳ୍ପ ସମୟ ମଧ୍ୟରେ ସେମାନେ କୁଆଡ଼େ ଯିବେ ଓ କେମିତି ରହିବେ। ସେମାନଙ୍କୁ ଥଇଥାନ ନ କରି ଉଚ୍ଛେଦ କରାଯାଉଛି।



ଭଦ୍ରକ ବାଇପାସ୍ ଛକ ନିକଟରେ ଜବରଦଖଲ ଉଚ୍ଛେଦ ସମୟରେ ପୋଲିସ ଓ ଦୋକାନୀଙ୍କ ମଧ୍ୟରେ ଯୁକ୍ତିତର୍କ।

■ ପୋଲିସ ସହ ଠେଲାପେଲା, ଥାନାରେ ୪ ଅଟକ

■ ଉଚ୍ଛେଦ ପୂର୍ବରୁ ଥଇଥାନ ଦାବି କଲେ ଦୋକାନୀ

# ବିଶ୍ୱକର୍ମାଙ୍କୁ ଆରାଧନା



ସମ୍ଭବତଃ ୩.୩ ମିଲିଅନ ବର୍ଷ ପୂର୍ବେ ମଣିଷ ପ୍ରଥମେ ନିଜର ଜୀବନ ଧାରଣ ପାଇଁ ପ୍ରଥମେ ଯନ୍ତ୍ର ନିର୍ମାଣ ଓ ବ୍ୟବହାର ଶିଖିଥିଲା। କାଠ, ପଥରରୁ ତିଆରି ହତିଆର ବିଶେଷତଃ ତା'ର ଖାଦ୍ୟ ଓ ପୋଷଣ ପାଇଁ ବ୍ୟବହୃତ ହେଉଥିଲା। ସେହି ସମୟରୁ ଅଦ୍ୟାବଧି ମଣିଷ ତା'ର କୌଶଳ ଓ ବୁଦ୍ଧିମତା ଉପଯୋଗ କରି ସଭ୍ୟତାର ଉତ୍କର୍ଷ ସାଧନ କରି ଆସିଛି। କିନ୍ତୁ ମଣିଷର ବିଶ୍ୱାସ ଯେ ଏସବୁ ନିର୍ମାଣର କର୍ତ୍ତା ସେ ନୁହେଁ, ଅନ୍ୟ କେହି ଅଦୃଶ୍ୟ ଶକ୍ତି। ସେଥିପାଇଁ ବୋଧହୁଏ, ଆମ ସନାତନ ସଂସ୍କୃତିରେ ସେହି ଶକ୍ତିର ଆରାଧନା ପାଇଁ ବିଶ୍ୱକର୍ମା ପୂଜାର ପରିକଳ୍ପନା କରାଯାଇଛି। ବିଶ୍ୱକର୍ମାର ଆଭିଧାନିକ ଅର୍ଥ ହେଉଛି ବିଶ୍ୱ ବ୍ରହ୍ମାଣ୍ଡରନିର୍ମାଣକର୍ତ୍ତା। ଆଜିର ଅତ୍ୟାଧୁନିକ ଯୁଗରେ ଯେତେବେଳେ ପ୍ରଯୁକ୍ତି ବିଦ୍ୟା ଅତି ଦ୍ରୁତ ଗତିରେ ବିକାଶ ଲାଭ କରୁଛି, ବିଶ୍ୱକର୍ମା ପୂଜାର ଗୁରୁତ୍ୱ ତଥା ମାନବ-ଯନ୍ତ୍ର ସମନ୍ୱୟର ମହତ୍ତ୍ୱ ଆହୁରି ବଢ଼ିଯାଇଛି। କାରଣ, ଏହା ମାନବୀୟ କୌଶଳ ଓ ଯନ୍ତ୍ରଶକ୍ତିର ଏକୀକରଣର ଏକ ପ୍ରତୀକ ପାଲଟିଛି ଏବଂ ସଭ୍ୟତାର ବିକାଶ ସମ୍ଭବ ହୋଇପାରିଛି। ବିଶ୍ୱକର୍ମା ପୂଜା କେବଳ ଏକ ଅବକାଶ ଯାହା ନିଜର କର୍ମକ୍ଷେତ୍ର ପରିମାର୍ଜନ, କଳାକୌଶଳର ସମୃଦ୍ଧି ଓ ଗୁଣାତ୍ମକ କାର୍ଯ୍ୟଶୈଳୀର ଉନ୍ନତିକରଣ ସମ୍ପର୍କରେ ଚିନ୍ତା କରିବା ପାଇଁ ସୁଯୋଗ ସୃଷ୍ଟି କରେ। ଦେବଶିଳ୍ପୀଙ୍କ ପୂଜା କେବଳ ପରମ୍ପରାରେ ସୀମିତ ନୁହେଁ, ଏହା ମଣିଷର ସର୍ଜନଶୀଳ ପ୍ରବୃତ୍ତିର ପ୍ରତୀକ। ଜଳବାୟୁ ପରିବର୍ତ୍ତନର ଯୁଗରେ, ଏହା ନିରନ୍ତର ଧାରଣୀୟତାର ବାର୍ତ୍ତା ଦେଉଛି ସୃଷ୍ଟି କର, କିନ୍ତୁ ପ୍ରକୃତିର କ୍ଷତି କରନାହିଁ।

-ରବୀନ୍ଦ୍ର କୁମାର ନାୟକ,
ମୋ: ୭୦୦୮୩୬୩୯୭୨

# ଆଜିଠୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'

ଭୁବନେଶ୍ୱର,୧୬।୯(ବନ୍ଦନା ସେଠୀ)

ମହିଳା ଏବଂ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଅଭିଯାନ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ବୁଧବାରଠାରୁ ଆରମ୍ଭ ହେବ। ମଧ୍ୟପ୍ରଦେଶର ଧାର୍ ଜିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଜାତୀୟ ପଦକ୍ଷେପ ସମନ୍ୱିତ ଏହି ଅଭିଯାନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବ। ସେହିପରି ଏହାର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱର ୟୁନିଟ-୩ସ୍ଥିତ ଇଉ୍‌କୋ ପଡ଼ିଆରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ହେବାକୁ ଥିବା ଆଞ୍ଚଳିକ ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେବେ। ରାଜ୍ୟ କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ। ଏମାନେ ଟିବି, ଏନ୍‌ସିଡି, ରକ୍ତହୀନତା ଏବଂ କର୍କଟ ରୋଗର ସ୍କ୍ରିନିଂ କରିବେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକୁ ପ୍ରୋତ୍ସାହିତ କରିବା, ମହିଳା ଓ ବାଳିକାଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ। ଏହି କ୍ରମରେ ରାଜ୍ୟର ସମସ୍ତ ଜିଲାରେ ସର୍ବାଧିକ ମହିଳା ହିତାଧିକାରୀ ଏବଂ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍‌ସିଡି ପାଇଁ ସ୍କ୍ରିନିଂ କରାଯିବାର ଲକ୍ଷ୍ୟ ରଖାଯାଇଛି। ଅଭିଯାନ ସମୟରେ ସମସ୍ତ ଗର୍ଭବତୀ ମହିଳାଙ୍କ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବ ପୂର୍ବ ପରୀକ୍ଷା ସୁନିଶ୍ଚିତ କରାଯିବ। ଟିକାକରଣ ହୋଇ ନ ଥିବା ଝିଅମାନଙ୍କୁ ନିୟମିତ ଟିକାକରଣରେ ଅନ୍ତର୍ଭୁକ୍ତ କରାଯିବ ଏବଂ ରକ୍ତହୀନତାଗ୍ରସ୍ତ ମହିଳା ଓ ଝିଅମାନେ ମାଗଣା ଚିକିତ୍ସା ପାଇବେ। ଏଥିସହ ଅକ୍ଟୋବର ୧ରେ ସାରା ରାଜ୍ୟରେ ଏକାଧିକ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏହି ଅଭିଯାନକୁ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ମହିଳା ଓ ଶିଶୁ ବିକାଶ ବିଭାଗ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ମିଶନ ଶକ୍ତି ସହିତ ସମନ୍ୱୟ କରି ଆରମ୍ଭ କରାଯାଉଛି। ଏହା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଉଭୟ ସ୍ଥାନରେ ସରକାରଙ୍କ ମହିଳା କର୍ମଚାରୀଙ୍କ ସାମଗ୍ରିକ କଭରେଜ ସୁନିଶ୍ଚିତ କରିବ ବୋଲି ସୂଚନା ଦିଆଯାଇଛି।

## ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

# ହଷ୍ଟେଲରେ ଆଉ ୫ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

କୁନ୍ଦୁରା,୧୬।୯(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶି ପଞ୍ଚାୟତ ଅଧୀନ ଭେଜାହାଣ୍ଡି ଜନଜାତି ଆବାସିକ ଛାତ୍ରୀନିବାସରେ ସପ୍ତାହରେ ଝାଡ଼ାବାନ୍ତି ଆକ୍ରାନ୍ତ ସଂଖ୍ୟା ବୃଦ୍ଧି ପାଉଛି। ସ୍କୁଲରେ ମଙ୍ଗଳବାର ଆଉ ୫ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଟିମ୍ ସ୍କୁଲକୁ ଆସି ଛାତ୍ରୀମାନଙ୍କ ଚିକିତ୍ସା କରୁଥିବା ଜଣାପଡ଼ିଛି। ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ବୃନ୍ଦାବତୀ ସାନ୍ତା, ରଶ୍ମିତା ହରିଜନ, ପ୍ରିୟଦର୍ଶିନୀ ହରିଜନ, କନକ ଦେଈ ଭତ୍ରା ଓ ପଞ୍ଚମ ଶ୍ରେଣୀର ସଞ୍ଜନା ହରିଜନଙ୍କ ଚିକିତ୍ସା କରାଯାଉଛି।

ସୂଚନା ଅନୁଯାୟୀ, ଗତ ଶୁକ୍ରବାରଠାରୁ ରବିବାର ଯାଏ ହଷ୍ଟେଲର ୨୪ ଛାତ୍ରୀ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ପୁଣି ନବମ ଶ୍ରେଣୀର ରଶ୍ମି ପୂଜାରୀ, ଯମୁନା ଚେରକିଆ, ପାଏଲ ଗାଦବା, ସପ୍ତମର ଲକ୍ଷ୍ମୀ ନାୟକ, ରଶ୍ମିତା ଚାଲାଣ, ଷଷ୍ଠର ପ୍ରମିଳା ଭୂମିଆ ଏବଂ ପଞ୍ଚମ ଶ୍ରେଣୀର ଭତ୍ରା ୮ ଛାତ୍ରୀ ଆକ୍ରାନ୍ତ ହୋଇ ଚିକିତ୍ସା ହେଉଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଗଣେଶ ପ୍ରସାଦ ଦାଶ ସୂଚନା ଦେଇଛନ୍ତି। ଏହି ଝାଡ଼ାବାନ୍ତିର କାରଣ ଏଯାଏ ସ୍ପଷ୍ଟ ହୋଇପାରୁନାହିଁ। ବିଦ୍ୟାଳୟରେ ଥିବା ୩ ବୋର୍‌ୱେଲ ଏବଂ ୪ ନଳକୂପ କେତେ ସୁରକ୍ଷିତ ସେନେଇ ତଦନ୍ତ କରିବାକୁ ଦାବି ହୋଇଛି। ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟରେ ପିଇବା ପାଣିର ନମୁନା ସଂଗ୍ରହକରି ପରୀକ୍ଷା ପାଇଁ ନିଆଯାଇଛି। ଏହା ପିଇବା ଯୋଗ୍ୟ କି ନାହିଁ ତାହା ସ୍ପଷ୍ଟ ହୋଇପାରିନାହିଁ। ମଙ୍ଗଳ ବିଭାଗ ଦାୟିତ୍ୱରେ ଥିବା ଏହି ଆବାସିକ ଛାତ୍ରୀନିବାସ ଉପର ମହଲା କାନ୍ଥରେ ଶିଉଳିହେବା ସହ ଝରକା ନିକଟରେ ଅନା ବନା ଗଛ ଉଠି ପରିବେଶ ଅପରିଷ୍କାର ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। କିନ୍ତୁ ବ୍ଲକ୍ ମଙ୍ଗଳ ଅଧିକାରୀ ୪ ବର୍ଷ କାଳ ଅନୁଷ୍ଠାନ ଦାୟିତ୍ୱରେ ରହି ସୁଦ୍ଧା ଅବ୍ୟବସ୍ଥାରେ ସୁଧାର ଆସିପାରୁ ନ ଥିବା ଅଭିଯୋଗ ହୋଇଛି। ଗତ ରବିବାର ଅସୁସ୍ଥ ହୋଇଥିବା ୧୩ ଛାତ୍ରୀ ସୁସ୍ଥହେବା ପରେ ଘରକୁ ଫେରିଥିବା ସୂଚନା ମିଳିଛି। ବାହାର ଖାଦ୍ୟ, ଅନୁଷ୍ଠାନରେ ଥିବା ଶୌଚାଳୟ ଓ ପାନୀୟ ଜଳ ଭୂତାଣୁରୁ ଡାଇରିଆ ବ୍ୟାପୁଥିବା ଡାକ୍ତରୀ ଟିମ୍ ସୂଚନା ଦେଇଥିଲା।




ବିଦ୍ୟାଳୟ ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରୀମାନେ।

# ୯୧୩ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

## ସକ୍ଷମ ଅଙ୍ଗନୱାଡି କେନ୍ଦ୍ର ହେବ ୭୪,୨୨୪ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର, ୧୬।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪ ହଜାର ୨୨୪ ଅଙ୍ଗନୱାଡି କେନ୍ଦ୍ର ଅଭିଯାନ ମୋଡ୍‌ରେ ସକ୍ଷମ ଅଙ୍ଗନୱାଡିରେ ରୂପାନ୍ତରିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ଆଭାସି ମାଧ୍ୟମରେ ରାଜ୍ୟର ୯୧୩ ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଉପମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସହଭାଗିତାରେ ଏହି ନବନିର୍ମିତ ଅଙ୍ଗନୱାଡି ଉଦ୍‌ଘାଟିତ ହୋଇଯାଇଛି। ତୃଣମୂଳସ୍ତରରେ ଅଙ୍ଗନୱାଡି କେନ୍ଦ୍ର ହେଉଛି ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ବହୁ ପ୍ରତୀକ୍ଷା ପରେ ରାଜ୍ୟରେ ୯୧୩ ଅଙ୍ଗନୱାଡି କେନ୍ଦ୍ରକୁ ନିଜର ଗୃହ ମିଳିଛି ବୋଲି ଉପମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନୱାଡି କେନ୍ଦ୍ରକୁ ବିଶେଷ ଦୃଷ୍ଟିଦେବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସ ବୁଲିଯିବା ଅଙ୍ଗନୱାଡି ଅଭିଯାନରେ ୨ ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ୍‌ହୋଇ ଉକ୍ତ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ବଲପୁରରୁ ଆଭାସି ମାଧ୍ୟମରେ ଯୋଗଦେଇ ରାଜ୍ୟର ସବୁ ଅଙ୍ଗନୱାଡିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟ ଜଳ ସୁବିଧା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର, ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳଦୁଆ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଡ଼ିହୋଇଥିବା ଜିଲାର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ନୂତନ ଅଙ୍ଗନୱାଡି କେନ୍ଦ୍ର ପାଇଁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ନିଜର ଖୁସି ବ୍ୟକ୍ତ କରିଛନ୍ତି।

# ବୃକ୍ଷ ମାନବ ଜୀବନର ରକ୍ଷାକର୍ତ୍ତା: ଜଙ୍ଗଲ ମନ୍ତ୍ରୀ

## ଆଜି ରାଜ୍ୟରେ ୭୫ ଲକ୍ଷ ଚାରା ରୋପଣ କରାଯିବ

ଭୁବନେଶ୍ୱର, ୧୬।୯ (ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଏବଂ 'ଏକ ପେଡ୍ ମା କେ ନାମ୍'ର ଦ୍ୱିତୀୟ ସଂସ୍କରଣ ଅଭିଯାନ ଅନ୍ତର୍ଗତ ବୁଧବାର ସମଗ୍ର ଦେଶରେ ୧.୫କୋଟି ଚାରାରୋପଣ କରାଯିବ। ଏହି କ୍ରମରେ ଓଡ଼ିଶା ସରକାର ରାଜ୍ୟର କୋଣ ଅନୁକୋଣରେ ଏକକାଳୀନ ୭୫ଲକ୍ଷ ଚାରା ରୋପଣ କରିବାକୁ ପାଇଁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ କେବଳ ପ୍ରାକୃତିକ ସମ୍ପଦ ନୁହେଁ, ବରଂ ମାନବଜୀବନର ରକ୍ଷାକର୍ତ୍ତା ବୋଲି ମନ୍ତ୍ରୀ କହିବା ସହିତ ଝାରସୁଗୁଡ଼ା, ତାଳଚେର, କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳ, ସ୍ୱଳ୍ପ ବୃଷ୍ଟିପାତ ହେଉଥିବା ଅଞ୍ଚଳ ଏବଂ ଟାଙ୍ଗରା ଭୂମିରେ ଅଧିକରୁ ଅଧିକ ଚାରାରୋପଣ କରିବା ସହ ଏହାର ଉପଯୁକ୍ତ ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗତବର୍ଷ 'ଏକ୍ ପେଡ୍ ମା କେ ନାମ୍' ପ୍ରଥମ ସଂସ୍କରଣ ଅଭିଯାନ ଅନ୍ତର୍ଗତ ଓଡ଼ିଶାରେ ୬.୭୨କୋଟି ଚାରା ରୋପଣ ସହିତ ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷାକରି ବିଗତ ୪୫ଦିନ ମଧ୍ୟରେ ୪.୭କୋଟି ଚାରା ରୋପଣ କରିସାରିଥିବା ନେଇ ସୂଚନା ଦିଆଯାଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ମଧ୍ୟରେ ୭୫ଲକ୍ଷ ଉର୍ଦ୍ଧ୍ୱ ଚାରାରୋପଣ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଆଭାସୀ ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ତ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ବରିଷ୍ଠ ବିଭାଗୀୟ ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ହାତୀ ଆକ୍ରମଣରୁ ବର୍ତ୍ତିବାକୁ ଯାଇ ଯୁବକ ଗୁରୁତର

ବଣ୍ଠରପାଳ,୧୬।୯(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଠରପାଳ ଥାନା ଝଜିରିବାହାଳ ଗ୍ରାମରେ ଘୂରି ବୁଲୁଥିବା ହାତୀ ଆକ୍ରମଣରୁ ବର୍ତ୍ତିବାକୁ ଯାଇ ଭାଗବତ ପ୍ରଧାନଙ୍କ ପୁଅ ନକୁଳ ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ନକୁଳ ମାଛ ମାରିବାକୁ ପୋଖରୀ ଆଡ଼କୁ ଯାଉଥିଲାବେଳେ ଗୋଠଛଡ଼ା ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ଆକ୍ରମଣରୁ ବର୍ତ୍ତିବାକୁ ନକୁଳ ଦୌଡ଼ିବା ସମୟରେ ଖସି ପଡ଼ି ଗୁରୁତର ହୋଇଥିଲେ। ଖବରପାଇ ବନ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନକୁଳଙ୍କ ହାତ ଏବଂ ଗୋଡ଼ରେ ଗଭୀର ଆଘାତ ଲାଗିଛି। ବନବିଭାଗ ଅଧିକାରୀ କହିଛନ୍ତି, ଝଜିରିବାହାଳ ଅଞ୍ଚଳରେ ହାତୀ ଥିବାନେଇ ଗ୍ରାମବାସୀଙ୍କୁ ଡାକବାଜି ଯନ୍ତ୍ରରେ ସୂଚନା ଦିଆଯାଇଥିଲା। ତେବେ ଯୁବକଙ୍କ ଅସାବଧାନତାରୁ ଏହିପରି ଅଘଟଣ ଘଟିଛି।

# ସ୍ୱାସ୍ଥ୍ୟସେବା ନେଇ ଏନ୍‌ଜିଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କଲେ ସ୍ୱାସ୍ଥ୍ୟମନ୍ତ୍ରୀ



ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ବିଭାଗୀୟ ଅଧିକାରୀ।

ଭୁବନେଶ୍ୱର,୧୬।୯(ବନ୍ଦନା ସେଠୀ)

ସ୍ୱାସ୍ଥ୍ୟସେବା ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଏନ୍‌ଜିଓ ସଂଗଠନର କର୍ମକର୍ତ୍ତାଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଲୋଚନା କରିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଆଲୋଚନାରେ ଜନସାଧାରଣଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ, ଜନସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ବିଭାଗର ଲକ୍ଷ୍ୟ ବିଷୟରେ ସେମାନଙ୍କୁ ଅବଗତ କରାଯାଇଛି। ସେହିପରି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଧ୍ୟପ୍ରଦେଶ ଧାର୍ ଜିଲାରୁ ଶୁଭାରମ୍ଭ ହେବାକୁ ଥିବା 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ସମ୍ପର୍କରେ ମନ୍ତ୍ରୀ ମହାଲିଙ୍ଗ ଆଲୋଚନା କରିଛନ୍ତି। ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରୟାସ କରିବା ନେଇ ଧ୍ୟାନ ଦେବାକୁ ଏନ୍‌ଜିଓ କର୍ମକର୍ତ୍ତାମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍., ଏନ୍‌ଏଚ୍‌ଏମ୍ ମିଶନ ନିର୍ଦ୍ଦେଶକ ଡା. ବୃନ୍ଦା ଡି. ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଲୋକଙ୍କ ଆସ୍ଥାଭାଜନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ

## ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ରାଜସ୍ୱ ଅଧିକାରୀ ସମ୍ମିଳନୀ

ଛତ୍ରପୁର,୧୬।୯
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଦକ୍ଷିଣାଞ୍ଚଳ ଡିଭିଜନସ୍ତରୀୟ ଦୁଇଦିନିଆ ରାଜସ୍ୱ ଅଧିକାରୀ ସମ୍ମିଳନୀ ଛତ୍ରପୁରସ୍ଥିତ ଗଞ୍ଜାମ ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ସମ୍ମିଳନୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ଆସ୍ଥାଭାଜନ ହୋଇ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଲୋକାଭିମୁଖୀ ସରକାରରେ ଯେଉଁ ଆଚରଣ ଓ ଉଚ୍ଚାରଣ ଦରକାର ସେ ନେଇ ଅଧିକାରୀଙ୍କ ମଧ୍ୟରେ ସଂସ୍କାର ଆସିବା ନିହାତି ଜରୁରୀ। ପୂର୍ବରୁ ରାଜ୍ୟ ସ୍ତରରେ ଏହି ସମ୍ମିଳନୀ ହେଉଥିଲା। ଏବେ ଡିଭିଜନସ୍ତରୀୟ କରାଯାଇଛି। ଆବଶ୍ୟକ ହେଲେ ଜିଲାସ୍ତରୀୟ ସମ୍ମିଳନୀ କରାଯିବ। ରାଜସ୍ୱ ବିଭାଗକୁ ଦୁର୍ନୀତିମୁକ୍ତ, କ୍ରିୟାଶୀଳ ଓ ଲୋକଙ୍କୁ ଭଲ ସେବା ଯୋଗାଇବାରେ କର୍ତ୍ତବ୍ୟବୋଧକୁ ଆହୁରି ଶାଣିତ କରିବା ଏହି ସମ୍ମିଳନୀର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ମଞ୍ଚାସୀନ ଥିଲେ। ଦକ୍ଷିଣାଞ୍ଚଳ ଡିଭିଜନ ଅଧୀନ ୮ ଜିଲା ଯଥା, ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡା, ନବରଙ୍ଗପୁର, ମାଲକାନଗିରି ଓ କଳାହାଣ୍ଡିର ୭୭ ଜଣ ଅଧିକାରୀ ସମ୍ମିଳନୀରେ ଯୋଗଦେଇଥିବା ବେଳେ କେତେଜଣ ଅତିରିକ୍ତ ଜିଲାପାଳ(ରାଜସ୍ୱ), ଉପଜିଲାପାଳ, ତହସିଲଦାର, ଜିଲା ମଙ୍ଗଳ ଅଧିକାରୀ, ଆଇଟିଡିଏ ଅଧିକାରୀ, ବନ ବିଭାଗର ଅଧିକାରୀ, ଜିଲା ସବ୍‌ରେଜିଷ୍ଟ୍ରାର ଅଫିସର ଭିଡିଓ କନ୍‌ଫରେନ୍ସରେ ଯୋଡି ହୋଇଥିଲେ। ଭୁବନେଶ୍ୱରରୁ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇ ରାଜସ୍ୱ ଆଇନ ଓ ନିୟମ, ଜମି ଅଧିଗ୍ରହଣ, ଥଇଥାନ, ପୁନର୍ଗଠନ କ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜ, ବସୁନ୍ଧରା ଯୋଜନାରେ ଥଇଥାନ, ସରକାରୀ ଜମିର ସୁରକ୍ଷା ଓ ଜବରଦଖଲ ଉଚ୍ଛେଦ, ରାଜସ୍ୱ କୋର୍ଟ କେସ୍ ଏବଂ ଜଙ୍ଗଲ ଜମି ଅଧିକାର ସମ୍ପର୍କରେ ଆଲୋଚନା କରିଛନ୍ତି।



ସମ୍ମିଳନୀରେ ଉପସ୍ଥିତ ରାଜସ୍ୱ ମନ୍ତ୍ରୀ, ଆର୍‌ଡିସି, ଜିଲାପାଳ ଓ ଅଧିକାରୀମାନେ।

## ପଞ୍ଚାୟତରେ ସେବା ଯୋଗାଇବ ତହସିଲ

ରାଜସ୍ୱ ବିଭାଗକୁ ଲୋକାଭିମୁଖୀ କରିବା ସହ ଠିକ୍ ସମୟରେ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏଣିକି ପ୍ରତି ମାସେ କିମ୍ବା ଦୁଇ ମାସରେ ଥରେ ତହସିଲ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ କରିବା ସହ ପଟ୍ଟା ବଣ୍ଟନ କରିବେ। ଏ ନେଇ ସରକାର ଯୋଜନା ଆରମ୍ଭ କରିଛନ୍ତି ବୋଲି ଛତ୍ରପୁର ଗସ୍ତ ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏବେ ବସୁନ୍ଧରା ଯୋଜନାରେ ସମସ୍ତ ବ୍ଲକସ୍ତରକୁ ଯାଇ ଗରିବମାନଙ୍କୁ ପଟ୍ଟା ବଣ୍ଟନ କରାଯାଉଛି। ଏଥିସହ ସଂଶୋଧନ କରି ଉତ୍ତରାଧିକାରୀ ତଥା ପିଲାମାନଙ୍କୁ ପଟ୍ଟା ବଣ୍ଟନ ଚାଲିଛି। ଦୀର୍ଘ ୫୦ ବର୍ଷ ହେଲା ଶିକ୍ଷାନୁଷ୍ଠାନଗୁଡ଼ିକୁ ପଟ୍ଟା ମିଳି ନ ଥିଲା। ଏବେ ସରକାର ଶିକ୍ଷାନୁଷ୍ଠାନକୁ ପଟ୍ଟା ପ୍ରଦାନ କରୁଛନ୍ତି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆଗକୁ ମଧ ଏହି ପ୍ରକ୍ରିୟା ଜାରି ରହିବ ବୋଲି ମନ୍ତ୍ରୀ କହିଛନ୍ତି। ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଞ୍ଜାମ ଗସ୍ତରେ ଆସି ଜନସଭା କରିବେ। ଦେଢ଼ ବର୍ଷରେ ରାଜ୍ୟକୁ ଏହା ତାଙ୍କର ସପ୍ତମ ଗସ୍ତ ହେବ। ଓଡ଼ିଶାର ବିକାଶ ତାଙ୍କର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି।



## କପାଚାଷରେ କୋଡ଼ା ଖୁସା

**କ**ପା ଚାଷ କରୁଥିଲେ କୋଡାଖୁସାକରି ହୁଡ଼ା ଟେକିଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ବା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । କପାଗଛ ୪୫ ଦିନର ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗଛ ୪୫ ଦିନର ହୋଇଯାଇଥିଲେ ୧୫ ଲିଟର ପାଣିରେ ୩.୫ ମି.ଲି ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୧୫ ଲିଟର ପାଣିରେ ୩ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ । ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ବା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ୧ ଗ୍ରାମ୍ ଥାୟାମେଥାକ୍ଜାମ୍ ମିଶାଇ ସକାଳବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ ।



## ଫୁଲଚାଷ କରୁଥିଲେ...

**ଫୁ**ଲ ଚାଷ କରୁଥିଲେ ସାର ପ୍ରୟୋଗ ସମୟରେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ। ତରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ଏକ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବର ମାସରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ।

# ଗୋବନ୍ଧ୍ୟା ନିରାକରଣ



ଡା. ବୀର କିଶୋର ପରିଡ଼ା

**ସା**ଧାରଣତଃ ଗୋବନ୍ଧ୍ୟା ବା ଗାଈଙ୍କ ବନ୍ଧ୍ୟାଦୋଷ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ**

ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥିଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

**ଅସ୍ଥାୟୀ ବନ୍ଧ୍ୟାଦୋଷ**

ଯେଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା - ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

ଉପରୋକ୍ତ ଦୁଇ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣ କରିବା ସମ୍ଭବ ହୁଏନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ । କିନ୍ତୁ ଦ୍ୱିତୀୟ ଅବସ୍ଥା- ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷାକରି ଉପଯୁକ୍ତ ଯତ୍ନ ଯଥା - ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ ମାଈ ବାଛୁରୀ ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ । ଏହାର କେତୋଟି ମୁଖ୍ୟ କାରଣ ହେଲା -

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ।
- ଶରୀର ବିଭିନ୍ନ ରୋଗଦ୍ୱାରା ରୋଗାକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା ଯକ୍ଷ୍ମା, ଫାଟୁଆ, ଛେରା ରୋଗ, କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଯୋଗୁ ଆକ୍ରାନ୍ତହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି।
- ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ । ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ। ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟ କେତେକାଂଶରେ ଦାୟୀ। ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି । କିନ୍ତୁ ଖରାଦିନେ ଖାଦ୍ୟାଭାବ ସହ ହର୍‌ମୋନର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

> "ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥିଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ। ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନ ପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।"



**ବନ୍ଧ୍ୟାଦୋଷ କିପରି ଜାଣିବେ**

ସାଧାରଣତଃ ଦେଶୀଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି । ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ ମାସରୁ ୩ ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ । ଗୋପାଳକମାନେ ମନେରଖିବା ଉଚିତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ । ଆମର ଦେଶୀଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି । ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ବର୍ଷରୁ ୩ ବର୍ଷ ବ୍ୟବଧାନରେ ବାଛୁରୀ ଜନ୍ମ କରନ୍ତି । ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ । ସଙ୍କର ଜାତୀୟ ଗାଈ ବେଶି ପରିମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ । (କ୍ରମଶଃ..)

-ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

### ସଫଳ କୃଷିଜୀବୀ
### ସମରେନ୍ଦ୍ର ଶତପଥୀ

## ଚାଷ ନୂଆ ପରିଚୟ ଦେଇଛି



**ଖୋର୍ଦ୍ଧା** ବ୍ଲକ୍ ଟାଙ୍ଗିଆପଡ଼ା ପଞ୍ଚାୟତର ଟାଙ୍ଗିଆପଡ଼ା ଗ୍ରାମର ସମରେନ୍ଦ୍ର ଶତପଥୀ। ସୈନ୍ୟବାହିନୀରେ କାର୍ଯ୍ୟକରି ଅବସର ନେବା ପରେ ଏବେ ଚାଷକୁ ଆପଣେଇଛନ୍ତି। କେବଳ ସେତିକି ନୁହେଁ, ନିଜର ଉପଯୁକ୍ତ ଯୋଜନା ଏବଂ ପରିଶ୍ରମ ବଳରେ ସେ ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳ ଚାଷୀ ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଛନ୍ତି। ତା' ସହ ଚାଷ ତାଙ୍କୁ ଏକ ନୂଆ ପରିଚୟ ଦେଇଛି ବୋଲି ସେ କହନ୍ତି। ସ୍ଥଳସେନାରେ ସିଗ୍‌ନାଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ ସମରେନ୍ଦ୍ର। ସେ ଏକାଧାରରେ କୃଷି, ମାଛଚାଷ ଏବଂ ଗୋପାଳନ ସହ ଜଡ଼ିତ। ଏ ବିଷୟରେ ସମରେନ୍ଦ୍ର କହନ୍ତି, "ବର୍ତ୍ତମାନ ମୋର ସମୟ ଚାଷରେ ହିଁ ବିତୁଛି। ୨୦୧୨ରେ ସେନାରୁ ଅବସର ପରେ ଗାଁକୁ ଆସିଥିଲି। ଏହା ପରେ ନିଜସ୍ୱ ଜମିରେ ୨୦୧୩ରୁ ଚାଷକାର୍ଯ୍ୟ ଆରମ୍ଭ କରିଥିଲି। ଏଥିରୁ ମୋତେ ଆତ୍ମସନ୍ତୋଷ ମିଳିବା ସହ କିଛି ରୋଜଗାର ମଧ୍ୟ ହୋଇପାରୁଛି। ଏବେ ମୁଁ ୨ ଏକରରୁ ଉର୍ଦ୍ଧ୍ୱ ଚାଷଜମିକୁ ଫାର୍ମ ହାଉସ କରିଛି। ସେଥିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିଛି। ବାଇଗଣ, କାକୁଡ଼ି, ଭେଣ୍ଡି, କଲରା, ଦେଶୀ ଛୋଟ କାଙ୍କଡ଼, ଲଙ୍କା, ଶିମ୍ବ, ଝୁଡ଼ଙ୍ଗ, ଛଚିନ୍ଦ୍ରା, ପୋଟଳ, ଜହ୍ନି, ଅମୃତଭଣ୍ଡା, ଟମାଟୋ, ଶାଗ, ମୂଳା, ବନ୍ଧାକୋବି ଆଦି ଚାଷ ହୋଇଛି। ବିଶେଷଭାବରେ ଥାଇଲାଣ୍ଡ କୋଳିର ବେଶ୍ ଚାହିଦା ରହିଛି। ବିଭିନ୍ନ ପ୍ରକାର ଆମ୍ବ, ପିଜୁଳି, ପଣସ, ଜାମୁକୋଳି, ଲିଚୁ ଗଛ ଆଦି ରହିଛି। ଏଥିସହ ବିଭିନ୍ନ ଶାଗ, ଧନିଆ, ପୁଦିନା, ଫୁଲଗଛ ମଧ୍ୟ ଲଗାଇଛି। ବିଭିନ୍ନ ଫଳ, ଫୁଲ ଚାରା ଉଦ୍ୟାନଟିଏ ତିଆରି କରିଛି। ତା' ସହ ପୋଖରୀରେ ମାଛଚାଷ ମଧ୍ୟ ଚାଲିଛି। ସକାଳୁ ଉଠିବା ପରେ ମୁଁ ମୋ କର୍ମକ୍ଷେତ୍ରକୁ ବାହାରିଯାଏ। ସେଠାରେ ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ କାମରେ ବ୍ୟସ୍ତ ରହିଥାଏ। ମୁଁ କରୁଥିବା ଚାଷରେ ରାସାୟନିକ ସାର ପରିବର୍ତ୍ତେ ସମ୍ପୂର୍ଣ୍ଣ ଜୈବିକ ସାର ବ୍ୟବହାର କରିଥାଏ। ତା'ସହ ପାରମ୍ପରିକ ପଦ୍ଧତିରେ ଚାଷକରେ। ଘର ବାରିପଟେ ନିଜସ୍ୱ ଉଦ୍ୟମରେ ଗୁହାଳକରି ସେଠାରେ ୨୫ଟି ଗାଈ, ବାଛୁରି ରଖିଛି। ସ୍ଥାନୀୟ ଅଞ୍ଚଳର ୩୦ରୁ ଉର୍ଦ୍ଧ୍ୱ ଗ୍ରାମୀଣ ଚାଷୀ ମୋ ପାଖରୁ ପାରମ୍ପରିକ ଚାଷ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ନେଇଛନ୍ତି। ମୋଟ ଉପରେ ଚାଷ କାର୍ଯ୍ୟ ମୋତେ ଏବେ ଆତ୍ମନିର୍ଭରଶୀଳ କରାଇଛି। ତା'ସହ ସ୍ଥାନୀୟ ଯୁବକମାନେ ମୋ ଠାରୁ ଅନୁପ୍ରାଣିତ ହୋଇ ଚାଷକାର୍ଯ୍ୟକୁ ପ୍ରାଧାନ୍ୟ ଦେଉଛନ୍ତି।"

-ପ୍ରଭାତ ପାଣିଗ୍ରାହୀ

## ଜାଣି ରଖନ୍ତୁ

**ବ**ର୍ଷା ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଘରଗୁଡ଼ିକୁ ଶୀଘ୍ର ମରାମତିକରି ପରିଷ୍କାର କରିଦିଅନ୍ତୁ। ଓଦା ବା ନଷ୍ଟହୋଇଯାଇଥିବା କୁକୁଡ଼ାଘର ଲିଟରକୁ ବଦଳାଇ ନୂଆ ଲିଟର ବ୍ୟବହାର କରନ୍ତୁ । ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପାଇଁ କୁକୁଡ଼ା ଛୁଆ କିଣନ୍ତୁ । କୁକୁଡ଼ାଙ୍କୁ ଗୋଳିଆପାଣି ପିଇବାକୁ ଦିଅନ୍ତୁ ନାହିଁ । ବ୍ରଏଲର କୁକୁଡ଼ା ଫାର୍ମରେ ବାୟୁମଣ୍ଡଳର ଉତ୍ତାପକୁ ଦେଖି କୁକୁଡ଼ାଘରେ ଆବଶ୍ୟକ ଅନୁଯାୟୀ ଉତ୍ତାପ ଦିଅନ୍ତୁ । କୁକୁଡ଼ା ଫାର୍ମର ଉତ୍ତାପ କୁକୁଡ଼ା ଛୁଆ ପାଇଁ ୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ଓ ବଡ଼କୁକୁଡ଼ା ପାଇଁ ୨୨ ରୁ ୨୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା ଉଚିତ। ନିୟମିତ ଟିକା ଦେଇ ସଂକ୍ରାମକ ରୋଗ ନିରାକରଣ କରନ୍ତୁ । ଛେଳିମେଣ୍ଢା ରହୁଥିବା ଗୃହକୁ ପରିଷ୍କାର ପରିଚ୍ଛନ୍ନକରି ଟିଙ୍କ ନିବାରଣ ଔଷଧ ଯଥା ପେଷ୍ଟୋବାନ୍ କିମ୍ବା ପେଷ୍ଟୋସାଇଡ୍ କିମ୍ବା ଟିକ୍‌ଆଉଟ୍ ସିଞ୍ଚନ କରନ୍ତୁ । କୃମି ରୋଗର ପ୍ରତିକାର ପାଇଁ କୃମି ଔଷଧ ଦିଅନ୍ତୁ । ଏଣ୍ଟାରୋଟକ୍ସେମିଆ, ପିପିଆର୍ ରୋଗର ଟିକା ଦିଅନ୍ତୁ । ଶୀତଦିନ ଆସୁଥିବାରୁ ଗୁହାଳର ଝରକା ବା ଜାଲିରେ ଅଖାବସ୍ତା ବା ପଲିଥିନ୍ ଲଗାଇ ଛେଳିମେଣ୍ଢାଙ୍କୁ ଥଣ୍ଡାରୁ ରକ୍ଷା କରିବାର ବନ୍ଦୋବସ୍ତ କରନ୍ତୁ।



## ଡାଲିଜାତୀୟ ଫସଲରେ ଘାସ ଦମନ



**ମୁ**ଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କ୍ୱିଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ୬୩% ଡବ୍ଲ୍ୟୁପି X କାର୍ବେଣ୍ଡାଜିମ୍ ୧୨% ଡବ୍ଲ୍ୟୁପି (୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଏ ମାସ ମଧ୍ୟଭାଗରେ ଛୁଇଁ ପାକଳହେବା ମାତ୍ରେ ତୋଳିଦିଅନ୍ତୁ ନଚେତ୍ ବର୍ଷା ଦ୍ୱାରା ନଷ୍ଟ ହୋଇଯିବ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ ।

## ଫସଲର ବିଭିନ୍ନ ପୋଷକ ଉପାଦାନ



**ନି**ର୍ଦ୍ଦିଷ୍ଟ ଏକ ଫସଲକୁ ବିଭିନ୍ନ ରାସାୟନିକ ପରୀକ୍ଷା କରି ଜଣାପଡ଼ିଛି ଯେ ପ୍ରତ୍ୟେକ ଫସଲରେ ୯୦ ଗୋଟି ପୋଷକ ଉପାଦାନ ଅଛି । ସେଥି ମଧ୍ୟରୁ ୧୭ ଗୋଟି ପୋଷକ ଉପାଦାନ ଫସଲ ଉତ୍ପାଦାନ ପାଇଁ ଅତି ଜରୁରୀ । ଉକ୍ତ ୧୭ ଗୋଟି ପୋଷକ ଉପାଦାନକୁ ଫସଲର ଅତ୍ୟାବଶ୍ୟକ ପୋଷକ ଉପାଦାନ କୁହାଯାଏ। ଅତ୍ୟାବଶ୍ୟକ ପୋଷକ ମଧ୍ୟରେ କାର୍ବନ, ଅକ୍ସିଜେନ, ହାଇଡ୍ରୋଜନ, ନାଇଟ୍ରୋଜେନ, ଫସପରସ, ପଟାସ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ସଲଫର, ଆଇରନ, ମାଙ୍ଗାନିଜ, କପର, ଜିଙ୍କ, ମଲିବଡେନମ, ବୋରନ, କ୍ଲୋରିନ ଏବଂ ନିକେଲ ଅର୍ନ୍ତଭୁକ୍ତ । କୌଣସି ଗୋଟିଏ ଅତ୍ୟାବଶ୍ୟକ ପୋଷକ ଉପାଦାନର ଅଭାବ ହେଲେ ଫସଲ ତା'ର ଜୀବନ ଚକ୍ର ପରିପୂର୍ଣ୍ଣ କରିପାରିବ ନାହିଁ ଏବଂ ଗୋଟିଏ ପୋଷକ ଉପାଦାନର କାର୍ଯ୍ୟ ଅନ୍ୟ ଉପାଦାନ କରିପାରିପାରିବ ନାହିଁ । ଫସଲର ୧୭ ଗୋଟି ଅତ୍ୟାବଶ୍ୟକ ପୋଷକ ଉପାଦାନ ବ୍ୟତୀତ ଅନ୍ୟ ୮୩ ଗୋଟି ପୋଷକ ଉପାଦାନ ଫସଲର କୋଷ ଏବଂ ଶରୀର ଗଠନରେ ସହାୟକ ହୁଅନ୍ତି, କିନ୍ତୁ ଫସଲ ପାଇଁ ଖାଦ୍ୟ ପ୍ରସ୍ତୁତି କିମ୍ବା ଫସଲରେ ଫୁଲ ଫଳ ଆସିବାରେ ସାହାଯ୍ୟ କରନ୍ତି ନାହିଁ। ଉକ୍ତ ୮୩ ଗୋଟି ପୋଷକ ଉପାଦାନକୁ ଫସଲର ଉପକାରୀ ପୋଷକ ଉପାଦାନ କୁହାଯାଏ। ବିଶିଷ୍ଟ କେତୋଟି ଉପକାରୀ ପୋଷକ ଉପାଦାନ ମଧ୍ୟରେ ସିଲିକନ, କୋବାଲଟ, ସୋଡିୟମ, କ୍ରୋମିୟମ, ଭାନାଡିୟମ, ଆଲୁମିନିୟମ, ସେଲେନିୟମ, ଗାଲିୟମ ଆଦି ମୁଖ୍ୟ।

# ଧାନଚାଷରେ ସାର ପ୍ରୟୋଗ

**ଡି**ପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୫ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ବୁଣାଧାନରେ ବୁଣିବା ସମୟରେ ସାର ପ୍ରୟୋଗକରି ନ ଥିଲେ ବେଉଷଣ ପରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ବୁଣିବା ସମୟରେ ମୂଳସାର ହିସାବରେ ଅନୁମୋଦିତ ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗ କରିଥିଲେ ବେଉଷଣ ପରେ ୧୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା-ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟର ଫିପ୍ରୋନିଲ୍ ବା କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ। ତଳିଘରାରେ ବୀଜାଣୁ ଜନିତ ପତ୍ରପୋଡ଼ା ରୋଗ ହେଲେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧% (୧ ଗ୍ରାମ୍‌କୁ ୧୦ ଲିଟର ପାଣିରେ) କିମ୍ବା ପ୍ଲାଣ୍ଟୋମାଇସିନ୍ ୦.୧% (୧ ଗ୍ରାମ୍‌କୁ ୧ ଲିଟର ପାଣିରେ) ସହ କପର ଅକ୍ସିକ୍ଲୋରାଇଡ୍ ୫୦% ଡବ୍ଲ୍ୟୁପି (୩ ଗ୍ରାମ୍ ୧ଲିଟର ପାଣିରେ) ମିଶାଇ ସିଞ୍ଚନ କରନ୍ତୁ ।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଧ୍ରୁବ୍ କୁମାର
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ବାରବାଟୀରେ ପ୍ରୋ ଟି୨୦ ଲିଗ୍



କଟକରେ ମଙ୍ଗଳବାର ଜର୍ସି ଉନ୍ମୋଚନ ଉତ୍ସବରେ ଅତିଥିଙ୍କ ଗହଣରେ ୬ ଦଳର ଅଧିନାୟକ। (ଫଟୋ: ରାଜକିଶୋର ମହାନ୍ତି)

**ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)**

କଟକର ବାରବାଟୀ ଷ୍ଟାଡିୟମରେ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି ପ୍ରୋ ଟି୨୦ ଲିଗ୍। ସନ୍ଧ୍ୟା ୭ଟାରେ ଭୁବନେଶ୍ୱର ଟାଇଗର୍ସ ଓ କଟକ ପାନ୍ଥର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତୀକ୍ଷିତ ଟି୨୦ ଲିଗ୍‌ରେ ମୋଟ ୧୮ଟି ମ୍ୟାଚ ଖେଳାଯିବ। ମଙ୍ଗଳବାର କଟକରେ ଲିଗ୍‌ର ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣକାରୀ ୬ ଦଳର ଅଧିନାୟକଙ୍କ ସହ ବ୍ରାଣ୍ଡ

### ଜର୍ସି ଉନ୍ମୋଚିତ

ଆମ୍ବାସାଡର ଇରଫାନ ପଠାନ ଉପସ୍ଥିତ ଥିଲେ। ଅନ୍ୟ ସେଲିବ୍ରେଟିଙ୍କ ମଧ୍ୟରେ ବିଭିନ୍ନ ଦଳର ଆମ୍ବାସାଡର ନରେନ୍ଦ୍ର ହିରୱାନୀ (କଟକ ପାନ୍ଥର୍ସ), ଶ୍ରୀତମ ଦାସ (କେନ୍ଦୁଝର ମିନର୍ସ), ଏଲିନା ସାମନ୍ତରାୟ (ଭୁବନେଶ୍ୱର ଟାଇଗର୍ସ), ସୁପ୍ରିୟା ନାୟକ (ପୁରୀ ଟାଇଟନ୍ସ), ଶୈଳେନ୍ଦ୍ର ସାମନ୍ତରାୟ ରାଉରକେଲା ଷ୍ଟିଲର୍ସ ଓ ଶୀତଲ ଦାସ (ସମ୍ବଲପୁର ୱାରିୟର୍ସ) ଉପସ୍ଥିତ ଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଆରିଭା ସ୍ପୋର୍ଟ୍ସ ନିର୍ଦ୍ଦେଶକ କପିଞ୍ଜ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ‘‘ଓସିଏ ଅଧିନରେ କ୍ରିକେଟର ଉଲ୍ଲେଖନୀୟ ବିକାଶ ହେଉଛି। ରାଜ୍ୟ ଲିଗ୍ ହେଉଛି ଆଇପିଏଲ୍ ପାଇଁ ଫିଡର ସଦୃଶ। ତେଣୁ ଏହି ସିଜନ ଖେଳାଳିଙ୍କୁ ବଡ଼ ପ୍ଲାଟଫର୍ମ ଯୋଗାଇବ’’ ବୋଲି ଇରଫାନ ପ୍ରକାଶ କରିଛନ୍ତି।

# ପାକିସ୍ତାନ ପାଇଁ କଲମ୍ବୋ ନିରପେକ୍ଷ ଭେନ୍ୟୁ

**ନୂଆଦିଲ୍ଲୀ, ୧୬।୯ (ପି.ଟି.):** ପ୍ରଥମ ଥର ପାଇଁ ହେଉଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ନେଇ ମ୍ୟାଚଗୁଡ଼ିକ ଏକ ନିରପେକ୍ଷ ଭେନ୍ୟୁରେ ଖେଳାଯିବ। ଏଥିପାଇଁ କ୍ରିକେଟ ଆସୋସିଏଶନ ଫର ଦି ବ୍ଲାଇଣ୍ଡ ଇଣ୍ଡିଆ (କାବି) କଲମ୍ବୋକୁ ନିରପେକ୍ଷ ଭେନ୍ୟୁ ଭାବେ ମନୋନୀତ କରିଛି। ପ୍ରଥମେ କାଠମାଣ୍ଡୁକୁ ନିରପେକ୍ଷ ଭେନ୍ୟୁ କରାଯାଇଥିଲା। ମାତ୍ର ନେପାଳରେ ହିଂସାତ୍ମକ ପରିସ୍ଥିତି ଯୋଗୁ ପରିବର୍ତ୍ତନ ଦରକାର ପଡ଼ିଥିଲା। ନଭେମ୍ବର ୧୧ରୁ ନଭେମ୍ବର ୨୫ ପର୍ଯ୍ୟନ୍ତ ହେବାକୁଥିବା ଏହି ଟୁର୍ନାମେଣ୍ଟର ଅନ୍ୟ ଦୁଇ ଭେନ୍ୟୁ ହେଉଛି ନୂଆଦିଲ୍ଲୀ ଓ ବେଙ୍ଗାଲୁରୁ। ଟୁର୍ନାମେଣ୍ଟରେ ୨୧ଟି ମ୍ୟାଚ, ଦୁଇ ସେମିଫାଇନାଲ ଏବଂ ଏକ ଗ୍ରାଣ୍ଡ ଫିନାଲେ ଖେଳାଯିବ।


## ଅଷ୍ଟମ ଜନ୍ମବାର୍ଷିକୀ ଶୁଭେଚ୍ଛା



ଧ୍ରୁବ୍ କୁମାର ବେହେରା
ସମେଇଗଡ଼ିଆ, ଭୁବନେଶ୍ୱର
ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ସୁସ୍ଥ, ନୀରୋଗ, ନିରାମୟ ଜୀବନ କାମନା କରୁଛୁ।
ଶୁଭେଚ୍ଛା ସହ: ବାବା, ମାମା, ଜେଜେ, ବଡ଼ମା, ଅଜା, ଆଇ, ପରିବାରବର୍ଗ ଓ ଶୁଭେଚ୍ଛୁମାନେ।
ଧ-୧୯୫୬

SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214


# ଆପୋଲୋ ଟାୟାର୍ସ ଭାରତୀୟ ଦଳର ନୂଆ ଜର୍ସି ସ୍ପନସର

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

ଆପୋଲୋ ଟାୟାର୍ସ ଭାରତୀୟ କ୍ରିକେଟ ଦଳର ନୂଆ ଜର୍ସି ସ୍ପନସର ଭାବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ଚୁକ୍ତି କରିଛି। ଏ ନେଇ ବିସିସିଆଇ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ନୂଆ ଆଇନ ଅଧୀନରେ ସରକାର ରିଅଲ ମନି ଗେମିଂ ପ୍ଲାଟ୍‌ଫର୍ମକୁ ବ୍ୟାନ୍ କରିବା ପରେ ଭାରତୀୟ ଦଳର ଜର୍ସି ସ୍ପନସରଶିପ୍‌ରୁ ଡ୍ରିମ୍ ୧୧ ଓହରି ଯାଇଥିଲା। ଏଥିଯୋଗୁ ଚଳିତ ଏସିଆ କପ୍‌ରେ ଭାରତୀୟ ଦଳ ବିନା ଜର୍ସି ସ୍ପନସରରେ ଖେଳୁଛି।

ସ୍ପନସରସିପ୍ ଲାଗି ଲମ୍ବା ବିଡିଂ ପ୍ରକ୍ରିୟା ଯୋଗୁ ଚୁକ୍ତିର ମୂଲ୍ୟ ୫୭୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଚୁକ୍ତି ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ୩ ବର୍ଷ ଅବଧି ଲାଗି ଡ୍ରିମ୍ ୧୧ ସହ ୩୫୮ କୋଟି ଟଙ୍କାରେ ଚୁକ୍ତି କରାଯାଇଥିଲା। ଚୁକ୍ତି ସମୟସୀମା ମଧ୍ୟରେ ଉଭୟ ପୁରୁଷ ଓ ମହିଳା ଭାରତୀୟ ଦଳ ଖେଳିବାକୁ ଥିବା ୧୨୧ ଦ୍ୱିପାକ୍ଷିକ ଓ ୨୧ ଆଇସିସି ମ୍ୟାଚ୍‌ରେ ଆପୋଲୋ ଟାୟାର୍ସ ଲୋଗୋ ଜର୍ସିରେ ସ୍ଥାନ ପାଇବ। ଉଲ୍ଲେଖଯୋଗ୍ୟ, ଆପୋଲୋ ଟାୟାର୍ସ ଏକ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଏହାର ମୁଖ୍ୟ କାର୍ଯ୍ୟାଳୟ ଗୁରୁଗ୍ରାମରେ ରହିଛି। ଏହି ଟାୟାର ନିର୍ମାତା କମ୍ପାନୀର ମାନୁଫାକ୍ଚରିଂ ୟୁନିଟ୍ସ ଭାରତ ଓ ବିଦେଶରେ ରହିଛି।

# ସ୍ମୃତି ମନ୍ଧାନା ନମ୍ବର ୱାନ୍



**ଦୁବାଇ, ୧୬।୯ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ପରାଜିତ ମ୍ୟାଚରେ ଅର୍ଦ୍ଧଶତକ ହାସଲ କରିବା ପରେ ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ ମହିଳା ବ୍ୟାଟର ତାଲିକାରେ ପୁନର୍ବାର ନମ୍ବର ୱାନ ସ୍ଥାନ ହାସଲ କରିଛନ୍ତି ଭାରତର ଟପ୍ ଅର୍ଡର ଷ୍ଟାର ବ୍ୟାଟର ସ୍ମୃତି ମନ୍ଧାନା। ମୁଲାନପୁରଠାରେ ୩ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚରେ ମନ୍ଧାନା ୬୩ ବଲ୍‌ରୁ ୫୮ ରନ ସଂଗ୍ରହ କରିଥିଲେ। ତେବେ ସେ ଭାରତକୁ ପରାଜୟରୁ ବଞ୍ଚାଇପାରି ନ ଥିଲେ। ଅଷ୍ଟ୍ରେଲିଆ ଏହି ମ୍ୟାଚରେ ବିଜୟ ଲାଭ କରି ସିରିଜ ୧-୦ରେ ଆଗୁଆ ରହିଛି। ସେପ୍ଟେମ୍ବର ୩୦ରୁ ମହିଳା କ୍ରିକେଟ ବିଶ୍ୱକପ୍ ଆରମ୍ଭ ହେବାକୁଥିବା ବେଳେ ନମ୍ବର-୧ ସ୍ଥାନ ମନ୍ଧନାଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହେବ। ଅର୍ଦ୍ଧଶତକ ଯୋଗୁ ମନ୍ଧାନାଙ୍କୁ ୭ ରେଟିଂ ପଏଣ୍ଟ ମିଳିଥିଲା। ଦ୍ୱିତୀୟ ସ୍ଥାନକୁ ଖସିଥିବା ଇଂଲଣ୍ଡ ଷ୍ଟଲୱାର୍ଟ ନାଟ୍ ସ୍କିଭର-ବ୍ରଣ୍ଟଙ୍କଠାରୁ ସେ ବର୍ତ୍ତମାନ ୪ ପଏଣ୍ଟ ଆଗରେ ରହିଛନ୍ତି। ମନ୍ଧାନା ୨୦୧୯ରେ ପ୍ରଥମେ ନମ୍ବର-୧ ର୍ୟାଙ୍କିଙ୍ଗ ହାସଲ କରିଥିଲେ। ୨୦୨୫ରେ ସେ ଦୁଇଥର ପ୍ରଥମ ସ୍ଥାନରେ ରହିପାରିଛନ୍ତି।

# ଷ୍ଟାସି କଳିଙ୍ଗ ଲାନ୍ସର୍ସ ମୁଖ୍ୟ କୋଚ୍

**ଭୁବନେଶ୍ୱର, ୧୬।୯ (ତପନ ସ୍ୱାଇଁ)**



ଅଷ୍ଟ୍ରେଲିଆନ ହକି ଲିଜେଣ୍ଡ ଜେ ଷ୍ଟାସି ବେଦାନ୍ତ କଳିଙ୍ଗ ଲାନ୍ସର୍ସର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ହିରୋ ହକି ଇଣ୍ଡିଆ ଲିଗ୍‌ର ଆସନ୍ତା ସିଜନରେ କଳିଙ୍ଗ ଲାନ୍ସର୍ସ ତାଙ୍କ ପ୍ରଶିକ୍ଷଣରେ ଖେଳିବ। ପୂର୍ବ ସଂସ୍କରରେ କୋଚ୍ ଥିବା ଜର୍ମାନୀର ଭାଲେଣ୍ଟିନ ଆଲ୍ଟନବର୍ଗଙ୍କ ସ୍ଥାନରେ ଷ୍ଟାସିଙ୍କୁ ନିଯୁକ୍ତି ମିଳିଛି। ଷ୍ଟାସି ଅଷ୍ଟ୍ରେଲିଆ ପକ୍ଷରୁ ୩୨୧ଟି ଅନ୍ତର୍ଜାତୀୟ ମ୍ୟାଚରେ ପ୍ରତିନିଧିତ୍ୱ କରିବାର ଅଭିଜ୍ଞତା ରଖିଛନ୍ତି। ୪ଟି ଅଲିମ୍ପିକ୍ସରେ ଭାଗନେଇ ସେ ୧୯୯୨ (ବାର୍ସିଲୋନା-ରୌପ୍ୟ), ୧୯୯୬ (ଆଟଲାଣ୍ଟା-ବ୍ରୋଞ୍ଜ) ଓ ୨୦୦୦ (ସିଡ୍‌ନୀ-ବ୍ରୋଞ୍ଜ)ରେ ପଦକ ବିଜୟୀ ଦଳର ସଦସ୍ୟ ଥିଲେ। ଏହା ବ୍ୟତୀତ ୧୯୯୮ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ୧୯୯୯ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ମଧ୍ୟ ସେ ପାଇଛନ୍ତି। ୧୯୯୯ରେ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ହୋଇଥିବା ଷ୍ଟାସି ୨୦୦୦ରେ ଅଷ୍ଟ୍ରେଲିଆର ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଖେଳାଳିଭାବେ ଅବସର ନେଇଥିଲେ। ଉଭୟ ଖେଳାଳି ଓ କୋଚ୍ ଭାବେ ତାଙ୍କର ଅନେକ ଅଭିଜ୍ଞତା ରହିଛି। କୋଚିଂ କ୍ୟାରିୟରରେ ସେ ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ ଓ ବେଲ୍‌ଜିୟମରେ କ୍ଲବ ଏବଂ ଘରୋଇ ହକିରେ ବେଶ୍ ପରିଚିତ। ହକି ଇଣ୍ଡିଆ ଲିଗ୍‌ର ୨୦୧୬ ଓ ୨୦୧୭ ସଂସ୍କରଣରେ ସେ ମୁମ୍ବାଇ ଫ୍ରାଞ୍ଚାଇଜ୍ ଦଳର ମୁଖ୍ୟ କୋଚ୍ ଥିଲେ। ୨୦୨୨ରୁ ସେ ଅଷ୍ଟ୍ରେଲିଆ ଜୁନିୟର ହକି ଦଳରେ ମୁଖ୍ୟ କୋଚ୍ ଅଛନ୍ତି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କଳିଙ୍ଗ ଲାନ୍ସର୍ସ ପରିବାରକୁ ଷ୍ଟାସିଙ୍କୁ ସ୍ୱାଗତ କରିଛନ୍ତି। ‘‘ସେ ତାଙ୍କ କ୍ୟାରିୟରରେ ଅନେକ କିଛି ହାସଲ କରିଛନ୍ତି ଏବଂ ଅନ୍ତର୍ଜାତୀୟ ହକିରେ ଜଣେ ସମ୍ମାନସ୍ପଦ ବ୍ୟକ୍ତି। ତାଙ୍କ ପ୍ରଶିକ୍ଷଣରେ ଆମ ଦଳ ନିଶ୍ଚିତ ସଫଳତା ହାସଲ କରିବାନେଇ ଆମେ ଆଶାବାଦୀ। ଆମ ଦଳକୁ ସେ ଟାଇଟଲ ହାସଲ କରିବା ଦିଗରେ ସାହାଯ୍ୟ କରିବା ସହ ଯୁବ ପ୍ରତିଭାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାରେ ସହାୟକ ହୋଇପାରିବେ’’ ବୋଲି ରାଜୀବ କୁମାର ପ୍ରକାଶ କରିଛନ୍ତି। କଳିଙ୍ଗ ଲାନ୍ସର୍ସର କୋଚ୍‌ଭାବେ ସୁଯୋଗ ପାଇଥିବାରୁ ଷ୍ଟାସି ଆନନ୍ଦବ୍ୟକ୍ତ କରିଛନ୍ତି।

# ଉଥପ୍ପା, ଯୁବିଙ୍କୁ ଇଡି ସମନ

**ନୂଆଦିଲ୍ଲୀ, ୧୬।୯ (ପି.ଟି.)**

୧Xବେଟ୍ ନାମକ ଏକ ବେଆଇନ ଅନଲାଇନ ବେଟିଂ ଆପ୍ ସହିତ ଜଡ଼ିତ ଟଙ୍କା ହେରଫେର ମାମଲାରେ ସମ୍ପୃକ୍ତିକୁ ନେଇ ପୂର୍ବତନ କ୍ରିକେଟର ରବିନ ଉଥପ୍ପା, ଯୁବରାଜ ସିଂ (ଯୁବି) ଓ ଅଭିନେତା ସୋନୁ ସୁଦ୍‌ଙ୍କୁ ପଚରାଉଚରା ଲାଗି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ସମନ ଜାରି କରାଯାଇଛି। ଉଥପ୍ପା (୩୯), ଯୁବି (୪୩) ଓ ସୁଦ (୫୨)ଙ୍କୁ ଆସନ୍ତା ସପ୍ତାହରେ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲଏ) ଅଧୀନରେ ବୟାନ ରେକର୍ଡ କରାଇବାକୁ କୁହାଯାଇଛି। ଉଥପ୍ପାଙ୍କୁ ସେପ୍ଟେମ୍ବର ୨୨, ଯୁବିଙ୍କୁ ୨୩ ଓ ସୁଦଙ୍କୁ ୨୪ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ଏହି ମାମଲାରେ ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କୁ କିଛି ସପ୍ତାହ ତଳେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପଚରାଉଚରା କରାଯାଇଥିଲା।


## Classified Everyday
0674-2580101, 9692975378



MATRIMONIAL
GROOM WANTED

ବୟସ 29, College Librarian ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-1968

44 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 8455853154. D-1969




REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ **New ODM Global School-2** ଏବଂ **KIIT** କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ **investment** ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। **9692276835, 7077632085.** D-1698

**Commercial cum residential plot, Gharabari with compoundwall touching to NH-316 Road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30=2400sqft. highland from road level. @2750/- per sqft. 7809525452.** D-76494

ଭୁବନେଶ୍ୱର ନଖରାଛକରୁ 9 K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942



FOR RENT

**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985



Healthcare

Newly open health benefits spa by experts therapist con 8658088274. D-1866

The massage felt totally professional! & comfortable at all times- 7978109255. D-76492

Newly open Jyoti SPA positively health benefits (expert therapist). 8458067955. D-76936

AFFIDAVIT

I, OM SHUVA SHANJKAR SI, S/o- Manoj Kumar SI, At- Manda, P.O./ P.S.- Bangriposi, Dist.- Mayurbhanj, PIN- 757032 have changed my name to OM SHUVA SHANKAR SI by virtue of affidavit dt. 13.09.2025 sworn before Executive Magistrate, Baripada, Mayurbhanj. D-2005

By virtue of affidavit before Executive Magistrate, Bhubaneswar on 14.01.2011, I have changed my name as Purnavasi Dash in place of Pournmasi Dash. Henceforth, I shall be known as Purnavasi Dash for all purpose. D-1997

I, Sakhi Dalai, aged about 42 years, W/o- Prasanna Kumar Dalai, resident of Radhakrishna Enclave, Plot No.- 206, 2nd Floor, Unit-6, P.S.- Capital, Bhubaneswar, Dist.- Khordha, PIN-751003, Odisha, do hereby solemnly affirm and declare by this affidavit No.- 57, dtd.15.09.25 that my name is recorded in my son's passport as "Kamini Dalai" and "Sakhi Dalai". Both names refer to the same person and I shall henceforth be known as Sakhi Dalai for all purposes. D-2007

I, Sandhyarani Pattanaik, At-Jubuli Town, Jadupati Bihar, P.O./P.S.- Dhenkanal Town, Dist.-Dhenkanal, Odisha-759001 declare by the affidavit No.- 7905, dtd. 28.08.2024 that now onwards my son Swastik Mathan will be known as Swastik Pattanaik for all future purposes.
Sandhyarani Pattanaik
D-1996

By virtue of an affidavit sworn before the Executive Magistrate, Sambalpur, No.2762, Dtd-16/09/2025, I, Arya Mittal, S/o. Ramnibash Mittal, R/o. At/P.O.- Godbhaga, P.S.- Attabira, Dist.-Bargarh, PIN-768111, declare that I have changed my name from Arun Mittal to Arya Mittal. Henceforth, I shall be known as Arya Mittal for all purposes.
Arya Mittal
D-2002

By virtue of an affidavit sworn before Executive Magistrate, Rayagada, dated-09.09.2025, I, Philomina Emmanuel, D/o- Thomman Mani Varikattu, residing at Mangala Mandir Road, near Deepti Convent School, Rayagada, Odisha, Pin-765001, declare that I have changed my name from Varricattu Sr. Sophia Philamin S.A.B.S. to Philomina Emmanuel. Henceforth, I shall be known as Philomina Emmanuel for all purposes. D-2001

I, Ashisa Kumar Pati, 63years, S/o- Late Dolagobinda Pati, At- Tanarapa Sasan, P.O.- Biribati, P.S.- CRRI, Cuttack- 754100, Odisha, declare by this affidavit No.- 2017, dtd.- 04.09.2025, that now onwards I shall be known as Ashis Kumar Pati for all purposes. D-2003

ମୁଁ, ଗଣେଶ୍ୱର ମହାନ୍ତି (ଦତକ ସ୍ୱରୂପରେ ଗଣେଶ୍ୱର ବେହେରା ଭାବେ ପରିଚିତ), ଲୋକନାଥ ମହାନ୍ତିଙ୍କ ପୁତ୍ର, ଲେଙ୍କଡ଼ିପଡ଼ା, ନୟାଗଡ଼, ଓଡ଼ିଶାର ନିବାସୀ, ଘୋଷଣା କରୁଛି ଯେ ମୋର ସମସ୍ତ ଶିକ୍ଷା, ଚାକିରି ଓ ଆଇନଗତ କାର୍ଯ୍ୟ ପାଇଁ ମୋର ଠିକ୍ ଏବଂ ବୈଧ ନାମ ଗଣେଶ୍ୱର ମହାନ୍ତି ହେଉଛି। ଯଦି କାହାର ଅଭିଯୋଗ ଥାଏ, ସେଥିପାଇଁ ୧୫ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ଧ-୧୯୯୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

In the Court of the Judge, Family Court, Balangir

C.P. (Mat) No.- 14 of 2021/ I.A. No.- 02/2021
Smt. Meera Mishra @ Dash
....Petitioner
Versus
Sri. Dadhibaban Dash
....Respondent
Summon Under Order 5 Rule 20 of C.P.C.

To,
The Respondent, Sri Dadhibaban Dash, S/o- Late Bipin Bihari Dash, resident of Talipara, Bargarh Town, P.O./P.S. & Dist.- Bargarh.

Whereas, the petitioner has filed a Petition under Section 13(1) (a) and 1(b) of the Hindu Marriage Act against you in this court and whereas, you are avoiding to receive the summons issued by this Court. Hence you are directed to appear before this Court on the 6th day of Oct. 2025 at 10.30 A.M. otherwise the case be heard and decided on merit in your absence.

Giving under my hand and seal of this Court this the 8th day of Sept. 2025.
Sd./- Judge, Family Court, Balangir
D-2004

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ସିଦ୍ଧାର୍ଥ ଆଚାର୍ଯ୍ୟ
ଆବିର୍ଭାବ: ୧୯୬୪ | ତିରୋଧାନ: ୨୦୨୫
ବି-୪, ପଳାଶପଲ୍ଲୀ, ଭୁବନେଶ୍ୱର
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ସ୍ମୃତି ଅର୍ଘ୍ୟରେ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୭୬୮୪୩

# ହାତୀ ଚଲାପଥରେ ବେଆଇନ ରାସ୍ତା ନିର୍ମାଣ

## ମାଟି ତଳୁ ମିଳିଲା କଟାଗଛ

ବାରିପଦା,୧୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ୍ ଭାଗବତଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଟସରଡ଼ା ମୌଜାରେ ସଂରକ୍ଷିତ ଜଙ୍ଗଲକୁ ନଷ୍ଟ କରି ଏକ ଘରୋଇ ହସ୍ପିଟାଲକୁ ବେଆଇନ ଭାବେ ରାସ୍ତା ନିର୍ମାଣ କରାଯାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ବନ ବିଭାଗ ଚଢ଼ାଉ କରି ଉକ୍ତ ହସ୍ପିଟାଲ ପରିସର ମାଟି ତଳେ ପୋତା ହୋଇଥିବା ମୂଲ୍ୟବାନ କଟାଗଛକୁ ଜବତ କରିଛି। ତେବେ କାଠ ଜବତ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରିକି ହାତୀ ଚଲାପଥରେ ଏହି ରାସ୍ତା ନିର୍ମାଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଆଗକୁ ଆଉ ରାସ୍ତା ନ ବଢ଼ାଇବା ପାଇଁ ବନ ବିଭାଗ ତତ୍ପରତା ପ୍ରକାଶ କରି ୧୫ଫୁଟ ଓସାରର ଟ୍ରେଞ୍ଚ ଖୋଳିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ରାଜସ୍ୱ ବିଭାଗ ତଦନ୍ତ ରିପୋର୍ଟ ପ୍ରଦାନ କରି ନ ଥିବାରୁ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ ହେଉଛି। ସୂଚନାଯୋଗ୍ୟ, ଉକ୍ତ ହସ୍ପିଟାଲକୁ ଯିବାଆସିବା ନିମନ୍ତେ ଟସରଡ଼ା ମୌଜାସ୍ଥିତ ସଂରକ୍ଷିତ ଜଙ୍ଗଲରୁ ଶତାଧିକ ମୂଲ୍ୟବାନ ଗଛ କାଟି ରାସ୍ତା ନିର୍ମାଣ କରାଯାଉଛି। ଏନେଇ ଧରିତ୍ରୀରେ ସ୍ୱତନ୍ତ୍ର ଖବର ପ୍ରକାଶ ପାଇବା ପରେ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ରେଞ୍ଜର ଶ୍ରଦ୍ଧେୟ ମନ୍ତ୍ରୀ ସଦଳବଳେ ପହଞ୍ଚି ତଦନ୍ତ କରିଥିଲେ। କଟା ହୋଇଥିବା ଗଛଗୁଡ଼ିକ ଉକ୍ତ ଘରୋଇ ହସ୍ପିଟାଲ ପରିସରରେ ମାଟି ଖୋଳି ପୋତାଯାଇଥିବା ଖବରପାଇ ବନ ବିଭାଗ ଚଢ଼ାଉ କରିଥିଲା। ସେଠାରୁ ୧୨ଟି ଲଗ୍ ଓ ୧୮ଟି ଲମ୍ବା କାଠ ମାଟି ତଳୁ ଜବତ ହୋଇଛି। ତେବେ ଜବତ କାଠକୁ ନେଇ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଗ୍ରାମବାସୀ ମଧ୍ୟ ଜଙ୍ଗଲରୁ ଗଛ କାଟିନେବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପ୍ରତି ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ରଖିଛି।

ଅନ୍ୟ ପକ୍ଷରେ ହସ୍ପିଟାଲ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ସଂରକ୍ଷିତ ଜଙ୍ଗଲରୁ ଜମି ଅଧିଗ୍ରହଣ ବାବଦରେ ଆବେଦନ କରାଯାଇ ନ ଥିବା ଏବଂ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ ଅନୁମତି ପ୍ରଦାନ କରାଯାଇ ନ ଥିବା ଜଣାପଡ଼ିଛି। ତେବେ ଜୋର ଜବରଦସ୍ତ ଜଙ୍ଗଲ ବିଭାଗକୁ ଚ୍ୟାଲେଞ୍ଜ କରି ବେଆଇନ ଗଛ କାଟି ରାସ୍ତା ନିର୍ମାଣ କରାଯାଉଥିବାରୁ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରଛନ୍ତି। ଏପରିକି ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ମାପଚୁପ ହୋଇଥିବା ବେଳେ ରାଜସ୍ୱ ବିଭାଗ ପକ୍ଷରୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଉନାହିଁ। ଫଳରେ ଜବତ କାଠକୁ ନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ ବୋଲି ରେଞ୍ଜର ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍ଓ ବିଶ୍ୱାଳଙ୍କୁ ପଚାରିବାରୁ ଜବତ କାଠ ଓ ଗଛ କଟାକୁ ନେଇ ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ତେବେ ନିର୍ମାଣ ହୋଇଥିବା ରାସ୍ତାକୁ ଉଚ୍ଛେଦ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଗ୍ରାମର ଯୋଗେଶ୍ୱର ମହାନ୍ତ, ସୁନାରାମ ସୋରେନ, ଦୁର୍ଗାଚରଣ ମୁର୍ମୁ, ସିପୁ ମହାନ୍ତ, ଧାର୍ମା ବାସ୍କେ, ରବୀନ୍ଦ୍ର ନାଏକ ପ୍ରମୁଖ ଦାବି କରିଛନ୍ତି।


ଘରୋଇ ହସ୍ପିଟାଲ ପରିସର ମାଟିତଳେ ପୋତା ହୋଇଥିବା କାଠକୁ ବନ ବିଭାଗ ଅଧିକାରୀ ଜବତ କରୁଛନ୍ତି।

# ସ୍ୱାମୀଙ୍କୁ ୧ ବର୍ଷ ଜେଲ

## ଯୌତୁକ ନିର୍ଯାତନା ମାମଲା

ମୋରଡ଼ା,୧୬।୯(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଜେଏମ୍ଏଫ୍‌ସି କୋର୍ଟରେ ମଙ୍ଗଳବାର ଏକ ଯୌତୁକ ନିର୍ଯାତନା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଶ୍ରୁତି ପଟ୍ଟନାୟକ ଏହାର ବିଚାର କରି ଦୋଷୀ ସ୍ୱାମୀଙ୍କୁ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧୦ହଜାର ଟଙ୍କାର ଜରିମାନା ଓ ଅନାଦାୟରେ ଅଧିକ ୪ମାସ ଜେଲଦଣ୍ଡ ଏବଂ ପୀଡ଼ିତାଙ୍କୁ ୪୦ହଜାର ଟଙ୍କା ଦେବାକୁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ମୋରଡ଼ା ଥାନା ଅଧୀନ ଓିକିଆଁ ଗ୍ରାମର ଦୀପକ କୁମାର ବେହେରା ୧୯୯୮ରେ ଶକୁନ୍ତଳା ବେହେରାଙ୍କୁ ବିବାହ କରିଥିଲେ। ବାହାଘର ସମୟରେ କନ୍ୟା ଘର ପକ୍ଷରୁ ନଗଦ ୧୦ହଜାର ଟଙ୍କା,ସୁନା, ରୁପା ଗହଣା ଏବଂ ଅନ୍ୟ ଘରକରଣା ସାମଗ୍ରୀ ଯୌତୁକ ଆକାରରେ ଦିଆଯାଇଥିଲା। ତେବେ ବାହାଘରର କିଛି ଦିନ ପରେ ବାପଘରୁ ଅଧିକ ଟଙ୍କା ଆଣିବା ପାଇଁ ଦୀପକ ଶକୁନ୍ତଳାଙ୍କୁ ଶାରୀରିକ ନିର୍ଯାତନା ଦେବା ସହିତ ଅନେକ ଥର ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଦୀପକ ଶକୁନ୍ତଳାଙ୍କୁ ତାଙ୍କ ବାପ ଘରେ ଛାଡ଼ିବା ସହିତ ଟଙ୍କା ମାଗୁଥିଲେ। ଶକୁନ୍ତଳାଙ୍କ ବାପା ମଧ୍ୟ ଅନେକ ଥର ଦୀପକଙ୍କୁ ଟଙ୍କା ଦେଇଛନ୍ତି। ତେବେ ୨୦୦୫ ଅଗଷ୍ଟ ୧୦ରେ ବାପା, ଭାଇ ଆସି ଶକୁନ୍ତଳାଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ। ଏହାର ୨୦ ଦିନ ପରେ ସ୍ଥାନୀୟ ସରପଞ୍ଚ, ବରିଷ୍ଠ ଲୋକଙ୍କ ଉପସ୍ଥିତିରେ ଉକ୍ତ ଘଟଣାର ସ୍ଥାୟୀ ସମାଧାନ ନିମନ୍ତେ ବୁଝାମଣା ହୋଇଥିଲା। ତେବେ ଏହାର କିଛି ଦିନ ପରେ ଦୀପକ ପୁଣି ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏଥିରେ ଅତିଷ୍ଠ ହୋଇ ଶକୁନ୍ତଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପିପି ସସ୍ମିତ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବଦଳିବ ବାରିପଦା ସଂସ୍କୃତ ମହାବିଦ୍ୟାଳୟ ରୂପରେଖ

ବାରିପଦା, ୧୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାସ୍ଥିତ ଶତାୟୁ ସଂସ୍କୃତ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ)ର ରୂପରେଖ ବଦଳିବା ନେଇ ଆଶା ସଞ୍ଚାର ହୋଇଛି। ସାମୂହିକ ଭାବେ ଚାଲିଥିବା ସରକାରୀ ମହାବିଦ୍ୟାଳୟକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇ ମୂଳ ସ୍ଥାନରେ ବ୍ୟବସ୍ଥିତ ଢଙ୍ଗରେ ସୁନ୍ଦର ଭାବେ ନିର୍ମାଣ କରାଯିବ ବୋଲି ଦିକିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ମୟୂରଭଞ୍ଜର ତତ୍କାଳୀନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନରେ ୧୮୯୪ ମସିହାରେ ସଂସ୍କୃତ ଟୋଲ ପ୍ରତିଷ୍ଠିତ ହୋଇଥିଲା। ଏହା ବର୍ତ୍ତମାନ ସଂସ୍କୃତ ମହାବିଦ୍ୟାଳୟ ଭାବେ କାର୍ଯ୍ୟ କରୁଛି। ପ୍ରାରମ୍ଭରୁ ଏଠାରେ ଆଚାର୍ଯ୍ୟ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିଲା। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ଏହା କାର୍ଯ୍ୟକରୁଥିବା ବେଳେ ୧୯୮୪ରେ ନୂତନ ଶିକ୍ଷା ନୀତି ପ୍ରଣୟନ ପରେ ଯୁକ୍ତ ୨ ଉପଶାସ୍ତ୍ରୀ ଓ ଯୁକ୍ତ ୩ ଶାସ୍ତ୍ରୀ ପାଠ୍ୟକ୍ରମ ପ୍ରଚଳନ ସହିତ ଜୁନିୟର ସରକାରୀ ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟ ଭାବେ କାର୍ଯ୍ୟକରିଥିଲା। ୧୯୯୨ରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ସହିତ ମିଳିତ ଭାବେ କାର୍ଯ୍ୟ କରିବା ସହିତ ଯୁକ୍ତ ୨ ଓ ଯୁକ୍ତ ୩ କଳା ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ସାହିତ୍ୟ, ବ୍ୟାକରଣ ଓ ବେଦାନ୍ତ ୩ଟି ସମ୍ମାନ ଶ୍ରେଣୀରେ ଏଠାରେ ଶିକ୍ଷା ଦାନ ହେଉଛି। ୩୦୦ ବିଦ୍ୟାର୍ଥୀ ଏଠାରେ ଅଧ୍ୟୟନ କରୁଥିବା ବେଳେ ଅନୁଷ୍ଠାନ ନାନା ସମସ୍ୟା ମଧ୍ୟରେ ଗତି କରୁଛି। ଯାହାକୁ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପଦ୍ମା ଦେବୀ ନିଜର ଅଧାପିକା ଓ ଅଧ୍ୟାପକଙ୍କ ସହିତ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଭେଟି ଅନୁଷ୍ଠାନର ପୁନରୁଦ୍ଧାର ପାଇଁ ନିବେଦନ କରିଥିଲେ। ଶିକ୍ଷାନୁଷ୍ଠାନ ପାଇଁ ମହାରାଜା ପ୍ରଦାନ କରିଥିବା ୧୦୬ ଡିସିମିଲ ଜମି ସହ ଘରମାନଙ୍କରେ ଏହି ଅନୁଷ୍ଠାନ ପରିଚାଳିତ ହେଉଥିଲା। ତେବେ ପରବର୍ତ୍ତୀ ସମୟରେ ୨୫ଡେସିମିଲ ଜମି ଜବରଦଖଲକାରୀଙ୍କ ପାଖକୁ ଯିବା ପରେ ବର୍ତ୍ତମାନ ୮୧ଡେସିମିଲ ଜମି ରେକର୍ଡରେ ଅଛି। ସେହି ଜମିରେ ପମ୍ପହାଉସ ଘର, ତାରିଣୀ ମନ୍ଦିର ଆଦି ନିର୍ମାଣ ସହିତ ଜଣେ ଲଜ ମାଲିକ ଓ ଅନ୍ୟମାନେ ଜବରଦଖଲ କରି ଚାଲିଛନ୍ତି। ଚତୁଃପାର୍ଶ୍ୱରେ ଉଠା ଦୋକାନୀ ପସରା ମେଲାଇବା ସହ ଓ ଦିନରାତି ମଦ୍ୟପ ତଥା ନିଶାଡ଼ିଙ୍କ ଉତ୍ପାତ ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନୀ କରୁଛି । ସେହିପରି ମହାବିଦ୍ୟାଳୟର କର୍ମଚାରୀ ଓ ଭିତ୍ତିଭୂମି ଅଭାବ ସମସ୍ୟାକୁ ବହୁଗୁଣିତ କରୁଛି । ଆବଶ୍ୟକ ସଂଖ୍ୟକ ଅଫିସ ରୁମ୍ ନ ଥିବା ବେଳେ ଗୋଟିଏ ରୁମ୍‌ରେ ଅଧ୍ୟକ୍ଷ ଓ ଶିକ୍ଷକ/ଅଣଶିକ୍ଷକ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଶ୍ରେଣୀ ଗୃହ କଥା ନ କହିଲେ ଭଲ। ପୂର୍ବ ସରକାର ୨୫ଲକ୍ଷ ଟଙ୍କା କରିବା ପ୍ରଦାନ ପରେ ୫ଟି ଶ୍ରେଣୀ ଗୃହରେ ସମସ୍ତ କ୍ଲାସ ହେଉଛି। ଲାଇବ୍ରେରୀ ଓ ଛାତ୍ରୀଛାତ୍ର କମନରୁମ ନ ଥିବା ବେଳେ ପରିସ୍ରାଗାର ଓ ଶୌଚାଳୟ ବ୍ୟବହାର ଅନୁପଯୋଗୀ ରହିଛି। ହଷ୍ଟେଲ ନ ଥିବା ବେଳେ ଦୂରଦୂରାନ୍ତ ବିଦ୍ୟାର୍ଥୀ ଗୋଟିଏ ଶ୍ରେଣୀଗୃହରେ ରହୁଛନ୍ତି। ଅଧିକାଂଶ କୋଠରୀ ବର୍ତ୍ତମାନ ବିପଦ ସଙ୍କୁଳ। ସେହିପରି କର୍ମଚାରୀଙ୍କ ମଧ୍ୟରେ ଅଧ୍ୟକ୍ଷାଙ୍କୁ ମିଶାଇ ୪ଜଣ ନିୟମିତ, ଅତିଥି ଅଧ୍ୟାପକ ୫ଜଣ, ୨ଜଣ ଠିକା ଅଣଶିକ୍ଷକ କର୍ମଚାରୀ ରହିଛନ୍ତି। ଏପରିସ୍ଥଳେ ଅନୁଷ୍ଠାନର ନବକଳେବର ନେଇ ଘୋଷଣା ହେବାପରେ ଜିଲାବାସୀ ଖୁସି ପ୍ରକଟ କରିଛନ୍ତି। ନୂଆରୂପ ପାଇଲେ ଜିଲା ସମେତ ରାଜ୍ୟର ଅନେକ ବିଦ୍ୟାର୍ଥୀ ଲାଭବାନ ହେବା ସହିତ ମହାରାଜାଙ୍କ ଅନୁଷ୍ଠାନ ଭବିଷ୍ୟତ ନିର୍ମାଣର ବିଶ୍ୱକର୍ମା ସାଜିବ ବୋଲି ମତ ପ୍ରକାଶ ପାଇଛି।



ବାରିପଦା ସଂସ୍କୃତ ମହାବିଦ୍ୟାଳୟ।

# ୬୩୧ ୟୁନିଟ ରକ୍ତ ସଂଗ୍ରହ

ଖାରପୋଖରିଆ,୧୬।୯(ସୁଧୀର କୁମାର ମହାନ୍ତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମତିଥି ଅବସରରେ ସାରସକଣା ବିଧାୟକ ଭାଦବ ହାଁସଦାଙ୍କ ତତ୍ତ୍ୱାବଧାନରେ ସୋମବାର ଏକ ମେଗା ରକ୍ତଦାନ ଶିବିର 'ଦୀର୍ଘାୟୁ ଭବଃ' ଖାରପୋଖରିଆସ୍ଥିତ ସୀମାନ୍ତ ଇଞ୍ଜିନିୟରିଂ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଏମ୍ପି ନବ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି, ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି, ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି, ସାରସକଣା ମଣ୍ଡଳ ସଭାପତି ପ୍ରବୀର ମହାନ୍ତ, ଖାରପୋଖରିଆ ମଣ୍ଡଳ ସଭାପତି ରାଜେନ୍ଦ୍ର ନାଥ ବିନ୍ଧାଣୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ସୀମାନ୍ତ ଇଞ୍ଜିନିୟରିଂ କଲେଜ ଓ ଶୀର୍ଷା ବୃହଦାକାର ଆଦିବାସୀ ସମବାୟ ସମିତି(ଲ୍ୟାମ୍ପସ)ର ମିଳିତ ସହଯୋଗରେ ସାରସକଣା,ବିଶୋଇ, ବିଜାତଳା ଓ କୁସୁମୀ ବ୍ଲକର ଜନସାଧାରଣ, ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନ ସହିତ ଦଳୀୟ କର୍ମୀଙ୍କଠାରୁ ମୋଟ ୬୩୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସୀମାନ୍ତ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ, ଜୁନିୟର ରେଡକ୍ରସ,ଜାତୀୟ ସେବା ଯୋଜନା ଓ ସୀମାନ୍ତ ଇଞ୍ଜିନିୟରିଂ ଏବଂ ଡିପ୍ଲୋମା ୱିଙ୍ଗସର ଛାତ୍ରୀଛାତ୍ରମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB JOB !
ଅଫିସ୍‌ରେ ଫୋନ କଲ୍ ଓ ବ୍ୟାକଏଣ୍ଡରେ କାମ କରିବା ପାଇଁ ପିଲା ଦରକାର। ଫାଇନାନ୍ସ କଲେକସନ ଏକ୍ସପେରିଏନ୍ସ ଓ ଏକ୍ସଲ କାମ ଜାଣିଥିଲେ ଭଲ।
Contact or Whatsapp
8339951120

REQUIRED
ରୋହନ ଅଟୋରାଇଡର୍ସ ନିଯୁକ୍ତି
(ଅଧିକୃତ Hero MotoCorp ଡିଲର)
ଖାଲିଥିବା ପଦବୀଗୁଡ଼ିକ:
• ସିନିଅର ସେଲ୍ସ ଏକ୍‌ଜିକ୍ୟୁଟିଭ୍
• ସେଲ୍ସ ଏକ୍‌ଜିକ୍ୟୁଟିଭ୍
• PDI/ମେକାନିକ୍/ଟେକ୍ନିସିଆନ୍
• ପିଅନ • ସାଇଟ୍ ସୁପରଭାଇଜର
ଆମେ ସେମାନଙ୍କୁ ପସନ୍ଦ କରିବୁ, ଯେଉଁମାନେ ଦୁଇ-ଚକିଆ ସେଗମେଣ୍ଟରେ ଅନୁଭବୀ ଓ ପାତ୍ରପଡ଼ା/ତମାଣ୍ଡୋ/ବରମୁଣ୍ଡା ଅଞ୍ଚଳରେ ରହୁଥିବେ।
ADDRESS:
Near Fire Station Crossing, Baramunda, Bhubaneswar
Come to showroom for Interview with CV or Send CV at:
rohandubey231@gmail.com
Call: +91 9437065592

See Career Appointment on every Wednesday & Saturday

THE INSTITUTE OF CHARTERED ACCOUNTANTS OF INDIA (ICAI)
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email - bhuubaneswar@icai.org, Contact: 0674-2392391

NOTICE INVITING TENDER

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/ Technical Consultancy Services for proposed renovation (Civil, Interior, Light, Sound, Led etc.) works at ICAI Bhawan, Plot No.: A/122/1, Nayapalli, Bhubaneswar - 751012.
The Tender document is available at ICAI website www.icai.org, www.eirc-icai.org & www.bhubaneswar-icai.org. The last date of submission of duly filled in Bids is 22.09.2025 up to 05:00 PM.
Secretary, ICAI

FAKIR MOHAN UNIVERSITY
NUAPADHI, BALASORE
WALK-IN-INTERVIEW FOR
JRF POSITION OF NRSC NICES PROJECT
Dt.16.09.2025
Applications are invited for one Junior Research Fellow (JRF) under the NICES project "Forecasting Lighting Strikes, Enhancing Accuracy with High Resolution Models and Machine Learning: A case study from Odisha". Interested and eligible candidates may apply within the last day (Last date of submission: 08.10.2025 Midnight) from the date of publication of this advertisement. Date of Interview is 10.10.2025. For detailed eligibility criteria, qualification and application procedure, please visit the University website: www.fmuuniversity.nic.in.
Form Link: https://forms.gle/UoFJcnf3JxdqXkKV9
Principal Investigator
P.G. Department of Geography
Fakir Mohan University, Balasore

# କାଠ ବୋଝେଇ ଗାଡ଼ି ଜବତ

ବୈଶିଙ୍ଗା,୧୬।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା- ରୂପ୍‌ସା ମୁଖ୍ୟ ରାସ୍ତାରେ ସୋମବାର ରାତିରେ ଏକ ମିନିଟ୍ରକ୍‌ରେ ଆକାଶିଆ କାଠ ବୋଝେଇ ହୋଇ ଯାଉଥିବା ବେଳେ ପୋଲିସ ଗାଡ଼ି ପିଛା କରିବାରୁ ମହୁରୀ ଛକ ନିକଟରେ କାଠ ଗୁଡ଼ିକୁ ଢ଼ାଳି ଦେଇ ପଳାଇ ଯାଉଥିବା ବେଳେ ବୈଶିଙ୍ଗା ପୋଲିସ ଦ୍ୱାରା ଧରା ପଡ଼ିଛି । ରାତି ଗୋଟାଏ ସମୟରେ ମିନି ଟ୍ରକ୍‌ରେ ୮୦ ଖଣ୍ଡ ଆକାଶିଆ କାଠ ଗଣ୍ଡି ନେଇ ଯାଉଥିବା ବେଳେ ପୋଲିସ ପିଛା କରୁଥିବା ଜାଣିପାରି ଟ୍ରକ ଡ୍ରାଇଭର କାଠ ଗଣ୍ଡିଗୁଡ଼ିକୁ ଢାଳି ଦେଇ ପଳାଇବାକୁ ଚେଷ୍ଟା କରୁଥିଲେ। ପୋଲିସ ଟ୍ରକ୍‌ଟିକୁ ଅଟକାଇ ଥାନାକୁ ନେଇ ଆସିଥିଲା। ତେବେ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ କାଠ ଗଣ୍ଡିକୁ ପୋଲିସ ଜଗି ରହିଥିଲା। ପରେ ବେତନଟୀ ବନ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ରେଞ୍ଜର ମନୱର ଖାଁଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା ବନ କର୍ମଚାରୀ କାଠଗଣ୍ଡିଗୁଡିକୁ ଜବତ କରି ବନ କାର୍ଯ୍ୟାଳୟକୁ ନେଇ ଆସିଛନ୍ତି।

# ଗୋରୁ ବୋଝେଇ ଗାଡ଼ି ଜବତ

ମୋରଡ଼ା,୧୬।୯(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ଶୁଳିଆପଦା ପୋଲିସ ମଙ୍ଗଳବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ସକାଳ ୬ଟା ସମୟରେ ପିକ୍‌ଅପ୍ ଯୋଗେ ତିନୋଟି ଗୋରୁ ପଶ୍ଚିମବଙ୍ଗ ଚାଲାଣ ହେଉଥିବାର ଖବରପାଇ ପୋଲିସ ଚଢ଼ାଉ କରି ବାଘଡା ନିକଟରେ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୫୦/୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ମୋରଡା ଥାନା ଅଧୀନ ବଡ଼ମୁଣ୍ଠାବଣି ଗ୍ରାମର ସେକ ସୁଲତାନ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ବାଙ୍ଗିରିପୋଷି,୧୬।୯(ସଞ୍ଜୟ ଅଗ୍ରୱାଲ)

ବାଙ୍ଗିରିପୋଷି ରେଞ୍ଜ ନିଶ୍ଚିନ୍ତା ପଞ୍ଚାୟତ ଗୋହିରାପାଳ ଗ୍ରାମର ଯୁବକ ଲବିନ ମୁର୍ମୁ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ମଙ୍ଗଳବାର ସକାଳେ ନିଜ ବିଲ ନିକଟରେ ଛେଳି ଚଳାଉ ଥିବା ବେଳେ ଦୁଇଟି ଭାଲୁ ତାଙ୍କୁ ହଠାତ୍ ଆକ୍ରମଣ କରିଥିଲେ। ତାଙ୍କ ମୁହଁ, ମୁଣ୍ଡ ଓ ଦେହରେ ଗଭୀର କ୍ଷତ ହୋଇଛି।

# ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ

ବାରିପଦା,୧୬।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମିଶନ ଶକ୍ତିକୁ ଅଣଦେଖା କରି ପୁର୍ନଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରଦତ୍ତନିର୍ଦ୍ଦେଶନାମାକୁ ନେଇ ଉଦବେଗ ପ୍ରକାଶ ପାଇଛି । ମଙ୍ଗଳବାର ଜିଲାବ୍ୟାପି ଶତାଧିକ ମହିଳା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଏହାକୁ ବିରୋଧ କରିବା ସହ ସ୍ଥାୟୀ ନିଯୁକ୍ତି ଦାବି କରିଛନ୍ତି। ଏନେଇ ୬ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ,ଜିଲାରେ ୬ହଜାରରୁ ଊର୍ଦ୍ଧ୍ୱ ଇସି ଗ୍ରୁପର ସଦସ୍ୟମାନେ ରାଜ୍ୟ ସରକାରଙ୍କ ତୃଣମୂଳ ସ୍ତରରେ ବିଭିନ୍ନ ଯୋଜନାରରେ କାର୍ଯ୍ୟ କରୁଛନ୍ତି। ଏସ୍‌ଏଚ୍‌ଜି ଗ୍ରୁପର ଗୋଷ୍ଠୀକୁ ସଙ୍ଗଠିତ କରିବା ଏବଂ ସେମାନଙ୍କ ଆର୍ଥିକ ପରିଚାଳନାରେ ତାଲିମ ଦେବା, ପ୍ରୋତ୍ସାହିତ କରିବା ଆଦି କାର୍ଯ୍ୟ କରୁଛନ୍ତି। ୨୦୨୫ ଜାନୁଆରୀ ୧ତାରିଖରେ ମିଶନ ଶକ୍ତି ବିଭାଗ ପକ୍ଷରୁ ରାଜ୍ୟର ୩୦ଟି ଜିଲାକୁ ଚିଠି ନଂ. ୩୭୨/୨୫ରେ ଏସଏଚଜି, ସିଏଲଏଫ, ଏଏଲଏଫ୍, ବିଏଲଏଫ୍, ଓ ଡିଏଲଏଫ୍ ମାନଙ୍କର ପୁର୍ନଗଠନ ପାଇଁ ନିର୍ଦ୍ଦେଶ ଆସିଥିଲା । ଏହାକୁ ଆଧାର କରି ଡିଏଲଏଫ୍ ତରଫରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରାଯାଇ ରହିତାଦେଶ ବଳବତ୍ତର ରହିଛି । ଏସବୁ ସତ୍ତ୍ୱେ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୦୨୫ ସେପ୍ଟେମ୍ବର ୪ରେ ଚିଠି ନଂ. ୫୨୨୯ ଏମଏସରେ ସମସ୍ତ ଜିଲାର ଜିଲାପାଳଙ୍କୁ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ କାର୍ଯ୍ୟରତ ସଦସ୍ୟାମାନେ ଘୋର ବିରୋଧ କରିଛନ୍ତି। ପୁନର୍ଗଠନ ଆଳରେ ରାଜ୍ୟ ସରକାର ମିଶନ ଶକ୍ତି ବିଭାଗକୁ ବନ୍ଦ କରିବା ପାଇଁ ଯୋଜନା କରିଥିବା ନେଇ ଅଭିଯୋଗ କରିଛନ୍ତି।ତେବେ ଜିଲାପାଳଙ୍କୁ ଭେଟିବା ପାଇଁ ସଦସ୍ୟାମାନେ ଅଡି ବସିଥିବା ବେଳେ ଉପଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଦ.ପୂ. ରେଳପଥ – ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆର୍‌ସି-ସି-ଆଇଏନ୍‌ଟିଓବିଏଚ୍‌ଏସ୍, ତା: ୧୫।୦୯।୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ କାର୍ଯ୍ୟରତ ବରିଷ୍ଠ କୋଚିଂ ଡିପୋ ଅଧିକାରୀ, ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ମଣ୍ଡଳ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ଯୋଗ୍ୟ ଟେଣ୍ଡରଦାତାଙ୍କୁ ତଳେ ଦର୍ଶାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବ୍‌ସାଇଟ୍‌ରେ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିବା ପାଇଁ ଅନୁରୋଧ କରାଯାଉଛି । କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ଦେଖନ୍ତୁ । କାର୍ଯ୍ୟର ନାମ: ୨ ବର୍ଷ ଅବଧି ପାଇଁ ହାଓଡା-ପୁରୀ ଏବଂ ହାଓଡା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିମନ୍ତେ ରାଉଣ୍ଡ ଟ୍ରିପ୍ ଯାତ୍ରା ପାଇଁ ଇଣ୍ଟିଗ୍ରେଟେଡ୍ ଓବିଏଚ୍‌ଏଚ୍ ଏବଂ ଯାନ୍ତ୍ରିକ କୋଚ୍ ସଫେଇ । ଟେଣ୍ଡର ମୂଲ୍ୟ: ₹୫,୩୩,୪୩,୩୨୭.୯୩ (ଜିଏସ୍‌ଟି ସମେତ) । ଇଏମ୍‌ଡି: ₹୪,୧୬,୭୦୦/- । ଟେଣ୍ଡର ବନ୍ଦ ହେବା ତାରିଖ: ୧୩।୧୦।୨୦୨୫, ୧୨.୦୦ ଘଟିକା । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦ (ଅଣ-ଫେରସ୍ତଯୋଗ୍ୟ)। (PR-631)

कार्यपालक अभियंता का कार्यालय,
पथ निर्माण विभाग,पथ प्रमण्डल,धनबाद

अल्पकालीन ई–प्रोक्योरमेंट सूचना
ई–निविदा (1st Call) निविदा सूचना सं0–
RCD /DHANBAD/1757/2025-26
दिनांक : 16.09.2025

| | | |
|---|---|---|
| 1. | कार्य का नाम | पथ प्रमण्डल, धनबाद अन्तर्गत निरसा [NH-19 (Old NH- 02) पर] –केलियासोल से खाड़ापाथर पथ (कुल लं0– 16.650 कि0मी0) का चौड़ीकरण, मजबूतीकरण एवं पुनर्निर्माण कार्य (वित्तीय वर्ष 2025–26)। |
| 2. | प्राक्कलित राशि (रू0) | रू0 44,33,17,840.00 |
| 3. | कार्य पूर्ण करने की अवधि | 12 माह |
| 4. | ई–निविदा प्राप्त करने की अंतिम तिथि एवं समय | 16.10.2025 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 25.09.2025 के पूर्वाह्न 10.30 बजे से |
| 6. | प्री–बीड मिटिंग की तिथि एवं समय एवं स्थान | 06.10.2025 के 12.00 बजे दोपहर से मुख्य अभियंता (या0) का कार्यालय, पथ निर्माण विभाग, इंजीनियरिंग हॉस्टल नं0–02, धुर्वा, रॉंची। |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी http://jharkhandtenders.gov.in पर देखी जा सकती है।
कार्यपालक अभियंता,
PR 362132 Road(25-26).D पथ निर्माण विभाग,पथ प्रमण्डल, धनबाद

ପୂର୍ବ ତଟ ରେଳପଥ
ନିଲାମ କ୍ୟାଟାଲଗ୍ ନଂ. SDCM-PARK-KASR
ଲଟ୍ ନଂ./ବର୍ଗ : PARKING-KUR-KASR-TW-217-25-1 (Parking - Two Wheeler)
ବିବରଣୀ : କଣାସ ରୋଡ଼ (ଖୋର୍ଦ୍ଧା ରୋଡ଼ ମଣ୍ଡଳ) କ୍ଷେତ୍ରରେ ଦୁଇ ଚକିଆ ଗାଡ଼ି ନିମନ୍ତେ ପାର୍କିଙ୍ଗ ଲଟ୍ ।
ଲଟ୍ ଆରମ୍ଭ ତାରିଖ ଓ ସମୟ : 26.09.2025, 1100 ଘଟିକା, ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 26.09.2025, 1130 ଘଟିକା ।
ସର୍ବନିମ୍ନ ବୃଦ୍ଧି : 0.2%, ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-595/Q/25-26

ପୂର୍ବ ତଟ ରେଳପଥ
ନିଲାମ କ୍ୟାଟାଲଗ୍ ନଂ.SDCM-KAPG-2W-1
ଲଟ୍ ନଂ./ବର୍ଗ : PARKING-KUR-KAPG-TW-216-25-1 (Parking - Two Wheeler)
ବିବରଣୀ : (ଖୋର୍ଦ୍ଧା ରୋଡ଼ ମଣ୍ଡଳ)ରେ କାଳୁପଡ଼ା ଘାଟ ଷ୍ଟେସନର ପ୍ଲାଟଫର୍ମ-1 ପାର୍ଶ୍ୱ, OH ପାଣି ଟାଙ୍କି ସାଇଟ୍ ନିକଟସ୍ଥ କ୍ଷେତ୍ରରେ ଦୁଇ ଚକିଆ ଗାଡ଼ି ନିମନ୍ତେ ପାର୍କିଙ୍ଗ ଲଟ୍ ।
ଲଟ୍ ଆରମ୍ଭ ତାରିଖ ଓ ସମୟ : 25.09.2025, 1100 ଘଟିକା, ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 25.09.2025, 1130 ଘଟିକା ।
ସର୍ବନିମ୍ନ ବୃଦ୍ଧି: 0.2%, ଲଟ୍ ସ୍ଥିତି: ଡ୍ରାଫ୍ଟ କ୍ୟାଟାଲଗ୍‌ରେ ନୂଆ ।
ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼
PR-594/Q/25-26

ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି
ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୧୬ ତାରିଖ: ୧୬।୦୯।୨୦୨୫
ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍-କେଜିପି-୨୫-୧୬ | ୦୭।୧୦।୨୦୨୫ | ୧୦.୩୦ ଘ. | ୧୭.୩୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।
(PR-634) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

GOVERNMENT OF ODISHA No.O-754
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BOLANGIR
e-Procurement Notice
1 Name of work : Construction of Bridge in the district of Bolangir and Subarnpur under SBY for the year 2025-26
2 No. of work : 7 (Seven) works
3 Time for completion : 12 (Twelve) calendar months
4 Approximate estimated cost varies from : Rs.328.04 lakhs to Rs.439.95 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-14/2025-26 | 18.09.2025 at 11.00 A.M. | 04.10.2025 upto 5.00 P.M. | 03.10.2025 upto 5.00 P.M. | 06.10.2025 at 11.00 A.M. | The date will be intimated later on |

• Further details can be seen from the website www.tendersodisha.gov.in
• Any Corrigendum/Addendum will be displayed in the above e tender website only.
Sd./- Chief Construction Engineer
R.W.Circle, Bolangir
OIPR-25118/11/0052/2526

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL (R&B) CIRCLE, BHUBANESWAR
Mail i.d : seccbbsr@gmail.com
E-procurement Tender Call Notice No.14 of 2025-26
No. 5446 (Estg.) Bhubaneswar the 8th September-2025
No.B-506 : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number Building work to be received in online bidding, double cover system for Improvement works as detailed in:https://tendersodisha.gov.in. The details of bid documents will be available in the above website from 5.00 P.M. of 18.09.2025 to 5.00 P.M of 03.10.2025. The bidders must possess compatible Digital Signature Certificate of Class II or III. Bids received online shall be opened at 5.30 P.M of 03.10.2025 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal www.tendersodisha.gov.in.
Addendum / Corrigendum, if required, will be available only in the website.
Sd./- Er. A.K. Lenka
Chief Construction Engineer
Central (R&B) Circle, Bhubaneswar
OIPR-34156/11/0046/2526

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୭/୨୦୨୫ Bhubaneswar, Wednesday, September 17/ 2025

# ପିସିବି ଦାବିକୁ ଆଇସିସିର ପ୍ରତ୍ୟାଖ୍ୟାନ

ଦୁବାଇ,୧୬।୯ (ପି.ଟି.)

ହ୍ୟାଣ୍ଡସେକ୍ ବିବାଦକୁ ନେଇ ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟ ବେଳେ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ବଦଳାଇବା ଲାଗି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କରାଯାଇଥିବା ଆବେଦନକୁ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ମଙ୍ଗଳବାର ଆନୁଷ୍ଠାନିକ ଭାବେ ପ୍ରତ୍ୟାଖ୍ୟାନ କରିଛି। ଭାରତ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ଘଟିଥିବା ଘଟଣାରେ ରେଫରି ପାଇକ୍ରଫ୍ଟଙ୍କ ସମ୍ପୃକ୍ତିକୁ ନେଇ ପିସିବି ଅସନ୍ତୋଷ ବ୍ୟକ୍ତ କରିବା ପରେ ଏହି ବିବାଦ ଆରମ୍ଭ ହୋଇଥିଲା। ପିସିବି ପକ୍ଷରୁ ଦାବି କରାଯାଇଥିଲା ଯେ, ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ପାଇକ୍ରଫ୍ଟ ପାକିସ୍ତାନର ଅଧିନାୟକ ସଲମାନ ଆଘାଙ୍କୁ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ନ ମିଳାଇବାକୁ କହିଥିଲେ। ଏପରିକି ଭାରତର ପ୍ରଭାବରେ ପାଇକ୍ରଫ୍ଟ କାର୍ଯ୍ୟ କରୁଥିବା କୁହାଯାଇଥିଲା। ତେବେ ଆଇସିସି ପକ୍ଷରୁ ପିସିବି ନିକଟକୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ପାଇକ୍ରଫ୍ଟଙ୍କୁ ହଟାଯିବ ନାହିଁ ଏବଂ ସେମାନଙ୍କ ଆବେଦନକୁ ଖାରଜ କରି ଦିଆଯାଇଛି। ପାଇକ୍ରଫ୍ଟଙ୍କୁ ଟସ୍ ବେଳେ ଗ୍ରାଉଣ୍ଡରେ ଉପସ୍ଥିତ ଥିବା ଏସିଆନ୍ କ୍ରିକେଟ କାଉନସିଲ (ଏସିସି) ସଦସ୍ୟ ନୋ-ହ୍ୟାଣ୍ଡସେକ ପଲିସି ସମ୍ପର୍କରେ ଜଣାଇଥିଲେ।

୬୯ ବର୍ଷୀୟ ଜିମ୍ବାୱେ ନାଗରିକ ପାଇକ୍ରଫ୍ଟ ବୁଧବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍ ପରିଚାଳନା କରିବେ। ଏଥିଯୋଗୁ ଓହରିବା ଧମକ ସମ୍ପର୍କରେ ପ୍ରଶ୍ନରୁ ବର୍ତ୍ତିବା ପାଇଁ ମଙ୍ଗଳବାର ମ୍ୟାଚ୍ ପୂର୍ବ ଖବରଦାତା ସମ୍ମିଳନୀକୁ ପାକିସ୍ତାନ ପକ୍ଷରୁ ବାତିଲ କରି ଦିଆଯାଇଛି। ସୂତ୍ରରୁ ଜଣାପଡ଼ିଛି ଯେ, ହ୍ୟାଣ୍ଡସେକ ବିବାଦ ଲାଗି ପିସିବିର ଡାଇରେକ୍ଟର ଅଫ୍ କ୍ରିକେଟ୍ ଅପରେଶନ୍ସ ଉସ୍ମାନ ୱାଲହାଙ୍କୁ ଦାୟୀ କରାଯାଇ ତାଙ୍କୁ ସୋମବାର ପଦବୀରୁ ହଟାଇବାକୁ ପିସିବି ମୁଖ୍ୟ ନକଭି ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଦାୟିତ୍ୱ ଥିଲା ପାକିସ୍ତାନ ଦଳର ଅଧିନାୟକଙ୍କୁ ଟୁର୍ନାମେଣ୍ଟରେ ପାଳିତ ହେବାକୁ ଥିବା ନିୟମ ସମ୍ପର୍କରେ ଅବଗତ କରାଇବା। ହେଲେ ସେ ନୋ-ହ୍ୟାଣ୍ଡସେକ୍ ପଲିସି ସମ୍ପର୍କରେ ସଲମାନ ଆଘାଙ୍କୁ ସୂଚିତ କରିନଥିଲେ। ଫଳରେ ୱାଲହାଙ୍କ ତ୍ରୁଟି ଯୋଗୁ ଜାତୀୟ ଦଳ ଓ ଅଧିନାୟକଙ୍କୁ ଲଜ୍ଜିତ ହେବାକୁ ପଡ଼ିଥିଲା।

ଗତ ରବିବାର ଅନୁଷ୍ଠିତ ମ୍ୟାଚ୍‌କୁ ୭ ଉଇକେଟରେ ଜିତିବା ପରେ ଭାରତୀୟ ଦଳ ପ୍ରତିପକ୍ଷ ପାକିସ୍ତାନ ଦଳର ଖେଳାଳିଙ୍କ ସହ ହାତ ମିଳାଇ ନଥିଲେ। ବାଉଣ୍ଡ୍ରୀ ଲଗାଇ ଦଳକୁ ଜିତାଇବା ପରେ ସୂର୍ଯ୍ୟକୁମାର ଯାଦବ ଓ ଶିବମ ଦୁବେ ଡଗ୍‌ଆଉଟ୍‌କୁ ଫେରି ସେଠାରେ ଦଳୀୟ ଖେଳାଳିଙ୍କ ସେଲିବ୍ରେଟ୍ କରିଥିଲେ। ପାକିସ୍ତାନ ଦଳ ଓ ମୁଖ୍ୟ କୋଚ୍ ମାଇକ ହେସନ ଭାରତୀୟ ଖେଳାଳିଙ୍କ ସହ ହାତ ମିଳାଇବାକୁ ଭାରତୀୟ ଦଳର ଡ୍ରେସିଂ ରୁମ୍ ପର୍ଯ୍ୟନ୍ତ ଯାଇଥିଲେ। ହେଲେ ଡ୍ରେସିଂ ରୁମ୍ ବନ୍ଦ ଥିଲା। ଏଥିଯୋଗୁ ପିସିବି ପାଇକ୍ରଫ୍ଟଙ୍କ ପରିଚାଳନା ଉପରେ ପ୍ରଶ୍ନ ଉଠାଇବା ସହ ଆଇସିସିରେ ଏକ ଆନୁଷ୍ଠାନିକ ଭାବେ ଅଭିଯୋଗ କରିଥିଲା। ଆଇସିସି ନିକଟକୁ ପଠାଯାଇଥିବା ଚିଠିରେ ପିସିବି ପକ୍ଷରୁ ଉଲ୍ଲେଖ କରାଯାଇଥିଲା ଯେ, ଏହା ଚିନ୍ତାର ବିଷୟ ଯେ, ଆଇସିସି ଦ୍ୱାରା ନିଯୁକ୍ତ ଓ ନ୍ୟୁଟ୍ରାଲ ମ୍ୟାଚ୍ ରେଫରି ପକ୍ଷପାତ କରିଛନ୍ତି, ଯାହାକି ସ୍ପିରିଟ୍ ଅଫ୍ କ୍ରିକେଟ ଓ ଏମ୍‌ସିସି ଆଇନର ସ୍ପଷ୍ଟ ଉଲ୍ଲଂଘନ।

## ହ୍ୟାଣ୍ଡସେକ୍ ବିବାଦ

## ରେଫରି ପାଇକ୍ରଫ୍ଟ ହଟିବେନି

International Cricket Council

PCB

## ଓହରିଲେ କ୍ଷତି ସହିବ ପାକିସ୍ତାନ

ହ୍ୟାଣ୍ଡସେକ୍ ବିବାଦକୁ ନେଇ ଆଇସିସି ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ହଟାଇବା ଲାଗି ଦାବି ପୂରଣ ନହେଲେ ପାକିସ୍ତାନ ଚଳିତ ଏସିଆ କପ୍‌ରୁ ଓହରିଯିବ ବୋଲି ପିସିବି ଧମକ ଦେଇଥିଲା। ଯଦି ପାକିସ୍ତାନ ଓହରିବାକୁ ନିଷ୍ପତ୍ତି ନିଏ, ତେବେ ପିସିବିକୁ ଏସିସି ରାଜସ୍ୱର ୧୨ରୁ ୧୬ ମିଲିଅନ ଆମେରିକୀୟ ଡଲାର (୧୦୫ରୁ ୧୪୦ କୋଟି ଟଙ୍କା) କ୍ଷତି ସହିବାକୁ ପଡ଼ିବ।

୫ ଟେଷ୍ଟ ପ୍ଲେଇଂ ଦେଶ ଯଥା ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନ ମଧ୍ୟରେ ଏସିଆନ କ୍ରିକେଟ୍ କାଉନସିଲ (ଏସିସି)ର ବାର୍ଷିକ ରାଜସ୍ୱର ୧୫ ପ୍ରତିଶତ ଲେଖାଏଁ ବଣ୍ଟାଯାଏ। ବଳକା ୨୫ ପ୍ରତିଶତ ଆସୋସିଏଟେଡ୍ ଦେଶମାନଙ୍କୁ ଦିଆଯାଏ। ରାଜସ୍ୱରେ ପ୍ରସାରଣ ଚୁକ୍ତି (ଟିଭି ଓ ଡିଜିଟାଲ), ବିଭିନ୍ନ ସ୍ପନସରଶିପ୍ସ ଓ ଟିକେଟରୁ ଆଶୁଥିବା ଅର୍ଥ ସାମିଲ ରହିଛି। କେବଳ ଏହି ଏସିଆ କପ୍‌ରୁ ପିସିବି ୧୨ରୁ ୧୬ ମିଲିଅନ ଡଲାର ଆୟ କରିବାକୁ ଆଶା ରଖିଛି।

ସୋନୀ ପିକଚର୍ସ ନେଟୱର୍କ ଇଣ୍ଡିଆ ସହ ଏସିସି ୮ ବର୍ଷ ଲାଗି ୧୭୦ ମିଲିଅନ ଡଲାରର ଚୁକ୍ତି କରିଛି। ପିସିବି ତଥା ଏସିସିର ବର୍ତ୍ତମାନ ମୁଖ୍ୟ ଥିବା ମହସିନ ନକଭି ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। କିନ୍ତୁ ସେ ପିସିବିର ମୁଖ୍ୟ ଭାବେ ଆଇସିସି ନିକଟକୁ ଲେଖିଥିବା ଚିଠିରେ ଏସିଆ କପ୍ ରେଫରି ପାଇକ୍ରଫ୍ଟଙ୍କୁ କଡ଼ା ସମାଲୋଚନା କରିବା ସହ ତାଙ୍କୁ ହଟାଇବାକୁ ଦାବି କରିଥିଲେ, ଯାହାକୁ ପ୍ରତ୍ୟାଖ୍ୟାନ କରି ଦିଆଯାଇଛି। ଯଦି ପିସିବି ଓହରିଯାଏ, ତେବେ ଏସିସି ବୋର୍ଡର ଅନ୍ୟ ସଦସ୍ୟ ପାକିସ୍ତାନକୁ ମିଳିବାକୁ ଥିବା ରାଜସ୍ୱର ୧୫% ଉପରେ ପ୍ରଶ୍ନ ଉଠାଇବେ। ପାକିସ୍ତାନ ଓହରିଗଲେ ଉଭୟ ପ୍ରସାରଣକାରୀ ଚ୍ୟାନେଲ ଓ ଏସିସିକୁ କ୍ଷତି ସହିବାକୁ ପଡ଼ିବ। ଏଣୁ ପାକିସ୍ତାନର ଜଣେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ହୋଇଥିବାରୁ ନକ୍‌ଭିଙ୍କ ଲାଗି ଏସିଆ କପ୍‌ରୁ ଓହରିବା ନିଷ୍ପତ୍ତି ସହଜ ହେବନାହିଁ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ